

ରାଜ୍ୟସଭା ଯିବେ କେଜ୍ରିୱାଲ ! | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ସୌରଭଙ୍କ ବାୟୋପିକ୍‌ରେ ଅଭିନୟ କରିବେ ରାଜକୁମାର ରାଓ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 | Published Simultaneously from Bhubaneswar, Angul & Berhampur. | www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୨୯ | Vol. 21 No-329 | 27 FEBRUARY 2025 THURSDAY BHUBANESWAR | ଗୁରୁବାର, ୨୭ ଫେବୃଆରୀ ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଆଜି ଓଡ଼ିଶା ଆସିବେ ନଡ୍ଡା

ଭୁବନେଶ୍ୱର, ୨୬।୨ (ଭାସ୍କର ନ୍ୟୁଜ): ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ଗୁରୁବାର ରାତି ୭.୫୫ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ସେ ସିଧାସଳଖ ପୁରୀଯାଇ ରାତ୍ରୀଯାପନ କରିବେ। ଶୁକ୍ରବାର ସକାଳ ୧୦ଟାରେ ପୁରୀଠାରେ ଆୟୋଜିତ ଜାତୀୟ ସ୍ୱାସ୍ଥ୍ୟ ସମ୍ମିଳନୀକୁ ଉଦ୍‌ଘାଟନ କରିବେ। ଏହାପରେ ଅପରାହ୍ନ ୨ଟାରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ। ସେଠାରୁ ଭୁବନେଶ୍ୱର ଫେରି ସନ୍ଧ୍ୟା ୭ଟାରେ ନୂଆଦିଲ୍ଲୀ ଫେରିଯିବେ।

### ଖୁବ୍‌ଶୀଘ୍ର ରାଜ୍ୟ ବିଜେପି ସଭାପତିଙ୍କ ନାମ ଘୋଷଣା

ଭୁବନେଶ୍ୱର, ୨୬।୨ (ଭାସ୍କର ନ୍ୟୁଜ): ଖୁବ୍‌ଶୀଘ୍ର ରାଜ୍ୟ ବିଜେପି ସଭାପତିଙ୍କ ନାମ ଘୋଷଣା କରାଯିବ ବୋଲି ଦଳର ସାଧାରଣ ସଂପାଦକ ତରୁଣ ଚୁଗ୍ କହିଛନ୍ତି। ବୁଧବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ବାସଭବନରେ ଅନୁଷ୍ଠିତ ବୈଠକ ପରେ ଏହି ସୂଚନା ଦିଆଯାଇଛି। ଏଥିସହ ବୈଠକରେ ଦଳର ସଂଗଠନ ସଂପର୍କରେ ମଧ୍ୟ ଆଲୋଚନା କରାଯାଇଥିବା ଶ୍ରୀ ଚୁଗ୍ କହିଛନ୍ତି।

### ଛାତ୍ରୀ ପ୍ରସବ ଘଟଣାରେ ଯୁବକ ଗିରଫ

ଚିତ୍ରକୋଣ୍ଡା, ୨୬।୨ (ଭାସ୍କର ନ୍ୟୁଜ): ଜଣେ ୧୦ମ ଶ୍ରେଣୀର ଛାତ୍ରୀ ପ୍ରସବ କରିବା ଘଟଣାରେ ଅଭିଯୁକ୍ତ ଥିବା ଯୁବକକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ଘର ଦିଶାରିଗୁଡ଼ା ବୋଲି ସୂଚନା ଦିଆଯାଇଛି। ଏହି ଘଟଣାରେ ମଙ୍ଗଳବାର ଜିଲ୍ଲା ପ୍ରଶାସନ ୩ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା।

ସେନ୍‌ସେକ୍ସ: ୭୪,୬୦୨.୧୨
ସର୍ବାଧିକ: ୩୨.୮ ଡିଗ୍ରୀ
ସର୍ବନିମ୍ନ: ୨୧.୨ ଡିଗ୍ରୀ

**୨୬।୨।୨୦୨୫ ର ମତାମତ**

ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାର ଗଣତିରେ ବିଳମ୍ବ ଠିକ୍ କି ?




**ଆଜିର ପ୍ରସଙ୍ଗ**

ଆୟକର କରଦାତାଙ୍କୁ ରାସନକାର୍ଡ ଦିଆଯିବା ଠିକ୍ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ସରିଲା ମହାକୁମ୍ଭ ମେଳା

# ବୁଡ଼ ପକାଇଲେ ୬୬ କୋଟି



ପ୍ରୟାଗରାଜ, ୨୬।୨: ସରିଲା ମହାକୁମ୍ଭ ମେଳା। ଶେଷ ଦିନ ଅର୍ଥାତ୍ ବୁଧବାର ପବିତ୍ର ମହାଶିବରାତ୍ରି ଅବସରରେ ଅମୃତ ସ୍ନାନ ପାଇଁ କୋଟି କୋଟି ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ୪୫ଦିନ ଧରି ଚାଲିଥିବା ଏହି ମେଳାର ବୁଧବାର ଥିଲା ଅନ୍ତିମ ଦିବସ। ମହାଶିବରାତ୍ରିରେ ବୁଡ଼ ପକାଇବା ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ୧୪୪ ବର୍ଷ ପରେ ଆୟୋଜିତ ଏହି ମହାକୁମ୍ଭ ମେଳା ସନାତନ ଧର୍ମର ସବୁଠାରୁ ବଡ଼ କାର୍ଯ୍ୟକ୍ରମ ଭାବେ ପ୍ରମାଣିତ ହୋଇଛି। ଏହାର ଆୟୋଜନରେ ଉଭୟ ଉତ୍ତରପ୍ରଦେଶ ସରକାର ଏବଂ କେନ୍ଦ୍ର ସରକାରଙ୍କ ବ୍ୟାପକ ସୁବ୍ୟବସ୍ଥାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଶେଷଦିନ ସୁଦ୍ଧା ଏହି ମେଳାରେ ୬୬ କୋଟିରୁ ଅଧିକ ଶ୍ରଦ୍ଧାଳୁ ବୁଡ଼ ପକାଇଥିବା ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଗୁରୁବାର ସକାଳ ୫ଟା ସୁଦ୍ଧା ୨୬ଲକ୍ଷ ଶ୍ରଦ୍ଧାଳୁ ବୁଡ଼ ପକାଇଥିବାବେଳେ ଦିନ ୩ଟା ସୁଦ୍ଧା ଏହା କୋଟିଏ ଟପି ଯାଇଥିଲା। ଶିବରାତ୍ରିରେ ଅମୃତ ସ୍ନାନ ପାଇଁ ୟୁପି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଏହି ପବିତ୍ର ଉତ୍ସବରେ ସାମିଲ ହେବାପାଇଁ ଦେଶ ଏବଂ ବିଦେଶର ପ୍ରତ୍ୟେକ କୋଣ ଅନୁକୋଣରୁ ଭକ୍ତମାନଙ୍କର ପ୍ରବଳ ସମାଗମ ହୋଇଥିଲା। ସହରରେ ଭିଡ଼ ନିୟନ୍ତ୍ରଣ ପାଇଁ ୟୁପି ପୋଲିସ ୫ଟି ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିଥିଲା। ସଙ୍ଗମରେ ପହଞ୍ଚିବା ପାଇଁ ଭକ୍ତମାନଙ୍କୁ ଯେପରି କମ୍ ଚାଲିବାକୁ ପଡ଼ିବ ସେ ନେଇ ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ପୂର୍ବରୁ ୫ଟି ଅମୃତ ସ୍ନାନର ଅଭିଜ୍ଞତା ଆଧାରରେ ସହରର ଗହଳି ସ୍ଥାନଗୁଡ଼ିକୁ ଚିହ୍ନଟ କରାଯାଇଥିଲା। ସେସବୁ ସ୍ଥାନରେ ଅତିରିକ୍ତ ପୋଲିସ ମୁତୟନ କରାଯାଇଥିଲା। ଏହି ପଏଣ୍ଟଗୁଡ଼ିକ ଉପରେ କଡ଼ା ନଜର ରଖାଯାଇଥିଲା। ସୂଚନାଯୋଗ୍ୟ ଯେ • ପୃଷ୍ଠା ୫ ଦେଖନ୍ତୁ

**ସାହିସ୍ନାନ**

| | |
|---|---|
| ଜାନୁଆରୀ ୧୩ | ପୌଷ ପୂର୍ଣ୍ଣିମା |
| ଜାନୁଆରୀ ୧୪ | ମକର ସଂକ୍ରାନ୍ତି |
| ଜାନୁଆରୀ ୨୯ | ମୌନି ଅମାବାସ୍ୟା |
| ଫେବୃଆରୀ ୦୩ | ବସନ୍ତ ପଞ୍ଚମୀ |
| ଫେବୃଆରୀ ୧୨ | ମାଘ ପୂର୍ଣ୍ଣିମା |
| ଫେବୃଆରୀ ୨୬ | ମହା ଶିବରାତ୍ରୀ |

## ଜାଗର ପାଇଁ ଶ୍ରୀଲିଙ୍ଗରାଜ ମନ୍ଦିରରେ ପ୍ରବଳ ଗହଳି

ଭୁବନେଶ୍ୱର, ୨୬।୨ (ଭାସ୍କର ନ୍ୟୁଜ): ମହା ଶିବରାତ୍ରିରେ ଶ୍ରୀଲିଙ୍ଗରାଜ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ମନ୍ଦିର ମୁଖ୍ୟ ଫାଟକଠାରୁ ଆରମ୍ଭ କରି ବଡେଇବାଙ୍କ ଛକ ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି। ପୂର୍ବ ନିର୍ଦ୍ଧାରିତ ନୀତିନିର୍ଘଣ୍ଟ ଅନୁଯାୟୀ ବୁଧବାର ଭୋର ସାଢେ ୩ଟାରେ ପ୍ରଭୁ ଲିଙ୍ଗରାଜଙ୍କ ଦ୍ୱାରଫିଟା ନୀତି ଅନୁଷ୍ଠିତ ହେବାପରେ ମଙ୍ଗଳଆଳତୀ ଓ ଅବକାଶ ନୀତି କରାଯାଇଥିଲା। ବୁଧବାର ଭୋର ୩.୩୦ରୁ ଦିନ ୧୧ଟା ପର୍ଯ୍ୟନ୍ତ ସାହାଣମେଳା ଦର୍ଶନ କରାଯାଇଥିଲା। ସକାଳ ୫ଟା ପର୍ଯ୍ୟନ୍ତ ପ୍ରଥମେ ସେବାୟତ ଓ ତାଙ୍କ ପରିବାର ଲୋକଙ୍କୁ ପ୍ରଭୁଙ୍କ ଦର୍ଶନ କରିବାକୁ ଅନୁମତି ଦିଆଯାଇଥିଲା। ପରେ ସାଧାରଣ ଭକ୍ତଙ୍କ ପ୍ରବେଶ ପାଇଁ ଅନୁମତି ମିଳିଥିଲା। ଭକ୍ତଙ୍କ ପ୍ରବଳ ସମାଗମକୁ ଦୃଷ୍ଟିରେ ରଖି • ପୃଷ୍ଠା ୫ ଦେଖନ୍ତୁ

**ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ**



ଶ୍ରୀଲିଙ୍ଗରାଜ ମନ୍ଦିରରେ ମହାଦୀପ ଉଠିବାର ଦୃଶ୍ୟ

## କେନ୍ଦ୍ର ସରକାରଙ୍କ ନୂଆ ଯୋଜନା

# ସବୁ ନାଗରିକଙ୍କୁ ମିଳିବ ପେନ୍‌ସନ୍ !

ନୂଆଦିଲ୍ଲୀ, ୨୬।୨ : ବୟସର ଗୋଟିଏ ସମୟରେ ପହଞ୍ଚିବା ପରେ ସମସ୍ତେ ଆରାମ ଜୀବନ ଚାହାନ୍ତି। କିନ୍ତୁ ସମସ୍ତଙ୍କୁ ଆରାମ ଜୀବନ ମିଳେନାହିଁ। କାରଣ ସେମାନଙ୍କୁ ଜୀବନର ଗାଡ଼ି ଆଗକୁ ନେବାପାଇଁ କାମ କରିବାକୁ ପଡ଼େ। ଦୈନିକ କାମ କରି ପରିବାର ଚଳେଇବାକୁ ହୋଇଥାଏ। କାରଣ ଏବେ ପର୍ଯ୍ୟନ୍ତ କେବଳ ସରକାରୀ ଓ ଘରୋଇ ଚାକିରିଆମାନଙ୍କୁ ପେନ୍‌ସନ୍ ମିଳୁଛି, କିନ୍ତୁ ଅଣସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକଙ୍କ ପାଇଁ ପେନ୍‌ସନ୍‌ର କୌଣସି ବ୍ୟବସ୍ଥା ନାହିଁ। ଶ୍ରମିକମାନେ ମଧ୍ୟ ବୟସର ଅପରାହ୍ନରେ ପହଞ୍ଚି ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ ସବୁଦିନ କାମ କରୁଛନ୍ତି, କାରଣ ସେମାନଙ୍କ ପାଇଁ ପେନ୍‌ସନ୍‌ର କୌଣସି ବ୍ୟବସ୍ଥା ନାହିଁ। କିନ୍ତୁ ଏବେ କେନ୍ଦ୍ର ସରକାର ଦେଶର ସବୁ ନାଗରିକଙ୍କ ପାଇଁ ପେନ୍‌ସନ୍ ବ୍ୟବସ୍ଥା କରିବାକୁ ଯୋଜନା କରୁଛନ୍ତି। ଖୁବ୍ ଶୀଘ୍ର ସାମୂହିକ ପେନ୍‌ସନ୍ ସ୍କିମ୍ ଅଣାଯିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ଏହି ଯୋଜନା ଅଧିନରେ ଦେଶର ସବୁ ନାଗରିକଙ୍କୁ ପେନ୍‌ସନ୍‌ର ଫାଇଦା ମିଳିପାରିବ। ବର୍ତ୍ତମାନ ପ୍ରଚଳିତ ପେନ୍‌ସନ୍ ଯୋଜନାକୁ ଏହା ସହ ମିଶାଇ ଦିଆଯାଇପାରେ। ବାର୍ଦ୍ଧକ୍ୟ ସମୟରେ ଦେଶର ସବୁ ଲୋକଙ୍କ ଆର୍ଥିକ ସୁରକ୍ଷାକୁ ନିଶ୍ଚିତ କରିବାକୁ ସରକାର ଏହି ବ୍ୟବସ୍ଥା କରୁଛନ୍ତି। ରିପୋର୍ଟ ଅନୁଯାୟୀ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଏହି ସ୍କିମ୍ ଆଣିବାକୁ ଯୋଜନା କରୁଛି। ଏହି ସାମୂହିକ ପେନ୍‌ସନ୍ ସ୍କିମ୍ ସମ୍ପୂର୍ଣ୍ଣ ଭାବେ ସ୍ୱେଚ୍ଛାକୃତ ଓ ଅଂଶଦାୟୀ ରହିବ। ଅର୍ଥାତ୍, ଜଣେ ନିଜ ଇଚ୍ଛାରେ ଆର୍ଥିକ ଯୋଗଦାନ କରିପାରିବେ। ଏହା କୌଣସି ଚାକିରି ସହ ଯୋଡ଼ି ହୋଇ ରହିବ ନାହିଁ। ଯେକୌଣସି ଲୋକ ସ୍କିମ୍ ଜରିଆରେ ଆର୍ଥିକ ଯୋଗଦାନ କରି ପେନ୍‌ସନ୍ ବ୍ୟବସ୍ଥାର ଲାଭ ଉଠାଇପାରିବେ। କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଏହି ଯୋଜନାକୁ ନେଇ ସ୍ୱତନ୍ତ୍ର ଭାବେ ଯୋଜନା ପ୍ରସ୍ତୁତ କରୁଛି। ଗୋଟିଏ ଥର ଯୋଜନାର ଫର୍ମାଟ ପ୍ରସ୍ତୁତ ହୋଇଗଲେ ସରକାର ଏହାକୁ ଲାଗୁ କରିବା ପାଇଁ ସବୁ ଅଧିକୃତ ପକ୍ଷଙ୍କ ସହ ଆଲୋଚନା କରିବେ। ସରକାରଙ୍କ ପକ୍ଷରୁ ପ୍ରଚଳିତ ପେନ୍‌ସନ୍ ସ୍କିମ୍‌ରୁ ବାଦ ପଡ଼ିଥିବା ସବୁ ଲୋକଙ୍କୁ ସାମୂହିକ ପେନ୍‌ସନ୍ ଯୋଜନା ଅଧିନରେ ଆଣିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ବିଶେଷକରି ଅଣସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା କର୍ମଚାରୀ, ଛୋଟ ବ୍ୟବସାୟୀ, ସ୍ୱରୋଜଗାର କରୁଥିବା ଲୋକ ଏବଂ ୬୦ବର୍ଷ ପରେ ପେନ୍‌ସନ୍ ଆବଶ୍ୟକ କରୁଥିବା ୧୮ବର୍ଷରୁ ଅଧିକ ବୟସ୍କ ସମସ୍ତ ନାଗରିକଙ୍କୁ ଏହି ଯୋଜନାର ଫାଇଦା ମିଳିପାରିବ। ଏବେ ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନା ଓ ନ୍ୟାସନାଲ୍ ପେନ୍‌ସନ୍ ସ୍କିମ୍ ଫର୍ ଟ୍ରେଡ୍ରସ୍ ଏଣ୍ଡ୍ ସେଲ୍ଫ ଏମ୍ପ୍ଲଏଡ୍ ଜରିଆରେ ୬୦ବର୍ଷ ବୟସ ପରେ ୩୦୦୦ଟଙ୍କାର ପେନ୍‌ସନ୍ ବ୍ୟବସ୍ଥା ରହିଛି। ଏଥିପାଇଁ ମାସକୁ ୫୫ରୁ ୨୦୦ ଟଙ୍କା ଯାଏଁ ନିବେଶ କରିବାକୁ ପଡ଼ିବ। ବୟସ ଅନୁସାରେ ମାସିକ ଯୋଗଦାନ ନିର୍ଦ୍ଧାରିତ ହୋଇଥାଏ। ଆପଣ ଯେତେ ଟଙ୍କା ନିବେଶ କରିବେ ସେହି ଅନୁସାରେ ସରକାର ମଧ୍ୟ ଯୋଗଦାନ ଦେବେ।

## ମହଙ୍ଗା ପଡ଼ିଲା ପ୍ରେମଲୀଳା

# ନିଲମ୍ବନ ପରେ ଜେଲ୍ ଗଲେ ରସିକିଆ ଥାନା ବାବୁ




ଜଗତସିଂହପୁର, ୨୬।୨ (ଭାସ୍କର ନ୍ୟୁଜ): ମହଙ୍ଗା ପଡ଼ିଲା ପୋଲିସ ବାବୁଙ୍କୁ ପ୍ରେମଲୀଳା। ମହିଳା ହୋମଗାର୍ଡଙ୍କୁ ପ୍ରେମକରି ଫସିଲେ ଥାନାବାବୁ। ନିଲମ୍ବନ ପରେ ଗିରଫ ହେଲେ ଥାନା ଅଧିକାରୀ। କୁଜଙ୍ଗ ଥାନା ଅଧିକାରୀ ତପନ କୁମାର ନାହାକଙ୍କୁ ପୋଲିସ ମହାନିର୍ଦ୍ଦେଶକ ନିଲମ୍ବିତ କରିବା ପରେ ତାଙ୍କୁ ଗିରଫ କରାଯାଇଛି। ତାଙ୍କୁ ଏସଡିଜେଏମ୍ କୋର୍ଟରେ ହାଜର କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ବୁଧବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମହିଳା ହୋମଗାର୍ଡଙ୍କ ବୟାନ ୧୬୪ଧାରାରେ ରେକର୍ଡ କରାଯାଇଛି। ସୂଚନାଯୋଗ୍ୟ ଯେ ମହିଳା ହୋମଗାର୍ଡଙ୍କୁ ପ୍ରେମକରି ଶାରୀରିକ ସଂପର୍କ ରଖିଥିଲେ ଥାନା ବାବୁ। ପରେ ଆଉ ଧରାଛୁଆଁ ଦେଇ ନଥିଲେ। ବିବାହ କରିବାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବାରୁ ମହିଳା ହୋମଗାର୍ଡ ଜଣକ ଶେଷରେ ବାଧ୍ୟ ହୋଇ ଆଇନର ଆଶ୍ରୟ ନେବା ସହିତ ଜଗତସିଂହପୁର ସଦର ଥାନାରେ ଏତଲା ଦେଇଥିଲେ। ତେବେ ସୋମବାର ଏତଲା ଦିଆଯାଇଥିବା ଖବର ମିଳିବା ପରେ ଥାନା ଅଧିକାରୀ ଫେରାର ହୋଇଯାଇଥିଲେ। ଜଗତସିଂହପୁର ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ସୋମବାର ବିଳମ୍ବିତ ରାତିରେ ତାଙ୍କୁ ଖୋର୍ଦ୍ଧା ନିକଟରୁ ଠାବ କରିବା ପରେ ଜଗତସିଂହପୁର ଥାନାକୁ ଆଣିଥିଲେ। ମଙ୍ଗଳବାର ଏସ୍‌ପିଙ୍କ କାର୍ଯ୍ୟାଳୟରେ ଏକ ୯ଜଣିଆ ଟିମ୍ ଉଭୟ ମହିଳା ହୋମଗାର୍ଡ ଓ ଥାନାବାବୁଙ୍କୁ ଜେରା କରିଥିଲେ। ଉଭୟଙ୍କର ମେଡ଼ିକାଲ ଟେଷ୍ଟ ମଧ୍ୟ କରାଯାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ ଜଗତସିଂହପୁର ଜିଲ୍ଲାର ଜଣେ ଯୁବତୀ ହୋମଗାର୍ଡ ଥାନାବାବୁଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ସେ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ ସଂପୃକ୍ତ ପୋଲିସ ଅଧିକାରୀଜଣକ ପୂର୍ବରୁ ବିବାହିତ ଓ ତାଙ୍କର ପିଲାଛୁଆ ଅଛନ୍ତି। ସେ କିଛିବର୍ଷ ପୂର୍ବେ ଜଗତସିଂହପୁର ଟାଉନ ପୋଲିସ ଷ୍ଟେସନରେ ଏଏସ୍‌ଆଇ ଭାବେ ନିଯୁକ୍ତି ପାଇଥିଲେ। ସେତେବେଳେ ମହିଳା ହୋମଗାର୍ଡ ଜଣକ ରାଇଟର ଭାବେ କାର୍ଯ୍ୟ କରୁଥିଲେ। ଧିରେ ଧିରେ ହୋମଗାର୍ଡ ସଂପୃକ୍ତ ଅଧିକାରୀଙ୍କ ପ୍ରେମରେ ପଡ଼ିଥିଲେ ଓ ସଂପର୍କ ଗଭୀର ହେବାପରେ ତାହା ଶାରୀରିକ ସଂପର୍କରେ ପରିଣତ ହୋଇଥିଲା। କିନ୍ତୁ ଥାନା ବାବୁ କୁଜଙ୍ଗ ଥାନାର ଆଇଆଇସି ଭାବେ ବଦଳି ହେବାପରେ ମହିଳା ହୋମଗାର୍ଡଙ୍କୁ ଏଡାଇଯିବା ଆରମ୍ଭ କରିଥିଲେ। ଏ ନେଇ ଜଗତସିଂହପୁର ପୋଲିସ ଥାନାରେ ୧୧୭/୨୫ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲୁ ରହିଛି।

## ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଏଣିକି ଛୋଟ ପିଲାଙ୍କ ସାକ୍ଷ୍ୟ ଗ୍ରହଣଯୋଗ୍ୟ



ନୂଆଦିଲ୍ଲୀ, ୨୬।୨: ସୁପ୍ରିମକୋର୍ଟ ବୁଧବାର ଏକ ବଡ଼ ରାୟ ଦେଇଛନ୍ତି। ଏଥିସହ ମଧ୍ୟପ୍ରଦେଶ ହାଇକୋର୍ଟ ଦେଇଥିବା ରାୟକୁ ଖାରଜ କରି ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ଏଣିକି ଛୋଟ ପିଲାଙ୍କୁ ସାକ୍ଷୀ ଭାବେ ଗ୍ରହଣ କରାଯିବ। ଯଦି ସାକ୍ଷ୍ୟ ଦେଉଥିବା ଛୋଟ ପିଲାଠାରୁ ନିର୍ଭରଯୋଗ୍ୟ ତଥ୍ୟ ମିଳିବ, ତେବେ ତାକୁ ନିଶ୍ଚିତଭାବେ ଗ୍ରହଣ କରାଯିବ। ନିର୍ଭରଯୋଗ୍ୟ ତଥ୍ୟ ସଂଗ୍ରହରେ ପିଲାର ସର୍ବନିମ୍ନ ବୟସ ଗ୍ରହଣୀୟ ନୁହେଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରି ଦେଇଛନ୍ତି। ମଧ୍ୟପ୍ରଦେଶ ହାଇକୋର୍ଟ ଦେଇଥିବା ରାୟକୁ ସୁପ୍ରିମକୋର୍ଟ ଖାରଜ କରିଦେବା ସହ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଘରେ ନାବାଳିକା ଝିଅର ଉପସ୍ଥିତିରେ ନିଜ ପତ୍ନୀଙ୍କୁ ଜଣେ ବ୍ୟକ୍ତି ହତ୍ୟା କରିଥିଲେ। ତାଙ୍କୁ ନିମ୍ନ ଅଦାଲତରେ ଦଣ୍ଡିତ କରାଯାଇଥିଲା। ତେବେ ସେ ଏହା ବିରୋଧରେ ମଧ୍ୟପ୍ରଦେଶ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ମଧ୍ୟପ୍ରଦେଶ ହାଇକୋର୍ଟ ନାବାଳିକା ଝିଅର ତଥ୍ୟକୁ ଗ୍ରହଣ କରିନଥିଲେ ଏବଂ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ତେବେ ସୁପ୍ରିମକୋର୍ଟରେ ମାମଲା ପହଞ୍ଚିବା ପରେ ଅଦାଲତ ଦୋଷମୁକ୍ତ • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ମହାକୁମ୍ଭ ମହା ଧର୍ମକର୍ମ ପାଲା
ଏସନ ବଢ଼ିଆ ହେଲା,
ଯେଣେ ଦେଖ ତେଣେ ନାଗା ସାଧୁ,ସାଧ୍ୱୀ
ଜଣକା ପଚାଶ ଚେଲା ।
ବୁଡ଼ ପାଇଁ ଠେଲାପେଲା,
ଭକ୍ତିଠୁଁ ଅଧିକ ଫଟୋରେ ସଉକ
ପ୍ରତି ମୋବାଇଲ୍ ବାଲା ।

## ବିହାର ମନ୍ତ୍ରିମଣ୍ଡଳ ସମ୍ପ୍ରସାରିତ

# ଶପଥ ନେଲେ ୭ ବିଜେପି ବିଧାୟକ



ପାଟନା, ୨୬।୨: ବିହାର ରାଜନୀତିକୁ ନେଇ ଥମୁନି ଚର୍ଚ୍ଚା। କାରଣ ଚଳିତବର୍ଷ ଶେଷ ଭାଗକୁ ବିହାର ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ବୁଧବାର ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନୀତିଶ କୁମାର। ତେବେ ନୀତିଶ ହଠାତ କାହିଁକି ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ କଲେ ସେ ନେଇ କିଛି ସ୍ପଷ୍ଟ ହୋଇନଥିବା ବେଳେ ଏହାକୁ ନେଇ ବିହାର ରାଜନୀତି ସରଗରମ ହୋଇ ଉଠିଛି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଶପଥ ନେଇଥିବା ସମସ୍ତ ମନ୍ତ୍ରୀ ବିଜେପିର ବିଧାୟକ। ତେଣୁ ଆଗାମୀ ଦିନରେ ନୀତିଶ ଏନଡିଏ ସହ ମିଶି ନିର୍ବାଚନ ଲଢିବା ଏକରକମ ସ୍ପଷ୍ଟ ହୋଇଯାଇଛି। ଦିଲ୍ଲୀରେ ବିଜେପିର ବଡ଼ ବିଜୟ ପରେ ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଫୋକସରେ ରହିଛି ବିହାର। ନିକଟରେ ବିହାର ଗସ୍ତରେ ମୋଦୀ ଯାଇ ଭାଗଲପୁରରେ ପିଏମ୍ କିଷାନ ସହାୟତା ରାଶି ବଣ୍ଟନ କରିଥିଲେ। କେନ୍ଦ୍ର ବଜେଟରେ ମଧ୍ୟ ଅନ୍ୟ ରାଜ୍ୟ ତୁଳନାରେ ବିହାରକୁ ଅଧିକ ଅନୁଦାନ ଦିଆଯାଇଛି। ଯାହାକୁ ନେଇ ବିରୋଧୀ ପ୍ରବଳ ତୁମ୍ବିତୋଫାନ କରିଥିଲେ। ତେବେ ବିଜେପି ସାଂସଦ ସମ୍ବିତ ପାତ୍ର କହିଥିଲେ ଯେ ବିହାର ଅର୍ଥନୀତିର ବିକାଶ ପାଇଁ ଅଧିକ ଅନୁଦାନ ଜରୁରି। ଏଥିରେ କୌଣସି ରାଜନୀତି ନାହିଁ । ମୋଦୀ ସରକାର ସବୁ ରାଜ୍ୟକୁ ସମାନ ଦୃଷ୍ଟିରେ ଦେଖୁଛନ୍ତି। ଏସବୁ ଭିତରେ ନୀତିଶଙ୍କୁ ନେଇ ମଧ୍ୟ ଚର୍ଚ୍ଚା ଥମିବାର ନାଁ ନେଉନାହିଁ । କୁହାଯାଉଥିଲା ଏନଡିଏରେ ରହି ନୀତିଶ ଖୁସି ନୁହନ୍ତି। ତେଣୁ ଇଣ୍ଡି ମେଣ୍ଟରେ ଯୋଗଦେଇ ସେ ନିର୍ବାଚନ ଲଢିବେ। ଯେହେତୁ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଦେହାନ୍ତ ସମୟରେ ନୀତିଶ ଦିଲ୍ଲୀ ଯାଇଥିଲେ • ପୃଷ୍ଠା ୫ ଦେଖନ୍ତୁ

## ଭାରତୀୟ ପାଣିପାଗ ବିଭାଗର ସୂଚନା

# ଲୁ' ପାଇଁ ୩ ରାଜ୍ୟ ସତର୍କ ରୁହ



ନୂଆଦିଲ୍ଲୀ, ୨୬।୨: ସାରା ଦେଶରେ ପାଗରେ ପରିବର୍ତ୍ତନ ଦେଖା ଦେଇଛି। ପଶ୍ଚିମା ବାୟୁମଣ୍ଡଳ ଯୋଗୁ ପାହାଡ଼ିଆ ଅଞ୍ଚଳରେ ତୁଷାରପାତ ହେଉଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆଗାମୀ ୩ ଦିନ ପାଇଁ ଜାମ୍ମୁକାଶ୍ମୀର, ହିମାଚଳପ୍ରଦେଶ ଓ ଉତ୍ତରାଖଣ୍ଡରେ ବର୍ଷା ଓ ତୁଷାରପାତର ପୂର୍ବାନୁମାନ କରାଯାଇଥିବାବେଳେ ମହାରାଷ୍ଟ୍ର, ଓଡ଼ିଶା, ଗୁଜରାଟ ଓ ମଧ୍ୟପ୍ରଦେଶର କିଛି ଅଞ୍ଚଳରେ ତାପମାତ୍ରା ବୃଦ୍ଧି ହେତୁ ପାରଦ ବୃଦ୍ଧି ପାଇବାରେ ଲାଗିଛି। ଗୁଜରାଟ ପାଇଁ ୩ ଦିନ ନିମନ୍ତେ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୩ ଦିନ ଗୁଜରାଟ ଗରମ ପବନ କବଳରେ ରହିବ। ସେହିପରି କର୍ଣ୍ଣାଟକର ଅନେକ ଅଞ୍ଚଳ ପାଇଁ ଗ୍ରୀଷ୍ମପ୍ରବାହ ସତର୍କତା ଜାରି କରାଯାଇଛି। ସେହିପରି ମୁମ୍ବାଇରେ ମଧ୍ୟ ତାପମାତ୍ରା • ପୃଷ୍ଠା ୫ ଦେଖନ୍ତୁ



ବାଲୁଗାଁ(ଭାସ୍କର ନ୍ୟୁଜ): ଚିଲିକା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଝିଅଖଲା ମଠପୁର ବିଦ୍ୟାଳୟ ପ୍ରାଙ୍ଗଣରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚିଲିକା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ କିଶୋର ଚନ୍ଦ୍ର ଦାଶ, ମୁଖ୍ୟ ବକ୍ତା ଭାବେ ଡ଼ିଏସପିଓ ଅମ୍ଳାନ କୁମାର ନାୟକ,ସମ୍ମାନିତ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ନୀଳାଦ୍ରି ଭୂଷଣ ଦାଶ,ସହ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଗୀତାଞ୍ଜଳି ନାୟକ, ପରିଚାଳନା କମିଟି ସଭାପତି ବାସୁଦେବ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରାକ୍ତନ ଛାତ୍ରମାନଙ୍କୁ ତାଙ୍କର ସରକାରୀ ଅଧିକାରୀ ଭାବେ ଉତ୍ତମ କାର୍ଯ୍ୟ ଦକ୍ଷତା ପାଇଁ ଅବସରପ୍ରାପ୍ତ ପୋଲିସ ଉଚ୍ଚଅଧିକାରୀ କିଶୋର ପାଇଶାଣୀ,ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ କସ୍ତୁରୀ ଚରଣ ପ୍ରଧାନ,ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ରବୀନ୍ଦ୍ରନାଥ ପ୍ରଧାନ, ଅବସରପ୍ରାପ୍ତ ନୌସେନା ଉଚ୍ଚ ଅଧିକାରୀ ଦୁନିଆଁ ଯୁଧାସିଂହ ଓ କାର୍ଯ୍ୟରତ ପୋଲିସ ଉଚ୍ଚ ଅଧିକାରୀ ପ୍ରଦୀପ କୁମାର ଯୁଧାସିଂହଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନ୍ଦାକିନୀ ଦାଶଙ୍କ ପୌରହିତ୍ୟରେ ସିଆରସିସି କୁଳମଣି ବାରିକ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ପରିଚାଳନା କମିଟି ସଦସ୍ୟ, ଶିକ୍ଷକ ଶିକ୍ଷୟିତ୍ରୀ ଓ ସମସ୍ତ ଛାତ୍ରଛାତ୍ରୀମାନଙ୍କ ସହଯୋଗରେ ଏହି ଉତ୍ସବ ନିରାଡ଼ମ୍ବର ଭାବେ ପାଳିତ ହୋଇଥିଲା। ପରିଶେଷରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥି ଗହଣରେ ମାନପତ୍ର ସହ ସମ୍ମାନିତ କରାଯାଇଥିଲା।

# ଭତ୍ତା ନଦେବାରୁ ପଞ୍ଚାୟତ କାର୍ଯ୍ୟାଳୟ ତାଲା ପକାଇଲେ ଭିନ୍ନକ୍ଷମ ବ୍ୟକ୍ତି



କଣାସ(ଭାସ୍କର ନ୍ୟୁଜ): କଣାସ ବ୍ଲକ ଗଡସାହି ଗ୍ରାମପଞ୍ଚାୟତରେ ଭିଏଲଡବ୍ଲୁ ଆଜି ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତ୍ତା ବାଣ୍ଟୁଥିବାବେଳେ ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବର୍ଦ୍ଧିତହାରରେ ଭତ୍ତା ନଦେବାରୁ ଉକ୍ତ ବ୍ୟକ୍ତି ଭିଏଲଡବ୍ଲୁଙ୍କ ସହିତ ଯୁକ୍ତିତର୍କ କରିବା ସହିତ ଶେଷରେ ପଞ୍ଚାୟତ କାର୍ଯ୍ୟାଳୟକୁ ତାଲା ପକାଇ ଦେଇଥିଲେ। ଖବର ନେବାରେ ଜଣା ପଡିଛି ଭିଏଲଡବ୍ଲୁ ପ୍ରତ୍ୟେକମାସ ୧୫ ତାରିଖ ଦିନ ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତ୍ତା ପଞ୍ଚାୟତ କାର୍ଯ୍ୟାଳୟରେ ଉପସ୍ଥିତ ରହି ବାଣ୍ଟିବାକୁ ନିର୍ଦ୍ଦେଶ ଥିବାବେଳେ ୧୦ ଦିନ ପରେ ଭିଏଲଡବ୍ଲୁ ଶ୍ରୀ ସାହୁ ଆଜି ଗଡସାହି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ବାଣ୍ଟିବା ପାଇଁ ପହଁଚିଥିଲେ । ଗଡଶାହି ଗ୍ରାମର ଜଗନ୍ନାଥ ମିଶ୍ର ୧୫ ବର୍ଷ ଜଣେ ଶତକଡା ଶହେ ଭାଗ ଥିଲାବେଳେ ରାଜ୍ୟ ସରକାର ଭିନ୍ନକ୍ଷମ ବ୍ୟକ୍ତି ଓ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧ ଓ ବୃଦ୍ଧା ବ୍ୟକ୍ତିଙ୍କୁ ରାଜ୍ୟ ସରକାର ଜାନୁଆରୀ ମାସରୁ ତିନି ହଜାର ପାଞ୍ଚଶହ ଟଙ୍କା ଦେବାକୁ ନିର୍ଦ୍ଦେଶଥିବାବେଳେ ଭିଏଲଡବ୍ଲୁ ଶ୍ରୀ ସାହୁ ଭିନ୍ନକ୍ଷମ ବ୍ୟକ୍ତି ଶ୍ରୀ ମିଶ୍ରଙ୍କୁ ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ମାତ୍ର ୧୨ ଶହ ଟଙ୍କା ପ୍ରଦାନ କରିବାରୁ ଭିନ୍ନକ୍ଷମ ବ୍ୟକ୍ତି ଶ୍ରୀ ମିଶ୍ର ଓ ଭିଏଲଡବ୍ଲୁଙ୍କ ମଧ୍ୟରେ ଯୁକ୍ତିତର୍କ ହେବା ସହ ଶ୍ରୀ ମିଶ୍ର ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଉପରିସ୍ଥ ଅଧିକାରୀଙ୍କୁ ଡାକିବା ପାଇଁ କହିଥିଲେ । ସ୍ଥାନୀୟ ସରପଞ୍ଚ ଓ କେତେକ ବ୍ୟକ୍ତି ଭିନ୍ନକ୍ଷମ ବ୍ୟକ୍ତି ଶ୍ରୀ ମିଶ୍ରଙ୍କୁ ବୁଝାସୁଝା କରି ତାଲା ଖୋଲିଥିଲେ । ଏ ସଂପର୍କରେ ଭିଏଲଡବ୍ଲୁ ଶ୍ରୀ ସାହୁଙ୍କୁ ପଚାରିବାରୁ ସେ କିଛି କହିନଥିଲେ । ଏ ସଂପର୍କରେ ସରପଞ୍ଚ ବିଭୂତିଭୂଷଣ ବେବର୍ତ୍ତାଙ୍କୁ ପଚାରିବାରୁ ସେ କୁହନ୍ତି ଆଜି ଯେଉଁ ଭିଏଲଡବ୍ଲୁ ଭାଗିରଥୀ ସାହୁ ଟଙ୍କା ବାଣ୍ଟିବାକୁ ଆସିଛନ୍ତି ତାଙ୍କର ଗୋପୀନାଥପୁର ଗ୍ରାମ ପଞ୍ଚାୟତକୁ ବଦଳି ହୋଇଯାଇଛି । ଗଡସାହି ପଞ୍ଚାୟତ ପିଇଓ ଭାବେ ଅନିରୁଦ୍ଧ ସ୍ୱାଇଁ ନିଯୁକ୍ତି ହୋଇ ସାରିଛନ୍ତି । କିପରି ପିଇଓ ଅନିରୁଦ୍ଧ ସ୍ୱାଇଁ ଭତ୍ତାଟଙ୍କା ବାଣ୍ଟିବାକୁ ନଆସି ପୂର୍ବତନ ପିଇଓ ଭାଗିରଥୀ ସାହୁଙ୍କୁ କିଏ ପଠାଇଛି ମୁଁ ଜାଣିପାରୁ ନାହିଁ । ଶ୍ରୀ ସାହୁ ଏଠାରେ ରହି ରାଜନୀତି କରୁଛନ୍ତି । ଅନେକ ଭିନ୍ନକ୍ଷମ ବ୍ୟକ୍ତି ଆଜି ବର୍ଦ୍ଧିତହାରରେ ଟଙ୍କା ପାଇନଥିବାରୁ ସେମାନଙ୍କ ମଧ୍ୟରେ ତୀବ୍ରଅସନ୍ତୋଷ ଦେଖାଦେଇଛି ।

# ଦୁଷ୍କର୍ମ ଅଭିଯୁକ୍ତକୁ ସାଢେ ୩ବର୍ଷ ଜେଲଦଣ୍ଡ

କେନ୍ଦ୍ରାପଡା(ଭାସ୍କର ନ୍ୟୁଜ): ଏକ ଦୁଷ୍କର୍ମ ଉଦ୍ୟମ ମାମଲାର ବିଚାର କରି କେନ୍ଦ୍ରାପଡା ଫାଷ୍ଟଟ୍ରାକ୍ ଅତିରିକ୍ତ ଜିଲ୍ଲାଜଜ ତ୍ରିବିକ୍ରମକେଶରୀ ଚିନ୍ନାରା ଦୋଷୀଙ୍କୁ ସାଢେ ତିନି ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ କେନ୍ଦ୍ରାପଡା ଟାଉନ ଥାନା ଅଞ୍ଚଳର ଜନୈକ ଲୋକଙ୍କର ଗତ ୨୮.୧୧.୨୦୧୫ ରିଖରେ ଏକ ସାଇକେଲ ଚୋରି ହୋଇଥିଲା। ଏନେଇ ସଂପୃକ୍ତ ବ୍ୟକ୍ତିଙ୍କ ପତ୍ନୀ ସେହି ଅଞ୍ଚଳର ଦୁଇଜଣ ଯୁବକଙ୍କୁ ପଚରାଉଚୁରା କରିବାରେ ସେମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ଏନେଇ ସଂପୃକ୍ତ ମହିଳା କେନ୍ଦ୍ରାପଡା ଟାଉନ ଥାନାରେ ଗତ ୨. ୧୨. ୨୦୧୫ ରିଖରେ ଏସମ୍ପର୍କରେ ଏକ ଏତଲା ଦେଇଥିଲେ। ସେହିଦିନ ଘରେ କେହିନଥିବାର ସୁଯୋଗ ନେଇ ଦିଲ୍ଲିପ ଦାସ ଓ ଚଗଲା ମହାରଣା ସଂପୃକ୍ତ ମହିଳାଙ୍କ ଘରେ ପଶି ତାଙ୍କ ଝିଅକୁ ଅତ୍ୟନ୍ତ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ଧକ୍କା ମାରିବା ସହ ମନ୍ଦ ଉଦ୍ଦେଶ୍ୟ ରଖି ତାଙ୍କୁ ଟଣାଓଟରା କରିଥିଲେ। ଫଳରେ ସଂପୃକ୍ତ ଯୁବତୀଙ୍କ ପିନ୍ଧା ଡ୍ରେସ ଚିରିଯାଇଥିଲା। ଏଥିସହିତ ଲୋକଙ୍କ ସମ୍ମୁଖରେ ସେହି ଯୁବତୀଙ୍କୁ ଉପରୋକ୍ତ ଯୁବକ ଦୁଇଜଣ ଦୁଷ୍କର୍ମ ଉଦ୍ୟମ କରିବାରେ ଯୁବତୀ ଜଣଙ୍କ ଲୋକଲଜ୍ୟାରେ ବିଷ ପିଇଦେଇଥିଲେ। ଯୁବତୀଙ୍କ ମା'ଙ୍କ ଅଭିଯୋଗ ଉପରେ ଟାଉନ ଥାନା ପୋଲିସ ଥାନା କେଶ ନମ୍ବର-୧୯୯/୨୦୧୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରିରଖିଥିଲେ। ପୋଲିସ ଅଦାଲତରେ ସେହି ମାମଲାର ଅଭିଯୋଗ ଫର୍ଦ୍ଦ ଦାଖଲ କରିବା ପରେ ଏସଟି ନଂ- ୩୭୫/ ୨୦୧୭ରେ ସେହି ମାମଲାର ବିଚାର କରି ଫାଷ୍ଟଟ୍ରାକ କୋର୍ଟର ଅତିରିକ୍ତ ଜିଲ୍ଲାଜଜ ତ୍ରିବିକ୍ରମକେଶରୀ ଚିନ୍ନାରା ସମସ୍ତ ସାକ୍ଷ୍ୟପ୍ରମାଣକୁ ଭିତ୍ତିକରି ଟାଉନ ଥାନା ଅନ୍ତର୍ଗତ ଇଛାପୁର(ଶ୍ୟାମଗୁଡିଆ) ଗ୍ରାମର ଦିଲ୍ଲିପ ଦାସ ଓ ଚଗଲା ମହାରଣାଙ୍କୁ ଭାରତୀୟ ଦଣ୍ଡବିଧି ଆଇନର ୩୨୩ଦଫାରେ ୬ମାସ ଜେଲଦଣ୍ଡ ସହିତ ୫ଶହ ଟଙ୍କା ଜୋରିମାନା ଓ ୩୫୪ଦଫାରେ ୩ବର୍ଷ ଜେଲଦଣ୍ଡ ସହିତ ତିନି ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ଏକମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ଜଜ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ସଞ୍ଜୟ କୁମାର ଜେନା ଅଦାଲତରେ ମାମଲା ପରିଚାଳନା କରୁଥିଲେ।

## ସୁରଜ କୁମାର ପାତ୍ର ଦେଓ ନଦୀବନ୍ଧ ପ୍ରକଳ୍ପର ଅଧିକ୍ଷଣ ଯନ୍ତ୍ରୀ ନିଯୁକ୍ତ



କରଞ୍ଜିଆ (ଭାସ୍କର ନ୍ୟୁଜ): କରଞ୍ଜିଆ ବ୍ଲକ ହାତିବାରି ଠାରେ ଦେଓ ନଦୀବନ୍ଧ ପ୍ରକଳ୍ପ ଅବସ୍ଥିତ। ଏଥିରେ କାର୍ଯ୍ୟ କରୁଥିବା ଅଧିକ୍ଷଣ ଯନ୍ତ୍ରୀ ଇ.ନାରାୟଣ ଚନ୍ଦ୍ର ଦାସଙ୍କ ବଦଳି ପରେ ଏହି ପଦବୀ ନିମନ୍ତେ କାର୍ଯ୍ୟରେ ଯୋଗଦେଲେ ଇ. ସୁରଜ କୁମାର ପାତ୍ର। ସେ ପୂର୍ବରୁ କରଞ୍ଜିଆ କେନାଲ ଡିଭିଜନ୍ ରଅଧିକ୍ଷଣ ଯନ୍ତ୍ରୀ ଭାବେ ଦକ୍ଷତାର ସହିତ କାର୍ଯ୍ୟତୁଲାଇ ଥିଲେ। ସେ ଆଜି ଇ. ନାରାୟଣ ଚନ୍ଦ୍ର ଦାସଙ୍କ ଠାରୁ ଦାୟିତ୍ୱ ନେଇଛନ୍ତି ସମସ୍ତଙ୍କ ସହଯୋଗ ଲୋଡିଛନ୍ତି ସେ। ଚାଷୀ କିପରି ପାଣି ପାଇବ ସେଥିପ୍ରତି ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି।

# ଦୁର୍ଘଟଣାରେ ୨ ଆହତ

## ବାଇକ୍ ଓ ଦୋକାନ ଭାଙ୍ଗି ଚୁରମାର୍

ଢେଙ୍କାନାଳ(ଭାସ୍କର ନ୍ୟୁଜ୍): ରାଜ୍ୟର ଅନ୍ୟତମ ପ୍ରମୁଖ ଶୈବ ପୀଠ ଢେଙ୍କାନାଳର କପିଳାସରେ ଜାଗର ଯାତ୍ରା ଥିବାବେଳେ ଆଜି ଏହି ପୀଠରେ ଘଟିଛି ଏକ ଦୁର୍ଘଟଣା। ଜାଗର ଯାତ୍ରା ପରିଚାଳନା ପାଇଁ ପୋଲିସ ଫୋର୍ସଙ୍କୁ ଛାଡି କପିଳାସ ମନ୍ଦିର ପାଖରୁ ବାରବାଙ୍କ ରାସ୍ତାଦେଇ ତଳକୁ ଆସୁଥିବା ଏକ ପୁଲିସ ଭ୍ୟାନ ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ବାରବାଙ୍କ ରାସ୍ତାରେ ଭାରସାମ୍ୟ ହରାଇ ପୋଲିସ ଭ୍ୟାନଟି ତଳେ ବୁଲାଣି ପାଖରେ ଥିବା ଦୋକାନ ଓ ଲୋକଙ୍କ ଉପରେ ମାଡି ଯାଇଛି। ଫଳରେ ଦୁଇଜଣ ଯାତ୍ରୀ ଆହତ ହୋଇଥିବା ଜଣାପଡିଛି । ସେମାନଙ୍କୁ ଚିକିତ୍ସା ପାଇଁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତର ଖାନାରେ ଭର୍ତି କରାଯାଇଛି । ଆହତ ଯାତ୍ରୀଙ୍କ ପରିଚୟ ମିଳିପାରିନାହିଁ। ତେବେ ଦୋକାନ ଉପରେ ପୋଲିସ ଭ୍ୟାନ ମାଡି ଯାଇଥିବାରୁ ଦୋକାନଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇ ଲକ୍ଷାଧିକ ଟଙ୍କା ମୂଲ୍ୟର ସାମଗ୍ରୀ ନଷ୍ଟ ହୋଇଯାଇଛି । ଏହାକୁ ନେଇ ଘଟଣା ସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ମାତ୍ର ପୁଲିସ ପଦାଧିକାରୀ ଓ ପୋଲିସ ଫୋର୍ସ ପହଞ୍ଚି ବୁଝାସୁଝା ପରେ ପରିସ୍ଥିତି ସ୍ୱାଭାବିକ ରହିଛି। ତେବେ ଏହି ଭ୍ୟାନଟି ଖାଲି ଫେରୁଥିବାବେଳେ କୌଣସି ପୋଲିସ କର୍ମଚାରୀଙ୍କର କ୍ଷୟ କ୍ଷତି ହୋଇନଥିବା ଜଣାପଡ଼ିଛି ।

# ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ ୧୯୭୫-୮୦ ବ୍ୟାଚ୍‌ର ବନ୍ଧୁ ମିଳନ



ଢେଙ୍କାନାଳ(ଭାସ୍କର ନ୍ୟୁଜ୍): ଶତାୟୁ ଶିକ୍ଷାନୁଷ୍ଠାନ ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ ୧୯୭୫-୮୦ ବ୍ୟାଚ୍‌ର ଛାତ୍ରଛାତ୍ରୀମାନଙ୍କର ତୃତୀୟ ବାର୍ଷିକ ବନ୍ଧୁମିଳନ ଗଜମରା ଫାର୍ମ ହାଉସ୍‌ଠାରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବନ୍ଧୁମିଳନର ଅନନ୍ୟ ଆକର୍ଷଣ ଥିଲେ ଏହି ଶିକ୍ଷାନୁଷ୍ଠାନର ୧୯୮୦ ବ୍ୟାଚ୍‌ର ଛାତ୍ର ଅଦ୍ୱୈତ ଗଡନାୟକ ଯିଏକି ନିକଟରେ ଚଳିତବର୍ଷ ପାଇଁ କଳା ଓ ସ୍ଥାପତ୍ୟରେ ପଦ୍ମଶ୍ରୀ ପୁରସ୍କାର ପାଇଛନ୍ତି । ସଭା ପ୍ରାରମ୍ଭରେ ବ୍ୟାଚ୍‌ର ଦିବଂଗତ ବନ୍ଧୁ କାର୍ତ୍ତିକ ନାରାୟଣ ସ୍ୱାଇଁଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇ ତାଙ୍କର ସ୍ମୃତିଚାରଣ କରାଯାଇଥିଲା । ତାଙ୍କର ଅକାଳ ବିୟୋଗ ସମସ୍ତ ବନ୍ଧୁ ଓ ବାନ୍ଧବୀମାନଙ୍କୁ ବ୍ୟଥିତ କରିଥିଲା । ପରେ ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ପ୍ରସ୍ତରଶିଳ୍ପୀ ଅଦ୍ୱୈତ ଗଡନାୟକଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ବାଲ୍ୟବନ୍ଧୁ ଗଡନାୟକଙ୍କୁ ଅତି ନିକଟରେ ପାଇ ସମସ୍ତ ବନ୍ଧୁ ଓ ବାନ୍ଧବୀମାନେ ଖୁସିରେ ଆତ୍ମହରା ହୋଇ ଉଠିଥିଲେ । ଶ୍ରୀ ଗଡନାୟକ ମଧ୍ୟ ପ୍ରସ୍ତର ଶିଳ୍ପ ଠାରୁ ପଦ୍ମଶ୍ରୀ ପର୍ଯ୍ୟନ୍ତ ଯାତ୍ରାର ସ୍ମୃତିଚାରଣ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ । ପରେ ବନ୍ଧୁ ଓ ବାନ୍ଧବୀମାନଙ୍କ ମଧ୍ୟରୁ ଅମିତ୍ରାକ୍ଷର ଛନ୍ଦ ନୃତ୍ୟ ସମସ୍ତଙ୍କୁ ବିମୋହିତ କରିଥିଲା । ବନ୍ଧୁ ସୂର୍ଯ୍ୟପ୍ରକାଶ ଓ ବାନ୍ଧବୀ ସାଗରିକାଙ୍କ ସଙ୍ଗୀତ ପରିବେଷଣ ପରିବେଶକୁ ମତୁଆଲା କରି ଦେଇଥିଲା । ଉକ୍ତ ବନ୍ଧୁମିଳନ କାର୍ଯ୍ୟକ୍ରମକୁ ଜ୍ଞାନରଜନ ମହାପାତ୍ର ପରିଚାଳନା କରିଥିବାବେଳେ ବନ୍ଧୁ ଅଶୋକ ଦାଶ, ଗୁପ୍ତେଶ୍ୱର ମିଶ୍ର ଓ ମିନାକ୍ଷୀ ସିଂ ସାମଲ ସହଯୋଗ କରିଥିଲେ ।

# ଆକ୍ସନ ମୁଡ୍‌ରେ ଥାନା ଅଧିକାରୀ ଧୀରାଜ ଲେଙ୍କା

## ଚୋରାମଦ ବେପାରୀଙ୍କ ମନରେ କୋକୁଆଭୟ



ପଟ୍ଟାମୁଣ୍ଡାଇ(ଭାସ୍କର ନ୍ୟୁଜ୍): ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଆଇଆଇସି ଧୀରାଜ ଲେଙ୍କା ଯୋଗ ଦେବା ଦିନ ଠାରୁ ପଟ୍ଟାମୁଣ୍ଡାଇ ଆଖପାଖ ୧୫ ରୁ ଊର୍ଦ୍ଧ୍ୱ ପଞ୍ଚାୟତରେ ଚୋରି କମିଛି। ଆଜି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳର ଆଇଆଇସି ବେଡି ସାହିରୁ ପଞ୍ଚାନବେ ଲିଟର ମଦ ଜବତ ସହିତ ଜଣଙ୍କୁ ଗିରଫ କରିଛନ୍ତି। ସେଇ ଚୋରା ମଦବେପାରୀ ବାସୁଦେବ ସେଠିଙ୍କ ଘର ଉପରେ ଚଢ଼ାଉ କରି ମଦ ଜବତ ସହିତ ଗିରଫ କରିଛନ୍ତି। ଦିନକୁ ଦିନ ବିଭିନ୍ନ ପଞ୍ଚାୟତ ଅଞ୍ଚଳରେ ଅସାମାଜିକ ଯୁବକଙ୍କ ଦୌରାତ୍ମ୍ୟ ବଢ଼ିଥିବା ବେଳେ ନୂତନ ଆଇଆଇ ସିଙ୍କ ଯୋଗଦାନ ଫଳରେ ଛକ ଛକରେ ଅସାମାଜିକ ଆଡ୍ଡା ଉପରେ ଚଢ଼ାଉ କରିବା ଦ୍ୱାରା ପଟ୍ଟାମୁଣ୍ଡାଇର ସମସ୍ତ ପଞ୍ଚାୟତରେ ଥିବା ଗ୍ରାମରେ ଅସାମାଜିକ ଯୁବକଙ୍କ ଖରାପ କାର୍ଯ୍ୟକଳାପ କମିବାରେ ଲାଗୁଛି। ଚୋରାରେ ବିକୁଥିବା ମଦ ବେପାରୀ ଛାନିଆରେ ମଦ ବେପାର ଏକ ପ୍ରକାର ବନ୍ଦ କରିବାକୁ ବାଧ୍ୟ ହୋଇଛନ୍ତି। ଜୋର୍‌ରେ ଗାଡ଼ି ଚଳାଇବା , ବାଇକ୍‌ରେ ଠୋ ଠା ଶବ୍ଦ କରିବା , ବିନା ଲାଇସେନ୍ସରେ ଗାଡ଼ି ଚାଳକଙ୍କ ଗାଡ଼ିକୁ ଧରି ଥାନା କୁ ଆଣିବା ଦ୍ୱାରା କିଛି ଅସାମାଜିକ ଯୁବକ ଙ୍କ ମନରେ କୋକୁଆ ଭୟ ସଂଚାର କରିଛି । ନୂତନ ଥାନା ଅଧିକାରୀଙ୍କ ସମସ୍ତ ପଞ୍ଚାୟତରେ କଡ଼ାକଡ଼ି ପେଟ୍ରୋଲିଂ କରିବା ଦ୍ୱାରା ଏକ ପ୍ରକାର ଅସାମାଜିକ ଯୁବକଙ୍କ ମନରେ ଭୟ ସୃଷ୍ଟି ହୋଇଛି କହିଲେ ଅତ୍ୟୁକ୍ତି ହେବନି। ଗ୍ରାମାଞ୍ଚଳ ଥାନାର ଥାନା ଅଧିକାରୀଙ୍କ ଲୋକପ୍ରିୟତା ବଢ଼ିବାରେ ଲାଗିଛି। ଗ୍ରାମାଞ୍ଚଳ ଥାନା ଆଇଆଇସି ଧିରାଜ୍ ଲେଙ୍କାଙ୍କ କାର୍ଯ୍ୟରେ ପଟ୍ଟାମୁଣ୍ଡାଇ ପଞ୍ଚାୟତ ଅଞ୍ଚଳବାସୀ ସନ୍ତୁଷ୍ଟ ହେବା ସହିତ ଜଣେ ସଚ୍ଚୋଟ ପୋଲିସ ଅଫିସର ଭାବେ ପଞ୍ଚାୟତ ଅଞ୍ଚଳ ବାସୀ ପାଇ ଥିବାରୁ ବହୁତ୍ ଖୁସି ଅଛନ୍ତି । ପ୍ରତି ପଞ୍ଚାୟତରେ ହେଉ ଥିବା ସମସ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇ ଲୋକମାନଙ୍କ ସହିତ ମିଶୁ ଥିବାରୁ ସମସ୍ତ ଙ୍କର ପ୍ରିୟପାତ୍ର ପାଲଟିଛନ୍ତି। ପ୍ରତି ପଞ୍ଚାୟତରେ ଚୋରି, ଗୁଣ୍ଡାଗିରି ଓ ଅସାମାଜିକ ଯୁବକଙ୍କ ଝିଅବୋହୂଙ୍କୁ କମେଣ୍ଟ ମାରିବା କମିଛି। ଥାନାକୁ ଆସୁଥିବା ମହିଳାମାନଙ୍କ ଅଭିଯୋଗକୁ ଶୁଣି ତୁରନ୍ତ ପଦକ୍ଷେପ ନେଉଥିବାରୁ ସାରା ପଞ୍ଚାୟତ ବାସୀଙ୍କ ନିକଟରେ ପ୍ରଶଂସା ପାତ୍ର ବନିଛନ୍ତି ଗ୍ରାମାଞ୍ଚଳ ଥାନା ଆଇଆଇସି ଧିରାଜ ଲେଙ୍କା। ପ୍ରତି କାର୍ଯ୍ୟରେ ଭୁଲ ଓ ଠିକ୍ ର ବିଚାର କରି ଲୋକମାନଙ୍କୁ ନ୍ୟାୟ ଦେବା ସହିତ , ଥାନା କୁ ଆସୁଥିବା ସମସ୍ତ ଲୋକଙ୍କ କଥାକୁ ସହୃଦୟତାର ସହ ଶୁଣୁଛନ୍ତି।

# ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ



ଢେଙ୍କାନାଳ (ଭାସ୍କର ନ୍ୟୁଜ୍): ଭାରତୀୟ ରିଜର୍ଭ ବ୍ୟାଙ୍କ ଚଳିତ ବର୍ଷ ଫେବୃଆରୀ ୨୪ ରୁ ୨୮ ତାରିଖ ପର୍ଯ୍ୟନ୍ତ ଆର୍ଥିକ ସାକ୍ଷରତା ସପ୍ତାହ ପାଳନ କରୁଛି। ଆର୍ଥିକଅନ୍ତର୍ଭୁକ୍ତିକରଣରେ ମହିଳା ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ବିଚାରକୁ ନେଇ ଆର୍ଥିକ ସାକ୍ଷରତା ସପ୍ତାହ ୨୦୨୫ର ବିଷୟବସ୍ତୁ ''ଆର୍ଥିକ ବୁଦ୍ଧିମତା ଯାହାରି, ସେ ସମୃଦ୍ଧ ନାରୀ'' ରଖାଯାଇଛି । ଏହି ସପ୍ତାହରେ ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ସମସ୍ତ ଅଂଶୀଦାର ଯଥା ବ୍ୟାଙ୍କ, ଏଫ୍‌ଏଲ୍‌ସି ଓ ସିଏଫ୍‌ଏଲ୍‌ର ମିଳିତ ସହଯୋଗରେ ଗୃହିଣୀ, କର୍ମଜୀବୀ ମହିଳା ଓ ମହିଳା ଉଦ୍ୟୋଗୀଙ୍କ ପାଇଁ ଆର୍ଥିକ ସାକ୍ଷରତା ଶିବିର ଆୟୋଜନ କରୁଅଛି। ଏହି ପରିପ୍ରେକ୍ଷୀରେ ଫେବୃଆରୀ ୨୫ ତାରିଖ ଦିନ ଢେଙ୍କାନାଳ ଜିଲ୍ଲାର ସଦାଶିବପୁର ପଂଚାୟତରେ ଏକ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗୃହିଣୀ, କର୍ମଜୀବୀ ମହିଳା ଏବଂ ମହିଳା ଉଦ୍ୟୋଗୀ ବର୍ଗର ପ୍ରାୟ ୭୫ଜଣ ଅଂଶଗ୍ରହଣ କରିଥିଲେ । ରିଜର୍ଭ ବ୍ୟାଙ୍କର ପ୍ରବନ୍ଧକ (ଏଲ୍.ଡି.ଓ) ଅଂଶଗ୍ରହଣକାରୀଙ୍କୁ ମାଇକ୍ରୋସେଭିଂ ମାସିକ ବ୍ୟୟ ବଜେଟ୍, ଜରୁରୀକାଳୀନ ଯୋଜନା, ବିବଧତା ଏବଂ ରିସ୍କ ପରିଚାଳନା, ବ୍ୟବସାୟ ପାଇଁ ଋଣ ନେବା, ଠିକ୍ ସମୟରେ ଇ.ଏମ୍.ଆଇ. ପ୍ରଦାନ କରିବା, କ୍ରେଡିଟ୍ ସ୍କୋରର ଗୁରୁତ୍ୱ, ବିଭିନ୍ନ ପ୍ରକାରର ଆର୍ଥିକ ଠକେଇ ଏବଂ ରିଜର୍ଭ ବ୍ୟାଙ୍କ ସମନ୍ୱିତ ଆମ୍ବୁଡ୍ସମାନ ଯୋଜନା ବିଷୟରେ ଅବଗତ କରାଇଥିଲେ। ଢେଙ୍କାନାଳ ଏଲ୍‌ଡିଏମ୍ ଦେବାଶିଷ କୁଣ୍ଡୁ, ଢେଙ୍କାନାଳ ଏଫ୍‌ଏଲ୍‌ସି ଗୋପିନାଥ ସାହୁ ଏବଂ ୟୁକୋ ବ୍ୟାଙ୍କ ସଦାଶିବପୁର ଶାଖାର ପ୍ରବନ୍ଧକ ସ୍ନେହପ୍ରଭା ପଣ୍ଡାଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

# ଆର୍‌ବିଆଇ ପକ୍ଷରୁ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ



ଢେଙ୍କାନାଳ(ଭାସ୍କର ନ୍ୟୁଜ୍): ଭାରତୀୟ ରିଜର୍ଭ ବ୍ୟାଙ୍କ ଚଳିତ ବର୍ଷ ଫେବୃଆରୀ ୨୪ ରୁ ୨୮ ତାରିଖ ପର୍ଯ୍ୟ' ଆର୍ଥିକ ସାକ୍ଷରତା ସପ୍ତାହ ପାଳନ କରୁଛି । ଆର୍ଥିକ ଅ'ର୍ଭୁକ୍ତିକରଣରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ବିଚାରକୁ ନେଇ ଆର୍ଥିକ ସାକ୍ଷରତା ସପ୍ତାହ ୨୦୨୫ର ବିଷୟବସ୍ତୁ ''ଆର୍ଥିକ ବୁଦ୍ଧିମତା ଯାହାରି, ସେ ସମୃଦ୍ଧ ନାରୀ'' ରଖାଯାଇଛି। ଏହି ସପ୍ତାହରେ ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ସମସ୍ତ ଅଂଶୀଦାର ଯଥା ବ୍ୟାଙ୍କ, ଏଫ୍‌ଏଲ୍‌ସି ଓ ସିଏଫ୍‌ଏଲ୍‌ର ମିଳିତ ସହଯୋଗରେ ଗୃହିଣୀ, କର୍ମଜୀବୀ ମହିଳା ଓ ମହିଳା ଉଦ୍ୟୋଗୀଙ୍କ ପାଇଁ ଆର୍ଥିକ ସାକ୍ଷରତା ଶିବିର ଆୟୋଜନ କରୁଅଛି । ଏହି ପରିପ୍ରେକ୍ଷୀରେ ଫେବୃଆରୀ ୨୫ ତାରିଖ ଦିନ ଢେଙ୍କାନାଳ ଜିଲ୍ଲାର ୟୁକୋ ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରତିଷ୍ଠାନ ଢେଙ୍କାନାଳରେ ଏକ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗୃହିଣୀ, କର୍ମଜୀବୀ ମହିଳା ଏବଂ ମହିଳା ଉଦ୍ୟୋଗୀ ବର୍ଗର ପ୍ରାୟ ୫୦ଜଣ ଅଂଶଗ୍ରହଣ କରିଥିଲେ । ରିଜର୍ଭ ବ୍ୟାଙ୍କର ପ୍ରବନ୍ଧକ (ଏଲ୍.ଡି.ଓ) ଅଂଶଗ୍ରହଣକାରୀଙ୍କୁ ମାଇକ୍ରୋସେଭିଂ ମାସିକ ବ୍ୟୟ ବଜେଟ୍, ଜରୁରୀକାଳୀନ ଯୋଜନା, ବିବଧତା ଏବଂ ରିସ୍କ ପରିଚାଳନା, ବ୍ୟବସାୟ ପାଇଁ ଋଣ ନେବା, ଠିକ୍ ସମୟରେ ଇ.ଏମ୍.ଆଇ. ପ୍ରଦାନ କରିବା, କ୍ରେଡିଟ୍ ସ୍କୋରର ଗୁରୁତ୍ୱ, ବିଭିନ୍ନ ପ୍ରକାରର ଆର୍ଥିକ ଠକେଇ ଏବଂ ରିଜର୍ଭ ବ୍ୟାଙ୍କ ସମନ୍ୱିତ ଆମ୍ବୁଡ୍ସମାନ ଯୋଜନା ବିଷୟରେ ଅବଗତ କରାଇଥିଲେ । ଢେଙ୍କାନାଳ ଏଲ୍‌ଡିଏମ୍ ଦେବାଶିଷ କୁଣ୍ଡୁ, ଢେଙ୍କାନାଳ ଏଫ୍‌ଏଲ୍‌ସି ଗୋପିନାଥ ସାହୁ ଏବଂ ୟୁକୋ ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରତିଷ୍ଠାନର ନିର୍ଦ୍ଦେଶକ ଏବଂ ଏଲ୍‌ସିଏମ୍ ଅଫିସର ଷ୍ଟାଫ୍ ସୁବ୍ରତ କୁମାର ପ୍ରଧାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

# ପଞ୍ଚାୟତ ସମିତି ବୈଠକରେ ପ୍ରକଳ୍ପ ପ୍ରସ୍ତାବକୁ ଅନୁମୋଦନ

ଭଞ୍ଜନଗର(ଭାସ୍କର ନ୍ୟୁଜ୍): ଭଞ୍ଜନଗର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଅପରାହ୍ନରେ ପଞ୍ଚାୟତ ସମିତିର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ ଅଧକ୍ଷ ନରୀସଭା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗଦେଇ ଦଳମତ ନିର୍ବିଶେଷରେ ସମସ୍ତ ପଞ୍ଚାୟତର କିଭଳି ବିକାଶ କରିବାକୁ କହିଥିଲେ। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ବିଭିନ୍ନ ପଞ୍ଚାୟତରୁ ଗ୍ରାମସଭା ଜରିଆରେ ଆସିଥିବା ପ୍ରକଳ୍ପର ପ୍ରସ୍ତାବକୁ ସମିତି ବୈଠକରେ ଅନୁମୋଦନ କରାଯାଇଥିଲା। ଏହାପରେ ଜିଲ୍ଲାପାଳଙ୍କ ନିକଟକୁ ଏହି ତାଲିକା ପଠାଯିବ ବୋଲି ଭାରପ୍ରାପ୍ତ ବିଡିଓ ପୂର୍ଣ୍ଣଚନ୍ଦ୍ର ପାଢୀ ପ୍ରକାଶ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ପ୍ରାୟ ୨ କୋଟି ୯୩ ଲକ୍ଷ ଟଙ୍କା ଭଞ୍ଜନଗର ବ୍ଲକକୁ ଆସିଛି। ଜିଲ୍ଲାର ଉନ୍ନତି ପାଇଁ ଆଗାମୀ ଦିନରେ ସ୍ୱତନ୍ତ୍ର ପ୍ୟାକେଜ ମୁଖ୍ୟମନ୍ତ୍ରୀ ଘୋଷଣା କରିବେ ବୋଲି କହିଥିଲେ। ଭଲ କାମ କରିଥିବା ପଞ୍ଚାୟତକୁ ପୁରସ୍କାର ଦିଆଯିବ ବୋଲି ମଧ୍ୟ ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ତହସିଲଦାର ଅବିନାଶ ମାହାର, ସହାୟକ ଯନ୍ତ୍ରୀ ଇଂ. ନିତ୍ୟାନନ୍ଦ ପାତ୍ର,ସାଂସଦ ପ୍ରତିନିଧି ରବୀନ୍ଦ୍ର ଗୌଡ଼ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଗ୍ରାମପଞ୍ଚାୟତ ଅଧିକାରୀ ପ୍ରିୟଦର୍ଶନୀ ମଲ୍ଲିକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

# ମାମିନାଙ୍କୁ ରାସ୍ତା ଦେଖାଇଲା କୌଶଳଭିତ୍ତିକ ଶିକ୍ଷା



ଉମରକୋଟ(ଭାସ୍କର ନ୍ୟୁଜ) : ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକର ବଡ କୁମାରି ଗ୍ରାମପଞ୍ଚାୟତର ଏକ ଆଦିବାସୀ ଗ୍ରାମ ହେଉଛି ଜାନୀଗୁଡ଼ା ଗ୍ରାମ। ଗ୍ରାମରେ ମାମିନା ଜାନୀ (ବୟସ ୧୭), ଭାଇ ଲକ୍ଷ୍ମଣ ଜାନୀ ( ବୟସ ୧୬), ଭଉଣୀ ସୁମିତ୍ରା ଜାନୀ ( ବୟସ ୧୫ ) ପିତା ମନଜାନୀ ଓ ମାତା ସବିତା ଜାନୀ ରହୁଥିଲେ । ପିତା ମନ ଜାନୀ ଓ ମାତା ସବିତା ଜାନୀ ନିଜର ଦୁଇ ଏକର ଚାଷ ଜମିରେ ଚାଷ କରିବା ସହିତ, ନିଜ ଗ୍ରାମରେ ଅନ୍ୟ ପରିବାରଙ୍କ ନିକଟରେ ମଜୁରୀ କରି ପରିବାରକୁ ପ୍ରତିପୋଷଣ କରୁଥିଲେ । ସରକାରଙ୍କ ତରଫରୁ ତାଙ୍କ ପରିବାରକୁ ରାସନ କାର୍ଡରେ ପ୍ରତିମାସରେ ମୁଣ୍ଡପିଛା ୫ କି.ଗ୍ରା ହିସାବରେ ମୋଟ ୨୫ କି.ଗ୍ରା ଚାଉଳ ମାଗଣାରେ ମିଳୁଥିଲା । ମନ ଜାନୀ ନିଜର ତିନି ପୁଅ ଝିଅଙ୍କୁ ସରକାରୀ ବିଦ୍ୟାଳୟରେ ପାଠ ପଢାଉଥିଲେ । ମା' ସବିତା ଜାନୀ କିଡନୀଜନିତ ରୋଗରେ ପୀଡିତ ହୋଇ ଗତ ୬-୫-୨୦୧୧ ମସିହାରେ ମୃତ୍ୟୁବରଣ କରିଥିଲେ । ମା ସବିତା ଜାନୀ ମୃତ୍ୟୁବରଣ କରିବା ପରେ ପିତା ମନଜାନୀ ନିଜର ଦୁଇ ଝିଅ ଓ ଗୋଟିଏ ପୁଅକୁ ନେଇ ପରିବାର ପ୍ରତିପୋଷଣ କରୁଥିଲେ । କିନ୍ତୁ ପତ୍ନୀଙ୍କ ମୃତ୍ୟୁର ୧ ବର୍ଷ ପରେ ହଠାତ ନିଜର ପୁଅ ଝିଅକୁ ଛାଡି ୨୦୧୨ ମସିହାରେ ଅନ୍ୟଜଣେ ମହିଳାଙ୍କୁ ପ୍ରେମ ବିବାହ କରି ଗ୍ରାମ ଛାଡି ରାୟଘର ବ୍ଲକରେ ରହିଲେ । ଦୁଇ ଭଉଣୀ ମାମିନା, ସୁମିତ୍ରା ଓ ଭାଇ ଲକ୍ଷ୍ମଣ ଙ୍କୁ ସେହି ଗ୍ରାମରେ ବିବାହ କରିଥିବା ପିଉସୀ ନାନୀ ପଦ୍ମା ଜାନୀ ନିଜଘରେ ରଖିଲେ । ପିଉସୀ ନାନୀ ପଦ୍ମା ଜାନୀ ଓ ତାଙ୍କ ସ୍ୱାମୀ ଭରତ ଜାନୀ ନିଜ ଚାଷ ଜମିରେ କୃଷି କାର୍ଯ୍ୟ କରିବା ସହିତ, ନିଜ ଗ୍ରାମରେ ଅନ୍ୟ ପରିବାରଙ୍କ ନିକଟରେ ମଜୁରୀ କରି ଦୁଇ ଭଉଣୀ ମାମିନା, ସୁମିତ୍ରା ଓ ଭାଇ ଲକ୍ଷ୍ମଣଙ୍କୁ ଲାଳନପାଳନ କରିବା ସହିତ ପାଠ ପଢାଇଲେ । ମା'ଙ୍କ ମୃତ୍ୟୁ ଓ ପିତା ପ୍ରେମ ବିବାହ କରି ଗ୍ରାମ ଛାଡିବାପରେ ପିଉସୀ ନାନୀ ପଦ୍ମା ଜାନୀ ଓ ତାଙ୍କ ସ୍ୱାମୀ ଭରତ ଜାନୀ କୃଷି କାର୍ଯ୍ୟ ଓ କୁଲି ମଜୁରୀ କରି ନିଜର ପରିବାରକୁ ଚଳଉ ଥିଲେ, ତେଣୁ ତିନି ଭାଇ ଭଉଣୀ ଚଳିବା କଷ୍ଟକର ହେଉଥିଲା । ମାମିନା ଜାନୀ ୨୦୨୨ ମସିହାରେ ନବମ ଶ୍ରେଣୀ ଅଧାରୁ ପାଠ ଛାଡି ପିଉସୀ ନାନୀ ପଦ୍ମା ଜାନୀଙ୍କ ପରିବାରରେ ଭାଇ ଭଉଣୀ ଛୋଟ ଥିବାରୁ ସେମାନଙ୍କ ଯତ୍ନ ନେବା ସହିତ ପିଉସୀ ନାନୀ ପଦ୍ମା ଜାନୀଙ୍କୁ ଘର କାମ ଓ କୃଷି କାର୍ଯ୍ୟରେ ସହଯୋଗ କରୁଥିଲେ । ଜାନିଗୁଡା ଗ୍ରାମରେ ଅଙ୍ଗନବାଡି କର୍ମୀ ରମା ମଣ୍ଡଳ ପ୍ରତି ଶନିବାର ଦିନ ଗ୍ରାମର ୧୧ ରୁ ୧୯ ବର୍ଷ ବୟସର କିଶୋର କିଶୋରୀମାନଙ୍କୁ ନେଇ ଅଦ୍ରିକା ବୈଠକ କରନ୍ତି । ମାମିନା ଜାନୀ ଜାନିଗୁଡା ଅଙ୍ଗନବାଡି କେନ୍ଦ୍ରର ୨୦୨୩ ମସିହା ଜୁଲାଇ ମାସରେ ଅଙ୍ଗନବାଡିର ଅଦ୍ରିକା ବୈଠକର ସହେଲି ଥିଲେ । ନିୟମିତ ଭାବରେ ସେ ଅଦ୍ରିକା ବୈଠକରେ ଯୋଗ ଦିଅନ୍ତି । ଅଙ୍ଗନବାଡି କର୍ମୀଙ୍କ ସହିତ ମିଶି ଗ୍ରାମରେ ବୃକ୍ଷରୋପଣ , ଗ୍ରାମ ସଫେଇ, ଖରାଦିନେ ପଶୁପକ୍ଷୀ ମାନଙ୍କ ପାଇଁ ସର୍ବସାଧାରଣ ସ୍ଥାନରେ ପିଇବା ପାଣିରଖୁବା , ସମସ୍ତ କିଶୋରୀ ମାନେ ଯେପରି ପ୍ରତି ସପ୍ତାହରେ ଲୌହସାର ବଟିକା ଆଦି କାର୍ଯ୍ୟ କ୍ରମରେ ଅଂଶଗ୍ରହଣ କରୁଥିଲେ। ଅଙ୍ଗନବାଡି କର୍ମୀ ଅଦ୍ରିକା ବୈଠକରେ ବାଲ୍ୟବିବାହର କୁପରିଣାମ ଓ ବାଲ୍ୟ ବିବାହ ଆଇନ ଉପରେ ଆଲୋଚନା କରିଥିଲେ । ଅଦ୍ରିକା ବୈଠକରୁ ପ୍ରଭାବିତ ହୋଇ ସେ ବାଲ୍ୟ ବିବାହର କୁପରିଣାମ ଜାଣିଥିଲେ । ସାଧାରଣତଃ ଆଦିବାସୀ ସମାଜର ପ୍ରଥା ପରମ୍ପରା ଅନୁଯାୟୀ ଝିଅକୁ ୧୫ ବର୍ଷ ହୋଇଗଲେ ବିବାହ ଦେଇଥାନ୍ତି । ମାମିନା କୁ ୧୬ ବର୍ଷ ହୋଇଥିବାରୁ ତାକୁ ବିବାହ କରାଇଦେଲେ ପରିବାରର ଲୋକସଂଖ୍ୟା କମିଯିବ ଓ କମ ବୟସରେ ବିବାହ କରାଇଲେ ଭଲ ପ୍ରସ୍ତାବ ମିଳିବ ବୋଲି ତାଙ୍କର ପିଉସୀ ନାନୀ ପଦ୍ମା ଜାନୀ ଓ ପିଉସା ମାମିନାଙ୍କ ପାଇଁ ବରପାତ୍ର ଯୋଗାଡ କରିଥିଲେ । ପିଉସୀ ନାନୀ ମାମିନାଙ୍କୁ ବିବାହ କରାଇବା ପାଇଁ ପ୍ରସ୍ତାବ ଆଣୁଥିବା ବିଷୟରେ ନିଜେ ମାମିନା ଅଙ୍ଗନବାଡି କର୍ମୀ ରମା ମଣ୍ଡଳଙ୍କୁ କହିଥିଲେ । ମାମିନା ନିଜେ ଏହି ବାଲ୍ୟ ବିବାହ କୁ ବିରୋଧ କରୁଥିବାରୁ, ତାଙ୍କର ପିଉସି ନାନୀ ମାମିନାଙ୍କୁ ଗାଳି ଗୁଲଜ କରୁଥିଲେ। ମାମିନା ନିଜର ବାଲ୍ୟବିବାହକୁ ବିରୋଧ କରୁଥିବାର ବିଷୟରେ ଅଙ୍ଗନବାଡି କର୍ମୀ ରମା ମଣ୍ଡଳଙ୍କୁ ଜଣାଇଥିଲେ । ଅଙ୍ଗନବାଡି କର୍ମୀ ପିଉସୀ ନାନୀ ପଦ୍ମା ଜାନୀ ଙ୍କ ଘରକୁ ଯାଇ ବାଲ୍ୟବିବାହ ନକରିବା ପାଇଁ ବୁଝାଇଥିଲେ । କିନ୍ତୁ ପିଉସୀ ପଦ୍ମା ଜାନୀ ଅଙ୍ଗନବାଡି କର୍ମୀ ରମା ମଣ୍ଡଳ ଙ୍କ କଥା ଶୁଣିନଥିଲେ । ନିଜ ପରିବାର ସହିତ ଏହି ତିନି ଭାଇ ଭଉଣୀଙ୍କୁ ଅଧିକ ଦିନ ପୋଷିବା କଷ୍ଟକର ବୋଲି କହିବା ସହିତ ମାମିନାଙ୍କୁ ବିବାହ କରାଇବା ପାଇଁ ଜିଦି ଧରିଲେ । ଅଙ୍ଗନବାଡି କର୍ମୀ ଏହି ବିଷୟରେ ମହିଳା ସୁପରଭାଇଜର ଭାରତୀ ମହାନ୍ତିଙ୍କୁ ଜଣାଇଥିଲେ । ଅଙ୍ଗନବାଡି କର୍ମୀ ରମା ମଣ୍ଡଳଙ୍କ ଠାରୁ ବାଲ୍ୟବିବାହ ହେବାକୁ ଥିବା ବିଷୟରେ ଜାଣିବା ପରେ ଉମରକୋଟ ବ୍ଲକର ବାଲ୍ୟବିବାହ ନିଷେଧ ଅଧିକାରୀ ସଂଯୁକ୍ତ ରାଣୀ ବେହେରା ଓ ମହିଳା ସୁପରଭାଇଜର ଭାରତୀ ମହାନ୍ତି ଏବଂ ଅଙ୍ଗନବାଡି କର୍ମୀ ରମା ମଣ୍ଡଳ ମିଳିତ ଭାବରେ ତା ୫-୦୨-୨୦୨୪ରିଖ ଦିନ ମାମିନା ଜାନୀଙ୍କ ପିଉସୀ ନାନୀଙ୍କ ଘରକୁ ଯାଇ ଏହି ବାଲ୍ୟ ବିବାହକୁ ନକରିବା ପାଇଁ ପିଉସୀ ନାନୀ ପଦ୍ମା ଜାନୀ ଓ ତାଙ୍କ ସ୍ୱାମୀ ଭରତ ଜାନୀଙ୍କୁ ବୁଝାଇଥିଲେ । କିନ୍ତୁ ଆର୍ଥିକ ଅଭାବ ହେତୁ ମାମିନାକୁ ବିବାହ କରିବା ପାଇଁ ସ୍ଥିର କରିଛନ୍ତି ବୋଲି ପିଉସୀ ନାନୀ ପଦ୍ମା ଜାନୀ ଓ ତାଙ୍କ ସ୍ୱାମୀ ଭରତ ଜାନୀ ବାଲ୍ୟବିବାହ ନିଷେଧ ଅଧିକାରୀଙ୍କ ନିକଟରେ ପ୍ରକାଶ କରିଥିଲେ । ବିବାହ ନକରିଲେ ମାମିନାକୁ ତାଙ୍କ ଘରେ ରଖିବେ ନାହିଁ ବୋଲି ବାଲ୍ୟବିବାହ ନିଷେଧ ଅଧିକାରୀଙ୍କୁ ରୋକଠୋକ ଭାବରେ ଶୁଣାଇଥିଲେ । ବାଲ୍ୟବିବାହ ନିଷେଧ ଅଧିକାରୀ ସଂଯୁକ୍ତ ରାଣୀ ବେହେରା ପିଉସୀ ନାନୀ ପଦ୍ମା ଜାନୀ ଓ ତାଙ୍କ ସ୍ୱାମୀ ଭରତ ଜାନୀଙ୍କୁ ବୁଝାଶୁଝା କରିବା ବିଫଳ ହେବାପରେ ମାମିନା ଜାନୀଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ କମିଟି ନିକଟରେ ଉପସ୍ଥିତ କରାଇଥିଲେ । ଶିଶୁ ମଙ୍ଗଳ କମିଟିଙ୍କ ନିର୍ଦ୍ଦେଶ କ୍ରମେ ମାମିନା ନବରଙ୍ଗପୁର ଶକ୍ତିସଦନରେ ରହିଲେ। ବାଲ୍ୟବିବାହ ନିଷେଧ ଅଧିକାରୀ ସଂଯୁକ୍ତ ରାଣୀ ବେହେରା ମାମିନା ଜାନୀଙ୍କ ବାଲ୍ୟ ବିବାହ ରୋକିବା ପରେ ତାଙ୍କର ଉଚ୍ଚ ଶିକ୍ଷା ନିମନ୍ତେ ଆକ୍ସନଏଡର ଜିଲ୍ଲା ସଂଯୋଜକଙ୍କ ସହିତ ଯୋଗାଯୋଗ କରିଥିଲେ। ଜିଲ୍ଲା ସଂଯୋଜକ ଏହି ବିଷୟରେ ଜାଣିବା ପରେ ଉମରକୋଟ ଯାନ୍ତ୍ରିକ ମହାବିଦ୍ୟାଳୟ ଅଧକ୍ଷଙ୍କ ସହିତ ମାମିନାଙ୍କର ପାଠପଢା ପାଇଁ ଯୋଗାଯୋଗ କରିଥିଲେ। ପରେ ପରେ ବାଲ୍ୟବିବାହ ନିଷେଧ ଅଧିକାରୀ ସଂଯୁକ୍ତ ରାଣୀ ବେହେରାଙ୍କ ସହଯୋଗରେ ମାମିନା ଜାନୀ ଯାନ୍ତ୍ରିକ ମହାବିଦ୍ୟାଳୟରେ ଅକ୍ଟୋବର ମାସ-୨୦୨୪ ରେ ନାମ ଲେଖାଇଥିଲେ । ତାଙ୍କୁ ଡ୍ରେସ ତିଆରି କରିବା ଟ୍ରେଡ ମିଳିଥିଲା । ସୁଦକ୍ଷା ଯୋଜନାରେ ମାମିନା ଜାନୀଙ୍କୁ ଯାନ୍ତ୍ରିକ ମହାବିଦ୍ୟାଳୟ ତରଫରୁ ସାମିଲି କରାଯିବା ସହିତ ତାଙ୍କୁ ମାଗଣାରେ ରହିବା ଖାଇବା, ନିଜ ପାଇଁ ଦୁଇଟି ଡ୍ରେସ ଓ ସିଲେଇ ଶିକ୍ଷା ସାମଗ୍ରୀ ଯୋଗାଇ ଦିଆଯାଇଥିଲା । ମାମିନା ଜାନୀ ବର୍ତ୍ତମାନ ଯାନ୍ତ୍ରିକ ମହାବିଦ୍ୟାଳୟରେ ଡ୍ରେସ ତିଆରି କରିବା ଟ୍ରେଡର ପ୍ରଥମ ବର୍ଷର ଛାତ୍ରୀ ଅଟନ୍ତି । ସେ ନିଜେ ପ୍ୟାଣ୍ଟ, ସାର୍ଟ, ବ୍ଲାଉଜ, ଫ୍ରକ, ପଟିଓ୍ୱାଲା,ମାକ୍ସ ଓ କୃତି ପାଇଁ କପଡା କାଟିବା ସହିତ ନିଜେ ସିଲେଇ କରି ପୋଷାକ ତିଆରି କରି ପାରୁଛନ୍ତି । ମାମିନା ଜାନୀ ଏହି ମର୍ମରେ କୁହନ୍ତି ମୋତେ ଆଗକୁ ବଢିବାର ରାସ୍ତା ଦେଖାଇଛି କୌଶଳ ଭିତିକ ଶିକ୍ଷା । ଭବିଷ୍ୟତରେ ମୁଁ ରୋଜଗାର କରି ମୋର ସାନ ଭାଇ ଭଉଣୀଙ୍କୁ ପାଠ ପଢାଇ ବଡ ମଣିଷ କରିବି । ଯାନ୍ତ୍ରିକ ମହାବିଦ୍ୟାଳୟରେ ପ୍ରଧାପକ ସଞ୍ଜୟ କୁମାର ଠାକୁର, ପ୍ରଶିକ୍ଷକ ସୌରଭ ମିଶ୍ର,ପି କେ ବରମନ ଓ ସଞ୍ଜୁକ୍ତା କୁମାରୀ ଡାକୁଆ ପ୍ରମୁଖ ମାମିନାକୁ ସହଯୋଗ କରିଥିଲେ।



କଟକ(ଭାସ୍କର ନ୍ୟୁଜ୍): ବୁଧବାର ସ୍ଥାନୀୟ ଚହଟେଶ୍ୱର ମନ୍ଦିର ପରିଚାଳନା କମିଟିର ଆମନ୍ତ୍ରଣ କ୍ରମେ ଓ କଟକ ଜିଲ୍ଲା ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ରାଉତଙ୍କର ନିର୍ଦ୍ଦେଶ କ୍ରମେ ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଭାରତ ସ୍କାଉଟ୍ସ ଓ ଗାଇଡ୍ସ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମନ୍ଦିର ପ୍ରାଙ୍ଗଣରେ ସେବା କାର୍ଯ୍ୟ କରାଯାଇଛି । ସେମାନେ ଭକ୍ତମାନଙ୍କୁ ମନ୍ଦିର ମଧ୍ୟକୁ ଧାଡ଼ିରେ ଛାଡ଼ିବା ସହ ମନ୍ଦିର ପରିସରକୁ ପରିଷ୍କାର କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନାରାୟଣ ପ୍ରସାଦ ଷଡଙ୍ଗୀ ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ସ୍କାଉଟ୍ସ ଓ ଗାଇଡ୍ସର ରାଜ୍ୟ କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ଭବାନୀ ପ୍ରସାଦ ମିଶ୍ର ଓ ମନ୍ଦିରର କର୍ମକର୍ତ୍ତାମାନେ ଛାତ୍ର ଛାତ୍ରୀମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ସ୍କାଉଟ୍ସ ମାଷ୍ଟର ଶ୍ରୀଯୁକ୍ତ ଅଜୟ କୁମାର ଜଟ, ନୀଳମଣି ବିଶ୍ୱାଳ ଓ ଗାଇଡ୍ସ କ୍ୟାପଟେନ୍ ସ୍ନେହଲତା ବେହେରା ଓ କିରଣବାଳା ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଶ୍ରୀଲିଙ୍ଗରାଜ ମନ୍ଦିରରେ ମହାଶିବରାତ୍ରୀ

# ଶିବମନ୍ତ୍ର ଧ୍ୱନୀରେ କମ୍ପିଲା ଏକାମ୍ରକ୍ଷେତ୍ର





### ଲକ୍ଷାଧିକ ଭକ୍ତଙ୍କ ସମାଗମ

### ସୁରକ୍ଷା ବ୍ୟବସ୍ଥା କଡ଼ାକଡି



ମହାଶିବରାତ୍ରୀରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

**ରାଜାଧିପତି ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ମହାଶିବରାତ୍ରି ଧୁମ୍‌ଧାମ୍‌ରେ ସମ୍ପର୍ଣ୍ଣ ହୋଇଛି । ଏହି ମହାର୍ଘ ମୁହୂର୍ତ୍ତକୁ ଭକ୍ତମାନେ ଚାତକ ପରି ଚାହିଁ ରହିଥିଲେ । ଶେଷରେ ସବୁ ପ୍ରତୀକ୍ଷାର ଅନ୍ତ ଘଟିଥିବା ବେଳେ ମହାଦୀପ ରାତ୍ର ୧୦ଟା ୪୦ମି. ସମୟରେ ଉଠିଥିଲା । ଏହି ସମୟରେ ସମବେତ ଭକ୍ତମାନେ ଶିବମନ୍ତ୍ର ଧ୍ୱନିରେ ଏକାମ୍ରକ୍ଷେତ୍ରକୁ ପ୍ରକମ୍ପିତ କରିଥିଲେ । ଏକାମ୍ର କ୍ଷେତ୍ରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ବେଳେ ଭକ୍ତମାନେ ନିଜର ମନସ୍କାମନା ପୂରଣ କରିବା ନିମନ୍ତେ ଉଜାଗର ରହି ରାତ୍ର ତମାମ ଦୀପ ଜାଳିଥିଲେ । ଯେତେବେଳେ ରାଜାଧିପତି ପ୍ରଭୁ ଲିଙ୍ଗରାଜଙ୍କର ମହାଦୀପ ଉଠିଥିଲା ସେହି ସମୟରେ ମନ୍ଦିର ଚତୁଃପାର୍ଶ୍ୱରେ ଆତସବାଜିର ରଙ୍ଗବେରଙ୍ଗର ଦୃଶ୍ୟ ମଧ୍ୟ ଭକ୍ତଙ୍କ ମନରେ ଅସୁମାରୀ ଆନନ୍ଦ ଖେଳିଯାଇଥିଲା ।**

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଓମ୍ ନମଃ ଶିବାୟ ମନ୍ତ୍ରରେ କମ୍ପିଲା ଏକାମ୍ରକ୍ଷେତ୍ର । ଲକ୍ଷାଧିକ ଭକ୍ତଙ୍କ ତୁଣ୍ଡରୁ ଶୁଭୁଥିଲା ଏକ ଲୟରେ ଓଁ ନମଃ ଶିବାୟ ମନ୍ତ୍ର ଧ୍ୱନି । ଶିବ ନାମ ଜପଜପ କରିକରି ରାତ୍ର ବିତାଇ ଦେଇଥିଲେ ଉଜାଗର ରହିଥିବା ଜାଗରବ୍ରତୀଧାରୀମାନେ । ଏହିଭଳି ଏକ ଭାବପୂର୍ଣ୍ଣ ଓ ଭକ୍ତିମୟ ପରିବେଶ ମଧ୍ୟରେ ସଂପନ୍ନ ହୋଇଥିଲା ମହାଶିବରାତ୍ରି । ରାଜାଧିପତି ପ୍ରଭୁ ଲିଙ୍ଗରାଜଙ୍କ ମହିମା ସ୍ୱତନ୍ତ୍ର ଓ ନିଆରା । ପୁରାଣରେ କୁହାଯାଇଛି ଯେ, ଯେତେବେଳେ ମହୋଦଧିରୁ ବିଷ ବାହାରୁଥିଲା ସେତେବେଳେ ଦେବତାଗଣ ଏହାକୁ ପାନ କରିବାକୁ ମଧ୍ୟ ଭୟ କରିଥିଲେ । କିନ୍ତୁ ଏହାକୁ ଦେବଦେବ ମହାଦେବ, ରାଜାଧିପତି ପ୍ରଭୁ ଶ୍ରୀଲିଙ୍ଗରାଜ ପାନ କରି ଜଗତକୁ ଉଦ୍ଧାର କରିଥିଲେ । ଏହିଭଳି ଭାବପୂର୍ଣ୍ଣ ଭକ୍ତିମୟ ଚେତନା ଆଜି ବି ଭକ୍ତଙ୍କ ମନରେ ଜାଗରଣ ସୃଷ୍ଟି କରିଥାଏ । ତେଣୁ ଦେବଦେବ ମହାଦେବଙ୍କ ଆଶୀର୍ବାଦ ପାଇଁ ସମସ୍ତ ବ୍ରତୀଧାରୀମାନେ ଆଗଭର ହୋଇଥାନ୍ତି । ମହାଦେବଙ୍କ ଅଲୌକିକ ଶକ୍ତି ଆଗରେ ସମସ୍ତେ ହାର ମାନିଥାନ୍ତି । ସେ ପ୍ରତ୍ୟକ୍ଷ ଓ ତାଙ୍କର ମହିମା ସ୍ୱତନ୍ତ୍ର ହୋଇଥିବା ବେଳେ ସମୁଦ୍ରରୁ ବିଷ ପାନ କରି ନୀଳକଣ୍ଠରେ ବିରାଜିତ ହୋଇଥିଲେ । ଶିବଙ୍କର ସହସ୍ର ନାମ ମଧ୍ୟ ରହିଥିବା ବେଳେ ନୀଳକଣ୍ଠର ଅର୍ଥ ବଡ ବ୍ୟାପକ ବୋଲି କଥାବସ୍ତୁରେ ରହିଛି । ଏହାକୁ ପାଥେୟ କରି ଆଜିର ଜଗତ ମହାଦେବଙ୍କୁ ସ୍ମରଣ କରିବା ସହ ତାଙ୍କର ଆଶୀର୍ବାଦ ପାଇବା ପାଇଁ ବ୍ୟାକୁଳ । ଏଥିପାଇଁ ମହାଶିବ ରାତ୍ରରେ ସମାଜର ପ୍ରତ୍ୟେକ ବର୍ଗର ବ୍ୟକ୍ତିବିଶେଷ ମହାଦେବଙ୍କର ଶରଣାପନ୍ନ ହୋଇଥାନ୍ତି । ତେଣୁ ଜଗତରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ସ୍ୱତନ୍ତ୍ର ରୀତିନୀତି ଅନୁଯାୟୀ ମହାଶିବରାତ୍ରକୁ ପାଳନ କରାଯାଇଥାଏ । ରାତ୍ର ୩ଟାରୁ ପହଡ ଖୋଲାଯାଇ ମଙ୍ଗଳା ଆରତୀ, ବେଶ, ମଇଲମ ଆଦି ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥାଏ । ସେହିଭଳି ରାତ୍ର ୧୦ଟା ୪୦ମି. ସମୟରେ ମହାପ୍ରଭୁ ଶ୍ରୀଲିଙ୍ଗରଙ୍କ ମହାଦୀପ ଉଠିଥିଲା । ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ କଡ଼ାକଡି କରାଯାଇଥିଲା । ୩୨ ପ୍ଲାଟୁନ୍ ପୋଲିସ ଫୋର୍ସ, ୧୦୦ରୁ ଉର୍ଦ୍ଧ୍ୱ ପୋଲିସ ଅଧିକାରୀ ଏହି କାର୍ଯ୍ୟରେ ନିୟୋଜିତ ରହିଥିଲେ । ସେହିପରି ଟ୍ରାଫିକ ନିୟନ୍ତ୍ରଣ ପାଇଁ ଟ୍ରାଫିକ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ମାଉଁସୀ ମା' ମନ୍ଦିର ପାଖରୁ ଚାରି ଚକିଆ ଯାନକୁ ବାରଣ କରାଯାଇଥିବା ବେଳେ ସ୍ୱତନ୍ତ୍ର ଭାବରେ ଲିଙ୍ଗରାଜ ମାର୍କେଟ କମ୍ପ୍ଲେକସ ନିକଟରେ ପାର୍କିଂ ବ୍ୟବସ୍ଥା କରାଯାଇଥିଲା । ଏହିପରି ଭାବେ ଟ୍ୱିନ୍‌ସିଟିର ବିଭିନ୍ନ ଶୈବପୀଠରେ ଧୂମ୍‌ଧାମ୍‌ରେ ମହାଶିବରାତ୍ରୀ ପାଳିତ ହୋଇଥିଲା । କଟକର ପ୍ରସିଦ୍ଧ ବାବା ଶ୍ରୀଶ୍ରୀ ଧବଳେଶ୍ୱରଙ୍କ ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ସମସ୍ତେ ଦୀପ ଜାଳି ବାବା ଧବଳେଶ୍ୱରଙ୍କୁ ଆରାଧନା କରିଥିଲେ ।

### ୪୦ମିନିଟ୍ ବିଳମ୍ବରେ ଉଠିଲା ମହାଦୀପ

ଶ୍ରୀଲିଙ୍ଗରାଜ ପ୍ରଶାସନ କମିଟି ପକ୍ଷରୁ ନୀତି ନିର୍ଘଣ୍ଟ ଅନୁଯାୟୀ ରାତ୍ର ୧୦ଟାରେ ମହାଦୀପ ଉଠିବ ବୋଲି ସ୍ଥିର ହୋଇଥିଲା । ତେବେ ରୀତିନୀତି ବିଳମ୍ବ ଘଟିବାରୁ ୪୦ମିନିଟ ବିଳମ୍ବରେ ଅର୍ଥାତ୍ ରାତ୍ର ୧୦ଟା ୪୦ମି. ରେ ମହାଦୀପ ଉଠିଥିଲା । ବିଳମ୍ବ ହେଲେ ସୁଦ୍ଧା ଲକ୍ଷାଧିକ ଶ୍ରଦ୍ଧାଳୁ ଏହା ମହାର୍ଘ ମୁହୂର୍ତ୍ତକୁ ଦର୍ଶନ କରିବା ପାଇଁ ଚାତକ ପରି ଚାହିଁ ରହିଥିଲେ ।

### ମହାଦୀପ ଉଠିବା ବେଳେ ଅଘଟଣ

ମହାଦୀପ ଉଠିବାରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କର ନୀତିକାନ୍ତି ବିଳମ୍ବ ହୋଇଥିଲା । ୪୦ମି. ବିଳମ୍ବରେ ଏହି କାର୍ଯ୍ୟ ହୋଇଥିବା ବେଳେ ହଠାତ୍ ଏକ ଅଘଟଣ ଘଟିଥିଲା । ଜଣେ ସେବାୟତ ମନ୍ଦିର ଉପରୁକୁ ଚଢୁଥିବା ବେଳେ ହଠାତ୍ ତଳକୁ ଖସି ପଡ଼ିଥିଲେ । ତେବେ ସେବାୟତ ଜଣଙ୍କ ଆହତ ହୋଇଥିବା ସୂଚନା ମିଳିଛି । ତାଙ୍କ ଶରୀରରେ କ୍ଷେତ ଚିହ୍ନ ଲାଗିଥିବା ମଧ୍ୟ କୁହାଯାଇଛି । ଉକ୍ତ ସେବାୟତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

### ଏକାମ୍ର ସାଂସ୍କୃତିକ ପ୍ରକାଶନୀର ଜାତୀୟସ୍ତରୀୟ ଭଜନ ସମାରୋହ

## ଖ୍ୟାତନାମା କଣ୍ଠଶିଳ୍ପୀଙ୍କ ସଂଗୀତରେ ଝୁମିଲେ ଦର୍ଶକ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନି ପକ୍ଷରୁ ଏକ ଜାତୀୟସ୍ତରୀୟ ଭଜନ ସମାରୋହ ଆୟୋଜିତ ହୋଇଥିଲା । ଏଥିରେ ମୁମ୍ବାଇ, କୋଲକାତା, ଲକ୍ଷ୍ନୌ ଭଳି ସହରରୁ ୨୫ଜଣ ଖ୍ୟାତନାମା କଣ୍ଠଶିଳ୍ପୀ ଯୋଗଦେଇ ଭଜନ ପରିବେଷଣ କରିଥିଲେ । ମୁମ୍ବାଇର ଖ୍ୟାତନାମା କଣ୍ଠଶିଳ୍ପୀ ଉଷା ଉଥୁପ, ଅନୁରାଧା ପଡୁୱାଲ, ଅଭିଶେକ ଘୋଷଲାଙ୍କ ପରି କଣ୍ଠଶିଳ୍ପୀ କଣ୍ଠଦାନ କରିଥିଲେ । ଏହାକୁ ଉପସ୍ଥିତ ଦର୍ଶକ ସଂଗୀତର ତାଳେତାଳେ ଝୁମି ଥିବା ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟକ୍ରମକୁ ଏକାମ୍ର ସାଂସ୍କୃତିକ ପ୍ରକାଶନିର ସଭାପତି ସୁରେଶ କୁମାର ରାଉତରାୟ, ଯୁଗ୍ମ ସଂପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସାଧାରଣ ସଂପାଦକ ସନତ ମିଶ୍ର ପରିଚାଳନା କରିଥିଲେ ।



### ବାବା ଆଖଣ୍ଡଳମଣି ମନ୍ଦିରରେ ମହାଶିବରାତ୍ରୀ

ଚକେଇସିହାଣୀରେ ଅବସ୍ଥିତ ବାବା ଆଖଣ୍ଡଳମଣି ମନ୍ଦିରରେ ଧୁମ୍‌ଧାମ୍‌ରେ ମହାଶିବରାତ୍ରି ପାଳିତ ହୋଇଯାଇଛି । ଏଠାରେ ୧୦୦ବର୍ଷରୁ ଉର୍ଦ୍ଧ୍ୱ ହେବ ମହାଶିବରାତ୍ରି ଆୟୋଜନ ହୋଇ ଆସୁଛି । ଚଳିତବର୍ଷ ଚାକଚକ୍ୟ ପରିବେଶ ମଧ୍ୟରେ ବାବା ଆଖଣ୍ଡଳମଣୀ ମନ୍ଦିରରେ ଶିବରାତ୍ରି ପାଳନ ହୋଇଥିବା ବେଳେ ଭଜନ ସମାରୋହଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାରେ ସଂପନ୍ନ ହୋଇଥିଲା । ଏହି ସମସ୍ତ କାର୍ଯ୍ୟକୁ ବାବା ଆଖଣ୍ଡଳମଣୀ ଟ୍ରଷ୍ଟର ସଭାପତି ସନ୍ତୋଷ ଦାସ, ସଂପାଦକ ସଞ୍ଜୟ ଦାସ, ଉପସଭାପତି ରଂଜିତ ରାଉତ, କର୍ତ୍ତା ଅମୂଲ୍ୟ ଦାସ ଓ ଚକେଇସିହାଣୀ ଗ୍ରାମ୍ୟ ଉନ୍ନୟନ କମିଟିର ସଦସ୍ୟମାନେ ପରିଚାଳନା କରିଥିଲେ ।

## ମହାଶିବରାତ୍ରୀରେ ଅମୃତ ଜଳ ବିତରଣ କଲେ ସୁନୀତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମହାକୁମ୍ଭମେଳାର ସଙ୍ଗମଠାରୁ ସଂଗୃହୀତ ଅମୃତ ଜଳ ଆଜି ମହାଶିବରାତ୍ରୀ ଦିନ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଉତ୍ତର ଦ୍ୱାର ତଥା ସମ୍ମୁଖ ପାଖରେ ଜନସାଧାରଣଙ୍କୁ ବିତରଣ କରାଯାଇଥିଲା । ୩୦ ମିଲିଗ୍ରାମ ଜଳ ବୋତଲ ପ୍ରାୟତଃ ୨୦ହଜାର ବିତରଣ କରାଯାଇଥିଲା । ଏହି ସଙ୍ଗମ ଜଳକୁ ବିତରଣ କରିଥିଲେ ଡଃ ସୁନୀତି ମୁଣ୍ଡ । ଯିଏକି ନିରନ୍ତର ସମାଜ କଲ୍ୟାଣ କାମରେ ନିଜକୁ ନିୟୋଜିତ କରିଆସୁଛନ୍ତି । ଡକ୍ଟର ମୁଣ୍ଡ ନିକଟରେ ମହାପ୍ରୟାଗଠାରେ କଳ୍ପବାସ କରି ଫେରିଛନ୍ତି । ଏତତ୍ ଦ୍ୱାରା ଡାକ୍ତର ମୁଣ୍ଡ ଜନସାଧାରଣଙ୍କୁ ଗଙ୍ଗା ନଦୀରୁ ଭକ୍ତି, ଯମୁନାରୁ କର୍ମ ଏବଂ ସରସ୍ୱତୀରୁ ଜ୍ଞାନର ସଙ୍ଗମ ସ୍ନାନ କରିବାକୁ ଅନୁରୋଧ କରିଛନ୍ତି । କୋଟି କୋଟି ଲୋକଙ୍କର ଆସ୍ଥା ଏବଂ ବିଶ୍ୱାସର ସଂଗମସ୍ଥଳରୁ ଅନେକ ଅନୁଭୂତି ନେଇ ସେ ପୁନଃ ଜନସେବାରେ



ନିଜକୁ ନିୟୋଜିତ କରିଛନ୍ତି । ପ୍ରୟାଗରାଜକୁ ଯିବା ପୂର୍ବରୁ ସୁନୀତି ଭୁବନେଶ୍ୱରର ବିଭିନ୍ନ ୱାର୍ଡରୁ ଘର ଘର ବୁଲି ଘୃତ ସଂଗ୍ରହ କରିଥିଲେ ଯେଉଁ ଘୃତରେ ସେ ମାଆ ଗଙ୍ଗାଙ୍କ ଆଳତୀ କରିବା ସହିତ ମହାକୁମ୍ଭର ଯଜ୍ଞକୁଣ୍ଡରେ ଓଡ଼ିଶାବାସୀଙ୍କ ପାଇଁ ମଙ୍ଗଳ ମନାସୀ ଶାନ୍ତି ଯଜ୍ଞାହୁତି ଦେଇଥିବା ପ୍ରକାଶ କରିଛନ୍ତି ।

## ବିର୍ଲା ଗ୍ଲୋବାଲ ୟୁନିଭରସିଟିର ବାର୍ଷିକ ଉତ୍ସବ 'ସ୍ୱେକ୍ସା-୨୦୨୫'





ଭୁବନେଶ୍ୱର : ବିର୍ଲ୍ଲା ଗ୍ଲୋବାଲ ୟୁନିଭର୍ସିଟି, ଭୁବନେଶ୍ୱରର ବାର୍ଷିକ ସାଂସ୍କୃତିକ ଉତ୍ସବ ସ୍ୱେକ୍ସା-୨୦୨୫ ପ୍ରସିଦ୍ଧ ଗାୟକ ଅର୍ଜୁନ କାନୁନ୍‌ଗୋଙ୍କ ଦ୍ୱାରା ପରିବେଷିତ ମନୋରମ ସଂଗୀତ ସହିତ ଉଦ୍‌ଯାପିତ ହୋଇଯାଇଛି । ପ୍ରତିଭା, ସଂସ୍କୃତି ଓ ମନୋରଞ୍ଜନରେ ଭରପୁର ଏହି କାର୍ଯ୍ୟକ୍ରମ ଅତ୍ୟନ୍ତ ଆକର୍ଷଣୀୟ ହୋଇଥିଲା । ଏହି ଉତ୍ସବରେ ନୃତ୍ୟ, ସଂଗୀତ ଓ ଆକର୍ଷଣୀୟ କର୍ମଶାଳା ଆଦି ପ୍ରଦର୍ଶିତ ହୋଇଥିଲା । ଅର୍ଜୁନ କାନୁନ୍‌କୋ ଏବଂ ଡିଜେ ପେରିସାଙ୍କ ପ୍ରଦର୍ଶନ ଏବଂ ଉପସ୍ଥିତି ସମସ୍ତଙ୍କୁ ମୋହିତ କରିଥିଲା । ସ୍ୱେକ୍ସା-୨୦୨୫ ଛାତ୍ରଛାତ୍ରୀମାନଙ୍କର ପ୍ରତିଭା ପ୍ରଦର୍ଶନ କରିବାର ଏକ ଉତ୍ତମ ମାଧ୍ୟମ ଅଟେ । ବିର୍ଲ୍ଲା ଗ୍ଲୋବାଲ ୟୁନିଭର୍ସିଟିର ବାର୍ଷିକ କ୍ରୀଡା ଉତ୍ସବ 'ଆଟୋସ୍' ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା କଲେଜଗୁଡିକ ମଧ୍ୟରେ ତିନି ଦିନ ଧରି ଅନୁଷ୍ଠିତ ହୋଇଥିଲା । ବାସକେଟ୍ ବଲ୍, କ୍ରିକେଟ, ଫୁଟବଲ, ଭଲିବଲ ଏବଂ ବ୍ୟାଡ୍‌ମିଣ୍ଟନ ଆଦି ଖେଳରେ ଅଂଶଗ୍ରହଣ କରିବା ସହ ଅଂଶଗ୍ରହଣକାରୀ ଏହାର ଆନନ୍ଦ ଉଠାଇଥିଲେ । ଏହି କାର୍ଯ୍ୟକ୍ରମ କ୍ରୀଡା ଦକ୍ଷତାର ପ୍ରଦର୍ଶନ ସହ ସୁସ୍ଥ ପ୍ରତିଯୋଗିତାର ଭାବନାକୁ ମଧ୍ୟ ପ୍ରୋତ୍ସାହିତ କରିଥିଲା । ୟୋଲୋ ଫ୍ଲି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ସୃଜନଶୀଳତା ଓ ଉଦ୍ୟୋଗୀ ମନୋଭାବର ପ୍ରତିପ୍ରକାଶ ପ୍ରତିଫଳିତ ହୋଇଥିଲା । ଏହି ତିନିଦିନିଆ କାର୍ଯ୍ୟକ୍ରମରେ ବିଜିୟୁ କୂଳପତି କୁଳଭୂଷଣ ବାଲୁନି ଏବଂ ରେଜିଷ୍ଟ୍ରାର ବି.କେ ଦାସ ବିଜେତା ଓ କର୍ମକର୍ତ୍ତାଙ୍କୁ ସମ୍ମାନୀତ କରିଥିଲେ ।

## ପୁସ୍ତକ 'ଗୌତମ ବୁଦ୍ଧ' ଲୋକାର୍ପିତ

### 'ଓଡିଶାର ଇତିହାସ ସମ୍ପର୍କରେ ବ୍ୟାପକ ଗବେଷଣା ଆବଶ୍ୟକ'



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଶିଷ୍ଟ ଐତିହାସିକ, ଗବେଷକ ଡ଼ଃ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ଓ ଡ଼ଃ ଅଜିତ କୁମାର ତ୍ରିପାଠୀଙ୍କ ଦ୍ୱାରା ଇଂରାଜୀ ଭାଷାରେ ଲିଖିତ 'ଗୌତମ ବୁଦ୍ଧ' ପୁସ୍ତକ ସ୍ଥାନୀୟ ଶହୀଦ ନଗରସ୍ଥିତ ଜୟଦେବ କଂପ୍ଲେକ୍ସ ଠାରେ ଶୁଭ ଉନ୍ମୋଚନ ହୋଇଯାଇଛି । ଗୀତା ବେହେରାଙ୍କ ସଂଯୋଜନା ଓ ଶୁଭମ ଓଝାଙ୍କ ଗୌତମ ବୁଦ୍ଧଙ୍କ ଉପରେ ଆଧାରିତ ସାଂସ୍କୃତିକ ନୃତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ଼ଃ ଅଜିତ କୁମାର ତ୍ରିପାଠୀ, ବିଶିଷ୍ଟ ବକ୍ତା ଭାବେ ସଂସ୍କୃତି ପୁରୁଷ, ଡ଼ଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ କୁଳପତି ଡ଼ଃ ପ୍ରଫୁଲ୍ଲ କୁମାର ମିଶ୍ର, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଡ଼ ସୁନୀଲ କୁମାର ମିଶ୍ର, ପଣ୍ଡିତ ଗଦାଧର ମହାପାତ୍ର,ଉପସ୍ଥିତ ରହିବା ସହ ଗୌତମ ବୁଦ୍ଧଙ୍କ ଜୀବନ ଦର୍ଶନ ସାରା ବିଶ୍ୱକୁ ଆଲୋକିତ କରିବା ସହ ପଥ ପ୍ରଦର୍ଶନ କରିଛି ବୋଲି ମତରଖିଥିଲେ । ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥି ମତବ୍ୟକ୍ତ କରି କହିଥିଲେ ଯେ ଓଡିଶାର ଇତିହାସର ସଠିକ ଗବେଷଣା, ବିଶ୍ଳେଷଣ ସହ ପ୍ରାମାଣିକ ତଥ୍ୟ ଆକାରରେ ପ୍ରକାଶ ପାଇବା ଆବଶ୍ୟକ । ଆଜିର ଯୁବପିଢ଼ି ତଥା ସମଗ୍ର ଓଡ଼ିଆମାନେ ଓଡ଼ିଶାର ସ୍ୱାଭିମାନ, ସମ୍ମାନ, ଗବେଷଣା ପାଇଁ ଆଗେଇ ଆସିବା ଆବଶ୍ୟକ । ଏହା ସହିତ ଡ଼ଃ ତ୍ରିପାଠୀଙ୍କୁ ଜଣେ ମହାନ ସାରସ୍ୱତ ସାଧକ, ଗବେଷକ ବୋଲି କହିବା ସହିତ ଆଜିର ଗବେଷକ ମାନେ ତାଙ୍କ ପରି ବ୍ୟକ୍ତିତ୍ୱଙ୍କ ପଦାଙ୍କ ଅନୁସରଣ କରନ୍ତୁ ବୋଲି କହିଥିଲେ । ଡ଼ଃ ଜ୍ଞାନେନ୍ଦ୍ର ମତବ୍ୟକ୍ତ କରି କହିଥିଲେ ଯେ ଗୌତମ ବୁଦ୍ଧଙ୍କ ଅନୁଷ୍ଠାନ ସହ ୪୦ ବର୍ଷର ସମ୍ପର୍କ ଓ ଗୌତମ ବୁଦ୍ଧଙ୍କ ନୀତି, ବାଣୀ ପ୍ରଚାର, ପ୍ରସାର ସହ ସମାଜକୁ ଆଲୋକର ମାର୍ଗ ଦେଖାଇଛନ୍ତି ବୁଦ୍ଧ । ବୁଦ୍ଧଙ୍କ ସମ୍ପର୍କରେ କହିବା ବହୁତକଷ୍ଟ ସାଧ୍ୟ । ବିଭିନ୍ନ ପୁସ୍ତକରେ ବୁଦ୍ଧଙ୍କ ବିଷୟରେ ବହୁ ବିବାଦପୂର୍ଣ୍ଣ ତଥ୍ୟ ଅଛି । ତାହା କୌଣସି ଗୁଣରେ ପରିପ୍ରେକ୍ଷୀରେ ଗ୍ରହଣୀୟ ନୁହେଁ ବୋଲି ମତପ୍ରକାଶ ପାଇଥିଲା । କାର୍ଯ୍ୟକ୍ରମକୁ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ପୁସ୍ତକ ପ୍ରକାଶକ ଅମରେନ୍ଦ୍ର ମହାପାତ୍ର, ପଦ୍ମନାଭ ତ୍ରିପାଠୀ ପରିଚାଳନା କରିଥିଲେ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ କୃଷ୍ଣ କେଶବ ଆପଟ ।

## କଟକ ସଦର ଅଞ୍ଚଳରେ ବ୍ୟାପକ ଚୋରା ବାଲି ଚାଲାଣ: କଂଗ୍ରେସର ଆନ୍ଦୋଳନ ଧମକ

କଟକ(ଭାସ୍କର ନ୍ୟୁଜ୍): ଶକ୍ତି ନଗର କଂଗ୍ରେସ କାର୍ଯ୍ୟାଳୟରେ କଂଗ୍ରେସ ନେତା ତଥା କଟକ ସଦର ନିର୍ବାଚନ ମଣ୍ଡଳୀ କଂଗ୍ରେସର ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ଗୋଚ୍ଛାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଟକ ସଦର ଅଞ୍ଚଳରେ ହେଉଥିବା ବ୍ୟାପକ ଚୋରା ବାଲି ଚାଲାଣ ଘଟଣାକୁ ଦୃଢ ନିନ୍ଦା କରାଯାଇଛି । ବୈଠକରେ ଦର୍ଶାଯାଇଛି ଯେ କଟକ ଜିଲ୍ଲା ଦେଇ ପ୍ରବାହିତ ହେଉଥିବା ବିଭିନ୍ନ ନଦୀ ଶଯ୍ୟାରୁ ସରକାର ବାଲିଘାଟ ନିଲାମ ଦେଇ କିଛି ଅର୍ଥ ରାଜକୋଷକୁ ଆସେ । ଗତ କିଛି ମାସ ହେବା ଏହି ବାଲିଘାଟ ନିଲାମି ପ୍ରକ୍ରିୟାକୁ ସରକାର ତହସିଲ ବଦଳରେ ଖଣି ବିଭାଗକୁ ଦାୟୀତ୍ୱ ହସ୍ତାନ୍ତର କରିଛନ୍ତି । ଏବେ ବାଲି ଘାଟଗୁଡ଼ିକର ନିଲାମି ପ୍ରକ୍ରିୟା ବନ୍ଦ ରହିଥିବା ବେଳେ ବେଆଇନ ଭାବେ ପ୍ରତ୍ୟେକ ଦିନ ବିଭିନ୍ନ ନଦୀ ଶଯ୍ୟାରୁ ଦିନ ରାତି ବାଲି ମାଫିଆମାନେ ସରକାରୀ ବାବୁ ଓ କିଛି ରାଜନୈତିକ ପୃଷ୍ଠ ପୋଷକତାରେ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ କରୁଛନ୍ତି । ଫଳରେ ମାଫିଆ ମାନେ ମାଲେମାଲ ହେଉଥିବା ବେଳେ ଲୋକେ ଶୋଷିତ ହେଉଛନ୍ତି ଓ ସରକାର ଟିକସ ହରାଉଛନ୍ତି । ଲୋକେମାନେ ଏବେ ଟ୍ରିପ ବାଲି ପିଛା ୭୦୦/ଟଙ୍କା ପରିବର୍ତ୍ତେ ୧୫୦୦/ ଟଙ୍କା ଦେଇ କିଣିବାକୁ ବାଧ୍ୟ ହେଉଛନ୍ତି । ତେଣୁ ସରକାର ତୁରନ୍ତ ଚୋରା ବାଲି ଚାଲାଣକୁ ରୋକିବା ସହିତ ବାଲି ଘାଟ ଗୁଡ଼ିକୁ ନିଲାମ ଦେଇ ଟିକସ ଆଦାୟ କରିବାକୁ କଂଗ୍ରେସ ଦାବି କରିଛି । ନଚେତ୍ ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଶ୍ରୀ ଗୋଚ୍ଛାୟତ କହିଛନ୍ତି । ବୈଠକରେ ଜିଲ୍ଲା କଂଗ୍ରେସ୍‌ର ପ୍ରାକ୍ତନ ଉପସଭାପତି ଶିଶିର ରଥ, ମନୋଜ ବିଶ୍ୱାଳ ଓ ରାଜେଶ୍ ସ୍ୱାଇଁ, ପିସିସିର ପ୍ରାକ୍ତନ ସମ୍ପାଦକ ପ୍ରିୟଜିତ୍ ରାୟ କଟକ ନଗର(ଜିଲ୍ଲା)କଂଗ୍ରେସ ମୁଖ୍ୟ-ମୁଖପାତ୍ର ମାନସ ପରିଡ଼ା, ନଗର କଂଗ୍ରେସ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ, ଜିଲ୍ଲା କଂଗ୍ରେସ ସମ୍ପାଦକ ସଚ୍ଚିଦାନନ୍ଦ ରାଉତ ପ୍ରମୁଖ ଯୋଗଦେଇ ଥିଲେ ।

### ମହିଳାଙ୍କ ନିର୍ଯାତନା ବୃଦ୍ଧି ନେଇ ପିସିସି ସଭାପତି ଗଠନ କଲେ ତଥ୍ୟ ଅନୁଧାନ କମିଟି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଜେପି ଶାସନର ୮ ମାସ ମଧ୍ୟରେ ରାଜ୍ୟରେ ୧୬୦୦ ମହିଳାଙ୍କ ଉପରେ ଅତ୍ୟାଚାର ହୋଇଛି । ବର୍ତ୍ତମାନ ବି ମହିଳାଙ୍କ ଉପରେ ଅତ୍ୟାଚାର ବଢ଼ି ଚାଲିଛି । ଦେଖାଗଲେ ଦିନକୁ ପ୍ରାୟ ୭ ମହିଳା ଅତ୍ୟାଚାରର ଶିକାର ହେଉଛନ୍ତି । ଏହାଠୁ ବେଶୀ ହୃଦୟ ବିଦାରକ ଓ ଅସହ୍ୟ ବର୍ବୋରୋଚିତ କାମ ସ୍ୱାଧୀନ ଭାରତ ବର୍ଷରେ କଣ ହୋଇପାରେ । ରାଜ୍ୟରେ ମହିଳାଙ୍କ ସୁରକ୍ଷା ଚିନ୍ତାକରି ପ୍ରତ୍ୟେକ ଘଟଣାର ତଦନ୍ତ କରିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ପିସିସି ସଭାପତି ଭକ୍ତ ଚରଣ ଦାସ ତଥ୍ୟ ଅନୁଧାନ କମିଟି ଗଠନ କରିଛନ୍ତି । ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନ ଉକ୍ତ କମିଟିର ଅଧ୍ୟକ୍ଷ ଥିବା ବେଳେ ପୂର୍ବତନ ବିଧାୟକ ସୁଜିତ ପାଢ଼ୀ, ବିଧାୟକ ଶୋଫିଆ ଫିର୍ଦୋଷ, ବିଧାୟକ ସତ୍ୟଜିତ ଗମାଙ୍ଗ, ଏଆଇସିସି ମହିଳା କଂଗ୍ରେସ ସମ୍ପାଦିକା ସସ୍ମିତା ବେହେରା, କଂଗ୍ରେସ ନେତା ମାନସ ମଲ୍ଲିକ ଓ ଲିପିକା ମାଝୀ ପ୍ରମୁଖ ସଦସ୍ୟ ରହିଛନ୍ତି ।

## ସୁଭଦ୍ରା ଶକ୍ତି ମେଳାରେ ମହାଶିବରାତ୍ରୀ ସନ୍ଧ୍ୟା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଜନତା ମଇଦାନ ଠାରେ ଅନୁଷ୍ଠିତ ସୁଭଦ୍ରା ଶକ୍ତି ମେଳା ୨୦୨୫ ଦର୍ଶକଙ୍କ ପାଇଁ ଏକ ଆକର୍ଷଣର କେନ୍ଦ୍ର ହୋଇଥିବା ବେଳେ ହଜାର ହଜାର ପରିଦର୍ଶକ ବିଭିନ୍ନ ପ୍ରକାରର ସ୍ୱୟଂ ସହାୟକ ଗୋଷ୍ଠୀ ଉତ୍ପାଦ ଏବଂ ହସ୍ତଶିଳ୍ପ ପ୍ରଦର୍ଶନୀକୁ ପରିଦର୍ଶନ କରିଛନ୍ତି । ଫୁଡ୍ କୋର୍ଟ ଏକ ପ୍ରମୁଖ ଜନସମାଗମ କେନ୍ଦ୍ର ହୋଇ ରହିଛି, ଯେଉଁଠାରେ ମିଲେଟ୍ ଆଧାରିତ ବ୍ୟଞ୍ଜନ, ଜୈବିକ ଉତ୍ପାଦ, ଏବଂ ପାରମ୍ପରିକ ଓଡ଼ିଆ ଖାଦ୍ୟର ଚାହିଦା ଅଧିକ ରହିଛି । ମହାଶିବରାତ୍ରି ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ ସନ୍ଧ୍ୟା ଏକ ନୂତନ ଉଚ୍ଚତାରେ ପହଞ୍ଚିଥିଲା । ଦର୍ଶକମାନେ କଣ୍ଠଶିଳ୍ପୀ ବର୍ଣ୍ଣାଳୀ ହୋତାଙ୍କ ଚମତ୍କାର ପ୍ରଦର୍ଶନରେ ବିମୋହିତ ହୋଇଥିଲେ । ଏହି ଭବ୍ୟତାକୁ ଆହୁରି ବୃଦ୍ଧି କରିଥିଲା ଗୁରୁ ଗଙ୍ଗାଧର ଗୋଟିପୁଅ ଗୁରୁକୁଳ ଦ୍ୱାରା ପରିବେଷିତ ମନମୋହକ ଗୋଟିପୁଅ ନୃତ୍ୟ ଯାହା ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ମେଳାର ପଞ୍ଚମ ଦିନରେ ଭୂତପୂର୍ବ କେନ୍ଦ୍ରୀୟ ଜନଜାତି ବ୍ୟାପାର ଏବଂ ଜଳଶକ୍ତି କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମେଳା ଭ୍ରମଣ କରିବା ସହ ସେଠାରେ ଏସଏଚଜି ସଦସ୍ୟାଙ୍କ ସହ କଥାବାର୍ତ୍ତା କରି ସେମାନଙ୍କ ଉଦ୍ୟମୀ ମନୋଭାବକୁ ପ୍ରଶଂସା କରିଥିଲେ । ଏହି ପରିଦର୍ଶନ ଓଡିଶାର ସ୍ଥାନୀୟ ଶିଳ୍ପୀ ଏବଂ



ମହିଳା-ନେତୃତ୍ୱାଧୀନ ଉଦ୍ୟୋଗକୁ ସମର୍ଥନ ଦେବାରେ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଇଥଲା । ଉତ୍ସବର ଉତ୍ସାହ ଉଲ୍ଲାସ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ମେଳାରେ ପରିଦର୍ଶକଙ୍କ ସଂଖ୍ୟା ବଢ଼ି ଚାଲିଛି । ଏଥି ସହିତ ଆଜି ପର୍ଯ୍ୟନ୍ତ ସମୁଦାୟ କାରବାର ୧.୬୪ କୋଟିରେ ପହଞ୍ଚିଛି । ମହିଳା ଉଦ୍ୟୋଗୀ ଓ କ୍ରେତା ମାନଙ୍କ ଅଭୂତପୂର୍ବ ଉତ୍ସାହ ଓ କାରବାର ଓଡ଼ିଶାରେ ଏସଏଚଜି ମା' ମାନଙ୍କ ପାଇଁ ଏକ ବିଶାଳ ମଞ୍ଚ ଓ ବଜାର ସୁଯୋଗ ସୃଷ୍ଟି କରିଛି । ଆହୁରି ଚାରି ଦିନ ବାକି ଥିବା ବେଳେ ସୁଭଦ୍ରା ଶକ୍ତି ମେଳା ୨୦୨୫ ଆହୁରି ଅଧିକ ଆକର୍ଷଣ, ସାଂସ୍କୃତିକ ପ୍ରଦର୍ଶନ ଏବଂ ଏସଏଚଜି ସଦସ୍ୟାଙ୍କ ପାଇଁ ବ୍ୟବସାୟିକ ସୁଯୋଗ ପ୍ରଦାନ କରିବାର ପ୍ରତିଶ୍ରୁତି ଦେଉଛି ।

### ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

କଟକ(ଭାସ୍କର ନ୍ୟୁଜ୍): ଅଲିଶା ବଜାରସ୍ଥିତ ଓମ୍ ଶ୍ରୀ ବିନାୟକ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ସ୍ଥାନୀୟ ଟାଉନ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ପଙ୍କଜିନୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମକୁ ବିଦ୍ୟୁତ କୁମାରୀ ଲାଲା ଉଦ୍‌ଘାଟନ କରିଥିବା ବେଳେ କଟକ ମହାନଗର ନାଗରିକ ମହାସଭା ସଭାପତି ଡ଼ାକ୍ତର ରବିରଞ୍ଜନ ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ଏଲିନା ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ । ସମ୍ମାନୀତ ଅତିଥି ଅଧ୍ୟାପକ ଅଶୋକ କୁମାର ପଣ୍ଡା ଓ ମୁଖ୍ୟବକ୍ତା କିଶୋର ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

## ଷଷ୍ଠ ଓଡ଼ିଶା ଟ୍ରାଭେଲ ବଜାରରେ ବିଦେଶୀ ଟୁର ଅପରେଟରଙ୍କ ଭ୍ରମଣ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଷଷ୍ଠ ଓଡ଼ିଶା ଟ୍ରାଭେଲ ବଜାରରେ ବିଭିନ୍ନ ଦେଶରୁ ଭାଗ ନେଉଥିବା ବିଦେଶୀ ଟୁର୍ ଅପରେଟର (ଏଫ୍‌ଟିଓ)ଙ୍କ ପାଇଁ ଏକ ପରିଚିତ ଟୁର୍‌ର ଆୟୋଜନ କରାଯାଇଛି । ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ଐତିହାସିକ ସ୍ଥଳ ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ପ୍ରତ୍ୟକ୍ଷ ଅନୁଭୂତି ପ୍ରଦାନ କରିବା ସହ ଅନ୍ତର୍ଜାତୀୟ ପର୍ଯ୍ୟଟକଙ୍କ ପାଇଁ କଷ୍ଟମାଇଜ୍ଡ ଟ୍ରାଭେଲ ପ୍ୟାକେଜ୍ ପ୍ରସ୍ତୁତ କରିବା ପାଇଁ ଅପରେଟରମାନଙ୍କୁ ସକ୍ଷମ କରିବା ଏହି ଟୁରର ଲକ୍ଷ୍ୟ । ପ୍ରାଚୀନ ସ୍ତୁପ, ମଠ ଓ ଅବଶେଷ ପାଇଁ ଜଣାଶୁଣା ଓଡ଼ିଶାର ପ୍ରସିଦ୍ଧ ହୀରା ତ୍ରିକୋଣର ଅଂଶ ଲଳିତଗିରି ସମେତ ଅନେକ ପ୍ରମୁଖ ସ୍ଥାନ ପରିଦର୍ଶନ କରିଥିଲେ ଏଫ୍‌ଟିଓ, ଭିତରକନିକା ଜାତୀୟ ଉଦ୍ୟାନ, ଯେଉଁଠାରେ ସେମାନେ ମାଂଗ୍ରୋଭ୍ ନାଳ ଅନୁସନ୍ଧାନ କରିଥିଲେ, କୁମ୍ଭୀରଙ୍କୁ ଦେଖିଥିଲେ ଏବଂ କୁମ୍ଭୀର ପ୍ରଜନନ କେନ୍ଦ୍ର ପରିଦର୍ଶନ କରିଥିଲେ । ଏହି ଯାତ୍ରା ସୂଚୀରେ ଉଦୟଗିରି ଓ ଖଣ୍ଡଗିରି ଗୁମ୍ଫ ମଧ୍ୟ ସାମିଲ ଥିଲା । ଯେଉଁଥିରେ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ଉତ୍କୃଷ୍ଟ ଜୈନ ମୂର୍ତ୍ତି ପ୍ରଦର୍ଶିତ ହୋଇଥିଲା । ଓଡ଼ିଶାର ପାରମ୍ପରିକ ହସ୍ତଶିଳ୍ପ ଓ ଆଦିବାସୀ କଳାକୃତି ଉପରେ ଆଲୋକପାତ କରୁଥିବା କଳା ଭୂମି ହସ୍ତଶିଳ୍ପ ସଂଗ୍ରହାଳୟ ଏବଂ କୋଣାର୍କ ସୂର୍ଯ୍ୟ ମନ୍ଦିର, ୟୁନେସ୍କୋର ବିଶ୍ୱ ଐତିହ୍ୟ ସ୍ଥଳ, ଏହାର ସ୍ଥାପତ୍ୟ ପ୍ରତିଭା ପାଇଁ ପ୍ରସିଦ୍ଧ । ପ୍ରତିନିଧିମାନେ କୋଣାର୍କରେ ଲାଇଟ୍ ଆଣ୍ଡ ସାଉଣ୍ଡ ସୋ'ର ଅନୁଭବ କରିଥିଲେ । ଏହାବ୍ୟତୀତ ଏଫଟିଓମାନେ ପଟ୍ଟଚିତ୍ର ଏବଂ ଗୋଟିପୁଅ ନୃତ୍ୟ ପାଇଁ ଜଣାଶୁଣା ଐତିହ୍ୟ କାରିଗର ଗ୍ରାମ ରଘୁରାଜପୁରକୁ ଅନୁସନ୍ଧାନ କରିଥିଲେ, ମୁକ୍ତେଶ୍ୱର ଓ ରାଜାରାଣୀ ମନ୍ଦିର, ଯାହା ଓଡ଼ିଶାର ସ୍ୱତନ୍ତ୍ର ମନ୍ଦିର ସ୍ଥାପତ୍ୟର ପ୍ରତିନିଧିତ୍ୱ କରେ ଏବଂ ଧଉଳି ଶାନ୍ତି ପାଗୋଡା, ଯାହା ରାଜ୍ୟରେ ବୌଦ୍ଧ ଧର୍ମର ପ୍ରଭାବର ପ୍ରତୀକ । ଭାରତର ଏକ ଅଗ୍ରଣୀ ପର୍ଯ୍ୟଟନ ସ୍ଥଳୀରେ ପରିଣତ ହେବାର ଓଡ଼ିଶାର ଲକ୍ଷ୍ୟ ସହିତ ଓଡ଼ିଶା ଟ୍ରାଭେଲ ବଜାର ଅଂଶୀଦାରଙ୍କୁ ପର୍ଯ୍ୟଟନ ସୁଯୋଗର ସମ୍ପ୍ରସାରଣ ଉପରେ ଆଲୋଚନାରେ ସାମିଲ ହେବା ପାଇଁ ଏକ ଉତ୍କୃଷ୍ଟ ପ୍ଲାଟଫର୍ମ ପ୍ରଦାନ କରିଛି ।



"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ ।"
- ମହାତ୍ମା ଗାନ୍ଧୀ



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।"
-ସନ୍ଥକବି ଭୀମଭୋଇ



# ଭୂକମ୍ପରେ ଥରିଲା ଉପକୂଳ ଓଡ଼ିଶା
## ଭବିଷ୍ୟତ ପାଇଁ ବିପଦର ସଙ୍କେତ

ବନ୍ୟା, ବାତ୍ୟା, ମରୁଡ଼ି, ଅଂଶୁଘାତ, ବଜ୍ରପାତ ଭଳି ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଶାର ଚିର ସହଚର ହୋଇଥିବା ବେଳେ ବଡ଼ଧରଣର ଭୂମିକମ୍ପ ବିଭୀଷିକାକୁ ରାଜ୍ୟବାସୀ ନିକଟ ଅତୀତରେ କେବେ ବି ସାମ୍ନା କରିବାର ଦୃଷ୍ଟାନ୍ତ ମିଳେନାହିଁ। ଅବଶ୍ୟ ମଝିରେ ମଝିରେ ରାଜ୍ୟର କେଉଁଠି କେମିତି ମୃଦୁ ଭୂକମ୍ପର ଝଟ୍‌କା ଅନୁଭୂତ ହେବାର ଖବର ନଜରକୁ ଆସିଥାଏ, ଯଦ୍ୱାରା ସେଭଳି କୌଣସି କ୍ଷୟକ୍ଷତି ଘଟିନଥାଏ। ଆଜକୁ ପ୍ରାୟ ଏଗାର ବର୍ଷ ପୂର୍ବେ ୨୦୧୪ ମସିହା ମଇ ୨୧ ତାରିଖ ରାତି ୯ଟା ୫୦ମିନିଟ୍ ସମୟରେ ରାଜଧାନୀ ଭୁବନେଶ୍ୱର ସମେତ ଉପକୂଳ ଓଡ଼ିଶାରେ ଏକ ବଡ଼ ଭୂକମ୍ପ ଅନୁଭୂତ ହୋଇଥିଲା, ଯାହା ଉଣା ଅଧିକେ ସମସ୍ତେ ଅଙ୍ଗେ ନିଭାଇଥିଲେ। ରାଜ୍ୟର ବିସ୍ତୀର୍ଣ୍ଣ ଅଞ୍ଚଳ ଜୋର୍‌ରେ ଥରିବାକୁ ଆରମ୍ଭ କରିଥିଲା ଏବଂ ଲୋକେ ପ୍ରାଣ ବିକଳରେ ଘରୁ ବାହାରକୁ ଚାଲି ଆସିଥିଲେ। କେତେକ କୋଠାରେ ଫାଟ ସୃଷ୍ଟି ହୋଇଥିଲା। ସେହି ଭୂମିକମ୍ପର କେନ୍ଦ୍ର ବା ଉତ୍ପତ୍ତିସ୍ଥଳ କୋଣାର୍କ ଠାରୁ ୨୭୬ କିଲୋମିଟର ଦୂରବର୍ତ୍ତୀ ବଙ୍ଗୋପସାଗର ଭିତରେ ଥିଲା ଏବଂ ରିକ୍ଟର୍ ସ୍କେଲ୍‌ରେ ତାହାର ତୀବ୍ରତା ୬.୧ ଥିବାର ଭୂ-ବିଜ୍ଞାନୀମାନେ ଆକଳନ କରିଥିଲେ। ଠିକ୍ ଏଗାର ବର୍ଷ ପରେ ମଙ୍ଗଳବାର ସକାଳ ୬ଟା ୧୦ ମିନିଟ୍ ସମୟରେ ରାଜ୍ୟର ଉପକୂଳ ଅଞ୍ଚଳ ପୁଣି ଏକ ଭୂମିକମ୍ପର ଝଟ୍‌କାରେ ଥରି ଉଠିଛି। ପୁରୀ, ଭୁବନେଶ୍ୱର, ପାରାଦୀପ, ଜଗତସିଂପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର ଓ ବାରିପଦା ଆଦି ସହରର ଲୋକେ ଏହି ଭୂମିକମ୍ପକୁ ଅନୁଭବ କରିଥିବା ବେଳେ ସୁଦୂର କୋଲକାତା ପର୍ଯ୍ୟନ୍ତ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ତେବେ ୨୦୧୪ ମଇ ୨୧ର ଭୂମିକମ୍ପ ତୁଳନାରେ ମଙ୍ଗଳବାର କମ୍ପନର ତୀବ୍ରତା ସାମାନ୍ୟ କମ୍ ୫.୧ ରହିଥିଲା ଏବଂ ଖୁବ୍ ସକାଳେ ହୋଇଥିବାରୁ ଯେଉଁମାନେ ନିଦରୁ ଉଠିସାରିଥିଲେ, ସେହିମାନେ ହିଁ କେବଳ ଏହି ଝଟ୍‌କାକୁ ଅନୁଭବ କରିଥିଲେ। ସବୁଠାରୁ ବଡ଼କଥା ହେଉଛି ୨୦୧୪ ମସିହା ଭୂମିକମ୍ପ ଓ ମଙ୍ଗଳବାର ସକାଳ ଭୂମିକମ୍ପର ଉତ୍ପତ୍ତିସ୍ଥଳ ବଙ୍ଗୋପସାଗରର ପ୍ରାୟ ସମାନ ସ୍ଥାନରେ ହୋଇଥିବାରୁ ଭବିଷ୍ୟତ ପାଇଁ ଏହା ଏକ ବଡ଼ ବିପଦର ସଙ୍କେତ ଦେଉଛି। ମଙ୍ଗଳବାର ଭୂମିକମ୍ପର କେନ୍ଦ୍ର ପୁରୀ ଠାରୁ ୨୮୬ କିଲୋମିଟର ପୂର୍ବ, ଭୁବନେଶ୍ୱରରୁ ୨୯୭ କିଲୋମିଟର ପୂର୍ବ-ଦକ୍ଷିଣ ଏବଂ ବ୍ରହ୍ମପୁର ଠାରୁ ପୂର୍ବରେ ୩୯୪ କିଲୋମିଟର ଦୂରରେ ଥିଲା। ସମୁଦ୍ର ଭିତରେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରୁ ଦୁଇ ଦୁଇଥର ଭୂମିକମ୍ପର ଉତ୍ପତ୍ତି ହେବା ନେଇ ଭୂ-ବିଜ୍ଞାନୀମାନେ ଗବେଷଣା ଆରମ୍ଭ କରିଛନ୍ତି। ଏଯାବତ୍ ଯେତିକି ତଥ୍ୟ ହସ୍ତଗତ ହୋଇଛି, ସେଥିରୁ ଜଣାପଡୁଛି ଯେ ପୁରୀ ଠାରୁ ପ୍ରାୟ ୨୦୦ରୁ ୩୦୦ କିଲୋମିଟର୍ ଦୂରତା ଭିତରେ ସମୁଦ୍ର ତଳ ଭୂଖଣ୍ଡରେ ଏକ ଫାଟ ରହିଛି, ଯାହାକି ଭୂକମ୍ପର କାରଣ ହୋଇଥାଇପାରେ। ସମୁଦ୍ରର ଗୋଟିଏ ସ୍ଥାନରୁ ୧୦/୧୧ବର୍ଷ ପରେ ପୁଣି ଥରେ ଭୂକମ୍ପ କେନ୍ଦ୍ରୀଭୂତ ହେବା ନିଶ୍ଚିତ ଭାବରେ ଏକ ସତର୍କ ଘଣ୍ଟି ଏବଂ ଏହାକୁ ହାଲୁକା ଭାବରେ ବିଚାର କରିବା ଠିକ୍ ନୁହେଁ ବୋଲି ଖଡ଼ଗପୁର ଆଇଆଇଟିର ଭୂତତ୍ତ୍ୱ ବିଜ୍ଞାନୀ ମତ ରଖିଛନ୍ତି। ଓଡ଼ିଶା ସମେତ ଦେଶର ପୂର୍ବ ଉପକୂଳ ପାଇଁ ଏହାର ବିଶେଷ ଗୁରୁତ୍ୱ ରହିଛି। କୌଣସି ବଡ଼ଚାପ ଯୋଗୁଁ ବଙ୍ଗୋପସାଗର ତଳ ଭାଗରେ ଥିବା ଫାଟ ଧୀରେ ଧୀରେ ସକ୍ରିୟ ହେଉଛି। ଚାପ ବଢ଼ିବାରୁ ସେହି ଅଞ୍ଚଳରୁ ବାରମ୍ବାର ଭୂକମ୍ପ ଉତ୍ପନ୍ନ ହେଉଛି। ଭବିଷ୍ୟତରେ ଯଦି ଭୂମିକମ୍ପର ତୀବ୍ରତା ବୃଦ୍ଧି ପାଇବ, ତେବେ ଉପକୂଳ ଓଡ଼ିଶା ପାଇଁ ବିପଦ ବଢ଼ିବାର ଆଶଙ୍କା ରହିଛି। ଭୂମିକମ୍ପର କେନ୍ଦ୍ରସ୍ଥଳରୁ ଆମ ରାଜ୍ୟର ଅଧିକାଂଶ ବଡ଼ ବଡ଼ ସହରର ଦୂରତା ମାତ୍ର ୨୦୦ରୁ ୩୦୦ କିଲୋମିଟର ଭିତରେ ଥିବାରୁ ବଡ଼ ଭୂକମ୍ପରେ ବ୍ୟାପକ କ୍ଷୟକ୍ଷତି ଘଟିପାରେ ଏବଂ ସେଥିପାଇଁ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଦ୍ୱାରା ପ୍ରସ୍ତୁତ ମାନଚିତ୍ର ଅନୁଯାୟୀ ସମଗ୍ର ଉପକୂଳ ଓଡ଼ିଶା ଯେଉଁ ଭୂଖଣ୍ଡରେ ରହିଛି, ସେଠାରେ ୬.୧ ତୀବ୍ରତା ପର୍ଯ୍ୟନ୍ତ ଭୂକମ୍ପ ହୋଇପାରେ। ଆମେରିକାର ମିସିଗାନ୍ ଟେକ୍ ସଂସ୍ଥାର ଆକଳନ ଅନୁଯାୟୀ ଭୂକମ୍ପ ତୀବ୍ରତା ୬ରୁ ଅଧିକ ହେଲେ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହେବା ସୁନିଶ୍ଚିତ। ଭୂମିକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ରୋକିବା ମଣିଷ ବା ବିଜ୍ଞାନର ସାଧ ବାହାରେ, ଏଥିରେ ସନ୍ଦେହ ନାହିଁ। ମାତ୍ର ଏହାର ସମ୍ମୁଖୀନ ହେବା ପାଇଁ ସଡ଼କ ଓ କୋଠାବାଡ଼ି ନିର୍ମାଣ ଶୈଳୀରେ ପରିବର୍ତ୍ତନ କରିବାକୁ ପଡ଼ିବ।



# ହିନ୍ଦୁତ୍ୱ : ଇତିହାସ ଏବଂ ବର୍ତ୍ତମାନ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ଭାରତୀୟ ପରମ୍ପରା ଅନୁସାରେ ଧର୍ମ ଶବ୍ଦର ଅର୍ଥ ଯାହା ୟୁରୋପ ଏବଂ ମଧ୍ୟ ପ୍ରାଚ୍ୟରେ ସଂପୂର୍ଣ୍ଣ ଭିନ୍ନ। ହିନ୍ଦୁ ଧର୍ମ ଦାର୍ଶନିକ ଆଧାରଯୁକ୍ତ ଅଟେ, ଏହା ବ୍ୟକ୍ତି କେନ୍ଦ୍ରିକ ନୁହେଁ ବରଂ ଅନେକ ଉପାସନା ପଦ୍ଧତିରେ ସଙ୍ଗମ ଅଟେ। ହିନ୍ଦୁ ଧର୍ମରେ ଦେଶ-କାଳକୁ ନେଇ ସୁଧାର ମଧ୍ୟ ସମ୍ଭବ। ସନାତନ ପରମ୍ପରାରେ ଇଷ୍ଟଦେବଙ୍କ ନାମ ଅନୁସାରେ ୫ଟି ମୁଖ୍ୟ ଉପାସକ ସମୁଦାୟ ରହିଛି। ଏସବୁ ହେଉଛି ସୌର, ଶୈବ, ଶାକ୍ତ, ବୈଷ୍ଣବ ଏବଂ ଗାଣପତ୍ୟ। ଦକ୍ଷିଣ ଭାରତରେ ଏହି ୫ଟି ଉପାସକଙ୍କ ସହ ସ୍କନ୍ଦ ପୂଜକ ମଧ୍ୟ ଦେଖିବାକୁ ମିଳନ୍ତି। ପ୍ରାଚୀନ କାଳରେ ଏହି ଉପାସକ ସଂପ୍ରଦାୟ ମାନେ ପରସ୍ପରକୁ ବିରୋଧ କରୁଥିଲେ ଓ ସ୍ଥିତି ମଧ୍ୟ ଗମ୍ଭୀର ହେଉଥିଲା। କାଳାନ୍ତରରେ ଏସବୁ ଉପାସକ ସଂପ୍ରଦାୟ ବା ଗୋଷ୍ଠୀ ପରସ୍ପର ମଧ୍ୟରେ ବୁଝାମଣା କରି ବା ସାମଞ୍ଜସ୍ୟ ସ୍ଥାପନ କରିଥିଲେ ଓ ଉପାସନା ପଦ୍ଧତିରେ ପାର୍ଥକ୍ୟ ଥିଲେ ମଧ୍ୟ ପରସ୍ପରର ଇଷ୍ଟଦେବଙ୍କୁ ସମ୍ମାନ କରିବା ଆରମ୍ଭ କରିଥିଲେ। କପିଳ ମୁନୀ ପ୍ରଣୀତ ନୀରିଶ୍ୱରବାଦ ମଧ୍ୟ ସନାତନର ଅଂଶ ବିଶେଷ। ଜୈନଧର୍ମ ଓ ବୌଦ୍ଧ ଧର୍ମର ଅଭ୍ୟୁଦୟ ହେବା ପରେ ପୁଣି ସାମଞ୍ଜସ୍ୟର ଆବଶ୍ୟକତା ପଡିଲା ଏଣୁ ବୁଦ୍ଧଙ୍କୁ ଭଗବାନ ବିଷ୍ଣୁଙ୍କ ଅବତାର ବୋଲି ଗ୍ରହଣ କରାଗଲା। ଏପରିକି ତୀର୍ଥଙ୍କର ମହାବୀରଙ୍କୁ ମଧ୍ୟ ସମ୍ମାନ ପ୍ରଦର୍ଶନ କରାଗଲା। କିନ୍ତୁ ନୀରିଶ୍ୱରବାଦୀ ମାନେ ପ୍ରଭାବ ହୀନ ହୋଇପଡିଥିଲେ। ପରବର୍ତ୍ତୀ କାଳରେ ହିନ୍ଦୁମାନଙ୍କ ମଧ୍ୟରେ ସମନ୍ୱୟର ଅଭାବ ଏବଂ ଜାତିର ଭ୍ରାନ୍ତ ବ୍ୟାଖ୍ୟା କାରଣରୁ ବିଭାଜିତ ସମାଜର ଲାଭ ବିଦେଶୀ ଆକ୍ରମଣକାରୀ ମାନେ ଉଠାଇଥିଲେ। ଇସଲାମୀ ଏବଂ ଇସାଇ(ଖ୍ରୀଷ୍ଟ) ଧର୍ମାବଲମ୍ବୀ ସାମ୍ରାଜ୍ୟବାଦୀ ମାନଙ୍କର ସ୍ୱପ୍ନ ଥିଲା ଭାରତ ଉପରେ ଶାସନ କରିବା। ଏହି କାରଣରୁ ମୁସଲମାନ ମାନେ ଅନବରତ ଆକ୍ରମଣ କରି ଭାରତ ଉପରେ ସେମାନଙ୍କର ଅଧିକାର ସାବ୍ୟସ୍ତ କରିପାରିଥିଲେ। ନିଜର ଉଦ୍ଦେଶ୍ୟ ଚରିତାର୍ଥ କରିବା ପାଇଁ ସେମାନେ ହତ୍ୟା, ବଳାତ୍କାର, ଅପହରଣ ଏବଂ ବଳପୂର୍ବକ ଧର୍ମାନ୍ତରଣ ଆରମ୍ଭ କରିଦେଇଥିଲେ। ଅତ୍ୟାଚାରିତ ହିନ୍ଦୁସମାଜ ପରିସ୍ଥିତିକୁ ଦେଖି ବୁଝାମଣା କରିବା ପାଇଁ ବାଧ ହୋଇଥିଲେ। ଏଭଳି ସମୟରେ ବିଭ୍ରାନ୍ତ ହିନ୍ଦୁଙ୍କ ମଧ୍ୟରେ ଆତ୍ମଗୌରବ, ନୈତିକତା, ଆଦର୍ଶ ଏବଂ ପରାକ୍ରମକୁ ପ୍ରନଃଜୀବିତ କରିବା ପାଇଁ ଗୋସ୍ୱାମୀ ତୁଳସୀ ଦାସ ମର୍ଯ୍ୟାଦା ପୁରୁଷୋତ୍ତମ ରାମଙ୍କୁ ଆଦର୍ଶ ଜନନାୟକ ଭାବେ ଚିତ୍ରଣ କରି ରାମଚରିତ ମାନସ ରଚନା କରିଥିଲେ। ପରବର୍ତ୍ତୀ ସମୟରେ ହିନ୍ଦୁ ସଂଗଠିତ ହୋଇଥିଲେ। ଆକବରି ନିୟମ ମୋଗଲ ଶାସନକୁ କିଛି ବର୍ଷ ପର୍ଯ୍ୟନ୍ତ କାଏମ ରଖିଥିଲା। ହିନ୍ଦୁମାନଙ୍କ ମଧ୍ୟରେ କ୍ରମେ କ୍ରମେ ଭେଦଭାବ କମିବାରେ ଲାଗିଲା। ଏହାର ଏକ ଉଦାହରଣ ହେଉଛି ବଙ୍ଗଳା (ବର୍ତ୍ତମାନର ପଶ୍ଚିମବଙ୍ଗ)ର ଜନୈକ ଜମିଦାର ସର୍ବଧର୍ମ ସମନ୍ୱୟ ପାଇଁ ୧୬୧୦ରେ ପ୍ରଥମ କରି ଏକାସାଥିରେ ମା' ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀ, ଗଣପତି ତଥା କାର୍ତ୍ତିକେୟଙ୍କ ପ୍ରତିମୂର୍ତ୍ତୀ ସହ ସେମାନଙ୍କ ବାହନର ମୂର୍ତ୍ତୀ କରାଇ ମହିଷାସୁରମର୍ଦ୍ଦିନୀ ରୂପରେ ଦୁର୍ଗା ପୂଜାର ଆରମ୍ଭ କରିଥିଲେ। ସେହି ଦୁର୍ଗାପୂଜା ଲୋକପ୍ରିୟ ହୋଇଥିଲା ଓ କ୍ରମେ କ୍ରମେ ଏହି ପୂଜା ସାରା ଭାରତରେ ଏପରିକି ବିଦେଶରେ ମଧ୍ୟ ଲୋକପ୍ରିୟ ହେଲା।

ମୋଗଲ ଶାସକମାନେ ଦୁର୍ବଳ ହେବାରେ ଭାରତ ଉପରେ ୟୁରୋପୀୟ ଦେଶମାନଙ୍କର ଦୃଷ୍ଟି ପଡିଲା। ଆର୍ମେନିଆ, ହଲାଣ୍ଡ, ପର୍ତ୍ତୁଗାଲ, ଫ୍ରାନ୍ସ ତଥା ଇଂଲଣ୍ଡ ଭଳି ଦେଶମାନଙ୍କ ମଧ୍ୟରେ ଭାରତକୁ କବ୍‌ଜା କରିବା ପାଇଁ ପ୍ରତିଦ୍ୱନ୍ଦ୍ୱିତା ବଢି ଚାଲିଲା। କିନ୍ତୁ ବ୍ରିଟିଶ ଇଷ୍ଟଇଣ୍ଡିଆ କମ୍ପାନୀ ଏ ଦିଗରେ ସଫଳ ହୋଇଥିଲେ। ସେହି ସମୟରେ ଅନେକ ହିନ୍ଦୁ ବ୍ରିଟିଶମାନଙ୍କୁ ମୁସଲିମ ଶାସକଙ୍କ ଅପେକ୍ଷା ଉତ୍ତମ ବୋଲି ବିଚାର କରିଥିଲେ। ପଲାସି ଯୁଦ୍ଧରେ ମୀରଜାଫର ଧୋକା ଦେଇଥିଲେ। ଏପରିକି କେତେକ ହିନ୍ଦୁରାଜା ଓ ଜମିଦାର ଇଂରେଜଙ୍କର ସହାୟତା କରିଥିଲେ। ୧୭୬୫ରେ ଦିବାନୀ ମିଳିବା ପରେ ଇଂରେଜ ମାନେ ପୂର୍ବ ଭାରତରେ ସମସ୍ତ ଉଦ୍ୟୋଗ-ଧନ୍ଦାକୁ ନଷ୍ଟଭ୍ରଷ୍ଟ କରି ଦେଇଥିଲେ। ଅତ୍ୟଧିକ ଟିକସ ଆଦାୟ କାରଣରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା, ୧୭୭୧ରେ ଭୟଙ୍କର ମରୁଡି ପଡିଥିଲା ଓ ପାଖାପାଖି କୋଟିଏ ଲୋକଙ୍କର ମୃତ୍ୟୁ ହୋଇଥିଲା। ଏହି ସମୟରେ ହିନ୍ଦୁ ସନ୍ୟାସୀମାନେ ଭବାନୀ ଚରଣ ପାଠକଙ୍କ ନେତୃତ୍ୱରେ ଇଂରେଜ ମାନଙ୍କୁ ବିରୋଧ ଆରମ୍ଭ କରିଥିଲେ। ସେ ସମୟ ଭାରତ ପାଇଁ ଦୁର୍ଦ୍ଦିନ ଥିଲା। ମୁସଲମାନ ଏକପ୍ରକାର ପରାଜିତ ହୋଇଥିଲେ ଏବଂ ହିନ୍ଦୁମାନେ ଜାତିଆଣ ଭାବ ଓ ଅନେକ କୁରୀତିକୁ ନେଇ ବିବାଦ କରୁଥିଲେ। ଏଭଳି ପରିସ୍ଥିତିର ଲାଭ ଉଠାଇ ଇଂରେଜ ନିଜର ଶ୍ରେଷ୍ଠତା ସ୍ଥାପନ କରିବା ଆରମ୍ଭ କରିଦେଇଥିଲେ ଏବଂ ଧର୍ମାନ୍ତରଣକୁ ମଧ୍ୟ ପ୍ରୋତ୍ସାହିତ କରିଥିଲେ। ଏଭଳି ସମୟରେ ଜନ୍ମ ନେଇଥିଲେ ରାମ ମୋହନ ରାୟ। ସେ ସଂସ୍କୃତ, ଆରବି, ଫରାସୀ, ଗ୍ରୀକ୍, ଲାଟିନ୍ ଓ ଇଂରାଜୀ ଆଦି ଭାଷାରେ ପାରଙ୍ଗମ ଥିଲେ ଏବଂ ସବୁ ଭାଷାର ଧର୍ମଗ୍ରନ୍ଥକୁ ଅଧ୍ୟୟନ କରିଥିଲେ। ବାଲ୍ୟବିବାହ, ବହୁ-ବିବାହ ଏବଂ ସତୀଦାହ ଆଦି ପ୍ରଥାକୁ ବିରୋଧ କଲେ ଏବଂ ବ୍ରହ୍ମସମାଜର ସ୍ଥାପନା କରିଥିଲେ। ପ୍ରଗତିଶୀଳ ହିନ୍ଦୁମାନେ ତାଙ୍କୁ ମଧ୍ୟ ସମର୍ଥନ କରିଥିଲେ। ଶହାଆଲମଙ୍କ ପୁତ୍ର ଆକବର ଦ୍ୱିତୀୟ ତାଙ୍କୁ ରାଜା ଉପାଧି ଦେବା ସହ ଲଣ୍ଡନରେ ମୋଗଲ ସମ୍ରାଟଙ୍କ ପ୍ରତିନିଧି ଭାବେ ନିଯୁକ୍ତି ଦେଇଥିଲେ। ରାଜା ରାମମୋହନ ରାୟ ଇଂରେଜୀ ଶିକ୍ଷା ତଥା ନାରୀ ଶିକ୍ଷାକୁ ପ୍ରୋତ୍ସାହିତ କରିଥିଲେ। ୧୮୩୩ରେ ତାଙ୍କର ଦେହାନ୍ତ ହୋଇଥିଲା କିନ୍ତୁ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ଭଳି ଅନେକ ପ୍ରଗତିଶୀଳ ବ୍ୟକ୍ତି ତାଙ୍କ କାର୍ଯ୍ୟକୁ ସମ୍ଭାଳିଥିଲେ। ହିନ୍ଦୁ ଇଂରେଜୀ ଶିକ୍ଷାକୁ ଆପଣେଇ ନେଲେ। ଇଂରେଜଙ୍କୁ ବିରୋଧ ଜାରି ରହିଲା ଓ ୧୮୫୭ରେ ଏହା ରପ ନେଇଥିଲା। ଇଂରେଜଙ୍କ ବିରୁଦ୍ଧରେ ରାଣୀ ଲକ୍ଷ୍ମୀବାଇ, ନାନାସାହେବ, ତାନ୍ତିଆ ଟୋପି, କୁଅଁର ସିଂହ ଏବଂ ବେଗମ ହଜରତ ମହଲ ବିଦ୍ରୋହ କରିଥିଲେ। କିନ୍ତୁ ପଞ୍ଜାବ, କାଶ୍ମୀର, ହାଇଦ୍ରାବାଦ, ଟ୍ରାଭାଙ୍କୁର ଏବଂ ମହୀଶୂରର ଶାସକମାନେ ନୀରବ ରହିଥିଲେ ଅଥବା ଇଂରେଜଙ୍କ ସହାୟତା କରିଥିଲେ। ଏହି ଯୁଦ୍ଧରେ କେହି ନିଜକୁ ହିନ୍ଦୁ ବା ମୁସଲମାନ କହିନଥିଲେ ବରଂ ପରିଚୟଥିଲା ସ୍ୱତନ୍ତ୍ରତା ସେନାନୀ। ହିନ୍ଦୁ ବହୁ ସଂଖ୍ୟକ ଥିଲେ ମଧ୍ୟ ଉଭୟ ଧର୍ମର ସୈନିକମାନେ ଅନ୍ତିମ ମୋଗଲ ବାଦଶାହ ବାହାଦୁର ଶାହଜାଫରଙ୍କୁ ସେମାନଙ୍କ ନେତା ବୋଲି ମାନି ନେଇଥିଲେ। ଏହି ବିଦ୍ରୋହ ଯାହାକୁ ସିପାହି ବିଦ୍ରୋହ କୁହାଯାଇଥିଲା ତାହା ବିଫଳ ହୋଇଥିଲା। ଏହାପରେ ଇଂଲଣ୍ଡର ମହାରାଣୀ ଭିକ୍ଟୋରିଆ ଭାରତର ଶାସନ ଭାର ହାତକୁ ନେଲେ।

ହିନ୍ଦୁ ସମାଜକୁ ସୁଧାରିବାର ଉଦ୍ୟମ ଜାରି ରହିଥିଲା କିଁନ୍ତୁ କଟ୍ଟର ପନ୍ଥୀ ଇସଲାମ ସମାଜରେ ସୁଧାର ସମ୍ଭବ ହୋଇନଥିଲା। ଏହି ସମୟରେ ପଣ୍ଡିତ ଦୟାନନ୍ଦ ସରସ୍ୱତୀଙ୍କର ଆବିର୍ଭାବ ହୋଇଥିଲା। ଦୟାନନ୍ଦଙ୍କ ମତରେ ପୁରାଣ, ଉପନିଷଦ ଏପରିକି ବୌଦ୍ଧ, ଜୈନ, ଶିଖ, ଖ୍ରୀଷ୍ଟିଆନ, ଇସଲାମ ଭ୍ରାନ୍ତି ସୃଷ୍ଟି କରୁଛନ୍ତି। ସେ ସତ୍ୟାର୍ଥ ପ୍ରକାଶ ନାମକ ଏକ ପୁସ୍ତକ ରଚନା କରିଥିଲେ ଓ ୧୮୭୫ରେ ଆର୍ଯ୍ୟସମାଜର ସ୍ଥାପନା କରିଥିଲେ। ତାଙ୍କ ମତ ଓ କାର୍ଯ୍ୟକୁ ସବୁସ୍ତରରେ ବିରୋଧ କରାଯାଇଥିଲା ଓ ୧୮୮୩ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ଏକ ହତ୍ୟାକାଣ୍ଡ ବୋଲି ସେତେବେଳେ ଜଣାପଡିଥିଲା। ୧୮୭୮ରେ ମାଡ୍ରାସ ( ବର୍ତ୍ତମାନ ଚେନ୍ନାଇ)ରୁ 'ଦି ହିନ୍ଦୁ' ନାମକ ଏକ ସାପ୍ତାହିକ ପତ୍ରିକା ପ୍ରକାଶ ପାଇଥିଲା ଓ ୧୮୮୯ରେ ଏହା ଦୈନିକ ସମ୍ବାଦ ପତ୍ରରେ ପରିଣତ ହୋଇଥିଲା। ଏହି ପତ୍ରିକା ବ୍ରିଟିଶ ଶାସନ ବିରୋଧରେ ସ୍ୱର ଉଠାଉଥିଲା। ୧୮୮୨ରେ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ ୧୭୭୧ର ସନ୍ନ୍ୟାସୀ ମାନଙ୍କ ଆନ୍ଦୋଳନର ପୃଷ୍ଠଭୂମୀକୁ ନେଇ 'ଆନନ୍ଦମଠ' ଓ 'ଦେବୀ ଚୌଧୁରାଣୀ' ନାମରେ ଦୁଇଟି ଉପନ୍ୟାସ ରଚନା କରିଥିଲେ। ଦେଶକୁ ଭାରତମାତା ରୂପରେ ବନ୍ଦନା କରି 'ବନ୍ଦେମାତରମ୍' ଗୀତ ବ୍ରିଟିଶ ସରକାର ବିରୁଦ୍ଧରେ ଆନ୍ଦୋଳନର ସ୍ଲୋଗାନ ପାଲଟି ଯାଇଥିଲା। ବଙ୍କିମଚନ୍ଦ୍ରଙ୍କ ଶିଷ୍ୟ ଚନ୍ଦ୍ରନାଥ ବସୁ ୧୮୯୨ରେ 'ହିନ୍ଦୁତ୍ୱ- ହିନ୍ଦୁର ପ୍ରକୃତ ଇତିହାସ' ନାମକ ପୁସ୍ତକ ରଚନା କରିଥିଲେ ଏବଂ ପ୍ରଥମଥର ହିନ୍ଦୁତ୍ୱ ଶବ୍ଦର ପ୍ରୟୋଗ କରିଥିଲେ। ପରବର୍ତ୍ତୀ ସମୟରେ ସାବରକର ପ୍ରମୁଖ ଅନେକ ହିନ୍ଦୁତ୍ୱବାଦୀ ନେତା ହିନ୍ଦୁତ୍ୱ ଶବ୍ଦର ବ୍ୟବହାର କରିଥିଲେ। ୧୮୯୩ ସେପ୍ଟେମ୍ବର ୧୧ ତାରିଖ ଚିକାଗୋ ଠାରେ ଅନୁଷ୍ଠିତ ବିଶ୍ୱ ଧର୍ମ-ସଂସଦରେ ପହଞ୍ଚି ସ୍ୱାମୀ ବିବେକାନନ୍ଦ ଐତିହାସିକ ଭାଷଣ ଦେଇଥିଲେ ଓ ବିଶ୍ୱରେ ହିନ୍ଦୁତ୍ୱର ଜୟଘୋଷ କରିଥିଲେ। ବିବେକାନନ୍ଦ କହିଥିଲେ 'ମୁଁ ମୋର ଧର୍ମ ପାଇଁ ଗର୍ବ ଅନୁଭବ କରୁଛି ଏହି ଧର୍ମ ସାରା ବିଶ୍ୱକୁ ସହିଷ୍ଣୁତା ଏବଂ ବିଶ୍ୱବନ୍ଧୁତ୍ୱର ପାଠ ପଢ଼ାଉଛି।'

ହିନ୍ଦୁତ୍ୱ ଏବଂ ପନ୍ଥନିରପେକ୍ଷତା ଏକାକାର ହୋଇଯାଇଥିଲା। ସ୍ୱାମୀ ବିବେକାନନ୍ଦଙ୍କ ଭାଷଣ ହିନ୍ଦୁଙ୍କ ଆତ୍ମଗୌରବ ତଥା ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ପ୍ରେରଣା ଯୋଗାଇଥିଲା। ଭାରତ ଫେରି ସ୍ୱାମୀ ବିବେକାନନ୍ଦ ରାମକୃଷ୍ଣ ମିଶନର ସ୍ଥାପନା କରିଥିଲେ ଏବଂ ଲୋକଙ୍କ ସେବାରେ ଜୁଟିଯାଇଥିଲେ। ଏସବୁ ଘଟଣାର ପ୍ରଭାବ କାରଣରୁ ୧୯୦୨ରେ କ୍ରାନ୍ତିକାରୀ ସଂଗଠନ ଅନୁଶୀଳନ ସମିତିର ଗଠନ ହୋଇଥିଲା ଓ ଅରବିନ୍ଦ ଘୋଷ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ସାବରକର ୧୯୦୪ରେ ଅଭିନବ ଭାରତ ନାମକ କ୍ରାନ୍ତିକାରୀ ସଂଗଠନ ସ୍ଥାପନ କରିଥିଲେ ଓ ହିନ୍ଦୁତ୍ୱ ଶବ୍ଦକୁ ଅଧିକ ଲୋକପ୍ରିୟ କରାଇଥିଲେ। ଏନିବସାନ୍ତ ସେଣ୍ଟ୍ରାଲ ହିନ୍ଦୁ ସ୍କୁଲ ସ୍ଥାପନ କରିଥିବା ବେଳେ ମଦନ ମୋହନ ମାଲବ୍ୟ କାଶି ହିନ୍ଦୁ ବିଶ୍ୱବିଦ୍ୟାଳୟର ସ୍ଥାପନା କରିଥିଲେ। ଏକଥାକୁ ଦେଖି ସେତେବେଳେ କିଛି ମୁସଲମାନ କଂଗ୍ରେସକୁ ହିନ୍ଦୁଙ୍କ ଦଳ ବୋଲି ମଧ୍ୟ କହିଥିଲେ। ୧୯୨୦ରେ ସୈୟଦ ଅହମଦ ଅଲିଗଡ଼ରେ ଥିବା କଲେଜର ନାମ ପରିବର୍ତ୍ତନ କରି ଆଲିଗଡ଼ ମୁସଲିମ ବିଶ୍ୱ ବିଦ୍ୟାଳୟରେ ପରିବର୍ତ୍ତନ କରିଥିଲେ। ମହମ୍ମଦ ଅଲ୍ଲୀ ଜିନ୍ନା ଯିଏ ଏକଦା ହିନ୍ଦୁ- ମୁସଲିମ ଏକତାର ସମର୍ଥକ ଥିଲେ ଆଗାଖାଁ ଓ ଅନ୍ୟ କେତେକ ମୁସଲିମ ନେତାଙ୍କ ଅନୁରୋଧ କ୍ରମେ ମୁସଲମାନ ମାନଙ୍କ ନେତୃତ୍ୱ ନେଇଥିଲେ। ହିନ୍ଦୁ-ମୁସଲମାନଙ୍କ ମଧ୍ୟରେ ଦୂରତା ବଢିବାରେ ଲାଗିଲା। ଗାନ୍ଧୀ ଯେ ଏକଥା ଜାଣିପାରି ନଥିଲେ ତା' ନୁହେଁ। ସେଇଥିପାଇଁ ଗାନ୍ଧୀ ଖିଲାପତ ଆନ୍ଦୋଳନକୁ ସମର୍ଥନ କରିବାର ନିଷ୍ପତ୍ତି ନେଇଥିଲେ ଏବଂ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ତାଙ୍କ ଉଦ୍ଦେଶ୍ୟ ଥିଲା ଏହି ଆନ୍ଦୋଳନ ମାଧ୍ୟମରେ ହିନ୍ଦୁ-ମୁସଲିମଙ୍କ ମଧ୍ୟରେ ଥିବା ଦୂରତାକୁ ହ୍ରାସ କରିବା। କିନ୍ତୁ ଦକ୍ଷିଣ ଭାରତରେ ମୋପଲା-ବିଦ୍ରୋହ ହିନ୍ଦୁ-ମୁସଲିମ ଦୂରତାକୁ ଅଧିକ ବଢାଇ ଦେଇଥିଲା। କାରଣ ଏହି ମୋପଲା ବିଦ୍ରୋହ ବ୍ରିଟିଶ ଶାସକଙ୍କ ସହିତ ହିନ୍ଦୁ ଜମିଦାରଙ୍କ ବିରୋଧରେ ହୋଇଥିଲା।

କେଶବ ବଳିରାମ ହେଡ଼ଗେଓ୍ୱାର ଯିଏ ଅନୁଶୀଳନ କମିଟିର ସଦସ୍ୟଥିଲେ ସେ ସଶସ୍ତ୍ରକ୍ରାନ୍ତିର କଠିନତାକୁ ଦେଖି କମିଟିରୁ ଇସ୍ତଫା ଦେଇ କଂଗ୍ରେସର ସଦସ୍ୟ ହୋଇଥିଲେ। ୧୯୨୧ରେ ଆପତ୍ତିଜନକ ଭାଷଣ ପାଇଁ ତାଙ୍କୁ ଏକ ବର୍ଷ କାରାଦଣ୍ଡ ମିଳିଥିଲା। ମୋପଲା ବିଦ୍ରୋହ ଓ ଖିଲାପତ ଆନ୍ଦୋଳନର ବିଫଳତା ଯୋଗୁଁ ନିରାଶ ହୋଇ ସେ କଂଗ୍ରେସ ଛାଡି ୧୯୨୫ରେ ସେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଗଠନ କରିଥିଲେ। ଏହି ସଂଘ ହିନ୍ଦୁତ୍ୱର ବିକାଶ ପାଇଁ ଉଦ୍ଦିଷ୍ଟ ବୋଲି କୁହାଗଲେ ମଧ୍ୟ ସ୍ୱାଧୀନତା ଆନ୍ଦୋଳନରୁ ସଂଘ ନିଜକୁ ଦୂରେଇ ରଖିଥିଲା। ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ ହିନ୍ଦୁ ମହାସଭାର ସ୍ଥାପନା କରିଥିଲେ କିନ୍ତୁ କଂଗ୍ରେସକୁ ସମର୍ଥନ କରିନଥିଲେ। ୧୯୪୮ ମସିହାରେ ଅତିହିନ୍ଦୁବାଦୀ (ନାଥୁରାମ ଗଡ଼ସେ) ଦ୍ୱାରା ଗାନ୍ଧୀଙ୍କ ହତ୍ୟାରେ ବ୍ୟଥିତ ହୋଇ ଶ୍ୟାମାପ୍ରସାଦ ହିନ୍ଦୁ ମହାସଭାକୁ ଭାଙ୍ଗି ଜନସଂଘ ନାମକ ରାଜନୈତିକ ଦଳର ସ୍ଥାପନା କରିଥିଲେ ଯାହା ଏବେ ଭାରତୀୟ ଜନତା ପାର୍ଟି ଭାବେ ପରିଚିତ। ସ୍ୱାଧୀନ ଭାରତର ହିନ୍ଦୁତ୍ୱ ପୁନଃ ପ୍ରାସଙ୍ଗିକ ହୋଇଛି କିନ୍ତୁ ଏହାର ସମର୍ଥନ, ବିରୋଧ ଏବଂ ରୀତି ସମନ୍ୱୟ ପାଇଁ ନହୋଇ ଶାସନଗାଦି ପ୍ରାପ୍ତିର ସାଧନ ପାଲଟି ଯାଇଛି।

# ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତାର ଦୋଛକିରେ ନାରୀ ସଶକ୍ତିକରଣ



ଡା. ଅନ୍ତର୍ଜିତା ନାୟକ
ମୋ : ୬୩୭୦୯୦୫୯୪୭

ସଶକ୍ତିକରଣ ଦିଗରେ ଭାରତରେ ମହିଳାମାନଙ୍କର ଯାତ୍ରା ଅତି ସୁଗମ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବୋଲି କୁହାଯାଇ ନପାରେ। ଯଦିଓ ମହିଳାମାନେ ଶିକ୍ଷା, ନିଯୁକ୍ତି ଏବଂ ନେତୃତ୍ୱ ଭୂମିକାରେ ଉଲ୍ଲେଖନୀୟ ଅଗ୍ରଗତି କରୁଛନ୍ତି, ହେଲେ କେଉଁଠି ନା କେଉଁଠି ଗଭୀର ସାମାଜିକ ନିୟମ ସେମାନଙ୍କର ପୂର୍ଣ୍ଣ ଅଂଶଗ୍ରହଣ ପାଇଁ ପ୍ରତିବନ୍ଧକ ସାଜୁଛି। ସବୁଠାରୁ ଅଣଦେଖା ହୋଇଥିବା କିନ୍ତୁ ଗଭୀର ପ୍ରଭାବଶାଳୀ ପ୍ରତିବନ୍ଧକଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଋତୁସ୍ରାବ ସମ୍ବନ୍ଧୀୟ ସମସ୍ୟା। ପ୍ରଜନନ ଜୀବନ ଆରମ୍ଭର ସୂଚକ ତଥା ପୃଥିବୀକୁ ଏକ ନୂତନ ଜୀବନ ଆଣିବାର ଏକ ଶକ୍ତି ଓ ଏକ ପ୍ରାକୃତିକ ପ୍ରକ୍ରିୟା ହେବା ସତ୍ତ୍ୱେ, ଋତୁସ୍ରାବ ଏପର୍ଯ୍ୟନ୍ତ ଗୋପନୀୟତା ଆଚ୍ଛାଦିତ, ଲଜ୍ଜାବୃତ ଏବଂ ଏକ ନିଷିଦ୍ଧ ବିଷୟ ଭାବରେ ବିବେଚିତ। ଋତୁସ୍ରାବ ଜନିତ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ପ୍ରତ୍ୟେକ ମହିଳାଙ୍କ ଅଧିକାର। ଯଦିଓ, ଋତୁସ୍ରାବ ଏକ ପ୍ରାକୃତିକ ଶାରୀରିକ ପରିବର୍ତ୍ତନ ଓ ଜୀବନର ଏକ ସୁସ୍ଥ ଓ ସାଧାରଣ ପ୍ରକ୍ରିୟା, ତଥାପି ଭାରତର ଅନେକ ଝିଅ ଏବଂ ମହିଳାମାନେ ଋତୁସ୍ରାବ ପରିଚାଳନା କରିବା ପାଇଁ ଅତ୍ୟଧିକ ସଂଘର୍ଷ କରିଥାନ୍ତି। ଅଧିକାଂଶ ଭାରତୀୟ ମହିଳା, ବିଶେଷକରି ଅଳ୍ପ ଶିକ୍ଷିତା, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଓ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ମହିଳା, ଋତୁସ୍ରାବକୁ ଅଭିଶାପ ଓ ଅଶୁଦ୍ଧ ମାନିଥାନ୍ତି। ସାଂସ୍କୃତିକ ପ୍ରତିବନ୍ଧକ, ଅନ୍ଧବିଶ୍ୱାସ ଏବଂ ଋତୁସ୍ରାବ ଜନିତ କୁପ୍ରଥା, ମହିଳା ଏବଂ ବାଳିକାମାନଙ୍କ ପ୍ରତି ଭେଦଭାବକୁ ଆହୁରି ଘନୀଭୂତ କରିଥାଏ, ଯାହା ଜୀବନର ଏକାଧିକ କ୍ଷେତ୍ରରେ ସେମାନଙ୍କର ପ୍ରଗତିକୁ ବାଧା ଦେଇଥାଏ। ଆଶ୍ଚର୍ଯ୍ୟଜନକ ଭାବରେ, ମାନବ ସଭ୍ୟତାରେ ଋତୁସ୍ରାବର ଏକ ମୌଳିକ ଗୁରୁତ୍ୱ ସତ୍ତ୍ୱେ, ମହିଳାମାନେ ନିରାପଦ ଉତ୍ପାଦ, ସ୍ୱଚ୍ଛ ପରିମଳ ସୁବିଧା ଏବଂ ଉପଯୁକ୍ତ ସ୍ୱାସ୍ଥ୍ୟସେବା ସମେତ ସୁସ୍ଥ ମାସିକ ଧର୍ମ ଅଧିକାରରୁ ବଞ୍ଚିତ। ଏହି ବ୍ୟବସ୍ଥିତ ଅବହେଳା କେବଳ ସେମାନଙ୍କର ଶାରୀରିକ ଏବଂ ମାନସିକ ସୁସ୍ଥତାକୁ ପ୍ରଭାବିତ କରେ ନାହିଁ, ବରଂ ସେମାନଙ୍କର ମର୍ଯ୍ୟାଦା ଏବଂ ମାନବିକ ଅଧିକାରକୁ ମଧ୍ୟ ଉଲ୍ଲଂଘନ କରେ, ଯାହା ସେମାନଙ୍କର ସଶକ୍ତିକରଣ ଏବଂ ସାମାଜିକ ତଥା ଅର୍ଥନୈତିକ ବିକାଶରେ ଅଂଶଗ୍ରହଣକୁ ଗୁରୁତର ଭାବରେ ପ୍ରଭାବିତ କରେ। ସୀମିତ ଶିକ୍ଷାଗତ ଏବଂ ବୃତ୍ତିଗତ ସୁଯୋଗ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ବିପଦ ପର୍ଯ୍ୟନ୍ତ, ଋତୁସ୍ରାବ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇ ରହିଛି, ଯାହା ମହିଳା ସଶକ୍ତିକରଣରେ ବାଧା ସୃଷ୍ଟି କରୁଛି । ଏହି ଆହ୍ୱାନର ମୁକାବିଲା କରିବା କେବଳ ଋତୁସ୍ରାବ ଜନିତ ସମସ୍ୟାର ସମାଧାନ ଆଣିବାର ବିଷୟ ନୁହେଁ, ବରଂ ଲିଙ୍ଗଗତ ସମାନତା ହାସଲ କରିବା ଏବଂ ଏକ ଅଧିକ ସମାବେଶୀ ସମାଜକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମଧ୍ୟ । ଋତୁସ୍ରାବକୁ ନେଇ ଅନ୍ଧବିଶ୍ୱାସ ପିଢ଼ି ପରେ ପିଢ଼ି ଚାଲିଆସୁଛି, ଯାହା ମହିଳାଙ୍କ ସ୍ୱାଧୀନତାକୁ ସୀମିତ କରୁଛି। ଭାରତର କେତେକ ଭାଗରେ, ଏହା ବିଶ୍ୱାସ କରାଯାଏ ଯେ ଋତୁସ୍ରାବ ହେଉଥିବା ମହିଳାମାନେ ଯଦି କୃଷିକ୍ଷେତ୍ରରେ ପ୍ରବେଶ କରନ୍ତି, ତେବେ କମ୍ ଅମଳ ହୋଇଥାଏ ବା ଫସଲ ନଷ୍ଟ ହୋଇଯାଏ। କେତେକ ଅଞ୍ଚଳରେ ଋତୁସ୍ରାବ ହେଉଥିବା ମହିଳାମାନଙ୍କୁ ଆଚାର, ବଡ଼ି, ପାମ୍ପଡ଼ ଛୁଇଁବାକୁ ବାରଣ କରାଯାଏ ଓ ହାଣ୍ଡିଶାଳ ବା ରୋଷେଇ ଘରକୁ ପଶିବାକୁ ମନା କରାଯାଏ, କାରଣ ଏହା ବିଶ୍ୱାସ କରାଯାଏ ଯେ ସେମାନଙ୍କ ସ୍ପର୍ଶ ଖାଦ୍ୟ ନଷ୍ଟ କରିଦେବ। ସେହିପରି, ଅନେକ ସ୍ଥାନରେ ଏହା ବିଶ୍ୱାସ ଅଛି ଯେ, ଋତୁସ୍ରାବ ରକ୍ତରେ ନକାରାତ୍ମକ ଶକ୍ତି ଥାଏ, ଯାହା ମହିଳାମାନଙ୍କୁ ଦୈନନ୍ଦିନ କାର୍ଯ୍ୟରେ ନିୟୋଜିତ ହେବାକୁ ନିରୁତ୍ସାହିତ କରିଥାଏ । ଏହିସବୁ ଅଭ୍ୟାସ ଗୁଡିକ ଏହା ଇଙ୍ଗିତ କରେ ଯେ ମହିଳାମାନେ ସେମାନଙ୍କର ମାସିକ ଚକ୍ର ସମୟରେ 'ଅଶୁଦ୍ଧ' ହୋଇଥାନ୍ତି ଯାହାଦ୍ୱାରା ମହିଳାମାନେ ଭେଦଭାବ ଏବଂ ସାମାଜିକ ବହିଷ୍କାରକୁ ସାମନା ମଧ୍ୟ କରିଥାନ୍ତି। ଭାରତରେ ଏମିତି ଅନେକ ଗାଁ ଅଛି, ଯେଉଁଠି ଗାଁ ବାହାରେ ଓ ସାମାଜିକ ବସବାସ ଠାରୁ ଖୁବ୍ ଦୂରରେ ଏକ ସଙ୍ଗରୋଧ କେନ୍ଦ୍ର କରାଯାଇଥାଏ, ଯେଉଁଠି ନାରୀମାନଙ୍କର ଋତୁସ୍ରାବ ହେଲେ ସେମାନେ ସେଠାରେ ଯାଇ ରୁହନ୍ତି। ସେହି ବାଟ ଦେଇ କେହି ଯିବେନି କି ଋତୁସ୍ରାବ ହେଉଥିବା ନାରୀକୁ କେହି ଛୁଇଁବେ ନାହିଁ ବା ଦେଖିବେ ନାହିଁ, କିଛିଟା ଖାଦ୍ୟ ଖାଇବାକୁ ବାରଣ କରାଯାଇଥାଏ, ସେଠାରେ ରହୁଥିବା ମହିଳା ଦିନକୁ ଥରେ ରାନ୍ଧିବ ଆଉ ଦିନ ସାରା ସେଇ ଖାଦ୍ୟକୁ ଖାଇବ, ରାତି ପାହିଲା ଆଗରୁ ଓ ଅନ୍ୟମାନେ ଉଠିବା ଆଗରୁ ନିଜ କାମ ସାରି କୁଡ଼ିଆ ଭିତରକୁ ଯିବାକୁ ବାଧ୍ୟ, ଅଳ୍ପ କିଛି ବାସନ ଓ ପୋଷାକରେ ରହିବାକୁ ପଡିଥାଏ ଓ ଅଳ୍ପ କିଛିଟା ଛିଣ୍ଡା-ଅସନା କପଡା ଯୋଗାଇ ଦିଆଯାଇଥାଏ ଋତୁସ୍ରାବ ଜନିତ ରକ୍ତସ୍ରାବରେ ବ୍ୟବହାର କରିବାକୁ । ଏହି ଅଭ୍ୟାସ କେବଳ ମହିଳାମାନଙ୍କୁ ସାମାଜିକ ଭାବରେ ବିଚ୍ଛିନ୍ନ କରେ ନାହିଁ, ବରଂ ସେମାନଙ୍କୁ ସ୍ୱାସ୍ଥ୍ୟ ବିପଦ ଏବଂ ମାନସିକ ଯନ୍ତ୍ରଣା ମଧ୍ୟ ଦେଇଥାଏ। ଏଭଳି ଅମାନବୀୟ କଟକଣା ମହିଳାଙ୍କ ମର୍ଯ୍ୟାଦା ଏବଂ ଆତ୍ମସମ୍ମାନକୁ ଆଘାତ ଦେଇଥାଏ, ଯାହା ତାଙ୍କର ଆତ୍ମବିଶ୍ୱାସ ଓ ଅଭିବୃଦ୍ଧିରେ ଏକ ବାଧକ ସାଜିଥାଏ। ଏହି ଭିତ୍ତିହୀନ ବିଶ୍ୱାସଗୁଡ଼ିକ ଲିଙ୍ଗଗତ ଭେଦଭାବକୁ ସୁଦୃଢ଼ କରିଥାଏ ଏବଂ ଜୀବନର ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ସାମର୍ଥ୍ୟକୁ ସୀମିତ କରିଥାଏ। ସମାଜରେ ଉପସ୍ଥିତ ଏହିଭଳି ଅନେକ କୁପ୍ରଥା, ମହିଳା ଓ ଝିଅମାନଙ୍କ ଜୀବନଶୈଳୀ, ବିଶେଷକରି ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ। ଋତୁସ୍ରାବଜନିତ କୁପ୍ରଥା ହେତୁ ମହିଳାମାନେ ନିଜେ ହିଁ ନିଜର ପ୍ରଜନନ ସ୍ୱାସ୍ଥ୍ୟକୁ ଠିକ୍ ଭାବରେ ବୁଝିପାରନ୍ତି ନାହିଁ, ଯାହାଫଳରେ ଏଣ୍ଡୋମେଟ୍ରିଓସିସ୍ ଏବଂ ପଲିସିଷ୍ଟିକ୍ ଓଭାରିଆନ୍ ସିଣ୍ଡ୍ରୋମ ଭଳି ରୋଗ ଜୀବନସାରା ତାଙ୍କ ଉପରେ ପ୍ରଭାବ ପକାଇଥାଏ । ଗ୍ରାମାଞ୍ଚଳ ଏବଂ ଆଦିବାସୀ ମହିଳାମାନେ ପ୍ରାୟତଃ ଋତୁସ୍ରାବ ସ୍ୱଚ୍ଛତା ଉତ୍ପାଦ ସହଜ ଓ ସୁବିଧାରେ ପାଇ ନଥାନ୍ତି, ଯାହା ସେମାନଙ୍କୁ ପୁରୁଣା ଲୁଗା, ବାଲି, ପାଉଁଶ କିମ୍ବା ପତ୍ର ପରି ଅସ୍ୱାସ୍ଥ୍ୟକର ସାମଗ୍ରୀ ବ୍ୟବହାର କରିବାକୁ ବାଧ କରିଦିଏ। ଏହା ସଂକ୍ରମଣ ଏବଂ ପ୍ରଜନନ ସ୍ୱାସ୍ଥ୍ୟ ସମସ୍ୟାର ଆଶଙ୍କା ବଢ଼ାଇଥାଏ। ଅଧିକନ୍ତୁ, ଋତୁସ୍ରାବ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଆଲୋଚନା କରିବାକୁ ସାମାଜିକ ଅନିଚ୍ଛା ହେତୁ ଡିସମେନୋରିଆ ଏବଂ ଏଣ୍ଡୋମେଟ୍ରିଓସିସ୍ ପରି ମାସିକ ରୋଗକୁ ଚିହ୍ନଟ କରାଯାଇପାରେ ନାହିଁ ଏବଂ ଚିକିତ୍ସା ହୋଇପାରେ ନାହିଁ। ଅନ୍ୟଏକ ବିପଜ୍ଜନକ ଧାରଣା ହେଉଛି ଯେ ଋତୁସ୍ରାବ ବିଷୟରେ ଖୋଲାଖୋଲି ଭାବରେ ଆଲୋଚନା ନକରିବା। ଅନେକ ଝିଅ ଉପଯୁକ୍ତ ଋତୁସ୍ରାବ ଶିକ୍ଷା ବିନା ବଡ଼ ହୋଇଥା'ନ୍ତି, ଯାହା ଋତୁସ୍ରାବ ଜଡିତ ଭୁଲ ସୂଚନା ଏବଂ ବିପଦଜନକ ସ୍ୱଚ୍ଛତା ଅଭ୍ୟାସର କାରଣ ହୋଇଥାଏ। ସଚେତନତାର ଅଭାବ, ସଂକ୍ରମଣ ଏବଂ ସ୍ୱାସ୍ଥ୍ୟ ଜଟିଳତାର ଆଶଙ୍କା ବୃଦ୍ଧି କରିଥାଏ, ଯାହା ଋତୁସ୍ରାବ ଜନିତ ସମସ୍ୟାକୁ ଏକ ଜରୁରି ଜନସ୍ୱାସ୍ଥ୍ୟ ସମସ୍ୟାରେ ପରିଣତ କରିଥାଏ । କିଶୋରୀ ଝିଅମାନଙ୍କ ମଧ୍ୟରେ ସ୍କୁଲ ଛାଡ଼ିବାରେ ଋତୁସ୍ରାବ ଏକ ପ୍ରମୁଖ କାରଣ। ପର୍ଯ୍ୟାପ୍ତ ପରିମଳ ସୁବିଧା, ବିଦ୍ୟାଳୟରେ ସାନିଟାରୀ ପ୍ୟାଡ଼ର ଅଭାବ, ବିଦ୍ୟାଳୟରେ କେବଳ ପୁରୁଷ ଶିକ୍ଷକଙ୍କ ଉପସ୍ଥିତି ବା ଶିକ୍ଷୟିତ୍ରୀ ବିହୀନ ବିଦ୍ୟାଳୟ, ଋତୁସ୍ରାବ ସମ୍ବନ୍ଧୀୟ ଅନ୍ଧବିଶ୍ୱାସ ଓ କୁପ୍ରଥା, ଋତୁସ୍ରାବ ଆରମ୍ଭ ହୋଇଗଲେ ଝିଅମାନଙ୍କୁ ବିଦ୍ୟାଳୟ ଛାଡିବାକୁ ବାଧ କରିଦିଏ। ଏକ ରିପୋର୍ଟ ଅନୁଯାୟୀ ଋତୁସ୍ରାବ ସମ୍ବନ୍ଧୀୟ ସମସ୍ୟା ହେତୁ ଭାରତରେ ପ୍ରତିବର୍ଷ ପ୍ରାୟ ୨୩ନିୟୁତ ଝିଅ ବିଦ୍ୟାଳୟ ଓ ପାଠପଢା ଛାଡ଼ିଦିଅନ୍ତି। ଏହା ଝିଅମାନଙ୍କୁ ସେମାନଙ୍କର ପୂର୍ଣ୍ଣ ଶିକ୍ଷା ହାସଲ କରିବାରେ ବାଧା ଦେଇଥାଏ ଏବଂ ସେମାନଙ୍କ କ୍ୟାରିୟରର ସୁଯୋଗକୁ ସୀମିତ କରିଦିଏ। କାର୍ଯ୍ୟକ୍ଷେତ୍ର ହେଉଛି ଅନ୍ୟଏକ କ୍ଷେତ୍ର ଯେଉଁଠାରେ ଋତୁସ୍ରାବ, ମହିଳାଙ୍କ ପ୍ରଗତିରେ ପ୍ରତିବନ୍ଧକ ସାଜେ। ଅନେକ ବୃତ୍ତିରେ, ବିଶେଷକରି ଅନୌପଚାରିକ କ୍ଷେତ୍ରରେ, ମାସିକ ଋତୁସ୍ରାବ ଛୁଟି କିମ୍ବା ଉପଯୁକ୍ତ ପରିମଳ ସୁବିଧା ପାଇଁ କୌଣସି ବ୍ୟବସ୍ଥା ନାହିଁ । କାରଖାନା, ନିର୍ମାଣ ସ୍ଥଳ ଏବଂ କ୍ଷେତରେ କାମ କରୁଥିବା ମହିଳାମାନେ ପ୍ରାୟତଃ ଋତୁସ୍ରାବ ଜନିତ ଖରାପ ସ୍ୱଚ୍ଛତା, ଅସ୍ୱସ୍ତି ଏବଂ ଲଜ୍ଜା ସହିତ ସଂଘର୍ଷ କରନ୍ତି, ଯାହା ସେମାନଙ୍କ ଉତ୍ପାଦକତାକୁ ହ୍ରାସ କରିଥାଏ ଏବଂ ମହିଳା ସଶକ୍ତିକରଣରେ ବାଧା ସୃଷ୍ଟି କରିଥାଏ। ଉପଲବ୍ଧ ପ୍ରମାଣକୁ ଆଧାର କରି କିଶୋରୀ ବାଳିକା ଏବଂ ମହିଳାମାନଙ୍କର ପ୍ରଜନନ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ପାଇଁ, ଋତୁସ୍ରାବ ସହିତ ଜଡିତ ସାମାଜିକ କୁପ୍ରଥା ସହିତ ମୁକାବିଲା କରିବା ପାଇଁ ଏକ ରଣନୀତି ଅବଲମ୍ବନ କରିବା ପ୍ରଯୁଜ୍ୟ। ଏହି ପରିପ୍ରେକ୍ଷୀରେ ପ୍ରଥମ ଏବଂ ପ୍ରମୁଖ ରଣନୀତି ହେଉଛି କିଶୋରୀ ଝିଅମାନଙ୍କୁ ଋତୁସ୍ରାବ ଜନିତ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ସମ୍ବନ୍ଧରେ ସଚେତନ କରାଇବା। ବ୍ୟାପକ ମାସିକ ଧର୍ମ ଶିକ୍ଷାକୁ ବିଦ୍ୟାଳୟ ପାଠ୍ୟକ୍ରମରେ ଏକୀକୃତ କରାଯିବା ଉଚିତ, ଯାହାଦ୍ୱାରା ମିଥ୍ୟା ଓ ଅନ୍ଧବିଶ୍ୱାସକୁ ଦୂର କରାଯାଇପାରିବ ଏବଂ ମାସିକ ଧର୍ମ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରାଯାଇପାରିବ, ଉପଯୁକ୍ତ ପରିମଳ ସୁବିଧା ଏବଂ ଋତୁସ୍ରାବ ଛୁଟି ନୀତି ସହିତ ଋତୁସ୍ରାବ ଅନୁକୂଳ କାର୍ଯ୍ୟସ୍ଥଳୀକୁ ପ୍ରୋତ୍ସାହିତ କରାଯିବା ଉଚିତ, ସ୍ୱେଚ୍ଛାସେବୀ ଏବଂ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ସଂଗଠନଗୁଡିକ ସଚେତନତା ଅଭିଯାନ ମାଧ୍ୟମରେ ଋତୁସ୍ରାବ ସମ୍ବନ୍ଧୀୟ ବାର୍ତ୍ତାଳାପକୁ ସ୍ୱାଭାବିକ କରିବା ଦିଗରେ କାର୍ଯ୍ୟ କରିବା ଉଚିତ୍ । ଋତୁସ୍ରାବ ଜନିତ ସ୍ୱାସ୍ଥ୍ୟ କେବଳ ସ୍ମାର୍ଟ ଏବଂ ନିରାପଦ ଦ୍ରବ୍ୟ ମାଧ୍ୟମରେ ହାସଲ କରାଯାଇପାରିବ ନାହିଁ। ଆମକୁ ଆମର ମନୋଭାବ, ସ୍ୱଭାବ, ଦୃଷ୍ଟିକୋଣରେ ପରିବର୍ତ୍ତନ ଆଣିବାକୁ ହେବ। କୁପ୍ରଥାରୁ ଆମ ଚିନ୍ତାଧାରାକୁ ମୁକ୍ତ କରିବାକୁ ହେବ । ପୃଥିବୀ ରଜସ୍ୱଳା ହେଲେ ଆମେ ରଜ ମଉଜ କରି ତା'ର ଉତ୍ପାଦନକ୍ଷମତାକୁ ପାଳନ କରି, ଯେପରି ସମଗ୍ର ନାରୀଜାତିକୁ ସମ୍ମାନ ଦେଉଛୁ, ସେହିପରି ଋତୁସ୍ରାବ ଜନିତ ରକ୍ତସ୍ରାବର ନାଲି ଟୋପା ହେଲା ଉର୍ବରତାର ପରିଚୟ, କିନ୍ତୁ ତାକୁ ବର୍ବରତା ଆଡକୁ ଠେଲି ଦେଲେ ସେ ଭୟଙ୍କର ହୋଇପାରେ ।

# ଗଙ୍ଗା ଜଳ ପ୍ରଦୂଷିତ



ସୌଭାଗ୍ୟ ରଞ୍ଜନ ମହାନ୍ତି
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

ପବିତ୍ର ମକର ସଂକ୍ରାନ୍ତି ଠାରୁ ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭମେଳାରେ ବର୍ତ୍ତମାନ ସୁଦ୍ଧା ୬୦କୋଟିରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଡ ପକାଇ ସାରିଲେଣି, ଯାହାକି ଭାରତର ମୋଟ ଜନସଂଖ୍ୟାର ପାଖାପାଖି ଅର୍ଦ୍ଧେକ ଥିବା ସରକାରୀ ଭାବେ ଆକଳନ କରାଯାଇଛି। ତେବେ ଶେଷ ଦିବସ ତଥା ମହାଶିବ ରାତ୍ରୀରେ ଆଉ ଏକ ମହାସ୍ନାନ ପଡୁଥିବାରୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ୭୦କୋଟି ଟପିଯାଇପାରେ ବୋଲି ଅନୁମାନ କରାଯାଏ। ଏବେ ଏଭଳି ଭିଡ ଲାଗି ରହିଛି ଯେ, ଶ୍ରଦ୍ଧାଳୁଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଏତେ ସଂଖ୍ୟାରେ ଶ୍ରଦ୍ଧାଳୁ ବୁଡ ପକାଇବା ଦ୍ୱାରା ଗଙ୍ଗା ଜଳ ପ୍ରଦୂଷିତ ହୋଇଯାଇଥିବା କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି) ଏକ ରିପୋର୍ଟ ପ୍ରଦାନ କରିଛି, ଯାହାକି ଅତ୍ୟନ୍ତ ଉଦ୍‌ବେଗଜନକ। ରିପୋର୍ଟରେ କୁହାଯାଇଛି ଯେ, ଏତେ ସଂଖ୍ୟାର ଲୋକ ଗଙ୍ଗା ନଦୀରେ ତ୍ରିବେଣୀ ସଂଗମ ଠାରେ ବୁଡ ପକାଉଥିବାରୁ ଜଳର ଗୁଣବତ୍ତା ହ୍ରାସ ପାଇଛି। ରିପୋର୍ଟରେ ଦର୍ଶାଯାଇଛି ଯେ, ପବିତ୍ର ଗଙ୍ଗାଜଳ କେବଳ ଆଚମନ ଅଯୋଗ୍ୟ ନୁହେଁ, ସ୍ନାନ ଯୋଗ୍ୟ ମଧ୍ୟ ରହିନାହିଁ। ଏତେ ସଂଖ୍ୟକ ଲୋକ ସ୍ନାନ କରିବା ଦ୍ୱାରା ସାମାନ୍ୟ ସଂକ୍ରମଣ ଥିବା ବ୍ୟକ୍ତିବିଶେଷ ବ୍ୟାପକ ସଂକ୍ରମଣ ସୃଷ୍ଟି କରିବାର ଆଶଙ୍କା ସୃଷ୍ଟି କରିଛି। ଗଙ୍ଗା ଜଳରେ ଶ୍ରଦ୍ଧାଳୁ କେବଳ ସ୍ନାନ କରୁନାହାଁନ୍ତି। ପବିତ୍ର ଜଳକୁ ମଧ୍ୟ ପାନୀୟ ଭାବେ ଗ୍ରହଣ କରୁଛନ୍ତି। ଯାହାକି ବିଭିନ୍ନ ଭୂତାଣୁର ସଂକ୍ରମଣକୁ ଆମନ୍ତ୍ରଣ କରୁଛି ବୋଲି ସିପିସିବି ତା'ର ରିପୋର୍ଟରେ ଦର୍ଶାଇଛି। ରିପୋର୍ଟରେ ସିପିସିବି ଆହୁରି ଉଲ୍ଲେଖ କରିଛି ଯେ, ଜାନୁୟାରୀ ୧୪ ପବିତ୍ର ମକର ସଂକ୍ରାନ୍ତି ଦିନ କୋଟି କୋଟି ଲୋକ ସ୍ନାନ କରିବା ଦ୍ୱାରା ଜଳ ପ୍ରଦୂଷଣର ବାହକ ଫେକାଲ କୋଲିଫର୍ମ ନାମକ ଜୀବାଣୁ, ଯାହାକି ମଣିଷ ଓ ପଶୁପକ୍ଷୀଙ୍କ ମଳରୁ ସୃଷ୍ଟି ହୋଇଥାନ୍ତି, ତାହାର ସ୍ତର ସଂଗମଠାରେ ପ୍ରାୟ ୧୧୦୦୦ ୟୁନିଟ୍ ରହିଥିଲା। ଯାହା ଅନୁମତି ଯୋଗ୍ୟ ବା ସ୍ୱାଭାବିକ ସ୍ତରର ୪ଗୁଣ ଅତିକ୍ରମ କରିଛି। କେବଳ ସଂଗମସ୍ଥଳ ନୁହେଁ, ଯମୁନା ନଦୀର ପୁରୁଣା ନୈନିବ୍ରିଜ ଘାଟରେ ଏହି ସ୍ତର ୩୩,୦୦୦ ୟୁନିଟ ଅତିକ୍ରମ କରିଛି। ଆହୁରି ମଧ୍ୟ ଗଲା ଜାନୁୟାରୀ ୧୩ ତାରିଖରେ ସଙ୍ଗମ ସ୍ଥଳରେ ଗଙ୍ଗା ଜଳରେ ବିଓଡି (ବାୟୋଲୋଜିକାଲ ଅକ୍ସିଜେନ ଡିମାଣ୍ଡ) ଲିଟର ପିଛା ୩୯୪ ମିଲିଗ୍ରାମ ରହିଥିଲା। ଜାନୁୟାରୀ ୧୬ରେ ଏହା ୫୦୯ ମିଲିଗ୍ରାମକୁ ବୃଦ୍ଧି ପାଇଥିବା ବେଳେ ୧୯ତାରିଖରେ ୫୦୯ ମିଲିଗ୍ରାମକୁ ବୃଦ୍ଧି ପାଇଥିଲା। ନିରାପଦ ସ୍ନାନ ପାଇଁ ଜଳରେ ବିଓଡି ପରିମାଣ ୩ ମିଲିଗ୍ରାମ ରହିବା ସ୍ୱାଭାବିକ ବା ଅନୁମତି ଯୋଗ୍ୟ ସ୍ତର ୩ ମିଲିଗ୍ରାମ ରହିବା ଉଚିତ। ଗଙ୍ଗା ଜଳରେ ବିଓଡି ପରିମାଣ କ୍ରମଶଃ ବୃଦ୍ଧି ପାଉଥିବାବେଳେ ଏହା କେବଳ ପ୍ରଦୂଷିତ ହୋଇନାହିଁ, ସ୍ନାନ କରିବାକୁ ମଧ୍ୟ ଯୋଗ୍ୟ ହୋଇ ରହିନାହିଁ। ଏନଜିଟିକୁ ଫେବୃୟାରୀ ୩ରେ ସିପିସିବି ଦେଇଥିବା ରିପୋର୍ଟରେ ଦର୍ଶାଇଛି ଯେ, ଜାନୁୟାରୀ ୧୪ରେ ଗଙ୍ଗା ଜଳ ସ୍ନାନ ପାଇଁ ଅନୁପଯୁକ୍ତ ଥିଲା। ଏବେ ବିଭିନ୍ନ ମହାସ୍ନାନ ତିଥିରେ ଗୋଟିଏ ଗୋଟିଏ ଦିନରେ ୩ରୁ ୫କୋଟି ଲୋକ ବୁଡ ପକାଉଥିବାରୁ ଏହା ବଡ଼ ଧରଣର ସଂକ୍ରମଣକୁ ଆମନ୍ତ୍ରଣ କରିବା ସମ୍ଭାବନାକୁ ଅଣଦେଖା କରାଯାଇନପାରେ। ଏହା ନିଃସନ୍ଦେହ ଯେ, ମହାକୁମ୍ଭ ମେଳାରେ ବର୍ତ୍ତମାନ ସୁଦ୍ଧା ୬୦ କୋଟିରୁ ଅଧିକ ଲୋକ ସ୍ନାନ କରି ସାରିଥିବା ବେଳେ ମହାକୁମ୍ଭ ମେଳାର ଅନ୍ତିମ ଦିବସ ମହାଶିବ ରାତ୍ରି ତିଥିରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ୭୦କୋଟିକୁ ଟପିବା ଆଶଙ୍କା ରହିଛି। ତେଣୁ ରୋଗ ସଂକ୍ରମଣ ଦୃଷ୍ଟିରୁ ଜଳ, ଆକାଶ ଓ ସ୍ଥଳ ପ୍ରଦୂଷଣ ନିରୀକ୍ଷଣ କରୁଥିବା ସିପିସିବିର ରିପୋର୍ଟକୁ ଉପେକ୍ଷା କରାଯିବା ଉଚିତ ନୁହେଁ। କିନ୍ତୁ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ ରିପୋର୍ଟକୁ ଅଗ୍ରାହ୍ୟ କରିଛନ୍ତି ଯାହାକି ଚିନ୍ତାଜନକ। ଏହା କିନ୍ତୁ ସତ୍ୟ ଯେ, ଗଙ୍ଗା ଜଳକୁ କୋଟି କୋଟି ହିନ୍ଦୁ ଅତି ପବିତ୍ର ଭାବରେ ଗ୍ରହଣ କରି ଆସିଛନ୍ତି। ତେଣୁ ଏହାର ଜଳକୁ ପବିତ୍ର ରଖିବା ପାଇଁ ସରକାର ଅଗ୍ରାଧିକାର ଭିତ୍ତିରେ ବୈଜ୍ଞାନିକ ପଦ୍ଧତିରେ ନିର୍ମଳ ଓ ଭୂତାଣୁ ମୁକ୍ତ କରିବା ପାଇଁ ଉଦ୍ୟମ କରିବା ଆବଶ୍ୟକ। ସିପିସିବିର ରିପୋର୍ଟକୁ ଅଗ୍ରାହ୍ୟ ନକରି ଦୀର୍ଘ ମିଆଦି ସମାଧାନ ଲାଗି ପ୍ରୟାସ କରିବା ଜରୁରି।

# ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର



କଣ୍ଟାପଡା(ଭାସ୍କର ନ୍ୟୁଜ): କଣ୍ଟାପଡା ବିଭିନ୍ନ ଶୈବ ପୀଠ ହୋଇ ଉଠିଛି ଚଳଚଞ୍ଚଳ ଓ ଉତ୍ସବ ମୁଖର। ପ୍ରତେକ ଶୈବ ପୀଠରେ ସାଜ ସଜା ଭକ୍ତଙ୍କ ଅକୃଷ୍ଟ କରିବା ଶହ ମନ୍ତ୍ରପାଠର ଧ୍ୱନିର ଗୁଞ୍ଜରିତ ସ୍ୱର ଭକ୍ତ ଓ ପରିବେଶ ପାଇଁ ସାଜିଛି ଆଧାତ୍ମିକ ଓ ଭକ୍ତି ଭାବନାରେଜଡିତ କରିଛି ଭକ୍ତ ଓ ଭଗବାନଙ୍କୁ। ଏହି ମହାଶିବ ରାତ୍ରି ସାଜିଛି ଭକ୍ତଙ୍କୁ ଏକତ୍ର କରିବା ପାଇଁ ମହାନୁଭବ। ଭକ୍ତଙ୍କ ଏକତ୍ରିତ ତଥା ସମାଗମ ଓ ଭକ୍ତିରେ ହୋତପ୍ରୋତ ହେବା ହୋଇଛି ଅତି ମନଲୋଭା। ବିଭିନ୍ନ ସାଜସଜା ଭକ୍ତଙ୍କ ମନ ଅକୃଷ୍ଟ କରିବା ଶହ ମନ୍ତ୍ରପାଠ ଧ୍ୱନିରେ ଗୁଞ୍ଜରିତ ହେଉଛି ପିରିବେଶ । ଶିବରାତ୍ରିରେ ନିଜର ବିଭିନ୍ନ ଆଶା ଓ ଆକାଂକ୍ଷା ଓ ଭକ୍ତିର ଶହ ପାଳନ କରନ୍ତି ଏହି ଶିବରାତ୍ରି। ମହାଶିବରାତ୍ରିରେ କାଷ୍ଠା ରଖି ଜାଗର ଜାଳି ଭଗମାନଙ୍କ ପାଖରେ ନିଜର ଆସ୍ଥା ପରିପ୍ରକାଶ କରନ୍ତି। କଣ୍ଟାପଡାର ବିଭିନ୍ନ ଶୈବପୀଠ ଯଥା କଣ୍ଟାପଡା ବ୍ଲକ ଅନ୍ତର୍ଗତ ବାଗଲପୁରର ଦକ୍ଷେଶ୍ୱର ମହାଦେବ, ଖେରସର ଏଗାରେଶ୍ୱର ମହାଦେବ, ତଣ୍ଡିକଣାର ଚନ୍ଦ୍ରଶେଖର ମହାଦେବ, ଧାନମଣ୍ଡଳରେ ବାବା ବିଶ୍ୱନାଥ, ଉତ୍ତାରଣରେ କାଳେଶ୍ୱର ମହାଦେବ, ଭୋଗେଶ୍ୱରରେ ଭୋଗେଶ୍ୱର ମହାଦେବଙ୍କ ଭଳି ଅନେକ ଶୈବ ପୀଠରେ ଜମିଯାଇଛି ଭକ୍ତମାନଙ୍କ ଭିଡ଼। ଭକ୍ତମାନେ ଶ୍ରଦ୍ଧାର ଶହ ବିଭିନ୍ନ ଫଳ, ପୁଷ୍ପନୈବେଦ୍ୟ ପ୍ରଦାନ କରି ଦେବ ଦେବ ମହାଦେବ ମନ୍ଦିରରେ ଜାଗର ଜାଳି ନିଜ ମନର ଆକାଂକ୍ଷାକୁ ଭଗବାନଙ୍କ ନିକଟରେ ପ୍ରକଟ କରିଥାନ୍ତି। ଅନେକ ଶୈବପୀଠରେ ଯଜ୍ଞ ସହ ପ୍ରସାଦର ବ୍ୟବସ୍ଥା ମଧ୍ୟ କରାଯାଇଛି। ସୁରକ୍ଷା ପାଇଁ ମଧ୍ୟ ପ୍ରଶାସନ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ତୀକ୍ଷ୍ଣ ଦୃଷ୍ଟି ମଧ୍ୟ ରଖିଛନ୍ତି ଗୋବିନ୍ଦପୁର ଓ ଓଲଟପୁର ପୋଲିସ ପ୍ରଶାସନ ।



# ଜାଗର ଯାତ୍ରା ପାଇଁ ଚଳଚଞ୍ଚଳ ଶୈବପୀଠ କପିଳାସ



ଢେଙ୍କାନାଳ(ଭାସ୍କର ନ୍ୟୁଜ): ପବିତ୍ର ମହାଶିବରାତ୍ରୀ ଉପଲକ୍ଷେ ଶୈବପୀଠରେ ଦେବ ଦେବ ମହାଦେବଙ୍କ ପାଳନ ହେଉଛି ଜାଗର ଯାତ୍ରା । ଏଥିପାଇଁ ଓଡିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଢେଙ୍କାନାଳର କପିଳାସ ବେଶ ଚଳ ଚଞ୍ଚଳ ହୋଇ ଉଠିଛି। ପ୍ରଭୁ ଚନ୍ଦ୍ରଶେଖରଙ୍କ ବିଜେସ୍ଥଳୀ ଏହି କପିଳାସରେ ପ୍ରଭୁଙ୍କର ପାଳନ ହେଉଛି ଜାଗର ଯାତ୍ରା। ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଆକର୍ଷଣ ମହାଦୀପ ଚଳିତ ବର୍ଷ ଭୋର ୪ଟା ୨୦ମିନିଟରେ ମନ୍ଦିର ଚୂଡାକୁ ଉଠିବାର କାର୍ଯ୍ୟ ନିର୍ଘଣ୍ଟ କରାଯାଇଛି । ତେବେ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଏହି ପୀଠକୁ ରାଜ୍ୟ ଓ ରାଜ୍ୟ ବାହାରୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁଅ ଛୁଟୁଥିବା ଦେଖିବାକୁ ମିଳୁଛି। ପୀଠର ପାଦ ଦେଶରୁ ଉଭୟ ପାହାଚ ଓ ବାରବାଙ୍କ ରାସ୍ତା ଭକ୍ତ ଓ ଶ୍ରଦ୍ଧାଳଙ୍କ ଲମ୍ବା ଲାଇନ ଲାଗିଛି। ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ମନ୍ଦିର ବଡ଼ଦାଣ୍ଡରୁ ପାହାଚ ଓ ବାରବାଙ୍କ ରାସ୍ତା ଯାଏଁ ବାରିକେଟ ବ୍ୟବସ୍ଥା କରାଯାଇଛି । ପ୍ରଭୁଙ୍କ ଦର୍ଶନ ସାଙ୍ଗକୁ ଦୀପ ଜାଳି ନିଜ ତଥା ନିଜ ପରିବାର ମଙ୍ଗଳ ମାନସିବାକୁ ମାନସିକଧାରୀ ବେଶ ଉକ୍ଣ୍ଠାର ସହିତ ଲମ୍ବା ଲାଇନ ଲଗାଇଛନ୍ତି । ଚଳିତ ବର୍ଷ ମଧ୍ୟ ୫ଲକ୍ଷରୁ ଉର୍ଦ୍ଧ୍ୱ ସମାଗମ ହେବା ଅନୁମାନ କରାଯାଇଛି। ପୀଠର ପରମ୍ପରା ମୁତାବକ ଭୋର ସମୟରୁ ନୀତିକାନ୍ତିର ସହିତ ପ୍ରଭୁ ଚନ୍ଦ୍ରଶେଖରଙ୍କ ପୂଜାର୍ଚ୍ଚନା ହୋଇଯାଇଛି। ସଂଧ୍ୟା ପରେ ଲକ୍ଷ ଲକ୍ଷ ମାନସିକଧାରୀ ମନ୍ଦିର ଚତୁଃପାର୍ଶ୍ୱରେ ମନ୍ଦିରଠାରୁ ପାହାଡ଼ ସାରା ଦୀପ ଜାଳି ନିଜର ମାନସିକ ପୂରଣ ପାଇଁ ପ୍ରଭୁଙ୍କୁ ପ୍ରାର୍ଥନା କରୁଛନ୍ତି । କପିଳାସ ପୀଠକୁ ସମ୍ପୂର୍ଣ୍ଣ ଆଧାତ୍ମିକ ପରିବେଶର ବୁଡି ରହିବା ସାଙ୍ଗକୁ ଦୀପର ମଞ୍ଜି ମଞ୍ଜି ଆଲୁଅରେ କପିଳାସ ପୀଠ ବେଶ ମନୋରମ ହୋଇପଡିଛି । ତେବେ ପ୍ରଶାସନ ପକ୍ଷରୁ ସ୍ୱାସ୍ଥ୍ୟ, ପରିମଳ ଓ ପାନୀୟ ଜଳ ଆଦି ବ୍ୟବସ୍ଥା ସାଙ୍ଗକୁ ଉଭୟ ବାରବାଙ୍କ ଓ ପାହାଚ ରାସ୍ତାରେ ଆଲୋକିକରଣ ଉପରେ ବିଶେଷ ଧାନ ଦିଆଯାଇଛି। ଶାନ୍ତିଶୃଙ୍ଖଳା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ୧୦ପ୍ଲାଟୁନ ପୁଲିସ ମୃତୟନ କରାଯାଇଛି । ପୁଲିସ ପଦାଧିକାରୀ ନିଜେ ପରିଚାଳନା କରୁଥିବା ପ୍ରକାଶ କରିଛନ୍ତି ସ୍ଥାନୀୟ ଢେଙ୍କାନାଳ ଏସପି ଅଭିନବ ସୋନକର ।

## ଉଗ୍ର ରୂପ ନେଉଛି ସିଓ୍ୱେଜ୍ କମ୍ପାନୀ ଆଗରେ ଶ୍ରମିକ ଧାରଣା

# ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ସିଓ୍ୱେଜ ସିପିଙ୍ଗ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକ ଧାରଣା ଉଗ୍ରରୂପ ଧାରଣ କରିଛି । ନିଜ ଦେହରେ ପେଟ୍ରୋଲ ଢାଳି ଜଣେ କର୍ମଚାରୀ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ଏହି ସମସ୍ୟାକୁ ସଂଗୀନ କରିଛି । ୬ ମାସର ବକେୟା ଦରମା ଓ ବେଆଇନ ଛଟେଇ ପ୍ରତିବାଦରେ ସିଓ୍ୱେଜ ସିପିଙ୍ଗ୍ କାର୍ଯ୍ୟାଳୟରେ ୧୫ ଦିନ ହେବ ତାଲା ପକାଇ ଧାରଣାରେ ବସିଛନ୍ତି ଶ୍ରମିକ । କମ୍ପାନୀରେ ନିଜର ଶ୍ରମ ଦେଇ କମ୍ପାନୀ ର ଉନ୍ନତି ପାଇଁ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କୁ ନାଲିଆଖି ଦେଖାଉଛନ୍ତି ଅଣଓଡ଼ିଆ ଅଧିକାରୀ । ଯାହାକୁ ବିରୋଧ କରି ନିଜର ପ୍ରାପ୍ୟ ପାଇଁ ଶ୍ରମିକମାନେ ପ୍ରଶାସନକୁ ଅବଗତ କରିବା ପରେ ଦୀର୍ଘ ପନ୍ଦର ଦିନ ହେବ କମ୍ପାନୀ କାର୍ଯ୍ୟାଳୟରେ ତାଲା ପକାଇ ଶାନ୍ତିପୂର୍ଣ୍ଣ ଭାବରେ ଧାରଣାରେ ବସି ରହିଛନ୍ତି । ତେବେ ବୁଧବାର ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସହିତ ପୋଲିସ ପ୍ରଶାସନ ପହଞ୍ଚି ଧାରଣାରତ ଶ୍ରମିକମାନଙ୍କୁ ଧାରଣାରୁ ହଟାଇ କାର୍ଯ୍ୟାଳୟର ତାଲା ଖୋଲାଯିବାକୁ ନେଇ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ପୋଲିସର ଏହି କାର୍ଯ୍ୟକୁ ବିରୋଧ କରି ଧାରଣାରତ ଶ୍ରମିକମାନେ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ । ଯାହାକୁ ନେଇ ଉତ୍ତେଜନା ସୃଷ୍ଟି ହେବା ସହ ଏହାକୁ ତୀବ୍ର ନିନ୍ଦା କରିଛନ୍ତି ପାରାଦୀପ ନଗର କଂଗ୍ରେସ ସଭାପତି କେଦାର ବିଶ୍ୱାଳ । ଦୁଇଦିନ ଭିତରେ ଯଦି ଶ୍ରମିକ ମାନଙ୍କ ସମସ୍ୟା ସମାଧାନ କରାନଯାଏ ତେବେ ଜାତୀୟ କଂଗ୍ରେସ ତରଫରୁ ପାରାଦୀପ ଥାନା ଘେରାଉ କରିବା ସହିତ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ।

### ଇଣ୍ଡିଆନ୍ ବ୍ୟାଙ୍କ୍‌ର ଅଜବ ନୀତି

# ବ୍ୟାଙ୍କ ମିତ୍ର ଥାଇ ମିଳୁନି ସେବା

କଣ୍ଟାପଡା(ଭାସ୍କର ନ୍ୟୁଜ): ଇଣ୍ଡିଆନ ବ୍ୟାଙ୍କ ବ୍ରାହ୍ମଣସାଇଲୋ ଶାଖାର ଅଜବ ନୀତି । ବ୍ୟାଙ୍କ ମିତ୍ର (ବିସି)ଙ୍କୁ ଶାଖାରେ ବସାଇ ଗ୍ରାହକଙ୍କୁ କରୁଛନ୍ତି ହନ୍ତସନ୍ତ । ଇଣ୍ଡିଆନ ବ୍ୟାଙ୍କ ବ୍ରାହ୍ମଣସାଇଲୋ ଶାଖା ଅନ୍ତର୍ଗତ ଧାନମଣ୍ଡଳ ଅଞ୍ଚଳର ଜନସାଧାରଣଙ୍କୁ ବ୍ୟାଙ୍କ ସେବା ଯୋଗାଇ ଦେବା ପାଇଁ ବାଦଲ କୁମାର ଲେଙ୍କା ନାମକ ଜୈନିକ ବ୍ୟକ୍ତିଙ୍କୁ ନିଯୁକ୍ତି କରାଯାଇଛି । ହେଲେ ସଂପୃକ୍ତ ବ୍ୟାଙ୍କ ମିତ୍ର ଧାନମଣ୍ଡଳ ଏରିଆକୁ ଦିର୍ଘ ବର୍ଷ ଧରି ଯାଉନଥିବା ଦେଖିବାକୁ ମିଳିଛି । ଫଳରେ ଉକ୍ତ ଅଞ୍ଚଳର ବରିଷ୍ଠ ନାଗରିକ, ଗର୍ଭବତୀ ମହିଳା, ସ୍କୁଲ ଛାତ୍ରଛାତ୍ରୀମାନେ ବ୍ୟାଙ୍କ କାର୍ଯ୍ୟ ପାଇଁ ଦୀର୍ଘ ତିନି ଚାରି କିଲୋମିଟର ଦୂର ବ୍ୟାଙ୍କ ଶାଖାକୁ ଯାଇଥାନ୍ତି । ଧାନମଣ୍ଡଳ ପାଇଁ ନିଯୁକ୍ତି ପାଇଥିବା ବ୍ୟାଙ୍କ ମିତ୍ରଙ୍କ ଘର ପାଟସୁନ୍ଦରପୁର ପଞ୍ଚାୟତ ଅନ୍ତର୍ଗତ ଭୋଦଳ ଗ୍ରାମରେ ହୋଇଥିବାବେଳେ ସେ ଧାନମଣ୍ଡଳଠାରୁ ଆଠ କିଲୋମିଟର ଦୂର ବାରସାଇଲୋ ଗ୍ରାମରେ ବାସ କରନ୍ତି । ଧାନମଣ୍ଡଳ ଅଞ୍ଚଳରେ ବ୍ୟାଙ୍କ ମିତ୍ର ପାଇଁ ବହୁ ଯୋଗ୍ୟ ବ୍ୟକ୍ତି ଥିଲେ ମଧ୍ୟ କେଉଁ ଆଧାରରେ ଜଣେ ବାହାର ବ୍ୟକ୍ତିଙ୍କୁ ନିଯୁକ୍ତି କରାଗଲା ତାହା ସନ୍ଦେହ ଘେରରେ । ଧାନମଣ୍ଡଳ ଅଞ୍ଚଳର ଜନସାଧାରଣଙ୍କ ଆକାଉଣ୍ଟ କୁ ଆସୁଥିବା ବିଭିନ୍ନ ରସକାରୀ ପ୍ରୋତ୍ସାହନ ବ୍ୟାଙ୍କ ଖାତାରୁ ଉଠାଇବା ପାଇଁ ଖର୍ଚ୍ଚାନ୍ତ ହୋଇ ବ୍ୟାଙ୍କକୁ ଯାଇଥାନ୍ତି । ଇଣ୍ଡିଆନ ବ୍ୟାଙ୍କ କର୍ପୋରେଟ ଅଫିସ ର ନିର୍ଦ୍ଦେଶ ଅନୁଯାଇ ସଂପୃକ୍ତ ଅଞ୍ଚଳ ପାଇଁ ନିଯୁକ୍ତ ବ୍ୟାଙ୍କ ମିତ୍ର ନିଜର କାର୍ଯ୍ୟାଳୟ ଖୋଲି ଚାରି ଘଣ୍ଟା ଉପସ୍ଥିତ ରହି ବ୍ୟାଙ୍କ ସେବା ଯୋଗାଇ ଦେବା କଥା । ହେଲେ ଚାରି ଘଣ୍ଟା ତ ଦୂରର କଥା ଚାରିବର୍ଷରେ ଉକ୍ତ ଅଞ୍ଚଳକୁ ଦିନକ ପାଇଁ ବ୍ୟାଙ୍କ ମିତ୍ରଜଣକ ଯାଇନଥିବା ଅଭିଯୋଗ ହୋଇଛି । ଏ ସମସ୍ତ ଘଟଣା ଇଣ୍ଡିଆନ ବ୍ୟାଙ୍କ ବ୍ରାହ୍ମଣସାଇଲୋ ଶାଖାର ଶାଖା ପରିଚାଳକ ଜାଣିଥିଲେ ସୁଦ୍ଧା ସବୁଜାଣି ନୀରବଦ୍ରଷ୍ଟା ସାଜିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନିତ୍ୱ କରିଛି । ତେଣୁ ଏ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ସଂପୃକ୍ତ ବ୍ୟାଙ୍କ ମିତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ସ୍ଥାନିୟ ଅଞ୍ଚଳର ବ୍ୟକ୍ତିଙ୍କୁ ନିଯୁକ୍ତି ଦେବାକୁ ସାଧାରଣରେ ଦାବି ହେଉଛି ।

# ମାଫିଆଙ୍କୁ ସୁରକ୍ଷା ଦେଉଛି ଖଣି ବିଭାଗ, ବେଫିକର ବାଲି ଚୋରି



ଧାମନଗର(ଭାସ୍କର ନ୍ୟୁଜ): ଧାମନଗର ବ୍ଲକରେ ବିଭିନ୍ନ ଅଞ୍ଚଳରୁ ବେଆଇନି ଭାବରେ ଦୈନିକ ଶହ ଶହ ଟ୍ରିପ ବାଲି ମାଟି ଟ୍ରକ ଟ୍ରାକ୍ଟରରେ ବିକ୍ରି ହେଉଛି । ହେଲେ ଏ ଦିଗରେ ବିଭାଗୀୟ ଅଧିକାରି ଦେଖି ଶୁଣି ଚୁପ ରହି ବାଲିମାଫିଆଙ୍କୁ ସହଯୋଗ କରିଥିବା ଦେଖିବାକୁ ମିଳିଛି। ପ୍ରକାଶ ଥାଉକି ପୂର୍ବରୁ ଏହି ବେଆଇନି ବାଲିକୁ ରୋକିବା ପାଇଁ ତହସିଲ ଓ ପୋଲିସ ଚଡଉ କରୁଥିଲେ ମାତ୍ର ସରକାର ତାଙ୍କ ହାତରୁ ଦାୟିତ୍ୱ କାଡ଼ିନେଇ ଏବେ ଓଡ଼ିଶା ଖଣି ବିଭାଗକୁ ଦାୟିତ୍ୱ ଦେଇଛନ୍ତି । ଫଳରେ ବାଲି ଚୋରୀ ଏବେ ବେଶୀ ମାତ୍ରାରେ ହେଉଛି, କାରଣ ଭଦ୍ରକରେ ଏହି ଅଫିସ ଥିବାରୁ ୩୦ କିଲୋମିଟର ଦୂରରୁ ଆସି ବାଲି ମାଫିଆଙ୍କୁ ଧରିବାରେ ସକ୍ଷମ ହୋଇପାରୁନାହାନ୍ତି। ଏପରିକି ସେମାନେ ଆସିବା ଆଗରୁ ବାଲି ମାଫିଆମାନେ ସୁଚନା ପାଇ ଗାଡ଼ିକୁ ଲୁଚାଇ ଦେଉଛନ୍ତି। ପ୍ରକାଶଯୋଗ୍ୟ ଯେ ଧାମନଗର ବ୍ଲକର ବୈତରଣୀ ନଦୀର ଆନନ୍ଦପୁରଠାରୁ ଧୁଷୁରି ଯାଏ ବିଭିନ୍ନ ଘାଟରୁ ଦୈନିକ ଶହ ଶହ ଟ୍ରିପ ବାଲି ଚୋରାଚାଲାଣ ହେଉଛି । ଆନନ୍ଦପୁରର ସିଦ୍ଧେଶ୍ୱର ଘାଟ, ଆନନ୍ଦପୁର, ସେଣ୍ଡପୁର ପୋଲଠାରୁ ୨ ଶହ ମିଟର ଦୂରରେ ଥିବା ଘାଟ, ମଲିମାହାର ଘାଟ, କଣ୍ଟାପାରି ଘାଟ, ବାଲିପାଟଣା ବାସୁଦେବ ଘାଟ, ସାହୁସାହି ଘାଟ ରେ ବେଆଇନି ବାଲି ଉଠା ଯାଇ ବିକ୍ରି କରାଯାଉଛି। ରାତି ଦିନ ବେଫିକର ଭାବେ ଟ୍ରକ ଟ୍ରାକ୍ଟରରେ ବାଲି ବୁହା ଚାଲିଛି ହେଲେ ରୋକିବା ପାଇଁ ବିଭାଗ କୌଣସି ପଦକ୍ଷେପ ନେଉନାହିଁ। ତେବେ ଏହି ବାଲି ଚୋରିକୁ ରୋକିବା ପାଇଁ ଖଣି ବିଭାଗ ବିଭିନ୍ନ ବାଲି ଘାଟ ଅଞ୍ଚଳରେ ଲୋକଙ୍କୁ ସଚେତନ କରାଇ ଚୋରା ବାଲି କୁ ରୋକିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି । ତେବେ ସବୁଠାରୁ ବଡ କଥା ହେଲା ଖଣି ବିଭାଗ ଏବେ ଚୋର ହାତରେ ଚାବି କାଠି ଧରାଉ ଥିବା ଦେଖିବାକୁ ମିଳିଛି । ଯେଉଁଠାରେ ଏହି ସଚେତନ କାର୍ଯ୍ୟକ୍ରମ ହେବ ସେହି ଅଞ୍ଚଳର ବାଲି ମାଫିଆଙ୍କୁ ଲୋକ ଡାକିବା, ଟେଣ୍ଟ, ଟିଫିନ୍ ଦାଇତ୍ୱ ଖଣି ବିଭାଗ ଦେଇଥିବା ଦେଖିବାକୁ ମିଳିଛି । ଆନନ୍ଦପୁରର ଉତେଇପୁରରେ ଗୁରୁବାର ଦିନ ସଚେତନ କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ବୁଧବାର ଦିନ ଖଣି ବିଭାଗର କର୍ମଚାରି ଉକ୍ତ ଅଂଚଳର କେତେକ ବାଲି ମାଫିଆଙ୍କୁ ନିଜ ଅଫିସ ବୋଲେର ଗାଡିରେ ବସାଇ ବୁଲାଉ ଥିବା ଦେଖିବାକୁ ମିଳିଥିଲା । ଏ ସମ୍ପର୍କରେ ଖଣି ବିଭାଗ ଅଧିକାରି ଅନିଲ ଦାସଙ୍କ ସହ ଯୋଗାଯୋଗ କରିବାରୁ ସଚେତନ ପାଇ ଲୋକଙ୍କୁ କୁହା ଯାଉଚି ବୋଲି କହିଥିଲେ। ତେଣେ ବାଲି ସଚେତନ ପାଇଁ ବିଭାଗ ଯେଉ ଉଦ୍ୟମ କରୁଛନ୍ତି ତାହା ଏବେ ପ୍ରହସନରେ ପରିଣତ ହୋଇଛି । ଲଘୁ ଖଣିଜ ବିଭାଗ ଏହିସଚେତନ କାର୍ଯ୍ୟକ୍ରମକୁ ବାଲି ମାଫିଆମାନଙ୍କ ଦ୍ୱାରା ଆୟୋଜନ ଓ ପରିଚାଳନା କରାଯାଉଛି।

## କାକଟପୁରର ବିଭିନ୍ନ ଶୈବପୀଠରେ ଜାଗର ଉତ୍ସବ



କାକଟପୁର(ଭାସ୍କର ନ୍ୟୁଜ): ପବିତ୍ର ଜାଗର ଉତ୍ସବ ଉପଲକ୍ଷେ କାକଟପୁର ଅଞ୍ଚଳରେ ଥିବା ବିଭିନ୍ନ ଶୈବପୀଠ ସୋମେଶ୍ୱର, ବାବା ଧବଳେଶ୍ୱର, ନାଟେଶ୍ୱର, ଶଙ୍କରେଶ୍ୱର, ନୀଳକଣ୍ଠେଶ୍ୱର, ଐସନ୍ୟେଶ୍ୱର, ଲୋକନାଥ, ରାମେଶ୍ୱର, ଗ୍ରାମେଶ୍ୱର, ସିଦ୍ଧେଶ୍ୱରଙ୍କ ପୀଠ ଭକ୍ତମାନଙ୍କ ଗହଳିରେ ଚଳ ଚଞ୍ଚଳ ହୋଇପଡ଼ିଥିଲା କ୍ଷ ଶ୍ରଦ୍ଧାଳୁମାନେ ସୋମେଶ୍ୱର ପୀଠରେ କାକଟପୁର ସେବକ ସମିତି କାର୍ଯ୍ୟକର୍ତ୍ତାଙ୍କ ତତ୍ୱାବଧାନରେ ଭକ୍ତମାନେ ଧାଡିରେ ଯାଇ ଦର୍ଶନ କରିଥିଲେ । ମହିଳାମାନେ ନିଜର ପରିବାରରର ସୁଖ ମନାସି ସାରାରାତି ଉଜାଗର ରହି ଦୀପ ଜାଳିଥିଲେ । କାକଟପୁର ଥାନା ପକ୍ଷରୁ ସମସ୍ତ ଶୈବପୀଠ ମାନଙ୍କରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା ।

# ରାଇରଙ୍ଗପୁର-ଜଅଁରାବାରିମୂଳ ରାସ୍ତା ମରଣଯନ୍ତା



ଡେରାବିଶ(ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ଅର୍ନ୍ତଗତ ଯଅଁରାବାରିମୂଳଠାରୁ ଇନ୍ଦାଲୋ ପଞ୍ଚାୟତ ପର୍ଯ୍ୟନ୍ତ ରହିଥିବା ରାଇରଙ୍ଗପୁର-ଯଅଁରାବାରିମୂଳ ରାସ୍ତା ମରଣଜନ୍ତା ପାଲଟିଲାଣି । ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ରହିଥିବା ଏହି ରାସ୍ତାଟି ଦୀର୍ଘ ବର୍ଷ ତଳେ ନିର୍ମାଣ ହୋଇଥିଲା । ଏହି ରାସ୍ତା ଉପରେ ଯଅଁରାବାରିମୂଳ, ହରିଅଙ୍କ ଓ ଇନ୍ଦାଲୋ ତିପୋଟି ପଞ୍ଚାୟତ ହଜାର ହଜାର ଜନସାଧାରଣ ଦୈନନ୍ଦିନ ଯାତାୟାତ ପାଇଁ ନିର୍ଭର କରୁଛନ୍ତି । ଏଥିସହିତ ଏହି ରାସ୍ତା ଦେଇ ପଞ୍ଚାୟତ ହାଇସ୍କୁଲ ଯଅଁରାବାରିମୂଳ, ଶାରଦା ଏକାଡେମୀ ଓ ହରିଅଙ୍କ ହାଇସ୍କୁଲର ଛାତ୍ରଛାତ୍ରୀମାନେ ନିର୍ଭର କରୁଥିବା ବେଳେ ଡେଲଟା କଲେଜର ଛାତ୍ରଛାତ୍ରୀମାନେ ମଧ୍ୟ ଏହି ରାସ୍ତା ଉପରେ ନିର୍ଭରଶୀଳ । ଏହି ରାସ୍ତାଟିରେ ଏବେ ଏତେ ଖାଲଖମା ହୋଇଗଲାଣି ଯେ, ଗାଡ଼ି ମଟରର ଯିବା ଦୂରର କଥା ସାଧାରଣ ପଥଚାରୀଟିଏ ଯିବା କଷ୍ଟକର ହୋଇପଡ଼ୁଛି । ରାସ୍ତା ସାରା ପିଚୁ ଉଠି ବଡ଼ ବଡ଼ ମେଣ୍ଟାଲ ରାସ୍ତାରେ ଗଡୁଥିବା ଦେଖିବାକୁ ମିଳୁଛି । ବିଶେଷ କରି ଯଅଁରାବାରିମୂଳ ପଞ୍ଚାୟତର ଖାନନଗର ଛକଠାରୁ ପଞ୍ଚାୟତ ହାଇସ୍କୁଲ ପର୍ଯ୍ୟନ୍ତ ଓ ଛକନାଠାରୁ ଭୋଳହାଟ ପର୍ଯ୍ୟନ୍ତ ଏହି ବିଶେଷ ଭାବେ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି । ତୁରନ୍ତ ଏହି ରାସ୍ତାକୁ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ୨୧ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ



ବାଲିମେଳା(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଓରକେଲ ପୋଲିସ ୨୧ କିଲୋ ଗଞ୍ଜେଇ ଜବତ କରିବା ସହ ଜଣେ ଅଭିଯୁକ୍ତକୁ ଆଜି କୋର୍ଟଚାଲାଣ କରିଛି । ମିଳିଥିବା ସୂଚନାନୁଯାୟୀ ମଙ୍ଗଳବାର ସୋରଲୁକୋଣ୍ଡା-ବେଜିଂଗୁଡା ମୁଖ୍ୟ ରାସ୍ତାର ବାଣ୍ଡିଗୁଡା ଛକ ନିକଟରେ ଜଣେ ବ୍ୟକ୍ତି ଏକ ବସ୍ତା ଧରି ବସ କୁ ଅପେକ୍ଷା କରି ରହିଥିଲା । ସେହି ସମୟରେ ଓରକେଲ ପୋଲିସ ର ଏକ ଟିମ ଉକ୍ତ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ବ୍ୟକ୍ତି ଜଣଙ୍କୁ ବସ୍ତାରେ କଣ ଅଛି ବୋଲି ପଚାରିଥିଲେ। ଏହାପରେ ବ୍ୟକ୍ତି ଜଣକ ସନ୍ତୋଷଜନକ ଉତ୍ତର ଦେଇ ନପାରିବାରୁ ପୋଲିସ ବସ୍ତାଟିକୁ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ତନ୍ମଧ୍ୟରେ ଗଞ୍ଜେଇ ଥିବା ଦେଖିଥିଲେ। ଏହାପରେ ଅଭିଯୁକ୍ତ କୁ ଗିରଫ କରି ଓରକେଲ ଥାନାକୁ ଅଣାଯାଇଥିଲା । ତେବେ ଅଭିଯୁକ୍ତ ଙ୍କ ନାମ ଶୁକ୍ରା ହନ୍ତାଳ ହୋଇଥିବା ବେଳେ ସେ ବଙ୍ଗଳାମୁଣ୍ଡା ଗ୍ରାମର ବୋଲି ଜଣାପଡିଛି । ତେବେ ସେ ଏହି ଗଞ୍ଜେଇ ଆନ୍ଧ୍ରପ୍ରଦେଶକୁ ଚାଲାଣ କରୁଥିବା ସ୍ୱୀକାର କରିଛି । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ହେବା ସହ ତାକୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ଧୀରେନ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ୬ ମଇଁଷି ଉଦ୍ଧାର, ଡ୍ରାଇଭର କୋର୍ଟ ଚାଲାଣ




ଚମ୍ପୁଆ(ଭାସ୍କର ନ୍ୟୁଜ): ଚମ୍ପୁଆ ଥାନା ଅନ୍ତର୍ଗତ ରିମୁଳି ଠାରେ ଏକ ମଇଁଷି ବୋଝେଇ କରି ନେଇ ଯାଉଥିବା ପିକଅପ୍ କୁ ଅଟକ କରାଯିବା ସହ ସେଥିରେ ଥିବା ୬ଟି ମଇଁଷିକୁ ଉଦ୍ଧାର କରାଯାଇଛି । ସୂଚନା ଅନୁସାରେ ଆଜି ସକାଳେ ଏକ ପିକଅପ୍ ଗାଡ଼ି ତାହାର ପଛ ଟାୟାର ଦୁଇଟି ଯାକ ପଙ୍କଚର ହୋଇଯାଇଥିବା ସତ୍ତ୍ୱେ ଦ୍ରୁତ୍ ଗତିରେ ରିମୁଳି ଛକ ଦେଇ ଚମ୍ପୁଆ ଅଭିମୁଖେ ଯାଉଥିବା ଦେଖି କିଛି ଯୁବକ ଉକ୍ତ ପିକଅପ୍‌କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ତେବେ ପିକଅପ୍ ଗାଡ଼ି ଡ୍ରାଇଭର ଗାଡ଼ି ନ ଅଟକାଇ ଦୃତ ଗତିରେ ଚମ୍ପୁଆ ଅଭିମୁଖେ ଗାଡ଼ି ଚଳାଇ ଚାଲିଯାଇଥିଲେ। ଏହାଦେଖି କିଛି ଯୁବକ ଉକ୍ତ ଗାଡ଼ିକୁ ପିଛା କରି ପ୍ରତାପପୋଷି ନିକଟରେ ଅଟକାଇ ଥିଲେ। ପିକଅପ୍ ଗାଡ଼ିକୁ ଅଟକ କରି ସେଥିରେ ୬ଟି ମଇଁଷିକୁ ନିଆ ଯାଉଥିବା ଦେଖି ସ୍ଥାନୀୟ ଯୁବକମାନେ ଗାଡ଼ିକୁ ଆଣି ରିମୁଳି ଫାଣ୍ଡି ଜିମା ଦେଇଥିଲେ। ଖବର ପାଇ ଚମ୍ପୁଆ ଥାନା ଅଧିକାରିଣୀ ଦେବକୀ ନାଏକ ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ରିମୁଳି ଫାଣ୍ଡିରେ ପହଞ୍ଚି ପିକଅପ୍ ଗାଡ଼ିକୁ ଜବତ କରିବା ସହିତ ଡ୍ରାଇଭରକୁ ଅଟକ ରଖି ତଦନ୍ତ ଆରମ୍ଭ କରିଥିଲେ। ପିକଅପ୍ ଚଳାଉଥିବା ଡ୍ରାଇଭର ସୋନି ଯାଦବ (୨୨) ଝାଡଖଣ୍ଡର ଚାଇଁବସାରେ ବୋଲି ଜଣାପଡ଼ିଛି। ଚମ୍ପୁଆ ଥାନା ରେ ୩୭/୨୦୨୫ ନମ୍ବର ଏକ ମୋକଦ୍ଦମା ରୁଜୁ କରାଯିବା ସହିତ ଆସାମୀ ଡ୍ରାଇଭରକୁ ୨୯୬, ୨୬୨ ବିଏନଏସ ଓ ୧୧. ୧(ଡି) ଦଫା ଲଗାଇ ଚମ୍ପୁଆ କୋର୍ଟ ଚାଲାଣ କରାଯାଇଛି। ଉଦ୍ଧାର ହୋଇଥିବା ୬ଟି ମଇଁଷିକୁ ବଡବିଲ ଠାରେ ଥିବା ଗୋଶାଳାକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି।

## ମହାବିନାୟକ ଏବଂ ଓଲାଶୁଣୀ ପୀଠକୁ ୭କୋଟି ଟଙ୍କା ମଞ୍ଜୁର

ବଡ଼ଚଣା(ଭାସ୍କର ନ୍ୟୁଜ): ମହାଶିବରାତ୍ରୀ ଅବ୍ୟବହିତ ପୂର୍ବରୁ ଯାଜପୁର ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ମହାବିନାୟକ ପୀଠର ଉନ୍ନୟନ ଲାଗି ୫କୋଟି ଟଙ୍କା ଓ ସନ୍ଥ ଅରକ୍ଷିତ ଦାସଙ୍କ ସାଧନା ପୀଠ ଓଲାଶୁଣୀର ଉନ୍ନତିକରଣ ପାଇଁ ୨କୋଟି ଟଙ୍କା ମଞ୍ଜୁର କରାଯାଇଛି। ବଡଚଣା ବିଧାୟକ ଅମର ନାୟକଙ୍କ ପ୍ରସ୍ତାବ କ୍ରମେ ଏହି ଦୁଇ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀକୁ ମୋଟ୍ ୭କୋଟି ଟଙ୍କା ମଞ୍ଜୁର କରି ପର୍ଯ୍ୟଟନ ବିଭାଗ ଅର୍ଥ ପୈଠ କରିଛି। ବିଧାୟକ ଅମର କୁମାର ନାୟକ ଏହି ଦୁଇ ପୀଠ ସହ ଅନ୍ୟ ପୀଠଗୁଡ଼ିକର ସାମଗ୍ରିକ ବିକାଶ ପାଇଁ ନିଜ ତରଫରୁ ଡିପିଆର୍ ପ୍ରସ୍ତୁତ କରି ରାଜ୍ୟ ପର୍ଯ୍ୟଟନ ବିଭାଗ ନିକଟରେ ପ୍ରସ୍ତାବ ରଖିବା ସହିତ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିକଟରେ ଦାବୀ ଉପସ୍ଥାପନ କରିଥଲେ। ବିଧାୟକଙ୍କ ପ୍ରୟାସରେ ମହାଶିବରାତ୍ରୀ ଠିକ ପୂର୍ବ ସନ୍ଧ୍ୟାରେ ମହାବିନାୟକ ପୀଠର ବିକାଶ ପାଇଁ ୫କୋଟି ଟଙ୍କାର ମଞ୍ଜୁରୀପତ୍ର ହସ୍ତଗତ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଖୁସୀର ଲହରୀ ଖେଳିଯାଇଛି। ଅଞ୍ଚଳବାସୀଙ୍କ ତତଫରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଉପମୁଖ୍ୟମନ୍ତ୍ରି ପ୍ରଭାତୀ ପରିଡା ଓ ସ୍ଥାନୀୟ ବିଧାୟକ ଅମର ନାୟକଙ୍କୁ ଧନ୍ୟବାଦ୍ ଅର୍ପଣ କରାଯାଇଛି ।

# ଗଞ୍ଜେଇ ମାମଲାରେ ଫେରାର ଅଭିଯୁକ୍ତ କୋର୍ଟଚାଲାଣ



ବାଲିମେଳା(ଭାସ୍କର ନ୍ୟୁଜ): ଗଞ୍ଜେଇ ମାମଲାରେ ସମ୍ପୃକ୍ତ ଥାଇ ଦୀର୍ଘ ମାସ ହେବ ଫେରାର ହୋଇ ଘୁରି ବୁଲୁଥିବା ବେଳେ ଆଜି ଅଭିଯୁକ୍ତ କୁ ଗିରଫ କରି କୋର୍ଟଚାଲାଣ କରିବାରେ ସକ୍ଷମ ହୋଇଛି ପୋଲିସ। ତେବେ ଏପରି ଘଟଣା ମାଲକାନଗିରି ଜିଲ୍ଲା ଓରକେଲ ଥାନାରେ ଦେଖିବାକୁ ମିଳିଛି। ମିଳିଥିବା ସୂଚନାନୁଯାୟୀ ୨୦୨୪ ମସିହା ଏପ୍ରିଲ ମାସରେ ଏକ କାର ଯୋଗେ ବିପୁଳ ପରିମାଣର ଗଞ୍ଜେଇ ମାଲକାନଗିରି ଅତିକ୍ରମ କରି ଯାଉଥିବା ବେଳେ ପାଟ୍ରୋଲିଂ ସମୟରେ ମାଲକାନଗିରି ପୋଲିସ ହାବୁଡ଼ରେ ପଡ଼ିଥିଲେ। ଉକ୍ତ ଗଞ୍ଜେଇକୁ ଜବତ କରି ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ପୋଲିସ ପଚରାଉଚରା ପରେ ସେ ରାଜସ୍ଥାନ ର ବୋଲି ପୋଲିସ ସମ୍ମୁଖରେ ମାନିବା ସହ ଫେରାର ହୋଇଥିବା ତାଙ୍କ ସହଯୋଗୀଙ୍କ ନାମ ସୁଧୀର ପଲେଇ ବୋଲି କହିଥିଲେ। ଏହାପରେ ପୋଲିସ ଫେରାର ଅଭିଯୁକ୍ତକୁ ଖୋଜି ଖୋଜି ତାଙ୍କ ଘର ଓରକେଲ ଥାନା ଅନ୍ତର୍ଗତ ନିଳାଦ୍ରୀନଗର ଗ୍ରାମରେ ପହଞ୍ଚିବା ପରେ ସେ ଫେରାର ଥିବା ଜଣାପଡିଥିଲା । ତେବେ ଅଭିଯୁକ୍ତ ସେହିଦିନଠାରୁ ଫେରାର ହୋଇଯାଇଥିବା ବେଳେ ଆଜି ଓରକେଲ ପୋଲିସ ତାଙ୍କୁ ବହୁ କୌଶଳ ସହ ଧରିବାରେ ସକ୍ଷମ ହୋଇ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ଧୀରେନ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ପଲିଥିନ ଢଙ୍କା ଚାଳଘରେ ନଳିନୀକାନ୍ତଙ୍କ ପରିବାର: ସହାୟତା ଦାବି



ରଘୁନାଥପୁର(ଭାସ୍କର ନ୍ୟୁଜ): ଗରିବ ଦିନମଜୁରୀଆ ତଥା ଦାରିଦ୍ର ସୀମାରେଖାତଳେ ରହୁଥିବା ଲୋକମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଓ ସେମାନଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଯୋଜନା ଉପରେ ଯୋଜନା ପ୍ରସ୍ତୁତ କରିଚାଲିଥିବା ବେଳେ ପ୍ରଶାସନର ଚରମ ଅବହେଳା ପାଇଁ ଗରିବ ଲୋକମାନଙ୍କ ପାଖରେ ପହଞ୍ଚିପାରୁନି ଏହି ଯୋଜନା। ଏହାର ଏକ ନମୁନା ଦେଖିବାକୁ ମିଳିଛି ରଘୁନାଥପୁର ବ୍ଲକ ଛପଡା ପଞ୍ଚାୟତ କେରକେରା ଗ୍ରାମର ୧୫ନମ୍ବର ୱାର୍ଡରେ ନଳିନୀକାନ୍ତ ମହାନ୍ତିଙ୍କ ପରିବାରରେ। ପତ୍ନୀ ମମତା ମହାନ୍ତିଙ୍କ ସହ ଦୁଇଝିଅ, ଗୋଟିଏ ପୁଅ ସହ ୫ ଜଣ ପରିବାର ୨ବଖରା ପଲିଥିନ ଢଙ୍କା ଭଙ୍ଗା ଚାଳଛପର ଘରେ ଜୀବନ ବିତାଉଛନ୍ତି। ନଳିନୀକାନ୍ତ ଜଣେ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିବାରୁ ପକ୍କାଛାତ ଘର ତାଙ୍କ ପାଇଁ ସାତସପନ ହୋଇପଡିଛି। ଘର ଖଣ୍ଡେପାଇଁ ପଞ୍ଚାୟତ କାର୍ଯ୍ୟଳୟରୁ ଆରମ୍ଭ କରି ବ୍ଲକ, ଉପଜିଲ୍ଲାପାଳ, ଜିଲ୍ଲାପାଳଙ୍କ ଜନସୁଣାଣିର ଦ୍ୱାରସ୍ତ ହୋଇଥିଲେ ବି ତାଙ୍କୁ ପକ୍କାଘର ମିଳିପାରିନାହିଁ। ଏହି ଗରିବ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା ପାଇଁ ସେ ସରକାରଙ୍କ ନିକଟରେ ଅନୁରୋଧ କରିଛନ୍ତି।

# ମହନ୍ତ ବାବା ଦାସରଥି ଦାସ ମହାରାଜଙ୍କ ସମାଧି ପ୍ରତିଷ୍ଠା




ପାରାଦ୍ୱୀପ(ଭାସ୍କର ନ୍ୟୁଜ): ପାରାଦୀପ ବନ୍ଦର ଉପକଣ୍ଠରେ ଅବସ୍ଥିତ ସହସ୍ରାଧିକ ବର୍ଷ ପୂର୍ବରୁ ପୁରାତନ କୁଜଙ୍ଗ ରାଜ୍ୟର ଆରାଧ୍ୟା ମା'ରାମଚଣ୍ଡୀଙ୍କର ପୀଠ (ତାରିକନ୍ଧା), ଯାହାକି ପରବର୍ତ୍ତୀ ଅବସ୍ଥାରେ ତାରିଣୀ ଗଡାର ସିଦ୍ଧ ରାମଚଣ୍ଡୀ ମଠ ନାମରେ ନାମିତ ହୋଇଥିଲା । ଉକ୍ତ ମଠର ମଠାଧିସ ବାବା ଦାଶରଥି ଦାସ ମହାରାଜଙ୍କ ଗତ ୫ ତାରିଖ ରାତ୍ର ୧୧ ଘଟିକା ସମୟରେ ମହାପ୍ରୟାଣ ହୋଇଯାଇଥିଲା । ବିଧିବ୍ୟବସ୍ଥା ମଧ୍ୟରେ ମଠ ଟ୍ରଷ୍ଟ ବୋର୍ଡର ସମସ୍ତ ସଭ୍ୟ/ସଭ୍ୟା/କାର୍ଯ୍ୟକର୍ତ୍ତା ଓ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଉଦ୍ୟମରେ ସମାଧି ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସକାଳ ୬ ଘଟିକା ସମୟରୁ ଅଖଣ୍ଡଦୀପ ସ୍ଥାପନା, ଶ୍ରୀ ଶ୍ରୀ ଚତୁର୍ଥ ପ୍ରହର ନାମଯଜ୍ଞ, ସାଧୁ ସମ୍ମିଳନୀ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ବିଭିନ୍ନ ସ୍ଥାନରୁ ସାଧୁସନ୍ଥମାନେ ସମାଗତ ହୋଇ ଦାଶରଥୀ ମହାରାଜାଙ୍କ ଜୟଗାନ କରି ବିଧିବ୍ୟବସ୍ଥା ମଧ୍ୟରେ ଶିଷ୍ୟ ସୀତାରାମ ଦାସଙ୍କୁ ମଠାଧୀଶ ଭାବେ ଅଧିଷ୍ଠିତ କରିଥିଲେ । ଉକ୍ତ ବିଶେଷ କାର୍ଯ୍ୟକ୍ରମରେ ସମାଜସେବୀ ସୁଶାନ୍ତ ଶେଖର ସ୍ୱାଇଁ, ବୈଷ୍ଣବ ଦାସ ମହାରାଜ, ପୁରସ୍ତମ ବାବା ସୀତାରାମ ବାବା, ବିଜୟ ବାବା, ଉମାକାନ୍ତ ନାୟକ, ଜଗନ୍ନାଥ ବାବା, ନରହରି ବାବା, ଭାବସାଗର ବାବା, ବୈରାଗୀ ବାରିକ, ସୁରେନ୍ଦ୍ର ସ୍ୱାଇଁ, ଗୋପୀ ବାବା, ସୁରେନ୍ଦ୍ର ମହାନ୍ତି, ଧୁଶା ବାବା, ବିକାଶ ସ୍ୱାଇଁ, ଅଶୋକ ନାଥ, ବାଇଆ ବାବା, ଅଧିକାରୀ ପ୍ରଭାକର ଦାସ, ଗୁଲିଆ ବାବା, ଜାଗା ବାବା, ମାଗ ବାବା, ପ୍ରସନ୍ନ ବାବା , ଗଣ୍ଡୁଆ ବାବା, ତୋଫାନ ବାବା ପ୍ରମୁଖ ଯୋଗଦେଇ ଦାଶରଥୀ ବାବାଙ୍କ ଜୀବନଚର୍ଯ୍ୟା ଉପରେ ଆଲୋଚନା କରିଥିଲେ ।

## ଅଜଣା ବାଇକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

କଣିହାଁ(ଭାସ୍କର ନ୍ୟୁଜ): କଣିହାଁ ଥାନା ଅର୍ନ୍ତଗତ ବଡତ୍ରିବିଡା ପଂଚାୟତ ଅଫିସ ସମ୍ମୁଖରେ ଅଜଣା ବାଇକ ଧକ୍କାରେ ଡମ୍ବରୁ ବେହେରା (୭୨) ନାମକ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି । ତାଙ୍କର ଘର ସେହି ବଡତ୍ରିବିଡା ଗ୍ରାମରେ । ବୁଧବାର ସକାଳ ପ୍ରାୟ ସାଢ଼େ ୯ରେ ଡମ୍ବରୁ ଗ୍ରାମରୁ ପଂଚାୟତ ଅଫିସ ସମ୍ମୁଖ ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ଏକ ଅଜଣା ବାଇକ ଧକ୍କା କରି ଫେରାର ହୋଇଯାଇଥିଲା । ପରେ ଗୁରୁତର ଅବସ୍ଥାରେ ତାଙ୍କୁ କଣିହାଁ ମେଡ଼ିକାଲକୁ ନିଆଯାଇଥିଲା ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ଖବର ପାଇ କଣିହାଁ ପୋଲିସ ମେଡ଼ିକାଲରେ ପହଞ୍ଚି ଏକ ମୋକଦ୍ଦମା ରୁଜୁ କରି ଶବ ବ୍ୟବଛେଦ ପାଇଁ ତାଳଚେର ପଠାଇ ତଦନ୍ତ ଚଳାଇଛି ।

## କହୁ କହୁ କହିଦେଲେ ସହକାରୀ ନିର୍ବାହୀ ଯନ୍ତ୍ରୀ

# ଭିତ୍ତି ପ୍ରସ୍ତର ସ୍ଥାପନ ବେଳେ ଫଳକରେ ସାଂସଦଙ୍କ ନାମ ନଥିବା ଘଟଣା



ନିଆଳି(ଭାସ୍କର ନ୍ୟୁଜ): ପ୍ରାଚୀ ଡିଭିଜନ ଅଧୀନ ପ୍ରତାପନଗରୀ ସବଡିଭିଜନ ଅଧୀନ ଖଳର୍ଦ୍ଦା ପଞ୍ଚାୟତରେ ଓଡିଶା ସରକାରଙ୍କ ଜଳସମ୍ପଦ ପକ୍ଷରୁ ପ୍ରତାପନଗରୀ କାକଟପୁର ଶାଖା କେନାଲରେ ଦୂରତା ୧୦.୮୮୫ ଠାରୁ ୧୩.୩୦୦ କିମି ପର୍ଯ୍ୟନ୍ତ କଂକ୍ରିଟ ଲାଇନ କାର୍ଯ୍ୟ କରିବା ପାଇଁ ଗତ ୧୮ ତାରିଖରେ ଉକ୍ତ ବିଭାଗ ପକ୍ଷରୁ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ଠିକାଦାର ଓ ଦଳିୟ କର୍ମୀ, ବିଭାଗୀୟ ଯନ୍ତ୍ରୀ, ବିଧାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ, ବିଭାଗୀୟ ଯନ୍ତ୍ରୀମାନେ ଉପସ୍ଥିତ ରହି ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା । କିନ୍ତୁ ଯେଉଁ ଫଳକ ମରାଯାଇଥିଲା ଉକ୍ତ ଫଳକରେ ଶାସକ ଦଳର ସାଂସଦ ବିଭୁ ପ୍ରସାଦ ତରାଇଙ୍କ ନାମନଥିଲା। ଏ ନେଇ ସାଂସଦଙ୍କ ସମର୍ଥକ ମଧ୍ୟରେ ତୀବ୍ର ଅସନ୍ତୋଷ ପାଇବା ପରେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାଇ ବିଭାଗୀୟ ଅଧିକାରୀମାନେ ସାଂସଦଙ୍କୁ ଭୁଲ ମାଗିଛନ୍ତି। ଏହି ଘଟଣାକୁ ନେଇ ପ୍ରତାପ ନଗରୀ ସବଡ଼ିଭିଜନ, ସହକାରି ନିର୍ବାହୀ ଯନ୍ତ୍ରୀ ଅଜୟ ବେହେରାଙ୍କୁ ପଚାରିବାରୁ ବିଧାୟକଙ୍କ ନିର୍ଦ୍ଦେଶରେ ଫଳକରେ ନାମ ପ୍ରକାଶ ପାଇଥିଲା। ଏଠାରେ ପ୍ରଶ୍ନ ଶାସକ ଦଳର ବିଧାୟକ ଓ ଶାସକ ଦଳର ସାଂସଦ ହୋଇ ମଧ୍ୟ କାହିଁକି ବିଧାୟକ ସାଂସଦଙ୍କ ନାମ ଲେଖିବାକୁ ଅନୁମତି ଦେଇନଥିଲେ। ଏଥିରେ ଗୋଷ୍ଠି କନ୍ଦଳ ନାଁ ସାମନ୍ତରଳ ସଂଗଠନ ପାଇଁ ହେଉଛି କି ଉଦ୍ୟମ ! ବିଭାଗୀୟ ସହକାରୀ ଯନ୍ତ୍ରୀମାନେ କୋଟି କୋଟି ଟଙ୍କା ପୂର୍ବ ସରକାଙ୍କ ସମୟରେ ଗଛିତ ରଖିଥିବାରୁ ବିଧାୟକଙ୍କ କଥାରେ ଉଠ ବସ ହେଉନାହାନ୍ତି ତ ! ଯାହା କହୁ କହୁ ସହକାରୀ ନିର୍ବାହୀ ଯନ୍ତ୍ରୀ କହିଦେଇଛନ୍ତି ବିଧାୟକଙ୍କ ଅନୁମତିରେ ଫଳକ ତିଆରି ହୋଇଥିଲା। ସାଂସଦଙ୍କ ଏଭଳି ଅପମାନ ଆଗକୁ କି ରୂପ ନେଉଛି ତାହା ସାଧାରଣରେ ଆଲୋଚନା ହେଉଛି।



ବାଲୁଗାଁ, (ଭାସ୍କର ନ୍ୟୁଜ୍ ) : ଚିଲିକା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଘିଅଖଲା ମଠପୁର ବିଦ୍ୟାଳୟ ପ୍ରାଙ୍ଗଣରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚିଲିକା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ କିଶୋର ଚନ୍ଦ୍ର ଦାଶ, ମୁଖ୍ୟ ବକ୍ତା ଭାବେ ଡ଼ିଏଫଓ ଅମ୍ଳାନ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ନୀଳାଦ୍ରି ଭୂଷଣ ଦାଶ, ସହ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଗୀତାଞ୍ଜଳି ନାୟକ, ପରିଚାଳନା କମିଟି ସଭାପତି ବାସୁଦେବ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରାକ୍ତନ ଛାତ୍ରମାନଙ୍କୁ ତାଙ୍କର ସରକାରୀ ଅଧିକାରୀ ଭାବେ ଉତ୍ତମ କାର୍ଯ୍ୟ ଦକ୍ଷତା ପାଇଁ ଅବସରପ୍ରାପ୍ତ ପୋଲିସ ଉଚ୍ଚ ଅଧିକାରୀ କିଶୋର ପାଢ଼ୀଶାଣୀ, ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ କସ୍ତୁରୀ ଚରଣ ପ୍ରଧାନ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ରବୀନ୍ଦ୍ର ନାଥ ପ୍ରଧାନ, ଅବସରପ୍ରାପ୍ତ ନୌସେନା ଉଚ୍ଚ ଅଧିକାରୀ ଦୁନିଆଁ ଯୁଝାରସିଂହ ଓ କାର୍ଯ୍ୟରତ ପୋଲିସ ଅଧିକାରୀ ପ୍ରଦୀପ କୁମାର ଯୁଝାରସିଂହଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନ୍ଦାକିନୀ ଦାଶଙ୍କ ପୌରହିତ୍ୟରେ ସିଆରସିସି କୁଳମଣି ବାରିକ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ପରିଚାଳନା କମିଟି ସଦସ୍ୟ, ଶିକ୍ଷକ ଶିକ୍ଷୟିତ୍ରୀ ଓ ସମସ୍ତ ଛାତ୍ରଛାତ୍ରୀମାନଙ୍କ ସହଯୋଗରେ ଏହି ଉତ୍ସବ ନିରାଡ଼ମ୍ବର ଭାବେ ପାଳିତ ହୋଇଥିଲା। ପରିଶେଷରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥି ଗହଣରେ ମାନପତ୍ର ସହ ସମ୍ମାନିତ କରାଯାଇଥିଲା।

# ଆର୍‌ବିଆଇ ପକ୍ଷରୁ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ



କୋଷାଗୁମୁଡା/ନବରଙ୍ଗପୁର, (ଭାସ୍କର ନ୍ୟୁଜ୍ ) : ଭାରତୀୟ ରିଜର୍ଭ ବ୍ୟାଙ୍କ ଚଳିତବର୍ଷ ଫେବୃଆରି ୨୪ ରୁ ୨୮ ତାରିଖ ପର୍ଯ୍ୟନ୍ତ ଆର୍ଥିକ ସାକ୍ଷରତା ସପ୍ତାହ ପାଳନ କରୁଛି । ଆର୍ଥିକ ଅନ୍ତର୍ଭୁକ୍ତୀକରଣରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ବିଚାରକୁ ନେଇ ଆର୍ଥିକ ସାକ୍ଷରତା ସପ୍ତାହ ୨୦୨୫ର ବିଷୟବସ୍ତୁ 'ଆର୍ଥିକ ବୁଦ୍ଧିମତା ଯାହାରି, ସେ ସମୃଦ୍ଧ ନାରୀ' ରଖାଯାଇଛି । ଏହି ସପ୍ତାହରେ ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ସମସ୍ତ ଅଂଶୀଦାର ଯଥା ବ୍ୟାଙ୍କ, ଏଫଏଲସି ଓ ସିଏଫଏଲ୍‌ର ମିଳିତ ସହଯୋଗରେ ଗୃହିଣୀ, କର୍ମଜୀବୀ ମହିଳା ଓ ମହିଳା ଉଦ୍ୟୋଗୀଙ୍କ ପାଇଁ ଆର୍ଥିକ ସାକ୍ଷରତା ଶିବିର ଆୟୋଜନ କରୁଅଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଦିନ ନବରଙ୍ଗପୁର ଜିଲ୍ଲାର ପାପଡାହାଣ୍ଡି ବ୍ଲକର ଡ଼େଙ୍ଗାଗୁଡ଼ା, ସଦର ପାପଡାହାଣ୍ଡି ପଞ୍ଚାୟତ ଏବଂ ନବରଙ୍ଗପୁର ସଦର ମହିଳା ମହାବିଦ୍ୟାଳୟ ଠାରେ ଏକ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗୃହିଣୀ, କର୍ମଜୀବୀ ମହିଳା ଏବଂ ମହିଳା ଉଦ୍ୟୋଗୀ ବର୍ଗର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ମହିଳା ଅଂଶଗ୍ରହଣ କରିଥିଲେ। ରିଜର୍ଭ ବ୍ୟାଙ୍କର ଜିଲ୍ଲା ମୁଖ୍ୟ ପ୍ରବନ୍ଧକ ଗୋପାଳ କୃଷ୍ଣ ପଣ୍ଡା, ଏଲଡିଓ ନୀଳାଚଳ ସୁବୁଦ୍ଧି, ଏଫଏଲସି ହରିନାଥ ପଣ୍ଡା, ପାପଡାହାଣ୍ଡି ବିପିଏମ ସୁଧାଂଶୁ ବାବୁ, ଧାନ ଫାଉଣ୍ଡେସନର କୋଡିନେଟର, ଆସୋସାଇଟି ପ୍ରମୁଖ ଉପସ୍ଥିତ ଥିଲେ। ଅଂଶଗ୍ରହଣକାରୀଙ୍କୁ ମାଇକ୍ରୋ ସେଭିଂ, ମାସିକ ବ୍ୟୟ ବଜେଟ୍, ଜରୁରୀକାଳୀନ ଯୋଜନା, ବିବିଧତା ଏବଂ ରିସ୍କ ପରିଚାଳନା, ବ୍ୟବସାୟ ପାଇଁ ଋଣ ନେବା, ଠିକ୍ ସମୟରେ ଇଏମ୍‌ଆଇ ପ୍ରଦାନ କରିବା, କ୍ରେଡିଟ୍ ସ୍କୋରର ଗୁରୁତ୍ୱ, ବିଭିନ୍ନ ପ୍ରକାରର ଆର୍ଥିକ ଠକେଇ ଏବଂ ରିଜର୍ଭ ବ୍ୟାଙ୍କ ସମନ୍ୱିତ ଯୋଜନା ବିଷୟରେ ଅବଗତ କରାଇଥିଲେ। ଏଲ୍‌ଡିଏମ୍ ଗୋପାଳ କୃଷ୍ଣ ପଣ୍ଡା,ଏଫ୍‌ଏଲ୍‌ସି ହରିନାଥ ପଣ୍ଡା, କୋଷାଗୁମୁଡା ସିଏଫଏଲ, ନବରଙ୍ଗପୁର ସିଏଫଏଲଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ଅଭିଯୁକ୍ତ ସୁସ୍ଥ ହେବାପରେ କୋର୍ଟ ଚାଲାଣ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ବଳାତ୍କାର ପରେ ହତ୍ୟା କରିବା ଅଭିଯୋଗରେ ଗିରଫ ହେଲା ଅଭିଯୁକ୍ତ। ଅଭିଯୁକ୍ତ ଜଣକ ମୁକା ପଡ଼ିଆମୀ(୩୮)। ଗତ ୧୯ରେ ଘଟିଥିଲା ଏହି ଅଘଟଣ। ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଦ୍ରୋଣାଚାର୍ଯ୍ୟ ସୁନାନୀ ସୂଚନା ଦେଇଛନ୍ତି। ଅଭିଯୋଗ ଅନୁସାରେ, ଗୁମୁକାର ମାଲା ମାଡ଼କାମୀ ଆନ୍ଧ୍ରପ୍ରଦେଶକୁ କାମ କରିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ୧୯ ତାରିଖ ବିଳମ୍ବିତ ରାତିରେ ଅଭିଯୁକ୍ତ ମୁକା ମାଲାଙ୍କ ଘରେ ପଶିଥିଲା। ପରେ ଶିଙ୍ଗଙ୍କୁ ଉଲଗ୍ନ ଅବସ୍ଥାରେ ମରି ପଡ଼ିଥିବା ପରିବାର ଲୋକ ଦେଖିବାକୁ ପାଇଥିଲେ। ସେତେବେଳେ ଅଭିଯୁକ୍ତ ମୁକା ସେହି ଘରେ ଥିଲା। ଗାଁ ଲୋକେ ମୁକାକୁ ଗଛରେ ବାନ୍ଧି ମାଡ଼ ମାରିଥିଲେ। ପୋଲିସ ମୁକାକୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ମୃତ ଶିଙ୍ଗଙ୍କ ଯାଆ ୱାଗେଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତ ସୁସ୍ଥ ହେବା ପରେ ପୋଲିସ ତାକୁ କୋର୍ଟ ଚାଲାଣ କରିଥିଲା । ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଏବଂ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ତଥ୍ୟ ଜଣା ପଡ଼ିବ ବୋଲି ଥାନା ଅଧିକାରୀ କହିଛନ୍ତି।

# ଗୋଟିଏ ଦିନରେ ୩ ଘରୁ ଚୋରି

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍) : ପାରଳାଖେମୁଣ୍ଡି ସହର ଜିଲ୍ଲାର ସଦର ମହକୁମା ଅଟେ । ଜିଲ୍ଲାରେ ଜିଲ୍ଲାପାଳ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଜିଲ୍ଲା ଆରକ୍ଷୀ ଅଧକ୍ଷ କାର୍ଯ୍ୟାଳୟ ଅଛି। ସହରରେ ଜିଲ୍ଲା ଉପଆରକ୍ଷୀ ଅଧକ୍ଷ କାର୍ଯ୍ୟାଳୟ ସହ ବାସଗୃହ, ଆଦର୍ଶ ଥାନା ଓ ଦୁଇ ଗୋଟି ପୋଲିସ ଆଉଟ୍ ପୋଷ୍ଟ ମଧ ଅଛି। କିନ୍ତୁ ଜିଲ୍ଲାର ଜନସାଧାରଣ ମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି । ନିଜର କର୍ମକ୍ଷେତ୍ରକୁ ଯିବା ପୂର୍ବରୁ ଘର ତାଲା ଦେଇ ଯାଆନ୍ତି । ଏହାର ସୁଯୋଗ ଦେଖି ଚୋର ମାନେ କଳା କନା ବୁଲାଇ ଚାଲିଥାନ୍ତି । ଗତ ଦୁଇ ଦିନ ତଳେ ପୁରୁଣା ପାଟଣା ରୋଡ଼ ସ୍ଥିତ ଜଣକ ଘରୁ ଚୋରି ସହ ରାଜଦାଣ୍ଡ ସ୍ଥିତ ବ୍ରହ୍ମପୁର କୋପରେଟିଭ୍ ବ୍ୟାଙ୍କରେ ତାଲା ଭାଙ୍ଗି ଚୋରି ଉଦ୍ୟମ ହୋଇଥିଲା। ପୁଣି ଧାମରା ବିହାରର ୩ୟ ଲାଇନ୍‌ରେ ୩ ଘରୁ ଲକ୍ଷ୍ୟାଧିକ ଟଙ୍କା ସହ ସୁନା ଅଳଙ୍କାର ଚୋରି ହୋଇଯାଇଥିବା ଖବର ମିଳିଛି । ସୂଚନା ଯୋଗ୍ୟ ଯେ ରାୟଗଡ଼ ବ୍ଲକ ସାନତୁଣ୍ଡି ପଞ୍ଚାୟତର ସରପଞ୍ଚ ସଙ୍ଗ ମିତ୍ରତା ଶବରଙ୍କ ଘରୁ ଚୋରି ହୋଇଛି। ସେ ପଞ୍ଚାୟତ କାର୍ଯ୍ୟ ପାଇଁ ଯାଇଥିଲେ। ସକାଳୁ ଆସି ନିଜ ଘର ପାଖକୁ ଯାଇ ଦେଖିଲା ବେଳକୁ ଘରର ଚାବି ଭଙ୍ଗା ଯାଇଛି। ସେ ପରେ ପୋଲିସକୁ ଖବର ଦେଇଥିଲେ। ଶବରଙ୍କ ଘର ପାଖରେ ଥିବା ସୁଧିର କୁମାର ଶତପଥି ଘରେ ନଥିବା ସମୟରେ ଘରୁ ଚୋରି ହୋଇଥିବା ନେଇ ତାଙ୍କ ପୁଅ ଦେବାଶିଷ ଶତପଥି ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଘର ୧ ଲକ୍ଷ ଟଙ୍କା ସହ ୩ ଭରି ସୁନା ଅଳଙ୍କାର ଚୋରି ହୋଇଛି। ଶବରଙ୍କ ଘରୁ ୩ ଗୋଟି କାନ ଫୁଲ ସହ ୨୫ ହଜାର ଟଙ୍କା ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପାରଳା ଥାନାରେ ମାମଲା ରୁଜୁ କରାଯାଇଛି। ପାରଳାଖେମୁଣ୍ଡି ସହରରେ ବାହର ରାଜ୍ୟର ଲୋକମାନେ ଆସି ବ୍ୟାପାର କରିଥାନ୍ତି। ପାରଳା ସହରରେ ସାଧାରଣ ଜନତା ମାନେ କହୁଛନ୍ତି ଯେ ପୋଲିସ କରୁଛି କ'ଣ ? ପାଟ୍ରୋଲିଙ୍ଗ୍ ମଧ ରାତ୍ର ସମୟରେ ହେଉନାହିଁ ।

# ଶିବରାତ୍ରି ପାଇଁ ଉତ୍ସବ ମୁଖର ସହର



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍ ) : ଗଜପତି ଜିଲ୍ଲାର ସମସ୍ତ ଶୈବ ପିଠରେ ଭକ୍ତ ମାନଙ୍କ ପ୍ରବଳ ଭିଡ଼ ଲାଗିରହିଛି। ଭୋର ୩ ଘଣ୍ଟା ସମୟରୁ ଦ୍ୱାର ଫିଟାଯାଇଥିଲା । ମଙ୍ଗଳ ଆଳତି ପରେ ନିତିକାନ୍ତି ସରିବା ପରେ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା । ସେହିପରି ଓଡିଶା ପ୍ରସିଦ୍ଧ ମହେନ୍ଦଗିରି ଠାରେ ପଞ୍ଚୁ ପାଣ୍ଡବଙ୍କ ଶୈବ ପିଠ ରହିଛି। ଏହି ସ୍ଥାନକୁ ରାଜ୍ୟରୁ ତଥା ରାଜ୍ୟ ବାହାରୁ ଅନେକ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଚଳିତବର୍ଷ ପର୍ବତ ଶିଖରକୁ ଚାରି ଚକିଆ ଯାନ ଯାଉ ଥିବା ଯୋଗୁଁ ଭକ୍ତଙ୍କ ଭିଡ଼ ଦୁଇ ଗୁଣିତ ହୋଇଥିଲା। ପୁରାଣ କଥା ଅନୁସାରେ ପଞ୍ଚୁପାଣ୍ଡବ ମାନେ ବନବାସ ସମୟରେ ଏହି ପର୍ବତ ଉପରେ ଗୁମ୍ଫାରେ ରହି ଶିବଙ୍କ ଉପାସନା କରିଥିଲେ । ମହାଶିବରାତ୍ରି ତଥା ଜାଗର ଅବସରରେ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା । ଜିଲ୍ଲା ଓ ସହରରେ ଥିବା ସମସ୍ତ ଶୈବ ପିଠରେ ରାତ୍ର ୨ ଘଣ୍ଟା ସମୟରେ ମହାଦ୍ୱୀପ ଉଠିବ ବୋଲି ମଧ ପୂଜକ ଜଣାଇଛନ୍ତି। ମନ୍ଦିର ପ୍ରାଙ୍ଗଣରେ ଭକ୍ତି ସଙ୍ଗୀତ, ଭାରତ ଲୀଳା କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଛି।

## ଭେଣ୍ଡିଂ ଜୋନରେ ମଦ ବିକ୍ରି, ଦୋକାନ ସିଲ କଲେ ନିର୍ବାହୀ ଅଧିକାରୀ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍) : ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ କାଳୀବଜାର ଠାରେ ଥିବା ଏକ ବହୁତଳ ପ୍ରାସାଦ ସପିଙ୍ଗ ମଲ ନିକଟରେ ବେଆଇନ ଭାବେ ମଦ ବିକ୍ରି ହେଉଥିବା ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଭିତ୍ତି କରି ଏହି ଦୋକାନକୁ ସିଲ କରାଯାଇଛି। ସୂଚନା ଅନୁଯାୟୀ ସୋମବାର ସନ୍ଧ୍ୟାରେ ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ଲୋକନାଥ ବେଜ ଜଉ ମୁଦ ଦେଇ ସିଲ କରିଥିଲେ। ସୂଚନା ଯୋଗ୍ୟ ଗତ ୨୧ ତାରିଖ ସନ୍ଧ୍ୟା ୭.୪୫ରେ ଭୁବନ ପୋଲିସ କସମୋ ବଜାର ସାମ୍ନାରୁ ୭.୪୪ ଲିଟର ବିଦେଶୀ ମଦ ଜବତ କରିବା ସହ ପ୍ରମୋଦ ବାରିକ (୬୮)ଙ୍କୁ ଗିରଫ କରାଯାଇଥିଲା ବୋଲି ତଦନ୍ତକାରୀ ଅଧିକାରୀ ପ୍ରଦୀପ କୁମାର ମର୍ଦରାଜ ଭୂୟାଁଙ୍କ ସୂତ୍ରରୁ ଜଣାପଡିଛି । ସର୍ତ୍ତ ଖିଲାପ କରିଥିବାରୁ ସିଲ କରାଗଲା ବୋଲି ନିର୍ବାହୀ ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି।

# ୧୨୦ତମ ରୋଟାରୀ ଦିବସ ପାଳିତ




ଭଞ୍ଜନଗର, (ଭାସ୍କର ନ୍ୟୁଜ୍ ) : ଭଞ୍ଜନଗର ରୋଟାରୀ କ୍ଲବ ତରଫରୁ ସଭାପତି ବସନ୍ତ କୁମାର ପାତ୍ରଙ୍କ ସଭାପତିତ୍ୱରେ ରୋଟାରୀ ଦିବସ ପାଳିତ ହୋଇଛି। ଅତିଥିଭାବେ ଡ଼. ପୂର୍ଣଚନ୍ଦ୍ର ତ୍ରିପାଠୀ, ଅବସର ପ୍ରାପ୍ତ ଅଧକ୍ଷ ଯୋଗ ଦେଇଥିବାବେଳେ ସମ୍ପାଦକ ରାମଚନ୍ଦ୍ର ମିଶ୍ର ମଞ୍ଚାସୀନ ହୋଇ କ୍ଲବ ଗଠନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ଭଞ୍ଜନଗର କ୍ଲବ ତରଫରୁ କରାଯାଉଥିବା ବିଭିନ୍ନ ସେବା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ରୋଟାରୀୟାନ ପ୍ରଦ୍ୟୁମ୍ନ କୁମାର ମଳିକ, ସନ୍ତୋଷ ଜେନା, ମଧୁସୂଦନ ମହାପାତ୍ର, ରଂଜିତ କୁମାର ବାରିକ, ରବୀନ୍ଦ୍ର କୁମାର ପାଣିଗ୍ରାହୀ, ସନତ କୁମାର ସୁବୁଦ୍ଧି, ସୁଧୀର କୁମାର ପାଣିଗ୍ରାହୀ, ଶ୍ରୀନିବାସ ସୁବୁଦ୍ଧି, ଭି. ଦେବୀ ପ୍ରସାଦ ପାତ୍ର, ଦିବ୍ୟ ରଞ୍ଜନ ଦାସ, ଜଗବନ୍ଧୁ ଜେନା, ବିଚିତ୍ର କୁମାର ପାଣିଗ୍ରାହୀ ରୋଟାରୀ ଦିବସ ଉପରେ ହୋଇଥିବା ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିଥିଲେ। ନିକଟ ଅତୀତରେ ଯୋଗଦେଇଥିବା ରୋଟାରୀୟାନ କାର୍ତ୍ତିକ ଦଳବେହେରା, ଶଙ୍କର ନାରାୟଣ ପାତ୍ର ଓ ମନୋଜ କୁମାର ସେନାପତିଙ୍କୁ ପରିଚିତ କରାଇ କ୍ଲବ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ରୋଟାରୀୟାନ ବିଚିତ୍ର କୁମାର ପାଣିଗ୍ରାହୀଙ୍କ ବିବାହ ବାର୍ଷିକୀ ଉତ୍ସବକୁ କ୍ଲବ ତରଫରୁ ଆଡମ୍ବର ସହିତ ପାଳନ କରାଯାଇଥିଲା। ଏଥିରେ ରୋଟାରୀ ପରିବାରର ବହୁ ସଦସ୍ୟ, ସଦସ୍ୟା ଯୋଗଦେଇଥିଲେ। ଶେଷରେ ସମ୍ପାଦକ ରାମ ଚନ୍ଦ୍ର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ସମ୍ମାନିତ ହେଲେ ଜାତୀୟ ପ୍ରସ୍ତରଶିଳ୍ପୀ ସୁଶାନ୍ତ



ବାଲିଚନ୍ଦ୍ରପୁର, (ଭାସ୍କର ନ୍ୟୁଜ୍ ) : ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ଥାନା ଅଧିନ ପଲେଇ ଗ୍ରାମର ଜାତୀୟ ପୁରସ୍କାର ପ୍ରାପ୍ତ ପ୍ରସ୍ତରଶିଳ୍ପୀ ସୁଶାନ୍ତ କୁମାର ଦାସଙ୍କୁ ହରିୟାଣାର ସୁରଜକୁଣ୍ଡ ଠାରେ ଅନୁଷ୍ଠିତ ଆନ୍ତର୍ଜାତୀୟ ସୁରଜକୁଣ୍ଡ ହସ୍ତଶିଳ୍ପ ମେଳାରେ ନିଜର କଳାକୃତି ପ୍ରଦର୍ଶନ ପାଇଁ ସମ୍ମାନିତ କରାଯାଇଛି। ୧୭ ଦିନ ଧରି ଅନୁଷ୍ଠିତ ହୋଇଥିବା ଉକ୍ତ ମେଳାର ଅନ୍ତିମ ଦିବସରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ହରିୟାଣାର ପ୍ରଶାସନିକ ଅଧିକାରୀ ଡ଼ଃ.ସୁନିଲ କୁମାର ଯୋଗଦେଇ ସୁଶାନ୍ତଙ୍କୁ 'କଳାନିଧି ସମ୍ମାନ'ରେ ସମ୍ମାନିତ କରି ନଗଦ ଅର୍ଥରାଶି ଓ ମାନପତ୍ର ପ୍ରଦାନ କରିଛନ୍ତି। ଯାଜପୁର ଜିଲ୍ଲାରୁ ଏକମାତ୍ର ଶିଳ୍ପୀ ଭାବେ ବଡ଼ଚଣା ବ୍ଲକ ପଲେଇ ଗ୍ରାମର ଶ୍ରୀ ଦାସ ଏହି ଆନ୍ତର୍ଜାତୀୟ ପ୍ରଦର୍ଶନୀରେ ଭାଗନେଇଥିଲେ। ଏହି ସମ୍ମାନ ପାଇଁ ବଡ଼ଚଣା ବିଧାୟକ ଅମର କୁମାର ନାୟକ, ସମାଜସେବୀ ଅଶୋକ କୁମାର ସାମଲ, ସୁମନ୍ତ କୁମାର ସାମଲଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ମାନ୍ୟଗନ୍ୟ ବ୍ୟକ୍ତି ଓ ଅନୁଷ୍ଠାନ ଶ୍ରୀ ଦାସଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ମହୁଲି ଗାଁରେ ଜଳିଗଲା ଛତୁ ଫାର୍ମ



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍ ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ମହୁଲି ଗାଁରେ ଛତୁ ଫାର୍ମ ପାଇଁ ରଖିଥିବା ନଡାଗଦାରେ ଲାଗିଲା ନିଆଁ। ଛତୁ ଚାଷୀ ରାକେଶ କୁମାର ସାହୁଙ୍କ ଫାର୍ମରେ ଲାଗିଛି ନିଆଁ। ଫାର୍ମରେ ଥିବା ପ୍ରାୟ ୫ ଲକ୍ଷ ଟଙ୍କାର ନଡା ଜଳିପୋଡି ନଷ୍ଟ ହୋଇଯାଇଛି। ବିଳମ୍ବିତ ରାତି ପ୍ରାୟ ୨ଟା ସମୟରେ କେହି ଦୁର୍ବୃତ ନିଆଁ ଲଗେଇ ଦେଇଥିବା ଅଭିଯୋଗ ହେଉଛି। ଛତୁ ଚାଷ ପାଇଁ ଫାର୍ମରେ ଥିବା ନଡା ଏବଂ ପାଣି ପାଇପ ସହ ଜରି ପାଲ ସମ୍ପୂର୍ଣ୍ଣ ଜଳି ଯାଇଛି। ଖବର ପାଇ କାମାକ୍ଷାନଗର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ନିଆଁ ଆୟତ ବେଳକୁ ସମ୍ପୂର୍ଣ୍ଣ ନଡା ପୋଡି ପାଉଁଶ ହୋଇଯାଇଛି। ତେବେ କ୍ଷତିଗ୍ରସ୍ତ ଛତୁ ଚାଷୀଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# କୃଷି ବିଭାଗ ପକ୍ଷରୁ କୃଷକ ସଚେତନତା କର୍ମଶାଳା




ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ୍ ) : ଭଣ୍ଡାରିପୋଖରୀ ବ୍ଲକ କୃଷି ବିଭାଗ ଓ ଏଡିଆଇ ସଂସ୍ଥାର ମିଳିତ ଆନୁକୂଲ୍ୟରେ କୃଷକ ସଚେତନତା କର୍ମଶାଳା ମଙ୍ଗଳବାର କୁମ୍ଭାରିଆ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଅନ୍ତର୍ଗତ ଧାନ ପରବର୍ତ୍ତି ପତିତ ଜମିରେ ଡାଲି ଜାତୀୟ ଫସଲ ଚାଷ ଶୀର୍ଷକ ସଚେତନତା ସଭାରେ ଅବସରପ୍ରାପ୍ତ ଜିଲ୍ଲା କୃଷି ଅଧିକାରୀ ଶ୍ରୀଧର ଦାସ, ବ୍ଲକ କୃଷି ଅଧିକାରିଣୀ ସୁଦିପ୍ତା ପଣ୍ଡା, ସହକାରୀ ବ୍ଲକ କୃଷି ଅଧିକାରୀ ସଞ୍ଜିବ ମଲ୍ଲିକ, ଗ୍ରାମ୍ୟ କୃଷି କର୍ମଚାରୀ ପ୍ରମୋଦ କୁମାର ନାୟକ, ସମ୍ବଳ ବ୍ୟକ୍ତି ଧର୍ମେନ୍ଦ୍ର ନାୟକ, ଏ.ଡି.ଆଇ. ସଂସ୍ଥା ସ୍ଥାନୀୟ ବ୍ଲକ ସଂଯୋଜକ ଦିବାକର ସାହୁ ପ୍ରମୁଖ ଯୋଗଦେଇ ବିରି, ମୁଗ ଭଳି ଡାଲି ଜାତୀୟ ଚାଷ ନିମନ୍ତେ ଜମି ପ୍ରସ୍ତୁତି, ରୋଗ ପୋକ ପରିଚାଳନା ଓ ଏଥିପାଇଁ ଉପଲବ୍ଧ ସରକାରୀ ସୁବିଧା ଓ ପ୍ରୋତ୍ସାହନ ଆଦି ସମ୍ପର୍କରେ ଉପସ୍ଥିତ ଚାଷୀମାନଙ୍କୁ ସଚେତନ କରାଇଥିଲେ। କୃଷକମାନେ ଡାଲି ଜାତୀୟ ଚାଷକୁ ଅଧିକ ଗୁରୁତ୍ୱ ଦେବାକୁ ପ୍ରବର୍ତ୍ତାଇଥିଲେ।

# କଣିହାଁ ବ୍ଲକରେ ନୂଆଁ ବିଡିଓଙ୍କ ନିଯୁକ୍ତି



କଣିହାଁ, (ଭାସ୍କର ନ୍ୟୁଜ): କଣିହାଁ ବ୍ଲକର ନୂଆଁ ବିଡିଓ ଭାବରେ ତ୍ରିବିକ୍ରମ କୁମୁରା ଯୋଗଦାନ କରିଛନ୍ତି। ମଙ୍ଗଳବାର ଦିନ ଶ୍ରୀ କୁମୁରା ବ୍ଲକର ପୂର୍ବତନ ବିଡିଓ ଦେବଦତ୍ତ ପ୍ରଧାନଙ୍କ ଠାରୁ ଆନୁଷ୍ଠାନିକ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ନୂଆଁ ବିଡିଓଙ୍କୁ ପୂର୍ବତନ ବିଡିଓ, ବ୍ଲକ କର୍ମଚାରୀଗଣ ଫୁଲତୋଡା ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ଶ୍ରୀ କୁମୁରା ଏହା ପୂର୍ବରୁ ଛେଣ୍ଡିପଦା ବ୍ଲକର ପୂର୍ବତନ ବିଡିଓ ଥିଲେ। ବ୍ଲକର ସମସ୍ତ ଉନ୍ନୟନ କାର୍ଯ୍ୟକୁ ଆଗେଇ ନେବା ପାଇଁ ପ୍ରୟାସ ଜାରି ରଖିବେ ବୋଲି ନୂଆଁ ବିଡ଼ିଓ କହିଛନ୍ତି।

# ୪ରେ ରକ୍ତଦାନ ଶିବିର

ବାରିପଦା, (ଭାସ୍କର ନ୍ୟୁଜ୍): ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ, ତକତପୁର ପରିସରରେ ଆସନ୍ତା ମାର୍ଚ୍ଚ ଚାରି ତାରିଖ ପୂର୍ବାହ୍ନରେ ଏକ ରକ୍ତଦାନ ଶିବିର ଆୟୋଜିତ ହେବ। ଏବଂ ଏଥିରେ ଶହେରୁ ଅଧିକ ୟୁନିଟ ରକ୍ତ ସଂଗ୍ରହର ଲକ୍ଷ୍ୟ ରଖାଯାଇଛି ବୋଲି କାର୍ଯ୍ୟକ୍ରମ ସଂଯୋଜକ ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ ସୂଚନା ଦେଇଛନ୍ତି। ସହକାରୀ ପ୍ରଫେସର ରାଜକିଶୋର ରାଉଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଡକ୍ଟର ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ସହକାରୀ ପ୍ରଫେସର ଉମେଶ ଚନ୍ଦ୍ର ମାଝୀ, ଡକ୍ଟର ଚିତ୍ରସେନ ସେଠୀ, ସରୋଜ ଦାସ, ଅଧାପକ ଧ୍ରୁବଚରଣ ମଲ୍ଲିକ ବକ୍ତବ୍ୟ ଉପସ୍ଥାପନ କରି ଛାତ୍ରଛାତ୍ରୀଙ୍କୁ ରକ୍ତଦାନ ପାଇଁ ପ୍ରସାହିତ କରିଥିଲେ। ସହକାରୀ ପ୍ରଫେସର କେ ଲକ୍ଷ୍ମୀ ସେନାପତି, ସନ୍ଦୀପ ସିଂ, ଅଧାପିକା ମନାଲି ପ୍ରଧାନ ମଞ୍ଚାସିନ ଥିଲେ।

# ଗୋ ମାଂସ ବୋଝେଇ ମିନିଟ୍ରକ ଜବତ





- ବନ୍ଧୁକ ଦେଖାଇ ଖସିଗଲେ ମାଫିଆ
- ଦୁଇ ସେକସନ୍ ପୋଲିସ ଫୋର୍ସ ମୂତୟନ, ଛାନଭିନ ଜାରି

ବାଲିଚନ୍ଦ୍ରପୁର, (ଭାସ୍କର ନ୍ୟୁଜ୍) : ବାଲିଚନ୍ଦ୍ରପୁର ଥାନା ଅଧିନ ଚଣ୍ଡିଖୋଲ-ପାରାଦୀପ ୫୩ ନଂ ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ଛକରୁ ଏକ ୪୦୭ ମିନି ଟ୍ରକ୍ (ଡ଼ବ୍ଲୁ ବି ୨୫ କେ ୧୭୪୮) ଗାଡ଼ିରେ ଗୋ ମାଂସ ବୋଝେଇ ଯାଉଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବଡ଼ଚଣା ବଜରଙ୍ଗ ଦଳର କର୍ମୀମାନେ ଗାଡ଼ିଟିକୁ ଅଟକାଇଥିଲେ। ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଯାଇଥିଲା। ଉକ୍ତ ଗାଡ଼ି ସାଙ୍ଗରେ ପାଇଲଟିଂ କରି ଏକ ବୋଲେରୋ ଗାଡ଼ି ଓ ତିନୋଟି ମଟରସାଇକେଲରେ ଗୋରୁ ମାଂସ ବୋଝେଇ ଗାଡ଼ିକୁ ସୁରକ୍ଷା ଯୋଗାଇଦେବା ପାଇଁ ଆସୁଥିଲେ। ଉକ୍ତ ମାଫିଆ ମାନେ ଘଟଣାସ୍ଥଳରେ ମାରଣାସ୍ତ୍ର ଓ ବନ୍ଧୁକ ଦେଖାଇ ଭୟଭିତ କରାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଟ୍ରକର ଡ୍ରାଇଭର ହେଲପର ଗାଡ଼ି ଛାଡ଼ି ଦୌଡ଼ି ପଳାଇଥିଲେ। ବାଲିଚନ୍ଦ୍ରପୁର ପୋଲିସ ପହଞ୍ଚି ଉକ୍ତ ଗାଡ଼ିଟିକୁ ଥାନାକୁ ନେଇଥିଲା। ଘଟଣାସ୍ଥଳରେ ଚାପା ଉତ୍ତେଜନା ଲାଗି ରହିଥିବା ବେଳେ ଥାନା ସମ୍ମୁଖରେ ଶତାଧିକ ବଜରଙ୍ଗ ଦଳର କର୍ମକର୍ତ୍ତା ଜମା ହୋଇରହିଥିଲେ। ଆଡ଼ିସ୍‌ନାଲ ଏସ୍‌ପି ଅନିରୁଦ୍ଧ ରାଉତରାୟ, ଏସ୍‌ଡ଼ିପିଓ ଲକ୍ଷ୍ମୀଧର ସ୍ୱାଇଁ, ଧର୍ମଶାଳା ଆଇଆଇସି ରଞ୍ଜନ କୁମାର ମାଝି, ବଡ଼ଚଣା ଥାନା ଭାରପ୍ରାପ୍ତ ଅଧିକାରୀ ସୁରେନ୍ଦ୍ର କୁମାର ଜେନା, ଦର୍ପଣ ତହସିଲର ଅତିରିକ୍ତ ତହସିଲଦାର, ଭେଟନାରି ଟିମ୍, ଫରେନସିକ୍ ଟିମ୍ ବାଲିଚନ୍ଦ୍ରପୁର ଥାନାରେ ପହଞ୍ଚିଥିବା ବେଳେ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଦୁଇ ସେକ୍ସନ ପୋଲିସ ଫୋର୍ସ ମହଜୁଦ ରଖାଯାଇଛି। ବଜରଙ୍ଗ ଦଳର କର୍ମକର୍ତ୍ତା ମାନଙ୍କ ପକ୍ଷରୁ ଅନନ୍ତ କୁମାର ଦାସ ଘଟଣା ସମ୍ପର୍କରେ ତିନି ଫର୍ଦ୍ଦ ସମ୍ବଳିତ ଅଭିଯୋଗ ଫର୍ଦ୍ଦ ବାଲିଚନ୍ଦ୍ରପୁର ଥାନାଧିକାରୀ ସମରଜିତ୍ ନାୟକଙ୍କୁ ଏସ୍‌ଡ଼ିପିଓଙ୍କ ଉପସ୍ଥିତିରେ ପ୍ରଦାନ କରିଛନ୍ତି। ଯଦି ସାତ ଦିନ ମଧରେ ଆସାମି ମାନଙ୍କୁ ଧରାନଯାଏ ତେବେ ବଜରଙ୍ଗ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଥାନା ଆଗରେ ସ୍ଲୋଗାନ ଦେଇଛନ୍ତି। ତେବେ ଉକ୍ତ କଞ୍ଚା ମାଂସକୁ ଫରେନ୍‌ସିକ୍ ଲାବ୍ରୋଟୋରୀକୁ ପଠାଯିବା ପରେ ସମ୍ପୃକ୍ତ ମାଂସ ଗୁଡ଼ିକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଡିସପୋଜ କରାଯିବ ବୋଲି ଏସ୍‌ଡ଼ିପିଓ ଲକ୍ଷ୍ମୀଧର ସ୍ୱାଇଁ ସୂଚନା ଦେଇଛନ୍ତି। ଥାନା ପକ୍ଷରୁ ୫୨/୨୫ରେ ଏକ ମାମଲା ରୁଜୁ କରାଯାଇ ଛାନଭିନ ଜାରି ରହିଥିବା ଥାନା ପକ୍ଷରୁ କୁହାଯାଇଛି।

## ବଢୁଛି ଥାନା ଅଧିକାରୀଙ୍କ ଲୋକପ୍ରିୟତା....

# ଚୋରା ମଦ ବେପାରୀଙ୍କ ମନରେ କୋକୁଆଭୟ

ପଟ୍ଟାମୁଣ୍ଡାଇ, (ଭାସ୍କର ନ୍ୟୁଜ୍ ) : ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଆଇଆଇସି ଧୀରାଜ ଲେଙ୍କା ଯୋଗ ଦେବା ଦିନ ଠାରୁ ପଟ୍ଟାମୁଣ୍ଡାଇ ଆଖପାଖ ୧୫ରୁ ଉର୍ଦ୍ଧ୍ୱ ପଞ୍ଚାୟତରେ ଚୋରି ତ କମିଛି। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳର ଆଇଆଇସି ବେଡି ସାହିରୁ ପଞ୍ଚାନବେ ଲିଟର ମଦ ଜବତ ସହିତ ଜଣଙ୍କୁ ଗିରଫ କରିଛନ୍ତି। ସେଇ ଚୋରା ମଦ ବେପାରୀ ବାସୁଦେବ ସେଠିଙ୍କ ଘର ଉପରେ ଚଢ଼ାଉ କରି ମଦ ଜବତ ସହିତ ଗିରଫ କରିଛନ୍ତି। ଦିନକୁ ଦିନ ବିଭିନ୍ନ ପଞ୍ଚାୟତ ଅଞ୍ଚଳରେ ଅସାମାଜିକ ଯୁବକଙ୍କ ଦୌରାତ୍ମ୍ୟ ବଢ଼ିଥିବା ବେଳେ ନୂତନ ଆଇ ଆଇ ସିଙ୍କ ଯୋଗଦେବା ଫଳରେ ଛକଛକରେ ଅସାମାଜିକ ଆଡା ଉପରେ ଚଢ଼ାଉ କରିବା ଦ୍ୱାରା ପଟ୍ଟାମୁଣ୍ଡାଇର ସମସ୍ତ ପଞ୍ଚାୟତରେ ଥିବା ଗ୍ରାମରେ ଅସାମାଜିକ ଯୁବକଙ୍କ ଖରାପ କାର୍ଯ୍ୟକଳାପ କମିବାରେ ଲାଗୁଛି। ଚୋରାରେ ବିକୁ ଥିବା ମଦ ବେପାରୀ ଛାନିଆରେ ମଦ ବେପାର ଏକ ପ୍ରକାର ବନ୍ଦ କରିବାକୁ ବାଧ ହୋଇଛନ୍ତି। ଜୋର୍‌ରେ ଗାଡ଼ି ଚଳାଇବା, ବାଇକ୍‌ରେ ଠୋ ଠା ଶବ୍ଦ କରିବା, ବିନା ଲାଇସେନ୍ସରେ ଗାଡ଼ି ଚାଳକଙ୍କ ଗାଡ଼ିକୁ ଧରି ଥାନାକୁ ଆଣିବା ଦ୍ୱାରା କିଛି ଅସାମାଜିକ ଯୁବକଙ୍କ ମନରେ କୋକୁଆ ଭୟ ସଂଚାର କରିଛି। ନୂତନ ଥାନା ଅଧିକାରୀଙ୍କ ସମସ୍ତ ପଞ୍ଚାୟତରେ କଡ଼ା କଡ଼ି ପେଟ୍ରୋଲିଂ କରିବା ଦ୍ୱାରା ଏକ ପ୍ରକାର ଅସାମାଜିକ ଯୁବକଙ୍କ ମନରେ ଭୟ ସୃଷ୍ଟି ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ଗ୍ରାମାଞ୍ଚଳ ଥାନାର ଥାନା ଅଧିକାରୀଙ୍କ ଲୋକପ୍ରିୟତା ବଢ଼ିବାରେ ଲାଗିଛି। ଗ୍ରାମାଞ୍ଚଳ ଥାନା ଆଇଆଇସି ଧୀରାଜ ଲେଙ୍କା କାର୍ଯ୍ୟରେ ପଟ୍ଟାମୁଣ୍ଡାଇ ପଞ୍ଚାୟତ ଅଞ୍ଚଳବାସୀ ସନ୍ତୁଷ୍ଟ ହେବା ସହିତ, ଜଣେ ସଚ୍ଚୋଟ ପୋଲିସ ଅଫିସର ଭାବେ ପଞ୍ଚାୟତ ଅଞ୍ଚଳବାସୀ ପାଇଥିବାରୁ ବହୁତ୍ ଖୁସି ଅଛନ୍ତି। ପ୍ରତି ପଞ୍ଚାୟତରେ ହେଉଥିବା ସମସ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇ ଲୋକମାନଙ୍କ ସହିତ ମିଶୁ ଥିବାରୁ ସମସ୍ତଙ୍କର ପ୍ରିୟପାତ୍ର ପାଲଟିଛନ୍ତି। ପ୍ରତି ପଞ୍ଚାୟତରେ ଚୋରି, ଗୁଣ୍ଡାଗିରି ଓ ଅସାମାଜିକ ଯୁବକଙ୍କ ଝିଅ ବୋହୂଙ୍କୁ କମେଣ୍ଟ ମାରିବା କମିଛି। ଥାନାକୁ ଆସୁଥିବା ମହିଳା ମାନଙ୍କ ଅଭିଯୋଗକୁ ଶୁଣି ତୁରନ୍ତ ପଦକ୍ଷେପ ନେଉଥିବାରୁ ସାରା ପଞ୍ଚାୟତବାସୀଙ୍କ ନିକଟରେ ପ୍ରଶଂସା ପାତ୍ର ବନିଛନ୍ତି ଗ୍ରାମାଞ୍ଚଳ ଥାନା ଆଇଆଇସି ଧୀରାଜ ଲେଙ୍କା। ପ୍ରତି କାର୍ଯ୍ୟରେ ଭୁଲ ଓ ଠିକ୍‌ର ବିଚାର କରି ଲୋକମାନଙ୍କୁ ନ୍ୟାୟ ଦେବା ସହିତ, ଥାନାକୁ ଆସୁଥିବା ସମସ୍ତ ଲୋକ କଥାକୁ ସହୃଦୟର ସହ ଶୁଣୁଛନ୍ତି।

# ନିଶାସକ୍ତ ଯୁବକଙ୍କ ହାଇଡ୍ରାମା



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍ ) : ନିଶାଗସ୍ତ ଯୁବକ ମାନେ କୌଣସି ଜିନିଷ ସଠିକ ଭାବେ ବିଚାର କରିପାରନ୍ତି ନାହିଁ । ସେମାନଙ୍କର ଭୁଲ୍ ନିଷ୍ପତି ପାଇଁ ବିଭିନ୍ନ ସମୟରେ ବିଭିନ୍ନ ଜାଗାରେ ବହୁ ଅସୁବିଧା ସୃଷ୍ଟି ହୋଇଥାଏ। ଏପରି ଏକ ଅଜବ ନିଶାଶକ୍ତ ଯୁବକଙ୍କ ଘଟଣା ଦେଖିବାକୁ ମିଳିଛି ଭୁବନ ବ୍ଲକରେ। ସୂଚନା ଅନୁଯାୟୀ ଭୁବନ ବ୍ଲକ ମଠ କରଗୋଲା ପଞ୍ଚାୟତର ବଡ଼ମୁକ୍ତାପଶି ଗ୍ରାମର ବାହାଦୁର ମଣ୍ଡଳ ଓ ସୁ ମଣ୍ଡଳଙ୍କ ପୁଅ ସୁନିଆ ମଣ୍ଡଳ (୨୭) ନିଶାସକ୍ତ ଅବସ୍ଥାରେ ଏକ ୧୩୨ କେଭି ଟାୱାରର ୭୦ ମିଟର ଉପରକୁ ଚଢ଼ି ଯାଇଥିଲା । ସେହିଠାରେ ଅଢେଇ ଘଣ୍ଟା ଧରି ବସି ରହିଥିଲେ। କେବଳ ସେତିକି ନୁହେଁ ନିଶାଶକ୍ତ ଅବସ୍ଥାରେ ସକାଳୁ ମଧ ସୁନିଆ ଗାଁ ପାଖ ରେଳ ଧାରଣାରେ ବସି ରହିଥିଲା। ତେବେ ରେଳ ଡ୍ରାଇଭର ଗାଡି ଅଟକାଇ ତାକୁ ବହୁ କଷ୍ଟରେ ରେଳଧାରଣରୁ ହଟାଇଥିଲେ। ତା'ପରେ କାମାକ୍ଷାନଗର ଥାନା ବଡ଼ମୁକ୍ତାପଶି ଗାଁ ନିକଟରେ ୧୩୨ କେଭି ବିଦ୍ୟୁତ ଟାୱାରରେ ନିଶାସକ୍ତ ଅବସ୍ଥାରେ ଚଢ଼ିଯାଇଥିଲା । ପରେ ଗ୍ରାମବାସୀ ମାନେ ଅଗ୍ନିଶମ ବାହିନୀ ଓ ବିଦ୍ୟୁତ ବିଭାଗକୁ ଖବର ଦେଇଥିଲେ । ବହୁ କଷ୍ଟ ଏବଂ ବହୁ ସମୟ ପରେ ବିଦ୍ୟୁତ ବିଭାଗ ଓ ଅଗ୍ନିଶମ ବାହିନୀଙ୍କ ଦ୍ୱାରା ଯୁବକକୁ ଉଦ୍ଧାର କରାଯାଇଥିଲା। ବ୍ୟକ୍ତି ଜଣକୁ ଉଦ୍ଧାର କରିବା ପାଇଁ ଏହି ବିଭାଗର କର୍ମଚାରୀ ମାନଙ୍କୁ ନାକେଦମ ହେବାକୁ ପଡିଥିଲା। ଉଦ୍ଧାର ପରେ ଉକ୍ତ ଯୁବକକୁ ପୋଲିସ ନିଜ ହେପାଜତକୁ ନେଇ ଥିବା ଜଣାଯାଇଛି।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍ ) : ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ବାଲି ଚୋରି ପ୍ରବଣ ଅଞ୍ଚଳ ବାଲୁକା ଅଞ୍ଚଳ ସୁରକ୍ଷା ସଚେତନତା ସଭା ପ୍ରହସନରେ ପରିଣତ ହୋଇଛି। ଏହି ସଭାରେ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ଅଧିକାରୀ ଯୋଗ ଦେଇନଥିଲେ। ବାଲି ଚୋରଙ୍କ ଧରମବନ୍ଧୁ ଭାବେ ପରିଚିତ ରାଜସ୍ୱ, ଲଘୁଖଣିଜ, ବନବିଭାଗ ଓ ପୋଲିସ ଅଧିକାରୀମାନେ ସଭାରେ ଯୋଗଦେଇଥିଲେ। ଲଘୁଖଣିଜ ବିଭାଗ ଏହି ସଭାକୁ ବାଲି ମାଫିଆମାନଙ୍କ ଦ୍ୱାରା ଆୟୋଜନ ଓ ପରିଚାଳନା କରାଇଥିଲା। ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟ ଭଳି ଜନପ୍ରତିନିଧି ଏହି ସଭାକୁ ବର୍ଜନ କରିଥିଲେ। ସ୍ଥାନୀୟ ଅଞ୍ଚଳର ବାଲିମାଫିଆଙ୍କ ସହ ସଦାସର୍ବଦା ଯୋଗସୂତ୍ର ରଖୁଥିବା ଲଘୁଖଣିଜ ବିଭାଗର ନିର୍ଦ୍ଦିଷ୍ଟ କର୍ମଚାରୀମାନେ ସଭାକୁ ନାମମାତ୍ର ଆୟୋଜନ କରିଥିଲେ। ତହସିଲଦାର ସରୋଜକାନ୍ତ ନାୟକ, ଲଘୁଖଣିଜ ଅଧିକାରୀ ଅନିଲ କୁମାର ଦାସ, ବନବିଭାଗ ଅଧିକାରିଣୀ ସୁଷମାରାଣୀ ସାହୁ,ପୋଲିସ ସବ୍‌ଇନିସପେକ୍ଟର ଇଭାରାଣୀ ପରିଡା ବକ୍ତବ୍ୟ ରଖି ବାଲି ଚୋରିକୁ ବିରୋଧ କରିବା ଓ ଅଧିକାରୀମାନଙ୍କୁ ସୂଚନା ଦେବାପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଅନୁରୋଧ କରିଥିଲେ। ପ୍ରଶାସନ ପକ୍ଷରୁ ଏଥି ନେଇ ସୂଚନା ଫଳକ ଲଗାଯାଇଥିଲା। ଆନ୍ତରିକତା ଅଭାବ ଥିବା ଏଭଳି ସଭାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ କଡ଼ା ସମାଲୋଚନା କରାଯାଇଛି।

## ମାଲକାନଗିରିରେ 'ସୁଭଦ୍ରା ଶକ୍ତି ମେଳା'ର କାର୍ଯ୍ୟସୂଚୀ ପ୍ରକାଶ



ମାଲକାନଗିରି(ଭାସ୍କର ନ୍ୟୁଜ୍ ): ଓଡ଼ିଶାରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେବାକୁ ଯାଉଛି ସୁଭଦ୍ରା ଶକ୍ତି ମେଳା। ଆସନ୍ତା ୨୮ ତାରିଖରୁ ମାର୍ଚ୍ଚ ୬ ତାରିଖ ଏହି ୭ଦିନ ପର୍ଯ୍ୟନ୍ତ ଡିଏନକେ ଖେଳ ପଡିଆ ଠାରେ ଏହି ମେଳା ଅନୁଷ୍ଠିତ ହେବ। ଏହି ମେଳାରେ ୧୫୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗ ଦେବେ। ଏହି ୭ ଦିନିଆ ପ୍ରଦର୍ଶନୀରେ ବିଭିନ୍ନ ପ୍ରକାରର ହସ୍ତଶିଳ୍ପ ସହିତ ଅର୍ଗାନିକ୍ ଉତ୍ପାଦମାନ ପ୍ରଦର୍ଶିତ ହେବ। ଏହା ବ୍ୟତୀତ ବିଭିନ୍ନ ବିଭାଗର ଷ୍ଟଲ ଦେଖିବାକୁ ମିଳିବ। ଏହି ସମାରୋହରେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଓଡିଶୀ, ପାରମ୍ପରିକ ନୃତ୍ୟ, ଯୋଡି ଶଙ୍ଖ, ରଣପା, ଘୁମରା, ବଜାସାଲ, ଢେମସା ସହ ଜିଲ୍ଲାର ପାରମ୍ପରିକ ନୃତ୍ୟ ପରିବେଷଣ ହେବ। ମେଳାକୁ ଆହୁରି ଆକର୍ଷଣୀୟ କରିବା ପାଇଁ ମାର୍ଚ୍ଚ ୧, ୫ ଓ ୬ରେ ମେଲୋଡି ନାଇଟ୍ସ ଆୟୋଜନ କରାଯାଇଛି। ମାର୍ଚ୍ଚ ୧ରେ କୋଲକାତାରୁ ପ୍ଲେ ବ୍ୟାକ ସିଙ୍ଗର ତ୍ରିଶା ଚାଟାର୍ଜୀ ଏବଂ ତାଙ୍କ ଦଳ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିବେ। ସେହିପରି ମାର୍ଚ୍ଚ ୫ରେ ପ୍ରସିଦ୍ଧ ଓଡ଼ିଆ ଗାୟକ ତଥା ଶ୍ରୀ ଜଗନ୍ନାଥଙ୍କ ଭଜନ ପାଇଁ ପ୍ରସିଦ୍ଧି ଲାଭ କରିଥିବା ସୌରଭ ଭରଦ୍ୱାଜ ଓ ବର୍ଣାଳି ହୋତା ଯୋଗ ଦେବେ। ଉଦ୍‌ଯାପନୀ ସନ୍ଧ୍ୟାରେ ଶ୍ରୀତମ ସାମନ୍ତରାୟ ଏବଂ ତାଙ୍କ ଦଳ ଆଞ୍ଚଳିକ ଦେଶିଆ ଗୀତ ପରିବେଷଣ କରିବେ। ଏହି ମେଳା ମହିଳା ମାନଙ୍କ ଆୟ ବୃଦ୍ଧି କରିବା ସହ ଆର୍ଥିକ ଓ ସାମାଜିକ ସ୍ୱାଧିନତା ଏବଂ ମହିଳା ସଶକ୍ତିକରଣ ମାଧମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲକ୍ଷପତି ଦିଦି ସୃଷ୍ଟି କରିବା ସ୍ୱପ୍ନ ସାକାର କରିବ। ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ ୨୦୪୭ର ମୂଳପିଣ୍ଡ ହେବ ମହିଳା ସଶକ୍ତିକରଣ।

## ବୀରେନ୍ଦ୍ର କାନୁନ୍‌ଗୋ ପବ୍ଲିକ୍ ସେକ୍ଟର୍ ଏମ୍ପ୍ଲଇଜ୍ ନ୍ୟାସନାଲ କନ୍‌ଫେଡେରେସନର ଉପସଭାପତି



କଣିହାଁ (ଭାସ୍କର ନ୍ୟୁଜ୍ ): କଣିହାଁ ବ୍ଲକ୍ ଏନଟିପିସି ପ୍ରକଳ୍ପ ବିଏମ୍‌ଏସ୍ ସଭାପତି ବୀରେନ୍ଦ୍ର କୁମାର କାନୁନ୍‌ଗୋଙ୍କୁ ସାର୍ବଜନୀନ କର୍ମଚାରୀ ମହାସଂଘ (ପବ୍ଲିକ୍ ସେକ୍ଟର୍ ଏମ୍ପ୍ଲୋଇଜି ନ୍ୟାସନାଲ କନ୍‌ଫେଡେରେସନ) ଉପସଭାପତି ଭାବରେ ନିର୍ବାଚିତ ହୋଇଛନ୍ତି । ଶ୍ରୀ କାନୁନ୍‌ଗୋଙ୍କୁ ତିନି ବର୍ଷ ପର୍ଯ୍ୟନ୍ତ ଏହି ଉପସଭାପତି ଦାୟିତ୍ୱ ତୁଲାଇବାକୁ ପଡିବ । ଭୁବନେଶ୍ୱରରେ ଆୟୋଜିତ ୧୫ତମ ତ୍ରୟୋବାର୍ଷିକ ସମ୍ମିଳନୀରେ ଏଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ମିଳିଛି । ଏଥିରେ ୨୨ଟି ରାଜ୍ୟର ରାଷ୍ଟ୍ରାୟତ ଉଦ୍ୟୋଗ ଶ୍ରମିକ ନେତା ମାନେ ସାମିଲ ହୋଇଥିଲେ ଓ କେନ୍ଦ୍ର ଭାରି ଉଦ୍ୟୋଗ ଓ ଇସ୍ପାତ୍ ରାଷ୍ଟ୍ରମନ୍ତ୍ରୀ ଭୂପତି ରାଜୁ ଶ୍ରୀନିବାସ ବର୍ମା ମୁଖ୍ୟଅତିଥି ଏବଂ ଓଡିଶା ସରକାର ଶିଳ୍ପମନ୍ତ୍ରୀ ସମ୍ପଦ କୁମାର ସ୍ୱାଇଁ, ଭାରତୀୟ ମଜଦୂର ମହାସଂଘର ରାଷ୍ଟ୍ରୀୟ ଅଧକ୍ଷ ହିରଣ୍ୟମୟ ପାଣ୍ଡିଆ, ମଜଦୂର ସଂଘର ସଂଗଠନ ମନ୍ତ୍ରୀ ଗଣେଷ ମିଶ୍ର, ଜାତୀୟ ଶ୍ରମିକ ନେତା ସୁନାକରି ମାଲେସମ୍, ରାମନାଥ ଗଣେଷ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ପ୍ରକାଶ ଥାଉକି, ଏନ୍‌ଟିପିସି ଜାତୀୟ ମଜଦୂର ମହାସଂଘର ସାଧାରଣ ସମ୍ପାଦକ ଶ୍ରୀ କାନୁନଗୋ ଦାୟିତ୍ୱ ତୁଲାଇ ଆସୁଥିବା ବେଳେ ପୁଣି ନୂତନ ଭାବରେ ସାର୍ବଜନୀନ କର୍ମଚାରୀ ମହାସଂଘ (ପବ୍ଲିକ୍ ସେକ୍ଟର୍ ଏମ୍ପ୍ଲୋଇଜ୍ ନେସନାଲ କନ୍‌ଫେଡେରେସନ) ଜାତୀୟସ୍ତରୀୟ ଉପସଭାପତି ନିଯୁକ୍ତି ପରେ କର୍ମଚାରୀଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି। ଏନେଇ ମଙ୍ଗଳବାର ଏନଟିପିସି ବିଏମ୍‌ଏସ୍ ପକ୍ଷରୁ ଶ୍ରୀ କାନୁନ୍‌ଗୋଙ୍କୁ ବିପୁଳ ସ୍ୱାଗତ, ସମ୍ବର୍ଦ୍ଧନା ଜଣାଇଛନ୍ତି । ଅଖିଳ ଭାରତୀୟ, ଭାରତୀୟ ମଜଦୂର ସଂଘ, ରାଜ୍ୟ ଓ ଜିଲ୍ଲାର ବିଭିନ୍ନ ପଦାଧିକାରୀଙ୍କୁ ଶ୍ରୀ କାନୁନ୍‌ଗୋ ଗଭୀର କୃତଜ୍ଞତା ଜଣାଇଛନ୍ତି ।

## ବ୍ଲକ୍‌ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର

## ଉନ୍ନୟନ କାର୍ଯ୍ୟର ମିଥ୍ୟା ବିଲ୍ କରି ଟଙ୍କା ଆତ୍ମସାତ୍ ଅଭିଯୋଗ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ୍‌ରେ ମହାତ୍ମାଗାନ୍ଧୀ ମନରେଗା ଯୋଜନା ଓ ପଞ୍ଚଦଶ ଅର୍ଥ କମିଶନ ଖର୍ଚ୍ଚର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନ ଶୁଣାଣି ଶିବିର ବ୍ଲକ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୋମନାଥ ପ୍ରଧାନ ଉପସ୍ଥିତ ଥିବବେଳେ, ଜିଲ୍ଲା ସାମାଜିକ ଶୁଣାଣି ଅଧିକାରୀ ସୁବ୍ରତ କୁମାର ସାମଲ ଶିବିରରେ ଅଧକ୍ଷତା କରିଥିଲେ। ମେମ୍ବର ଜୀବନ କୃଷ୍ଣ ଦାସ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଶିବିରକୁ କାଲିମେଲା ବିଏସ୍‌ଏସ୍‌ଓ ମୁରଲୀ କ୍ରିଷ୍ଣା ଏବଂ ସଲିମ ସଗରିଆ ପରିଚାଳନା କରିଥିଲେ। ଏହି ଶିବିରରେ ବହୁ ଅଧିକାରୀ ଅନୁପସ୍ଥିତ ଥିବାରୁ ଅତିରିକ୍ତ ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ । ବ୍ଲକ୍‌ରେ ଥିବା ୨୩ଟି ଗ୍ରାମପଞ୍ଚାୟତକୁ ନେଇ ଏହି ଶିବିର ଅନୁଷ୍ଠିତ ହୋଇଥିବାବେଳେ ବହୁ ପଞ୍ଚାୟତରେ ଅର୍ଥ ଆତ୍ମସାତ କାମ ନ ହୋଇ ବିଲ ଉଠାଯାଇଥିବା ଅଭିଯୋଗ ହୋଇଛି । ତେଲରାଇ ପଞ୍ଚାୟରେ ପୋଖରୀରେ ପଥର ବନ୍ଧ କାର୍ଯ୍ୟ ନ କରି ଟଙ୍କା ଉଠାଯାଇଥିବା ଅଭିଯୋଗ ହୋଇଥିଲା । ସେହିପରି ଚିନ୍ତାଲୱାର୍ଡ ପଞ୍ଚାୟତରେ ଜଙ୍ଗଲ ବିଭାଗ ଦ୍ୱାରା ଭର୍ମିକମ୍ପୋଷ୍ଟ କରାନଯାଇ ୧୮ ହଜାର ଟଙ୍କା ହେରଫେର କରାଯାଇଥିବା ଜଣାପଡ଼ିଛି। କାଙ୍ଗୁରୁକୋଣ୍ଡ ପଞ୍ଚାୟତରେ ୧୦ଟି ପୋଖରୀ ଖୋଳା ବାବଦରେ ହୋଇଥିବା ଖର୍ଚ୍ଚର ହିସାବ ୱାଟରସେଡ ବିଭାଗ ଦେଇନଥିବା ଜଣାପଡ଼ିଛି ଓ ପୁସୁଗୁଡ଼ା ପଞ୍ଚାୟତରେ ଏମ୍‌ଭି ୧୩୧, ଏମପିଭି -୫୫, ପୁସୁଗୁଡା ଏହି ଗ୍ରାମ ଗୁଡ଼ିକରେ ପୋଖରି ଖୋଳା ପାଇଁ ତିନି ଜଣଙ୍କ ନାମରେ ୯୫ ହଜାର ଟଙ୍କା ଉଠାଯାଇଥିବାବେଳେ ସେଠାରେ କାମ ହୋଇନାହିଁ । ସେହିପରି ମାନ୍ୟମକୋଣ୍ଡା ପଞ୍ଚାୟତର ଏମ୍‌ପିଭି ୪୧ ଗ୍ରାମରେ ଫିଲ୍ଡ କେନାଲ କାମ ପାଇଁ ୬୧ ହଜାର ଟଙ୍କା ଅନିୟମିତତା ହୋଇଥିବା ଜଣାପଡ଼ିଛି । ମୋଟୁ ପଞ୍ଚାୟତରେ ପାଇଖାନା ଏବଂ ପାଣି ଯୋଗାଣ ନିମନ୍ତେ ୭୧ ହଜାର ୬୬୫ ଟଙ୍କାର କାମ କରା ନଯାଇ ବିଲ କରି ଟଙ୍କା ଉଠାଣ କରାଯାଇଥିବା ଜଣାପଡ଼ିଛି । ସେହିପରି ଚିନ୍ତାଲୱାର୍ଡ ଗୁମ୍ପାକୋଣ୍ଡା ଭଳି ଅନେକ ପଞ୍ଚାୟତରେ କେଶବୁକ ନ ଥାଇ କାର୍ଯ୍ୟ ଚାଲୁଥିବା ଶିବିର ମାଧମରେ ଜଣାପଡ଼ିଥିଲା । ତେବେ ପଞ୍ଚାୟତରେ ହୋଇଥିବ। କାର୍ଯ୍ୟ ଗୁଡ଼ିକର ହୋଇଥିବା ଅନିମିୟତତାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।

## ରାସାୟନିକ ବିପର୍ଯ୍ୟୟ ପ୍ରଶମନ ପାଇଁ ଟେବୁଲ ଟପ୍ ଏକ୍ସରସାଇଜ



ଜଗତସିଂହପୁର, ( ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ଆନୁକୂଲ୍ୟରେ ବୁଧବାର ସକାଳ ୧୦ଘ.୩୦ମି ସମୟରେ ସ୍ଥାନୀୟ ଏନଆଇସି ସମ୍ମିଳନୀ କକ୍ଷଠାରେ ଏକ ଟେବୁଲ ଟପ୍ ମକ୍ ଏକ୍ସରସାଇଜ ଆୟୋଜିତ ହୋଇଯାଇଛି ଓ ଶିଳ୍ପ ସମ୍ବନ୍ଧୀୟ ରାସାୟନିକ ବିପର୍ଯ୍ୟୟଗୁଡ଼ିକୁ ମୁକାବିଲା କରିବା ପାଇଁ ଆସନ୍ତା ଫେବୃୟାରୀ ୨୮ ତାରିଖରେ ଜିଲ୍ଲାର ପିପିଏଲ ଏବଂ ଇଫକୋ ଠାରେ ମକ୍ ଏକ୍ସରସାଇଜ କରିବା ପାଇଁ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇ ଏହି ପଦକ୍ଷେପକୁ ସୁଚାରୁ ରୂପେ ସଂପାଦନ କରିବା ପାଇଁ ନିଷ୍ପତ୍ତି ନିଆଗଲା ଓ ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ଶ୍ରୀ ନିରଞ୍ଜନ ବେହେରା ଜଗତସିଂହପୁର ଜିଲ୍ଲାର ପ୍ରସ୍ତୁତି ସମ୍ବନ୍ଧରେ ପିପିଟି ମାଧମରେ ଉପସ୍ଥାପନ କରିବା ସହ ୨୮ ତାରିଖ ମକଡ୍ରିଲ ପାଇଁ ଜିଲ୍ଲା ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ବିପର୍ଯ୍ୟୟ ପରିଚାଳନା କେନ୍ଦ୍ରକୁ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସୁଶ୍ରୀ ଅନିଶା ଦାସଙ୍କ ସମେତ ଜିଲ୍ଲାର ବିଭିନ୍ନ ବରିଷ୍ଠ ଅଧିକାରୀ ତଥା ପିପିଏଲ ଓ ଇଫକୋର ଅଧିକାରୀ ଯୋଗଦେଇ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନରେ ସହାୟତା କରିଥିଲେ ।

## ଅସୁରକ୍ଷିତ ହାତୀ ଚଲାପଥ, ରାସ୍ତାରେ ଅଟକିଲେ ହାତୀପଲ



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ): ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜ ଅନ୍ତର୍ଗତ ପୁତୁଲପାଣି ନିକଟ ଜାତୀୟ ରାଜପଥ ୪୯ରେ ଏକ ହାତୀ ପଲ ରାସ୍ତା ପାର ହୋଇନପାରି କିଛି ସମୟ ଅଟକି ରହିଥିଲେ । ପରେ ବନ ବିଭାଗର ଏକ ଟିମ ସେଠାରେ ପହଁଚି ଗାଡି ଚଳାଚଳ ବନ୍ଦ କରିବା ପରେ ହାତୀପଲ ରାସ୍ତା ପାର ହୋଇ ଯାଇଥିଲେ। ଏହି ୪ ଟିକିଆ ହାତୀପଲରେ ଏକ ଶିଶୁ ହାତୀ ଥିଲା । ଜାତୀୟ ରାଜପଥ ମେଡିଆନରେ ବାଡ ଥିବାରୁ ମାଈ ଶିଶୁ ହାତୀଟି ରାସ୍ତା ଅତିକ୍ରମ ସମୟରେ ସମସ୍ୟା ଦେଖାଦେଇଥିଲା । ବୁଧବାର ସକାଳ ପ୍ରାୟ ୧୦ଟାରେ ସିଦ୍ଧମଠ ଜଙ୍ଗଲରେ ଝାଡଖଣ୍ଡ ଅଂଚଳରୁ ପଳାଇ ଆସିଥିବା ୧୬ ଟିକିଆ ହାତୀପଲ ରହିଥିଲେ । ଏହି ହାତୀଦଳରୁ ଗୋଟିଏ ଦନ୍ତା ହାତୀ ସମେତ ୩ଟି ମାଈ ହାତୀ ସିଦ୍ଧମଠରୁ ଅଞ୍ଜାର ସଂରକ୍ଷିତ ଜଙ୍ଗଲକୁ ଆସିଥିଲେ । ଏହାର ୨ ଘଣ୍ଟା ପରେ ଦଳରୁ ଅଲଗା ଆସିଥିବା ୪ଟି ହାତୀ ଜାତୀୟ ରାଜପଥ ଅତିକ୍ରମ କରି ସିଦ୍ଧମଠ ଜଙ୍ଗଲକୁ ପଳାଇଥିଲେ । ଅପରାହ୍ନ ୩ଟା ପୁଣି ୧୬ଟି ହାତୀ ସିଦ୍ଧମଠ ଡିପିଏଫ୍‌ରୁ ଅଞ୍ଜାର ସଂରକ୍ଷିତ ଜଙ୍ଗଲକୁ ପଳାଇଥିଲେ। ଏହି ସ୍ଥାନରେ ରାତିରେ ହାତୀପଲ ଗୋଟିଏ ଜଙ୍ଗଲରୁ ଅନ୍ୟ ଜଙ୍ଗଲକୁ ଯାତାୟତ କରୁଥିବାବେଳେ ଦିନରେ ପୁତୁଲପାଣି ନିକଟରେ ରାସ୍ତା ଅତିକ୍ରମ ବେଳେ ବନ କର୍ମଚାରୀ ଗାଡିମୋଟର ଅଟକାଇଥିଲେ ଏବଂ ହାତୀ ପଲ ଜାତୀୟ ରାଜପଥ ୪୯କୁ ଅତିକ୍ରମ କରିଥିଲେ । ଏନେଇ ଭୁୟାଁ ଜୁଆଙ୍ଗ ପୀଢ ରେଞ୍ଜ ଅଧିକାରୀ ନୟନକାନ୍ତ ସାହୁଙ୍କୁ ପଚାରିବାରୁ ଝାଡଖଣ୍ଡ ଅଂଚଳରୁ ପଳାଇ ଆସିଥିବା ଏହି ୧୬ ଟିକିଆ ହାତୀ ପଲଙ୍କୁ ସୁରକ୍ଷିତ ଭାବେ ଜାତୀୟ ରାଜପଥ ୪୯କୁ ଅତିକ୍ରମ କରାଯାଇଥିବା ପ୍ରକାଶ କରିଛନ୍ତି। ପ୍ରକାଶ ଯେ, କେନ୍ଦୁଝର ଡିଭିଜନରେ ଖଣିଖନନ ପାଇଁ ହାତୀଙ୍କ ବାସସ୍ଥଳୀ ନଷ୍ଟ ହେଉଛି । ବିଶେଷ କରି ଖରାଦିନରେ ଖାଦ୍ୟଅଭାବ ଯୋଗୁଁ ଗୋଟିଏ ସ୍ଥାନରେ ହାତୀ ପଲ ଅଧିକ ଦିନ ରହୁନାହାଁନ୍ତି । ବିଶେଷ କରି ଜଙ୍ଗଲରେ ହାତୀଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ମିଳୁନଥିବାବେଳେ ବାସସ୍ଥଳୀ ନଷ୍ଟ ଯୋଗୁଁ ହାତୀଙ୍କ ଚଲାପଥ ପରିବର୍ତ୍ତନ ହେଉଛି । କେନ୍ଦୁଝର ଡିଭିଜନରେ ବିଭିନ୍ନ ଜାତୀୟ ରାଜପଥ, ରାଜ୍ୟ ରାଜପଥରେ ମୋଟ ୬୫ଟି ହାତୀ ଚଲାପଥ ଚିହ୍ନଟ ହୋଇଛି। ଯେଉଁଠି ହାତୀ ରାସ୍ତା ଅତିକ୍ରମ କରି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ଆସିବା କରନ୍ତି। ଏବେ ହାତୀ ଚଲାପଥ ଗୁଡିକ ମଧ୍ୟରୁ ଅନେକ ସ୍ଥାନରେ ହାତୀ ପ୍ରାୟତଃ ଯାତାୟତ କରୁନାହାଁନ୍ତି । ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜର ଅଞ୍ଜାର, ଶୁଆକାଟୀ, ତେନ୍ତୁଳି ଆଦି ସ୍ଥାନରେ ରାସ୍ତା ପାର୍ଶ୍ୱର୍ରେ ଶହ ଶହ ଟ୍ରକ ଛିଡା ହୋଇ ରହୁଥିବାରୁ ହାତୀ ଚଳ ପ୍ରଚଳରେ ସମସ୍ୟା ଦେଖାଦେଉଛି । ଟ୍ରକର ଲମ୍ବାଧାଡି ଯୋଗୁଁ ହାତୀ ମାନେ ରାସ୍ତା ପାର ହୋଇ ଗୋଟିଏ ଜଙ୍ଗଲରୁ ଅନ୍ୟ ଜଙ୍ଗଲରୁ ଯାଇ ନ ପାରି ପଥଭ୍ରଷ୍ଟ ହୋଇ ଏଣେ ତେଣେ ପଳାଇ ଆଖପାଖ ଗ୍ରାମରେ ଉତ୍ପାତ ମଚାଉଛନ୍ତି । ଓଡିଶା ଖଣି ନିଗମର ଟ୍ରକ ପାର୍କିଂ ୟାର୍ଡ ନଥିବାରୁ ଏଭଳି ସମସ୍ୟା ଦେଖାଦେଉଛି। କେନ୍ଦୁଝର ଜିଲ୍ଲାରେ ୫ଟି ଟ୍ରକ ପାର୍କିଂ ୟାର୍ଡ ପାଇଁ ପ୍ରସ୍ତାବ ରହିଛି । ବାଂଶପାଳ ବ୍ଲକ ନିଜଗଡ ଠାରେ ୧୩ ଏକର ଜମିରେ ପାର୍କିଂ ୟାର୍ଡ ନିର୍ମାଣ ପାଇଁ ଜମି ଚିହ୍ନଟ ହୋଇଥିଲେ ହେଁ କାର୍ଯ୍ୟ ଆରମ୍ଭ ହୋଇନାହିଁ। ସେହିପରି ଝୁମ୍ପୁରାର ପାଟବିଲା, ଘଟଗାଁର ସାନବରବେଡା, ଘଷିପୁରାର ସୁଆଁପଦାରେ ଟ୍ରକ ଟର୍ମିନାଲ ପାଇଁ ପ୍ରସ୍ତାବ ରହିଛି । ଟ୍ରକ ଟର୍ମିନାଲ ନଥିବାରୁ ରାସ୍ତାରେ ଟ୍ରକ ଛିଡା ହୋଇ ରହୁଥିବାରୁ ହାତୀ ଯାତାୟାତରେ ସମସ୍ୟା ଦେଖାଦେଇଛି । ହାତୀଙ୍କ ପାଇଁ ଅନ୍ୟ ଏକ ସମସ୍ୟା ହେଲା ବ୍ୟାପକ ଜଙ୍ଗଲ ଧ୍ୱଂସ। ଚମ୍ପୁଆ ରେଞ୍ଜ ଯୋଡା ସେକ୍ସନ ଖଣ୍ଡବନ୍ଧରେ ବହୁ ବର୍ଷ ଧରି ହାତୀପଲ ରହି ଆସୁଥିଲେ । ବ୍ୟାପକ ଖଣିଖନନ, ଖଣି ପାଇଁ ଜଙ୍ଗଲ ଧ୍ୱଂସ ଏବଂ ଖାଦ୍ୟ ଅଭାବ ଯୋଗୁଁ ଚଳିତବର୍ଷ ହାତୀପଲ ବାରମ୍ବାର ସ୍ଥାନ ପରିବର୍ତ୍ତନ କରୁଛନ୍ତି। କାମ୍ପା ଫଣ୍ଡରେ କ୍ଷତିପୂରଣ ବନୀକରଣ ହୋଇ ନୂତନ ଜଙ୍ଗଲ ସୃଷ୍ଟି କରାଯାଇଥିଲେ ହେଁ ଅଧିକାଂଶ ଜଙ୍ଗଲରେ ଗଛ ନାହିଁ । ତେବେ ହାତୀ ଚଳପ୍ରଚଳ ଅଂଚଳରେ ଟ୍ରକ ପାର୍କିଂ ସହ ଉଜ୍ଜ୍ୱଳ ଆଲୋକ, ଶବ୍ଦ, ହର୍ଣ୍ଣ ଆଦି ଯୋଗୁଁ ହାତୀ ମାନଙ୍କ ଯାତାୟତ ଅସୁରକ୍ଷିତ ହୋଇପଡିଛି। ସେହିପରି ତେନ୍ତୁଳି ନିକଟରେ ଜାତୀୟ ରାଜପଥ ୪୯ ପାର୍ଶ୍ୱର୍ରେ ଶହ ଶହ ଟ୍ରକ ଛିଡା ହୋଇ ରହୁଥିବାରୁ ହାତୀ ଚଳପ୍ରଚଳରେ ସମସ୍ୟା ସୃଷ୍ଟି କରୁଛି । ଅଞ୍ଜାର ଠାରୁ ଶୁଆକାଟୀ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ହାତୀମାନେ ରାସ୍ତା ପାର ହୋଇ ଯାତାୟତ କରନ୍ତି । ଜାତୀୟ ରାଜପଥରେ ଟ୍ରକ ଘଣ୍ଟା ଘଣ୍ଟା ଧରି ଛିଡା ହେବା ଫଳରେ ହାତୀମାନେ ରାସ୍ତା ପାର ହୋଇ ଯାଇ ପାରୁନାହାଁନ୍ତି । ଫଳରେ ସେମାନେ ବ୍ୟତିବ୍ୟସ୍ତ ହୋଇ ଏଣେ ତେଣେ ପଳାଉଛନ୍ତି । ଉକ୍ତ ରାସ୍ତା ପାର୍ଶ୍ୱରେ ହାତୀ ଚଲାପଥର ସୂଚନା ଫଳକ ଲଗାଯାଇଥିଲେ ହେଁ ସେସବୁକୁ କେହି ମାନୁ ନାହାଁନ୍ତି । ବନ ବିଭାଗ ମଧ ଏ ନେଇ କୌଣସି ଦୃଢ ପଦକ୍ଷେପ ନେଉନଥିବାରୁ ହାତୀମାନେ ଅସୁରକ୍ଷିତ ହୋଇପଡିଛନ୍ତି । ଓଡିଶା ଖଣି ନିଗମର ପାର୍କିଂ ୟାର୍ଡ ନଥିବାରୁ ଜାତୀୟ ରାଜପଥରେ ଲମ୍ବା ଲାଇନରେ ଶହ ଶହ ଟ୍ରକ ଛିଡା ହୋଇ ରହୁଛି । ଫଳରେ ହାତୀ ଚଳାଚଳରେ ସମସ୍ୟା ଦେଖାଦେଉଛି । ବନ ବିଭାଗ ହାତୀ ଚଳପ୍ରଚଳ ଅଞ୍ଚଳ ଚିହ୍ନଟ କରିଛନ୍ତି। ରାସ୍ତା ଅତିକ୍ରମ କରୁଥିବା ସ୍ଥାନରେ ସୂଚନା ଫଳକ ଦିଆଯାଇଛି । ଏହା ସତ୍ତ୍ୱେ ଟ୍ରକ ଚାଳକ ରାସ୍ତା ପାର୍ଶ୍ୱରେ ଏବଂ ହାତୀ ଚଳପ୍ରଚଳ କରୁଥିବା ସ୍ଥାନରେ ଟ୍ରକ ଛିଡା କରୁଛନ୍ତି । ସଦର ଥାନା ଅନ୍ତର୍ଗତ ଅଞ୍ଜାରରୁ ଡଙ୍ଗାପାଣି ରାସ୍ତା ଏବଂ ଶୁଆକାଟି ଫାଣ୍ଡି ସମ୍ମୁଖ ରାସ୍ତାର ଏନ୍‌ଏଚ୍ ୪୯ରେ ବେଆଇନ ଭାବରେ ଗାଡି ପାର୍କିଂ କରାଯାଉଥିଲେ ହେଁ ଉଠାଯାଉନାହିଁ । ଏହି ସବୁ ଗାଡି ଗନ୍ଧମାର୍ଦ୍ଦନ ଖଣିରୁ ଲୁହାପଥର ଆଣିବା ପାଇଁ ଅପେକ୍ଷା କରିଥାନ୍ତି । ଖଣି ସଂସ୍ଥା ପକ୍ଷରୁ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରାଯାଇନଥିବାରୁ ଟ୍ରକ ରାସ୍ତା ଉପରେ ପାର୍କିଂ କରୁଛନ୍ତି । ହାତୀ ଚଲାପଥ ନିକଟରେ ଗାଡି ପାର୍କିଂ ବେଆଇନ ଏବଂ ଫାଇନ ବ୍ୟବସ୍ଥା ଥିଲେ ହେଁ ବନ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ।

## ମିଳିତ ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ



କାକଟପୁର (ଭାସ୍କର ନ୍ୟୁଜ୍ ) : କାକଟପୁର ବ୍ଲକ ଶିକ୍ଷା ବିଭାଗରେ କାର୍ଯ୍ୟରତ ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକମାନଙ୍କୁ ନେଇ ଏକ ସାଧାରଣ ବୈଠକ ବରିଷ୍ଠ ଶିକ୍ଷକ ମୁନିର ଅହମ୍ମଦ ଖାଁଙ୍କ ସଭାପତିତ୍ୱରେ ଶିକ୍ଷକ ଭବନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଭାପତି ମୁନିର ଅହମ୍ମଦ ଖାଁ ମିଳିତ ପ୍ରାଥମିକ ଶିକ୍ଷକ ସଂଘକୁ ଭଙ୍ଗ କରି ନୂତନ କର୍ମକର୍ତ୍ତା ନିର୍ବାଚିତ କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ। ସର୍ବ ସମ୍ମତି କ୍ରମେ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଭାବେ ଅକ୍ଷୟ କୁମାର ଖୁଣ୍ଟିଆ, ଉପ ସଭାପତି ବିପିନ ବିହାରୀ ନନ୍ଦୀ, ମୁକାରିବ୍ ଖାଁ, ସମ୍ପାଦକ ମନୋରଞ୍ଜନ ଆଚାର୍ଯ୍ୟ, ସହ ସମ୍ପାଦକ ହାଲିମ୍ ଖାଁ ଓ ଲକ୍ଷ୍ମୀଧର ବାରିକ ନିର୍ବାଚିତ ହୋଇଛନ୍ତି । ଉପଦେଷ୍ଟା ମଣ୍ଡଳୀରେ ମୁନିର୍ ଅହମ୍ମଦ ଖାଁ, ଦୀପ୍ତି କୁମାରୀ ମହାନ୍ତି, ରକ୍ଷକ କୁମାର ସ୍ୱାଇଁ, ବିଷ୍ଣୁ ଚରଣ ମହାନ୍ତି, ତ୍ରିଲୋଚନ ବିଶ୍ୱାଳ, ହରିଶ ଚନ୍ଦ୍ର ଦଳାଇ, ସଦାଶିବ ସାହୁ ଓ ମିଡିଆ ସଂଯୋଜକ ଭାବେ ଶେଖ ଫଜଲୁର ରହମାନ ମନୋନିତ ହୋଇଥିବା ମିଳିତ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଅକ୍ଷୟ କୁମାର ଖୁଣ୍ଟିଆ ପ୍ରକାଶ କରିଛନ୍ତି।

## ବର୍ଷା ପୂର୍ବରୁ ଭାଗୀରଥୀ ସାଗରରୁ ପଙ୍କ ନିଷ୍କାସନ କରିବାକୁ ଦାବି



ଢେଙ୍କାନାଳ (ଭାସ୍କର ନ୍ୟୁଜ୍): ମୌସୁମୀ ବର୍ଷା ପୂର୍ବରୁ ଭାଗୀରଥୀ ସାଗର ଭିତରୁ ପଙ୍କ ମାଟି ବାହାରକୁ ନିଷ୍କାସନ କରିବା ଦାବିରେ ପୋଖରୀ ସୁରକ୍ଷା ସମିତିର କାର୍ଯ୍ୟକର୍ତ୍ତା ମାନେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ୨୦୨୪ରେ ଢେଙ୍କାନାଳ ପୌରାଞ୍ଚଳର ଭାଗୀରଥୀ ସାଗର, କୁକାନ୍ତ ପୋଖରୀ, ହୀରାସାଗର ପୋଖରୀ ସମେତ ପୌରାଞ୍ଚଳର ୧୬ ଟି ପୋଖରୀର ପଙ୍କ, ମାଟି ନିଷ୍କାସନ କରିବା କାର୍ଯ୍ୟ ଚାଲିଥିଲା । ମାତ୍ର ଠିକାଦାର ମାନେ ସଠିକ ଭାବେ ଉକ୍ତ ପଙ୍କ ମାଟି ନ ଉଠାଇବାରୁ ଜନ ଅସନ୍ତୋଷ ଉପୁଜିଥିଲା । ପରିସ୍ଥିତି ଏପରି ହେଲା ଯେ ପୋଖରୀ ସୁରକ୍ଷା ସମିତି ପକ୍ଷରୁ ତା ୧୨-୭-୨୦୨୪ ରେ ଢେଙ୍କାନାଳ ସହର ବନ୍ଦ ଡାକରା ପ୍ରସ୍ତାବ ଦିଆଯାଇଥିଲା । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ମହୋଦୟ ତା୧୦-୦୭-୨୦୨୪ ରେ ଉକ୍ତ ବନ୍ଦ ଡାକରାକୁ ସ୍ଥଗିତ କରିବାପାଇଁ ପୋଖରୀ ସୁରକ୍ଷା ସମିତି ନେତୃମଣ୍ଡଳୀ ସହିତ ଆଲୋଚନା କରିଥିଲେ । ଜିଲ୍ଲା ପ୍ରଶାସନର ଅଲୋଚନାକୁ ସମ୍ମାନ ଜଣାଇ ବନ୍ଦ ଡାକରା ସ୍ଥଗିତ କରାଯାଇଥିଲା । ସେତେବେଳେ ୧୫ ଦିନ ଭିତରେ ଭାଗୀରଥୀ ସାଗରର ପଙ୍କ, ମାଟି ସମ୍ପୂର୍ଣ୍ଣ ଉଠାଇବା ପାଇଁ ପୌରଯନ୍ତ୍ରୀ ଏବଂ ପୌରନିର୍ବାହୀ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳଙ୍କ ମାଧ୍ୟମରେ ଲିଖିତ ପ୍ରତିଶୃତି ଦେଇଥିଲେ । ଏଥିପାଇଁ ଫେବୃଆରୀ ୨୦୨୫ ପ୍ରଥମରୁ ସମସ୍ତ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା। ଏବେ ଫେବୃଆରୀ ମାସ ଶେଷ ହେବାକୁ ଯାଉଛି । ମାତ୍ର ଏପର୍ଯ୍ୟନ୍ତ ପଙ୍କ ମାଟି ଉଠାଇବା କାର୍ଯ୍ୟ ଆରମ୍ଭ ହୋଇନାହିଁ । ଭାଗିରଥି ସାଗର ସୁରକ୍ଷା ସମିତିର ସଭାପତି ପଙ୍କଜ ନାୟକ, ସମ୍ପାଦକ ଅଶୋକ ସ୍ୱାଇଁ, ମନ୍ମଥ ରାଓ, ଉଦୟନାଥ ବେହେରା, ଦିଲ୍ଲୀପ ରାଉତ, ପ୍ରଫୁଲ୍ଲ ପଟ୍ଟନାୟକ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ପୋଖରୀର ପଙ୍କ ମାଟି ଉଠାଇବା କାର୍ଯ୍ୟ ତୁରନ୍ତ ଆରମ୍ଭ କରି ମୌସୁମୀ ପୂର୍ବରୁ ସମ୍ପୂର୍ଣ୍ଣ କରିବାପାଇଁ ଅନୁରୋଧ କରିଥିଲେ ।

## ବିଦେଶରେ ଓଡିଆ ଡାକ୍ତର ସମ୍ମାନିତ



କଟକ (ଭାସ୍କର ନ୍ୟୁଜ୍): ବିଦେଶରେ ଜଣେ ଓଡିଆ ଡାକ୍ତରଙ୍କୁ ସମ୍ମାନ ମିଳିଛି । ସ୍ପେନ୍‌ରେ ଆୟୋଜିତ ଆନ୍ତର୍ଜାତୀୟ ମହିଳା ଉଦ୍ୟୋଗପତିମାନଙ୍କ ସମ୍ମିଳନୀରେ ଏହି ସମ୍ମାନ ପ୍ରଦାନ କରାଯାଇଛି । ସମ୍ମାନିତ ହୋଇଥିବା ଡାକ୍ତର ଜଣକ ହେଲେ କଟକନିବାସୀ ତଥା କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ପ୍ରଜ୍ଞାପାରମିତା ମିଶ୍ର । ପ୍ରଜ୍ଞାଙ୍କ ପ୍ରଚେଷ୍ଟା ବଳରେ କଟକ ନୂଆପାଟଣାରେ 'କାର୍ସିନୋଭା' କ୍ୟାନସ୍‌ର୍ ହସ୍‌ପିଟାଲ୍ ଗଢିଉଠିବା ସହିତ ଏଠାରେ ଗରିବ ଅସହାୟ ଲୋକଙ୍କ ପାଇଁ ମାଗଣା ଚିକିତ୍ସା ସୁବିଧା ଉପଲବ୍ଧ ହେଉଥିବାରୁ ସେ ସମ୍ମାନିତ ହୋଇଥିବା ଜଣାପଡିଛି । 'କାର୍ସିନୋଭା'ରେ ଡାକ୍ତର ପ୍ରଜ୍ଞାପାରମିତା ନିର୍ଦ୍ଦେଶକ ଥିବାବେଳେ ତାଙ୍କ ସ୍ୱାମୀ ତଥା ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ କ୍ଷିତୀଶ ମିଶ୍ର ଅଧ୍ୟକ୍ଷ ଭାବେ ଦାୟିତ୍ୱ ସମ୍ପାଦନ କରୁଛନ୍ତି । ସମ୍ମାନିତ ହୋଇଥିବା ଡାକ୍ତରଙ୍କ ପାଇଁ ଏବେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

## ରାଶିଫଳ

ଗୁରୁବାର, ୨୭ ଫେବୃଆରୀ ୨୦୨୫



**ମେଷ:** ନୂତନ ବ୍ୟବସାୟ ସଂପ୍ରସାରଣ ଯୋଜନା ଗଠନ ହୋଇପାରେ। କଣ୍ଟିଜେନ୍ସି ଲାଭ ପ୍ରଦାନ କରାଯିବ, ଯାହା ଆର୍ଥିକ ସ୍ଥିତିକୁ ମଜବୁତ କରିବ। କୌଣସି କାରବାରରୁ ଦୂରେଇ ରୁହନ୍ତୁ। କଠିନ ପରିଶ୍ରମ ଏବଂ ପ୍ରୟାସ ଦ୍ୱାରା ସମସ୍ତ କାର୍ଯ୍ୟରେ ସଫଳତା ପାଇବେ। ପରିବାର ସଦସ୍ୟଙ୍କ ସମ୍ପୂର୍ଣ୍ଣ ସମର୍ଥନ ରହିବ।



**ବୃଷ:** ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି। ସ୍ଥାନାନ୍ତର ସହିତ ଆୟ ମଧ୍ୟ ବୃଦ୍ଧି ପାଇପାରେ, ଯାହା ଆର୍ଥିକ ସ୍ଥିତିକୁ ମଜବୁତ କରିବ। କିଛି ନୂଆ କରିବାକୁ ଇଚ୍ଛା ମଧ ରହିବ। କୌଶଳ ହେତୁ ଜଣେ ଅଧିକାରୀଙ୍କଠାରୁ ସମ୍ମାନ ପାଇପାରିବେ। ପ୍ରେମ କାର୍ଯ୍ୟରେ ସଫଳତା ପାଇବେ।



**ମିଥୁନ:** ପରିଶ୍ରମ କରିବା ଅପେକ୍ଷା କର୍ମ କ୍ଷେତ୍ରର ଯୋଜନା ଅଧିକ ପ୍ରଭାବଶାଳୀ ପ୍ରମାଣିତ ହୋଇପାରେ। ଅଧିକାରୀମାନଙ୍କର ସହାୟତା ପାଇବେ। ପୁରୁଣା ଋଣରୁ ମୁକ୍ତି ମିଳିପାରେ। ପରିବାର, ବନ୍ଧୁ ଏବଂ ସମ୍ପର୍କୀୟମାନେ ଆପଣଙ୍କୁ ସମ୍ପୂର୍ଣ୍ଣ ସମର୍ଥନ କରିବେ।



**କର୍କଟ:** ଚାକିରି କ୍ଷେତ୍ରରେ ଅଧିକ ପରିଶ୍ରମ ହେବ। ଆପଣଙ୍କର ପ୍ରୟାସ କାର୍ଯ୍ୟରେ ସଫଳତା ଆଣିବ, ମାନସିକ ଏବଂ ଶାରୀରିକ ଥକ୍କା ଅନୁଭବ କରିବେ। କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ ଏବଂ ଆପଣଙ୍କର ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ, ନଚେତ୍ ଆପଣ ଏକ ବିବାଦରେ ପଡ଼ିପାରନ୍ତି। ପରିବାରର କାହା ସହିତ ମତଭେଦ ହେବାର ସମ୍ଭାବନା ରହିବ।



**ସିଂହ:** ବ୍ୟବସାୟ ଭଲ ହେବ ଏବଂ ଆର୍ଥିକ ଲାଭ ପାଇବ। କଣ୍ଟିଜେନ୍ସି ସୁବିଧା ଏବଂ ଚାକିରି ପଦୋନ୍ନତି ଗଠନ ହେବ । ତଥାପି, ସେଠାରେ ଅଧିକ କାର୍ଯ୍ୟଭାର ରହିବ, ଯାହା ଥକ୍କାପଣର କାରଣ ହୋଇପାରେ। ଉଭୟ ପରିବାର ଏବଂ କାର୍ଯ୍ୟାଳୟର ପରିବେଶ ସୁଖଦ ହେବ।



**କନ୍ୟା:** ବ୍ୟବସାୟ ଭଲ କରିବ। କାର୍ଯ୍ୟରେ ସଫଳତା ହେତୁ ମନ ଖୁସି ହେବ ଏବଂ ବାସ୍ତୁ ଭୋଗର ଧାରା ବଢିବ। ରିଅଲ୍ ଇଷ୍ଟେଟ୍ ଏବଂ ପୁଂଜି ବିନିଯୋଗ ପାଇଁ ଏକ ଯୋଜନା ହୋଇପାରେ। ଯେ କୈଣସି ପାରିବାରିକ କାର୍ଯ୍ୟକ୍ରମରେ ଯୋଗ ଦେଇ ପାରିନ୍ତି।



**ତୁଳା:** ଆଜି ମିଶ୍ରିତ ଦିନ ହେବ। କାର୍ଯ୍ୟ କ୍ଷେତ୍ରରେ ଛୋଟ ସମସ୍ୟା ଆସିପାରେ, କିନ୍ତୁ କଠିନ ପରିଶ୍ରମ କାର୍ଯ୍ୟରେ ସଫଳତା ଆଣିବ। ପରିବାର ଏବଂ ସାଙ୍ଗମାନଙ୍କୁ ମଧ ସମର୍ଥନ କରାଯିବ। ସେଠାରେ ଅଧିକ କାର୍ଯ୍ୟ ଭାର ରହିବ। ବିପଦ ଗ୍ରହଣ କଲେ କ୍ଷତି ହୋଇପାରେ। ବେକାରମାନେ ରୋଜଗାରର ସୁଯୋଗ ପାଇବେ।



**ବିଛା:** ବ୍ୟବସାୟ ଭଲ କରିବ ଏବଂ ଆର୍ଥିକ ପରିସ୍ଥିତି ଦୃଢ ହେବ। ହଠାତ୍ ଲାଭର ଯୋଗ ମଧ କରାଯାଉଛି। ଚାକିରିରେ ସ୍ଥାନାନ୍ତର କିମ୍ବା ପଦୋନ୍ନତି ହେବାର ସମ୍ଭାବନା ରହିବ। ବିବାହିତ ଜୀବନ ମଧ ସୁଖଦ ହେବ। ସାମାଜିକ ଏବଂ ଧାର୍ମିକ କାର୍ଯ୍ୟରେ ଅଂଶଗ୍ରହଣ କରିପାରିବେ। ଭ୍ରମଣରୁ ଦୂରେଇ ରୁହନ୍ତୁ।



**ଧନୁ:** ବେକାରମାନଙ୍କ ପାଇଁ ଦିନଟି ଭଲ। ପରିଶ୍ରମ କର। କ୍ୟାରିଅରରେ ଆଗକୁ ବଢିବାର ସୁଯୋଗ ଆସିପାରେ। ଆତ୍ମବିଶ୍ୱାସ ବିପଦପୂର୍ଣ୍ଣ କାର୍ଯ୍ୟରେ ସଫଳତା ଆଣିପାରେ। ଟଙ୍କା ଏବଂ ବ୍ୟବସାୟିକ ବିଷୟଗୁଡ଼ିକର ଯତ୍ନ ନେବାକୁ ପଡ଼ିବ। ସାମାଜିକ କାର୍ଯ୍ୟର ଧାରା ବୃଦ୍ଧି ପାଇବ। ପାରିବାରିକ ସମ୍ପର୍କ ଉନ୍ନତି ହୋଇପାରେ।



**ମକର:** କାର୍ଯ୍ୟଟି ଭଲରେ ଯିବ ଏବଂ ଲାଭର ରାଶି ମଧ ସେଠାରେ ରହିବ, କିନ୍ତୁ କିଛି ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ। ଅତ୍ୟଧିକ କାର୍ଯ୍ୟ ହେତୁ ଆପଣ ଥକ୍କା ଅନୁଭବ କରିବେ। କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ ଏବଂ ବକ୍ତବ୍ୟକୁ ମଧ ନିୟନ୍ତ୍ରଣ କରନ୍ତୁ, ନଚେତ୍ ବିବାଦ ହେବ। ସ୍ୱାସ୍ଥ୍ୟ ସ୍ୱାଭାବିକ ହେବ। ପରିବାରର ପରିବେଶ ଭଲ ରହିବ ଏବଂ ପରିବାରର ସମ୍ପୂର୍ଣ୍ଣ ସମର୍ଥନ ରହିବ।



**କୁମ୍ଭ:** ବ୍ୟବସାୟରେ ଅର୍ଥନୈତିକ ଲାଭର ରାଶି ଦିଆଯାଉଛି। ପରିବାର ଏହି କ୍ଷେତ୍ରରେ ପୂର୍ଣ୍ଣ ସମର୍ଥନ ପାଇବେ। କର୍ମକ୍ଷେତ୍ରରେ ଚିନ୍ତିତ ହେବେ। ପ୍ରଗତିର ରାସ୍ତା ଖୋଲିବ। ପୁରୁଣା ସାଙ୍ଗମାନେ ମଧ ସମର୍ଥନ କରିବେ। ସ୍ୱାସ୍ଥ୍ୟ ଉପରେ ବିଶେଷ ଧ୍ୟାନ ଆବଶ୍ୟକ। ପରିବାରର ପରିବେଶ ସୁଖଦ ହେବ। ଏକ ଭ୍ରମଣରେ ଯାଇ ପାରିବେ।



**ମୀନ:** ଆଜି ଏକ ସାଧାରଣ ଦିନ ହେବ। କାର୍ଯ୍ୟ କ୍ଷେତ୍ରରେ ଅଧିକ ପରିଶ୍ରମ ହେବ। ଛୋଟ ଅସୁବିଧା ଆସିପାରେ, କିନ୍ତୁ ତୁମର ଉଦ୍ୟମ ସହିତ, କାର୍ଯ୍ୟରେ ସଫଳତା ଆସିବ। ମାନସିକ ସ୍ତରରେ ବିଭ୍ରାନ୍ତି ଦୂର କରି ରୁହନ୍ତୁ। ପରିବାରର ପରିବେଶ ଭଲ ରହିବ, କିନ୍ତୁ ବକ୍ତବ୍ୟରେ କାହାକୁ ଆଘାତ କର ନାହିଁ, ଏହାର ଯତ୍ନ ନିଅ। ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି।



ଜ୍ୟୋତିଷ
ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବ୍ରଜରାଜନଗର(ଭାସ୍କର ନ୍ୟୁଜ):ବ୍ରଜରାଜନଗର ମୁଖ୍ୟ ମାର୍କେଟରେ ଥିବା ଅଗ୍ରସେନ ଭବନରେ ଇବ ଭେଲି କେନ୍ଦ୍ରୀୟ ଚିକିତ୍ସାଳୟ ପକ୍ଷରୁ ମଙ୍ଗଳବାର ଦିନ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମହାନଦୀ କୋଇଲା ଖଣି ମୁଖ୍ୟ କାର୍ଯ୍ୟାଳୟ ବୁର୍ଲାରେ ଅବସ୍ଥାପିତ ମୁଖ୍ୟ ମେଡିକାଲ ସର୍ଭିସେସ ଡ . ଅନିଲ କୁମାର, କେନ୍ଦ୍ରୀୟ ଚିକିତ୍ସାଳୟର ସିଏମଏସ୍ ଡ. ସମରେନ୍ଦ୍ର ମହାନାୟକ, ପୂର୍ବତନ ନଗରପାଳ ନନ୍ଦକିଶୋର ଅଗ୍ରୱାଲ, ସମାଜସେବୀ ଗୋବିନ୍ଦ ଅଗ୍ରୱାଲ ଅତିଥିଭାବେ ଯୋଗଦେଇଥିଲେ । ଏହି ଶିବିରରେ ସିଏମଏସ ଡ. ଅନିଲ କୁମାର, ଡ. ସମରେନ୍ଦ୍ର ମହାନାୟକ, ଡ. ମଦନ ଦାଶ, ଡ. ହେମନ୍ତ ପ୍ରଧାନ, ଡ. ସଚ୍ଚିକାନ୍ତ ତ୍ରିପାଠୀ, ଡ.ଏସସି ମୁର୍ମୁ, ଡ. ଆଇଏସ ରେଡ୍ଡୀ, ଡ. ଜେ ଭାଗ୍ୟଶ୍ରୀ, ଡ. ଦୀପକ ସାହୁ, ଡ. ଅଭିଜିତ ଜୟସ୍ୱାଲ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏହି ଶିବିରରେ ମୋଟ ୩୫୪ ଜଣ ଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ରୋଗୀମାନଙ୍କୁ ଆବଶ୍ୟକ ଔଷଧ ମାଗଣାରେ ଯୋଗାଇ ଦିଆଯାଇଥିଲା । ଶିବିରକୁ କେନ୍ଦ୍ରୀୟ ଚିକିତ୍ସାଳୟର ଅପଟୋମେଟ୍ରିଷ୍ଟ ରାଜୁ ପ୍ରଧାନ, ପୀତବାସ ପଟେଲ, ଅଂଶୁମାନ ସାହୁ, ରୋଶାନ୍ତ ପ୍ରଧାନ, ଉତ୍ତମ ସରକେଲ ପରିଚାଳନା କରିଥିଲେ ।

# ୨୮ରେ ପୋଲାଭରମ ପ୍ରକଳ୍ପ ପ୍ରତିବାଦରେ ବିଶାଳ ସମ୍ମିଳନୀ



ମାଲକାନଗିରି (ଭାସ୍କର ନ୍ୟୁଜ) : ମାଲକାନଗିରି ସଦର ମହକୁମା ସ୍ୱାଗତ ହୋଟେଲ ସମ୍ମିଳନୀ କକ୍ଷରେ ସାମ୍ବାଦିକ ସମ୍ମିଳନୀରେ ଆସନ୍ତା ୨୮ ତାରିଖ ଦିନ ମୋଟୁ ଠାରେ ପୋଲାଭରମ ପ୍ରକଳ୍ପ ପ୍ରତିବାଦରେ ବିଭିନ୍ନ ରାଜନୈତିକ ଦଳ ସହ ପଡୋଶୀ ଆନ୍ଧ୍ର, ତେଲେଙ୍ଗାନା, ଛତିଶଗଡର ବିଭିନ୍ନ ସଂଗଠନ ବିଶାଳ ଗଣ ସମ୍ମିଳନୀ କରି ପ୍ରତିବାଦ ଜଣାଇବେ ବୋଲି ସୂଚନା ଦେଇଛନ୍ତି। ଆନ୍ଧ୍ରପ୍ରଦେଶ ଏଲୁରୁ ଜିଲ୍ଲା ଗୋଦାବରୀ ନଦୀ ଉପରେ ପୋଲାଭରମ ପ୍ରକଳ୍ପ ନିର୍ମାଣାଧୀନ ରହିଥିବା ବେଳେ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଓଡିଶାର ମାଲକାନଗିରି ଜିଲ୍ଲାର ବହୁ ଅଂଚଳ ଜଳମଗ୍ନ ହେବାର ଆଶଙ୍କା ଥିବାରୁ ଏହାକୁ ବିରୋଧ କରାଯିବ । ପୂର୍ବରୁ ଏହି ପ୍ରକଳ୍ପକୁ ବିରୋଧ କରା ଯାଉଥିବାରୁ ପ୍ରକଳ୍ପ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିଲା। ରାଜ୍ୟରେ ନୂତନ ସରକାର ଗଠନ ହେବା ପରେ କେନ୍ଦ୍ର ସରକାର ଚଳିତ ବର୍ଷ ବଜେଟରେ ପୋଲାଭରମ୍ ପ୍ରକଳ୍ପକୁ ଆସନ୍ତା ୨୦୨୭ ମସିହା ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖି ୧୫ ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ଅର୍ଥ ପ୍ରଦାନ ପାଇଁ ଘୋଷଣା କରିଛନ୍ତି। ଏହି ଘୋଷଣା ପରେ ପ୍ରକଳ୍ପ କାମ ଦ୍ରୁତଗତିରେ ଆଗେଇ ଚାଲିଛି। ଏ ସମ୍ବନ୍ଧରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଅନୁଯାୟୀ ଓଡିଶାର ବିନା ସହମତି ଓ କ୍ଷୟକ୍ଷତି ଆକଳନ ନକରି ଏହି ପ୍ରକଳ୍ପକୁ ଆଗେଇ ନେବାପାଇଁ ନିର୍ଦ୍ଦେଶ ରହିଛି। ଏଥିସହ ୭୦୦ କୋଟି ଟଙ୍କାର ବ୍ୟୟ ଅଟକଳରେ ନଦୀର ଉଭୟ ପାର୍ଶ୍ୱରେ ମାଟି ଆଡିବନ୍ଧ ତିଆରି କରି ଓଡିଶା ଆନ୍ଧ୍ର ଓ ଛତିଶଗଡକୁ ସୁରକ୍ଷା ଦେବାପାଇଁ ନିର୍ଦ୍ଦେଶ ଥିବା ବେଳେ ଏଥିପ୍ରତି ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନିଆ ଯାଇନାହିଁ ତେଣୁ ଆସନ୍ତା ୨୮ ତାରିଖ ଦିନ ଏହି ପ୍ରକଳ୍ପକୁ ପ୍ରତିବାଦ କରି ମୋଟୁ ଠାରେ ବିଶାଳ ଗଣ ସମ୍ମିଳନୀରେ ଲକ୍ଷାଧିକ ଜନସାଧାରଣ ସାମିଲ ହେବେ ବୋଲି ପୂର୍ବତନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ, ପ୍ରଦୀପ ମାଝୀ, ପ୍ରକାଶ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସାଂସଦ ତଥା ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ମାଲକାନଗିରି ପୂର୍ବତନ ବିଧାୟକ ମାନସମାଡକାମି, ବହୁଜନ ସମାଜପାର୍ଟି ସଭାପତି ଜାରାଶବର ମାଢ଼ି, ପୋଲାଭରମ୍ ପ୍ରକଳ୍ପ ପ୍ରତିବାଦ ମିଳିତ କ୍ରିୟାନୁଷ୍ଠାନ କମିଟି ର ଆବାହକ ପ୍ରଭାକର ହନ୍ତାଳ, ଗୋପାଳକୃଷ୍ଣ ପଣ୍ଡା, ଓକିଲ ସଂଘ ସଭାପତି ପ୍ରିତପାଲ ସିଂ, ଜିଲ୍ଲା ଆଦିବାସୀ ସମାଜ ମହାସଂଘର ସଭାପତି ବନ୍ଧୁ ମୁଦୁଲି, ତପନ ସାନା ଙ୍କ ସହ ୧୪ଟି ଜନଜାତି ସଂଘର ସଭାପତି ଉପସ୍ଥିତ ଥିଲେ।

## ମୁକ୍ତାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ବାର୍ଷିକୋତ୍ସବ

ଖଡିଆଳ (ଭାସ୍କର ନ୍ୟୁଜ) : ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିନସ୍ଥ ମୁକ୍ତାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦ୍ୱିତୀୟ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି । ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ସାହିନା ପରବିନ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁ ଚରଣ ନାୟକ, ମୁଖ୍ୟବକ୍ତା ମେଜର ଡଃ ରାମ ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ନଗରପାଳ ଉଜ୍ଜଳ ଗୁପ୍ତା, ଦେବରାଜ ମହାପାତ୍ର, ଧନୁର୍ଜୟ କରୁଆଁ, ମୋତିଲାଲ୍ ବେହେରା, ଜୟଦେବ ପଣ୍ଡା,ତୁଳାରାମ ହଂସ, ନବିନା ବନଗୋଲା, କାଉନସିଲର ସୁଚିସ୍ମିତା ମହାରଣା ପ୍ରମୁଖ ଯୋଗଦେଇ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ।ଅରୁଣ କୁମାର ନାଗ ମଞ୍ଚ ପରିଚାଳନା କରିଥିଲେ । ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସମ୍ବଲପୁରୀ, ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରାଯାଇଥିଲା । ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା ।

# ୩୬ଦିନ ପରେ ନିଖୋଜ ଯୁବକଙ୍କ ଗଳିତ ଶବ ଉଦ୍ଧାର



ବେଲପାହାଡ଼, ( ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଥାନା ଅନ୍ତର୍ଗତ ମାକରଚଟା ନିକଟସ୍ଥ ଲିଲାରୀ ନାଳାରୁ ପୋଲିସ ଜଣେ ନିଖୋଜ ଯୁବକର ଗଳିତ ଶବକୁ ଉଦ୍ଧାର କରିଛି । ମୃତ ଯୁବକ ଜଣକ ଲଖନପୁର ଥାନା କୁତ୍ରାଲୋଇ ଗ୍ରାମର ସ୍ୱର୍ଗୀୟ ଦନାର ରାଉତଙ୍କ ପୁଅ ବିଭୀଷଣ ରାଉତ (୪୦) ବୋଲି ଜଣାପଡ଼ିଛି । ସୂଚନାରୁ ପ୍ରକାଶ ଯେ, ବିଭୀଷଣ ଏମସିଏଲ୍ ଲଖନପୁର ଖୋଲାମୁହଁ କୋଇଲା ଖଣିରେ ନିୟୋଜିତ ଏକ ଠିକା ସଂସ୍ଥା ଅଧୀନରେ ଜଣେ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ । ଗତ ତା:୧୯/୧/୨୫ ଦିନ ବିଭୀଷଣ ନିଜ କେତେକ ସାଙ୍ଗମାନଙ୍କ ସହିତ ବେଲପାହାଡ଼ ମାକରଚଟା ନିକଟସ୍ଥ ଲିଲାରୀ ନାଳାକୁ ବଣଭୋଜି ପାଇଁ ଯାଇଥିଲେ । ତେବେ ବିଭୀଷଣ ସେଠାରୁ ହଠାତ୍ କୁଆଡ଼େ ନିଖୋଜ ହୋଇଯାଇଥିଲେ । ଲିଲାରୀ ନାଳାର ପାଣିରେ ବିଭୀଷଣ କାଳେ ଖସିପଡ଼ି ବୁଡ଼ି ଯାଇଥିବା ଅନୁମାନ କରି ପୋଲିସ ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ପ୍ରାୟ ୪ ଦିନ ଧରି ଖୋଜାଖୋଜି କରିଥିଲା । ହେଲେ ବିଭୀଷଣଙ୍କ କୌଣସି ସନ୍ଧାନ ମିଳିପାରିନଥିଲା । ଏନେଇ ବିଭୀଷଣଙ୍କ ପରିବାର ଲୋକେ ଲଖନପୁର ଥାନାରେ ଏକ ନିଖୋଜ ଅଭିଯୋଗ ମଧ୍ୟ କରିଥିଲେ । ପୋଲିସ ତଦନ୍ତ ଜାରି ରଖିଥିଲା । ଗତ ରବିବାର ସନ୍ଧ୍ୟାରେ କେତେକ ସ୍ଥାନୀୟ ବାସିନ୍ଦା ଲିଲାରୀ ନାଳାର ପାଣିରେ ଏକ ଗଳିତ ଶବ ଭାସୁଥିବା ଦେଖି ପୁଲିସକୁ ସୂଚନା ଦେଇଥିଲେ । ଗତ ରାତିପ୍ରାୟ ୧୦ ଟାରେ ପୋଲିସ ଅଗ୍ନିଶମ ବାହିନୀର ସାହାଯ୍ୟରେ ଶବକୁ ପାଣିରୁ ଉଦ୍ଧାର କରିଥିଲା । ପରେ ସେହି ଶବଟି ବିଭୀଷଣଙ୍କ ବୋଲି ତାଙ୍କ ପରିବାର ଲୋକେ ଚିହ୍ନଟ କରିଥିଲେ । ନିଖୋଜ ୩୬ ଦିନ ପରେ ନିଖୋଜ ଯୁବକ ବିଭୀଷଣଙ୍କ ଗଳିତ ଶବ ଉଦ୍ଧାର କରିଛି ପୋଲିସ । ତେବେ ଏହି ଘଟଣାଟି ପ୍ରକୃତରେ ଆକସ୍ମିକ ଦୁର୍ଘଟଣା ନା ଆଉ କଣ ତାହା ସ୍ପଷ୍ଟ ହୋଇପାରିନାହିଁ । ତାହା ବର୍ତ୍ତମାନ ପୁଲିସର ତଦନ୍ତ ପରିସରରେ ରହିଛି । ବେଲପାହାଡ଼ ଥାନାରେ ପୁଲିସ କେସ ନମ୍ବର ୩/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ମୃତ ବିଭୀଷଣଙ୍କ ଶବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଛି । ପୋଲିସ ଥାନାରେ କେତେକ ବ୍ୟକ୍ତିଙ୍କୁ ପଚରା ଉଚରା କରୁଥିବା ଜଣାପଡ଼ିଛି । ବିଭୀଷଣଙ୍କ ପରିବାରରେ ପତ୍ନୀଙ୍କ ସମେତ ଦୁଇ ପୁଅ ଝିଅ ଥିବା ପ୍ରକାଶ ।

## ଆନ୍ଦୋଳନରେ ଚାଷୀ ପ୍ରଶାସନ ନିରବଦ୍ରଷ୍ଟା

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ) : ଗଜପତି ଜିଲ୍ଲା କାଶୀନଗର ଠାରେ ଧାନ ମଣ୍ଡିର ଅବହେଳା ଯୋଗୁଁ ସ୍ଥାନୀୟ ବହୁ ଚାଷୀ ରାଜରାସ୍ତାକୁ ଓହ୍ଲାଇ ରାସ୍ତାରୋକ କରିଥିଲେ । କାଶୀନଗର ଷ୍ଟେଟ ବ୍ୟାଙ୍କ ଛକ ନିକଟରେ ବଜାର ଓ ଠାକୁରାଣୀ ମନ୍ଦିର ଠାରେ ଶହ ଶହ ଚାଷୀ ରାସ୍ତାରୋକ ଆନ୍ଦୋଳନ କରିଛନ୍ତି । ଯାହାଫଳରେ ଗୁଣୁପୁର ପାରଳାଖେମୁଣ୍ଡି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । କାଶୀନଗର ଦୋକାନ ବଜାର ମଧ୍ୟ ବନ୍ଦ ରହିଥିଲା । କେବଳ ପରୀକ୍ଷା ବିଦ୍ୟାର୍ଥୀଙ୍କୁ ଓ ଚିକିତ୍ସାଧୀନ ଲୋକଙ୍କ ଗାଡ଼ିକୁ ତଥା ଆମ୍ବୁଲାନ୍ସ ଛଡାଯାଇଥିବା ଦେଖିବାକୁ ମିଳିଥିଲା । ଚାଷୀଙ୍କ ମୁଖ୍ୟ ଅଭିଯୋଗ ସେମାନଙ୍କୁ ମିଳିଥିବା ଟୋକେନ ତାରିଖ ଭିତରେ ମିଲକୁ ଧାନ ଯାଉନଥିବା, ସୋସାଇଟୀ ସେକ୍ରେଟାରୀଙ୍କ ଅବହେଳା, ମଣ୍ଡିରେ ତଥା ବାହାରେ ରହିଥିବା ଧାନ ପ୍ରତି ସୁରକ୍ଷା ଦେବା, ନେଇ ବିଭିନ୍ନ ଦାବି ରଖିଛନ୍ତି ଚାଷୀ । ଅନ୍ୟ ପକ୍ଷରେ ଓଡିଶା ସରକାର କହୁଛନ୍ତି ଯେ ସବୁ ଚାଷୀମାନଙ୍କୁ ଠିକ୍‌ରେ ସେମାନଙ୍କ ପ୍ରାପ୍ୟ ଦିଆଯାଉଛି । ମାତ୍ର ଏହାର ଜ୍ୱଳନ୍ତ ଉଦାହରଣ କାଶିନଗର ବ୍ଲକ୍ ରେ । ଘଟଣା ସ୍ଥଳରେ ଉପ ଜିଲ୍ଲାପାଳ ତଥା ଖାଉଟି ଯୋଗାଣ ବିଭାଗ ଅଧିକାରୀ, ସ୍ଥାନୀୟ ତହସିଲଦାର, ଗୋଷ୍ଠୀଉନ୍ନୟନ ଅଧିକାରୀ, ଏସଡିପିଓ ଉପସ୍ଥିତ ହୋଇ ଚାଷୀଙ୍କୁ ବୁଝାସୁଝା କରିଥିବା ଦେଖିବାକୁ ମିଳିଛି । ଆଗାମୀ ଦୁଇ ଦିନ ଭିତରେ ଟୋକନଧାରୀ ମାନଙ୍କ ଧାନ ଉଠିବା ସହ ଚାଷୀଙ୍କ ସୁବିଧା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀଙ୍କ ରାସ୍ତାରୋକ ହଟିଥିଲା । ଯଦି ଦୁଇ ଦିନ ଭିତରେ ପଦକ୍ଷେପ ନନେଲେ ପୁଣି ରାସ୍ତାରୋକ ଆନ୍ଦୋଳନ କରିବା ନେଇ ଚେତାବନୀ ଦେଇଛନ୍ତି ।

# ଭତ୍ତା ପାଇବାରୁ ବଞ୍ଚିତ ମାନସିକ ବିକୃତି ଯୁବତୀ



## ହୋଇପାରୁନାହିଁ ଆଧାର କାର୍ଡ

ଉମରକୋଟ(ଭାସ୍କର ନ୍ୟୁଜ) : ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ପାଲିଆ ପଞ୍ଚାୟତ ଅନ୍ତର୍ଗତ ଆମଲିଝରୀ ଗ୍ରାମର ଜଣେ ମାନସିକ ବିକୃତି ଯୁବତୀର ଆଧାର କାର୍ଡ ହୋଇ ପାରୁନଥିବା ଯୋଗୁଁ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ଜଣାପଡିଛି । ଭତ୍ତା ବାବଦକୁ ଝରିଗାଁ ବ୍ଲକର କାର୍ଯ୍ୟରତ ଅଧିକାରୀ ଏବଂ କର୍ମଚାରୀମାନଙ୍କ ଚରମ ଅବହେଳା ଯୋଗୁଁ ଜଣେ ମାନସିକ ବିକୃତି ଯୁବତୀ ଯୋଗ୍ୟତା ଥାଇ ମଧ୍ୟ ପ୍ରଶାସନ ପକ୍ଷରୁ ଭତ୍ତା ପାଉନଥିବା ଅଭିଯୋଗ ହୋଇଛି । ଆମଲିଝରୀ ଗ୍ରାମର ଦଇମତୀ ଭତ୍ରାଙ୍କ ମାନସିକ ବିକୃତି ଝିଅ ସନ୍ତୋମଣୀ ଭତ୍ରା(୨୫)ଙ୍କ କ୍ଷେତ୍ରରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ସୂଚନା ପ୍ରକାରେ ଆମଲିଝରୀ ଗ୍ରାମରେ ଦୀର୍ଘ ବର୍ଷ ହେବ ଦଇମତୀ ଭତ୍ରା ଏବଂ ସ୍ୱାମୀ ବଳରାମ ଭତ୍ରା ହସଖୁସିରେ ରହି ଆସୁଥିଲେ । ତାଙ୍କର ଗୋଟିଏ ପୁଅ ଏବଂ ଝିଅ ଜନ୍ମ ପରେ ହସଖୁସିର ସଂସାର ଥିଲା । ବଳରାମ ଯାହା ରୋଜଗାର କରୁଥିଲେ ସେଥିରେ ପରିବାର ପ୍ରତିପୋଷଣ କରୁଥିଲେ । ପରବର୍ତ୍ତୀ ସମୟରେ ପୁଅ ଓ ଝିଅ ଛୋଟ ଥିବା ବେଳେ ବଳରାମ କୌଣସି ଏକ ରୋଗରେ ପୀଡିତ ହୋଇ ଥିଲେ । ପରିବାର ଲୋକେ ବହୁ ଚେଷ୍ଟା ପରେ ମଧ୍ୟ ବଳରାମଙ୍କ ଦେହାନ୍ତ ହୋଇ ଯାଇଥିଲା । ସ୍ୱାମୀଙ୍କ ଦେହାନ୍ତ ପରେ ସ୍ତ୍ରୀ ଗ୍ରାମରେ କୁଲି କାମ କରି ପୁଅ ଓ ମାନସିକ ବିକୃତି ଝିଅକୁ ନେଇ ଚଳୁଥିଲେ । ପୁଅର ବାହାଘର ପରେ ପ୍ରାୟ ୧୨ବର୍ଷ ହେବ ଶ୍ୱଶୁର ଘରେ ରହୁଛନ୍ତି । ବର୍ତ୍ତମାନ ମା ଓ ଝିଅ ରହୁ ଥିବାବେଳେ ଝିଅର ସମସ୍ତ କାମ ସାରି ମା ଗାଁରେ ଘରେ ଘରେ କାମ କରି ଯାହା ମିଳେ ସେଥିରେ ଉଭୟଙ୍କ ପେଟ ପୁରେ । ତେବେ ଝିଅର ଆଧାର କାର୍ଡ ହୋଇ ପାରୁନଥିବା ଯୋଗୁଁ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି । ବହୁବାର ଖର୍ଚ୍ଚ କରି ଆଧାର କାର୍ଡ ପାଇଁ ଝରିଗାଁ ଆଧାର କେନ୍ଦ୍ରରେ ଝିଅକୁ ନେଇ ଆସିବା ପରେ ମଧ କୌଣସି କାରଣରୁ ଆଧାର କାର୍ଡ ହୋଇ ପାରୁନଥିବା ଦଇମତୀ ଅଭିଯୋଗ କରିଛନ୍ତି । ସଚେତନତା ଅଭାବ ଯୋଗୁଁ ଆଧାର କାର୍ଡ ହୋଇ ପାରୁନଥିବା ବେଳେ ଦାୟିତ୍ୱରେ ଥିବା ଅଧିକାରୀମାନେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଯୋଗୁଁ ସନ୍ତୋମଣୀ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି ।୨୦୧୦ ମସିହାରେ ସନ୍ତୋମଣୀଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।୮୦ ପ୍ରତିଶତ ଭିନ୍ନକ୍ଷମ ଥିବା ଦର୍ଶାଇଛନ୍ତି । କିନ୍ତୁ ଆଧାର କାର୍ଡ ନଥିବା ଯୋଗୁଁ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି । ତେଣୁ ବ୍ଲକ ପ୍ରଶାସନ ପକ୍ଷରୁ ତୁରନ୍ତ ସନ୍ତୋମଣୀଙ୍କ ଆଧାର କାର୍ଡ କରିବା ସହ ଭତ୍ତା ପ୍ରଦାନ ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି । ପ୍ରଶାସନ ପକ୍ଷରୁ ଦଇମତୀଙ୍କୁ ଆବାସ ଯୋଜନାରେ ଗୃହ ମିଳିଥିବା ବେଳେ ୫ କିଲୋଗ୍ରାମ ଚାଉଳ ଏବଂ ବିଧବା ଭତ୍ତା ବାବଦକୁ ଏକ ହଜାର ଟଙ୍କା ମିଳୁଥିବା କହିଛନ୍ତି । ତେବେ କେବେ ଝରିଗାଁ ବ୍ଲକ ପ୍ରଶାସନ ଏହି ଅସହାୟ ପରିବାର ପ୍ରତି ସହାନୁଭୂତି ଦେଖାଇ ଭତ୍ତା ପ୍ରଦାନ କରିବା ପାଇଁ ଚେଷ୍ଟା କରିବ ତାହା ଦେଖିବାକୁ ବାକି ରହିଲା ।

## ନୂତନ ଏସଡିପିଓ ତୁଫାନ ବାଗ୍‌ଙ୍କ ଦାୟିତ୍ୱ ଗ୍ରହଣ



ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁରରେ ଏସଡ଼ିପିଓ ପଦବୀ ଦୀର୍ଘ ଦିନ ଧରି ଖାଲି ପଡିଥିବାବେଳେ ଆଜି ପୂର୍ଣ୍ଣ ହୋଇଛି । କିଛି ଦିନ ଧରି ସୁନାବେଡା ଏସଡ଼ିପିଓ ମନୋବ୍ରତା ଶତପଥୀ ଦାୟିତ୍ୱ ତୁଲାଇ ଆସୁଥିଲେ । ବର୍ତ୍ତମାନ ନୂତନ ଏସଡ଼ିପିଓ ଭାବେ ତୁଫାନ ବାଗ୍ ଦାୟିତ୍ୱ ଗ୍ରହଣ କରିଛନ୍ତି । ମଙ୍ଗଳବାର ଦିନ ଲକ୍ଷ୍ମୀପୁର କାର୍ଯ୍ୟାଳୟରେ ଶ୍ରୀଯୁକ୍ତ ବାଗ୍ ଯୋଗ ଦେଇଛନ୍ତି । ତାଙ୍କ ନିଜ ଘର ବରଗଡ଼ ଜିଲ୍ଲାରେ ହୋଇଥିବାବେଳେ ଏହା ପୂର୍ବରୁ ଶ୍ରୀବାଗ ସମ୍ବଲପୁର ସଦର ଥାନାରେ ଏସଡିପିଓ ଭାବେ କାର୍ଯ୍ୟ କରୁଥିଲେ । ଲକ୍ଷ୍ମୀପୁର, କାକିରିଗୁମ୍ମା, ନାରାଣପାଟଣା ଓ ବନ୍ଧୁଗାଁ ଥାନା ତାଙ୍କ ଅଧୀନରେ ରହିଥିବା ବେଳେ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ଠିକ୍ ଭାବେ ପରିଚାଳନା କରିବେ ବୋଲି ସିଏ କହିଛନ୍ତି । ଏନେଇ ନିଜ କାର୍ଯ୍ୟାଳୟରେ ପ୍ରବେଶ ପୂର୍ବରୁ ଲକ୍ଷ୍ମୀପୁର ଜଗନ୍ନାଥ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ । ପରେ କୋରାପୁଟ ଯାଇ ଏସପିଙ୍କୁ ସାକ୍ଷାତ କରି ଫେରିଥିଲେ । ଶ୍ରୀଯୁକ୍ତ ବାଗ୍ ଏସଡ଼ିପିଓ ଦାୟିତ୍ୱ ଗ୍ରହଣ କରିବା ପରେ ଚାରୋଟି ଯାକ ଥାନା ଅଧିକାରୀ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

# ଦାଦନ ଶ୍ରମିକରୁ ସଫଳ ଚାଷୀ ଅକାଳୁ



ନୂଆପଡ଼ା(ଭାସ୍କର ନ୍ୟୁଜ) : ପୂର୍ବରୁ କାମଧନ୍ଦା ଅଭାବ ହେତୁ ରାଜ୍ୟ ବାହାରେ ଦାଦନ ଖଟୁଥିଲେ । ରାୟପୁର ସହରରେ ରିକ୍ସା ଟାଣି ପରିବାର ପ୍ରତିପୋଷଣ କରୁଥିଲେ । ଏବେ ସେ ଜଣେ ସଫଳ ପରିବା ଚାଷୀ । ପ୍ରତିବର୍ଷ ପରିବା ବିକ୍ରିକରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି । ଏବେ ପୁଣି ୪ଦାଦନ ପରିବାରକୁ ରୋଜଗାର ବି ଦେଇଛନ୍ତି ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ନଦୀଗାଁର ଅକାଳୁ ସୁନାନୀ । ନିଜର ଦୃଢ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ବଳରେ ଦାଦନରୁ ଜଣେ ସଫଳ ଚାଷୀ ହୋଇଛନ୍ତି । ଗତ କିଛି ବର୍ଷ ତଳେ କାମଧନ୍ଦା ଅଭାବରୁ ପରିବାର ପ୍ରତିପୋଷଣ ପାଇଁ ଅକାଳୁ ରାୟପୁର ସହରକୁ ରିକ୍ସା ଟାଣିବାକୁ ଯାଉଥିଲେ । ଦିନ ତମାମ ରିକ୍ସା ଟାଣିଲେ ବହୁକଷ୍ଟରେ କିଛି ରୋଜଗାର କରୁଥିଲେ । ଏହି ଟଙ୍କା ପରିବାର ଚଳାଇବାକୁ ନିଅଣ୍ଟ ହେଉଥିଲା । ଅନେକ ସମୟରେ ରାଜ୍ୟ ବାହାରେ ଦାଦନ ଖଟିବାକୁ ଯାଇ ନିର୍ଯାତନାର ଶିକାର ହେଉଥିଲେ । ଶେଷରେ ଚାଷବାସ କରି ପରିବାର ଚଳାଇବାକୁ ନିଷ୍ପତ୍ତି ନେଲେ । ଗତ ୫ବର୍ଷ ତଳେ ୨ଏକର ପୈତୃକ ଚାଷଜମିରେ ପନିପରିବା ଚାଷ ଆରମ୍ଭ କରିଥିଲେ । ଉଦନ୍ତୀ ନଦୀରୁ ମୋଟରରେ ପାଣି ଉଠାଇ ପରିବା ଚାଷ କଲେ । ପୂର୍ବପୁରୁଷରୁ ଟାଙ୍ଗର ପଡିଥିବା ଚାଷଜମିରେ ପରିବା ଚାଷ ହସୁଥିବାରୁ ଅକାଳୁଙ୍କ ପରିବାର ଲୋକେ ଖୁସିରେ ଆତ୍ମହରା ହୋଇପଡ଼ିଛନ୍ତି । ଦିନେ ଯେଉଁ ଚାଷ ଜମି ପଡିଆ ପଡୁଥିଲା । ସେହି ଜମିରେ ଅନେକ ସମୟରେ ପରିବାର ଲୋକେ ପାରମ୍ପରିକ ଚାଷକରି କ୍ଷତିରେ ପଡି ଚାଷବାସ ଛାଡି ଦେଇ ରାଜ୍ୟ ବାହାରେ ଦାଦନ ଖଟୁଥିଲେ । ଏବେ ତାଙ୍କ ଜମିରେ ବିଭିନ୍ନ ପ୍ରକାର ପନିପରିବା ହସୁଛି । ଚାଷଜମିରେ ଫୁଲକୋବି, ବନ୍ଧାକୋବି, ବାଇଗଣ, ଟମାଟୋ, କଲରା, ଲଙ୍କା ଫଳାଉଛନ୍ତି । ଆଜି ନିଜେ ମାଟିର ମଣିଷ ହୋଇ ଜମିରେ ସୁନାର ଫସଲ ଫଳାଇ ବାର୍ଷିକ ଲକ୍ଷାଧିକ ଟଙ୍କା ରୋଜଗାର କରି ସ୍ୱାବଲମ୍ବୀ ହୋଇଛନ୍ତି । ଅକାଳୁ ସପ୍ତାହକୁ ୪ଟି ସାପ୍ତାହିକ ବଜାରରେ ପରିବା ବିକ୍ରି କରୁଛନ୍ତି । ଏଥିରେ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି । ଏବେ ପୁଣି ୪ଟି ଦାଦନ ପରିବାରକୁ ନିଜ ଚାଷଜମିରେ ନିୟୋଜିତ କରି ରୋଜଗାର ଦେଉଛନ୍ତି । ନିଜ ପରିବାର ଚଳିବା ସହ ଆଉ ୪ପରିବାରକୁ ଚଳାଉଛନ୍ତି । ଗତ କିଛିଦିନ ତଳେ ଅକାଳୁ ଏକ ବାଇକ କିଣିବା ସହ ଆଗକୁ ଦୁଇପୁଅକୁ ଉଚ୍ଚଶିକ୍ଷା ପାଇଁ ବ୍ୟବସ୍ଥା କରିଛନ୍ତି । ବିନା ସରକାରୀ ସହାୟତାରେ ସଫଳ ହୋଇ ଆଗକୁ ବଢୁଛନ୍ତି । ଆଗକୁ ସରକାରୀ ସହାୟତା ଯୋଗାଇଦେଲେ ଆହୁରି କିଛି ଦାଦନ ପରିବାରକୁ ରୋଜଗାର ଯୋଗାଇ ଦେଇପାରନ୍ତେ ବୋଲି ଅକାଳୁ କହିଛନ୍ତି । ଏନେଇ ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ହରେକୃଷ୍ଣ ଚାନ୍ଦ ହାଁସଦାଙ୍କୁ ପଚାରିବାରୁ, ନଦୀଗାଁର ଅକାଳୁ ନିଜ ପରିଶ୍ରମରେ ୨ଏକର ଜମିରେ ପରିବା ଚାଷ କରି ସଫଳ ହୋଇଛନ୍ତି । ସେ ପୁଣି ୪ଟି ଦାଦନ ପରିବାରକୁ ରୋଜଗାର ଦେଇଛନ୍ତି । ଆଗାମୀ ଏହାଶୁଣି ବହୁତ ଖୁସି ଲାଗିଲା । ଦିନରେ ବିଭାଗ ତରଫରୁ ଅକାଳୁଙ୍କୁ ବିଭିନ୍ନ ସହାୟତା ଯୋଗାଇଦେବୁ ବୋଲି କହିଛନ୍ତି ।

### ୧୦ମ ଶ୍ରେଣୀ ଛାତ୍ରୀ କୁମାରୀମାତା ଘଟଣା ||||||||||||||||||||

# ପ୍ରଧାନଶିକ୍ଷକ-ଏଏନ୍‌ଏମ୍ ନିଲମ୍ବିତ, ମାଟ୍ରୋନ୍ ବହିଷ୍କୃତ



ମାଲକାନଗିରି(ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଅନୁସୂଚିତ ଜାତି, ଜନଜାତି ବିଦ୍ୟାଳୟରେ ଅଧ୍ୟୟନରତ ଜଣେ ୧୦ମ ଶ୍ରେଣୀ ଛାତ୍ରୀ ଗତ କାଲି ସନ୍ଧ୍ୟାରେ ହଷ୍ଟେଲ ପ୍ରକୋଷ୍ଠରେ ଏକ ଶିଶୁକୁ ଜନ୍ମ ଦେଇଥିବା ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଲା ପରେ ଆଜି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଧାନ ଶିକ୍ଷକ ଅଜିତ କୁମାର ମାଡକାମୀ ଓ ଏଏନ୍‌ଏମ୍ କବିତା କୁମାରୀ ପାତ୍ରଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି । ସେହିପରି ମାଟ୍ରୋନ୍ ଦିୟିତ୍ୱରେ ଥିବା ସୁଚିତ୍ରା ଚର୍ଚ୍ଚିଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି । ବର୍ତ୍ତମାନ ୧୦ମ ବୋର୍ଡ ପରୀକ୍ଷା ଚାଲିଥିବାବେଳେ ଗତକାଲି ଝିଅଟି ପରୀକ୍ଷା ଦେଇ ଫେରିଥିଲା ଚିତ୍ରକୋଣ୍ଡା ହଷ୍ଟେଲକୁ । ପ୍ରତିଦିନ ସନ୍ଧ୍ୟାରେ ହଷ୍ଟେଲରେ ପ୍ରାର୍ଥନା ହେଉଥିବା ବେଳେ ଜନୈକା ୧୦ମ ଶ୍ରେଣୀ ଝିଅଟି ଅନୁପସ୍ଥିତ ଥିଲା । ଝିଅଟି ନିଖୋଜଥିବା ଘଟଣା ଜଣାପଡ଼ିବା ପରେ ବିଦ୍ୟାଳୟ ପକ୍ଷରୁ ସଂପୃକ୍ତ ଝିଅର ବାପାଙ୍କୁ ଫୋନ୍ ଯୋଗେ ଜଣାଇବା ସହ ତୁରନ୍ତ ପହଞ୍ଚିବା ପାଇଁ କୁହାଯାଇଥିଲା । ପୋଲିସ ମଧ୍ୟ ଏ ସଂପର୍କରେ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା । କିଛି ସମୟ ଖୋଜାଖୋଜି କଲା ପରେ ଝିଅଟି ହଷ୍ଟେଲର ଛାତ ଉପରକୁ ଯାଇ ଏକ ସନ୍ତାନକୁ ପ୍ରସବ କରିଥିବା ଦେଖିବାକୁ ମିଳିଥିଲା । ଉଭୟ ମା' ଛୁଆଙ୍କୁ ଚିତ୍ରକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଛାତ୍ରୀଜଣଙ୍କ କିପରି ଗର୍ଭବତୀ ହେଲେ, ସେ ସଂପର୍କରେ ଜାଣିବା ପାଇଁ ପୋଲିସ ତଦନ୍ତ ଜାରି ରହିଛି । ତେବେ ସ୍କୁଲ ଚାରିକାନ୍ଥ ଭିତରେ ଏତେ ବଡ଼ ଘଟଣା କିପରି ଘଟିଲା, କିଏ ଛାତ୍ରୀଙ୍କୁ ଗର୍ଭବତୀ କଲା , ସେନେଇ ଛାତ୍ରୀଙ୍କ ବାପା ମା' ଚିନ୍ତା ପ୍ରକଟ କରିବା ସହ ଏଥିପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି । ଚିତ୍ରକୋଣ୍ଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଏ ସଂପର୍କରେ ପ୍ରଧାନ ଶିକ୍ଷକ ଅଜିତ କୁମାର ମାଡ଼କାମିଙ୍କୁ ପଚାରିବାରୁ ସେ ଏ ସଂପର୍କରେ କିଛି ଜାଣିନାହାନ୍ତି ବୋଲି କହିବା ସହ ମୁଣ୍ଡରୁ ଦୋଷ ଛଡ଼ାଇ ମେଟ୍ରନ ଓ ଏଏନ୍‌ଏମ୍‌ଙ୍କୁ କାର୍ଯ୍ୟରେ ଅବହେଳା ପାଇଁ ଦାୟୀ କରିଥିଲେ ।ଏଣେ ଝିଅର ବାପା କହିଛନ୍ତି ଯେ ଝିଅ ବର୍ଷେ ହେଲା ଗାଁ କୁ ଯାଇ ନାହିଁ । ସେ ହଷ୍ଟେଲରେ ରହି ପାଠ ପଢୁଛି । ଏଣୁ ଏଥିପାଇଁ ଯିଏ ଦୋଷୀ ତାକୁ କଠୋର ଦଣ୍ଡ ଦେବାକୁ ଦୃଢ ଦାବି କରିଛି । ଅନ୍ୟପକ୍ଷରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ମାଲକାନଗିରି ଜିଲ୍ଲାପାଳ ଈଶ୍ୱର ଆଶିଷ ପାଟିଲ ଘଟଣାକୁ ଅନୁଧ୍ୟାନ କରି ପ୍ରଧାନ ଶିକ୍ଷକ, ଏଏନଏମକୁ କାର୍ଯ୍ୟରୁ ଆଜି ନିଲମ୍ବିତ କରିବା ସହିତ ମେଟ୍ରନକୁ ମଧ୍ୟ କାର୍ଯ୍ୟରୁ ବହିଷ୍କୃତ କରିଛନ୍ତି ।

# ଶୈବପୀଠରେ ଭକ୍ତଙ୍କ ଭିଡ଼

## ରାତି ଉଜାଗର ପାଇଁ ଭଜନ କୀର୍ତ୍ତନ ସହ ଦେଶିଆ ନାଟର ବ୍ୟବସ୍ଥା



ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ): ପବିତ୍ର ଶିବରାତ୍ରୀ ପାଇଁ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକରେ ଥିବା ସମସ୍ତ ଶୈବପୀଠରେ ଭକ୍ତଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା । ଭକ୍ତମାନେ ହାତରେ ଭୋଗ ଥାଳି ଧରି ସକାଳୁ ସକାଳୁ ମନ୍ଦିର ଆଗରେ ଲମ୍ବା ଲାଇନରେ ଛିଡା ହୋଇଥିଲେ । ହିନ୍ଦୁ ଧର୍ମ ଅନୁଯାୟୀ ଫାଲ୍‌ଗୁନ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିର ରାତିକୁ ଶିବରାତ୍ରୀ ରୂପେ ପାଳନ ହୁଏ । ଉକ୍ତ ଦିନ ଭକ୍ତମାନେ ଉପବାସ ରହି ମହା ଦୀପ ଉଠିବା ଯାଏଁ ଶିବଲିଙ୍ଗ ପାଖରେ ବସି ଶିବଙ୍କ ଉପାସନ କରିଥାନ୍ତି । ଏଇ କ୍ଷେତ୍ରରେ ବ୍ଲକ ସଦର ଶୈବପୀଠ ସମେତ ଘୋଡାଟିକିରି, କାପସିପୁଟ, ଧରଡା,କରଗୁଡା, କୁଟୁକାଝୋଲା, କୁଟନିପଦର, ଖଜୁରିପୁଟ,ଆମ୍ବଳି ଆମ୍ବଗୁଡା, କୁଟିଙ୍ଗା ଆଦି ଶୈବପୀଠରେ ଭକ୍ତ ମାନେ ରାତି ସାରା ଉଜାଗର ରହିବା ପାଇଁ ଭଜନ କୀର୍ତ୍ତନ ସହ ଦେସିଆ ନାଟର ବ୍ୟବସ୍ଥା କରାଯାଇଥିଲାବେଳେ ମନ୍ଦିର ପାଖ ଝାଞ୍ଜ ମୃଦଙ୍ଗ ଶବ୍ଦରେ କମ୍ପି ଉଠିଥିଲା । ରାତି ୧୨ଟା ପର୍ଯ୍ୟନ୍ତ ମହାଦୀପ ଉଠିବା ଯାଏଁ ଭକ୍ତ ମାନେ ଜଗି ରହିଥିଲେ ।ସକାଳୁ ରାତି ପର୍ଯ୍ୟନ୍ତ ଶୈବପୀଠକୁ ଭକ୍ତଙ୍କ ଚଳପ୍ରଚଳ ଲାଗି ରହିଥିଲା । ଫଳରେ ସାରା ବ୍ଲକ ଚଳ ଚଞ୍ଚଳ ହୋଇ ଉଠିଥିଲା । ଏଇ କ୍ଷେତ୍ରରେ ପିପଲପଦର ପଞ୍ଚାୟତ ର ମଣ୍ଡଳଗୁଡା ଗ୍ରାମ ସ୍ଥିତ ଶୈବ ପୀଠରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ଅଞ୍ଚଳରୁ କୀର୍ତ୍ତନମଣ୍ଡଳୀ ଯୋଗଦେଇ ସଂକୀର୍ତ୍ତନ କରିଥିବା ବେଳେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା

# ଦେବଗିରି ପଞ୍ଚମୁଖୀଶ୍ୱର ଶୈବପୀଠରେ ଭକ୍ତଙ୍କ ଭିଡ଼

କଲ୍ୟାଣସିଂହପୁର(ଭାସ୍କର ନ୍ୟୁଜ) : ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ଥିବା ଦେବଗିର ପଞ୍ଚମୁଖେଶ୍ୱର ଶୈବପୀଠରେ ଆଜି ପବିତ୍ର ମହାଶିବରାତ୍ର ଜାଗରରେ ଲକ୍ଷାଧିକ ବ୍ୟକ୍ତିଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଛି । ଭକ୍ତ ମାନେ ନିଜର ପୂଜା ସାମଗ୍ରୀ ଧରି ଲମ୍ବା ଲାଇନରେ ଛିଡା ହୋଇ ସ୍ଫଟିକ ଶିବଲିଙ୍ଗଙ୍କୁ ଦର୍ଶନ କରିଥାନ୍ତି । ଏହା ଏକ ବହୁ ପୁରାତନ ପ୍ରସିଦ୍ଧ ଶୈବ ପୀଠ ହୋଇଥିବାରୁ ଓଡିଶାର ଅନେକ ଅଞ୍ଚଳରୁ ଏବଂ ସୀମାନ୍ତରେ ଥିବା ଆନ୍ଧ୍ରପ୍ରଦେଶ, ଛତିଶଗଡ, ପଶ୍ଚିମବଙ୍ଗରୁ ମାନସିକ ରହିଥିବା ବ୍ୟକ୍ତି ମନସ୍କାମନା ପୂରଣ ପାଇଁ ୫୪୫ ଟି ପାହାଚ ଅତିକ୍ରମ କରି ନିଜର ବିଶ୍ୱାସ ଅନୁଯାୟୀ ଏହି ପୀଠକୁ ଖାସ କରି ଭକ୍ତ ମାନେ ଆସି ସ୍ଫଟିକ ଲିଙ୍ଗଙ୍କୁ ଦର୍ଶନ କରନ୍ତି । ଭକ୍ତ ମାନଙ୍କ ପାଇଁ ପାହାଡ଼ ତଳେ ପାନୀୟ ଜଳର ବ୍ୟବସ୍ଥା, ଅନ୍ନ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ଏହି ମେଳାରେ ଅନେକ ଦୋକାନ ବଜାର ବସିବା ସହିତ ରାଜ୍ୟ ବାହାରୁ ମଧ୍ ଦୋକାନ ବଜାର ମଧ୍ ଆସି ବସିଥାଏ । ପ୍ରଶାସନ ପକ୍ଷରୁ ଜାଗର ଯାତ୍ରା ମେଳାଟି ୬ ଦିନ ଧରି ଚାଲୁ ରହିବା ସହିତ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥାଏ ।



# ଏଲ୍‌ଆଇ ପଏଣ୍ଟରୁ ବିଦ୍ୟୁତ୍ କାଟ

## ବ୍ଲକ୍ କାର୍ଯ୍ୟାଳୟର ଦ୍ୱାରସ୍ଥ ହେଲେ ଚାଷୀ, ଆନ୍ଦୋଳନ ଚେତାବନୀ



ମାଲକାନଗିରି (ଭାସ୍କର ନ୍ୟୁଜ) :ମାଲକାନଗିରି ଜିଲ୍ଲା ପଡିଆ ବ୍ଲକର ଗିରିକାନପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଏମଭି-୯୫ ଗ୍ରାମର ଚାଷୀମାନେ ଆଜି ବିଦ୍ୟୁତ୍ ବିଭାଗ ବିରୁଦ୍ଧରେ ବିଭିନ୍ନ ଅଭିଯୋଗ ଆଣି ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି । ବାରମ୍ବାର ବିଦ୍ୟୁତ୍ କାଟିବାକୁ ଧମକ ଦେବାରୁ ବିଲ ପରିମାଣର ଅର୍ଦ୍ଧାଧିକ ଅର୍ଥ ପୈଠ କରିଥିଲେ ଚାଷୀ । ପରବର୍ତ୍ତୀ ସମୟରେ ପର୍ଯ୍ୟାୟକ୍ରମେ ବଳକା ବିଲ୍ ଟଙ୍କା ପୈଠ କରିବା ନେଇ ବିଦ୍ୟୁତ୍ ବିଭାଗକୁ ଜଣାଇ ରବି ଫସଲ ଚାଷ କରିଥିଲେ । ହେଲେ ମାତ୍ର ଦିନ କେଇଟା ବିତି ନାହିଁ, ଚାଷ ଜମିରେ ଲକ୍ଷ ଲକ୍ଷ ଟଙ୍କାର ଫସଲ ରହିଥିବାବେଳେ ଅଚାନକ ବିଦ୍ୟୁତ୍ ବିଭାଗ ପକ୍ଷରୁ ଏଲଆଇ ପଏଣ୍ଟରୁ ବିଦ୍ୟୁତ୍ କାଟ୍ କରାଯାଇଥିଲା । ଯାହାଫଳରେ ଆଜି ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଚାଷୀ ପଡିଆ ବ୍ଲକ କାର୍ଯ୍ୟାଳୟକୁ ଆସି ନିଜର କ୍ଷୋଭ ଜାହିର କରିବା ସହ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ଜଣେଇଛନ୍ତି । ଗତମାସ ବିଦ୍ୟୁତ୍ ବିଭାଗ ପକ୍ଷରୁ ଏମଭି-୯୫ ଗ୍ରାମର ଏଲଆଇ ପଏଣ୍ଟର ବିଦ୍ୟୁତ୍ ବିଲ୍ ପୈଠ କରିବାକୁ ଗ୍ରାମର ଚାଷୀମାନଙ୍କୁ କୁହାଯାଇଥିଲା । ଗ୍ରାମର ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଚାଷୀ ବିଲର ୫୦ ପ୍ରତିଶତରୁ ଊର୍ଦ୍ଧ ଟଙ୍କା ପୈଠ କରିଥିଲେ । ଚଳିତ ରବି ଋତୁରେ ଚାଷ କରି ସମୟ ସହ କିସ୍ତି ମାଧ୍ୟମରେ ବଳକା ଟଙ୍କା ପୈଠ କରିବାକୁ ସହମତି ପ୍ରକାଶ କରିଥିଲେ । ଏହାପରେ ଚାଷୀମାନେ ପ୍ରାୟ ୭୫ ଏକର ଜମିରେ ବାଦାମ ଚାଷ କରିଥିଲେ । ବର୍ତ୍ତମାନ ଜମିରେ ଗଜା ଧରି ଗଛ କଅଁଳିଆ ହେଲା ବେଳକୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଦ୍ୟୁତ କାଟ୍ କରାଯାଇଥିଲା । ଯାହାଫଳରେ ଲକ୍ଷ ଲକ୍ଷ ଟଙ୍କା ମୂଲ୍ୟର ଫସଲ ଏବେ ଶୁଖି ଝାଉଁଳିବାରେ ଲାଗିଲାଣି । ଏନେଇ ଆଜି ଏମଭି-୯୫ ଗ୍ରାମର ଗ୍ରାମବାସୀଙ୍କ ସହ ବିଧାୟକଙ୍କ ପ୍ରତିନିଧି ନିହାର ରାୟ ଓ ପଡିଆ ଜିଲ୍ଲା ପରିଷଦ ସଭ୍ୟା ସୁରଭୀ ଭୌମିକ ଆଲୋଚନା କରି ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କୁ ତୁରନ୍ତ ବିଦ୍ୟୁତ୍ ଯୋଗାଇଦେବାକୁ ଅନୁରୋଧ କରିଥିଲେ । ଅନ୍ୟପଟେ ବିଲ୍ ପୈଠର ଦିନ କେଇଟା ବିତି ନଥିବା ସହ ବକେୟା ବିଲ୍ କିସ୍ତିରେ ଦିଆଯିବାକୁ ପ୍ରସ୍ତାବ ପରେବି ଯଦି ଏମଭି-୯୫ ଗ୍ରାମରେ ଥିବ ଥିବା ଏଲଆଇ ପଏଣ୍ଟରେ ବିଦ୍ୟୁତ୍ ସଂଯୋଗ କରାନଯାଏ ତେବେ ଚାଷୀମାନେ ଆନ୍ଦୋଳନ କରିବେ କରି ବୋଲି ଚେତାବନୀ ଦେଇଛନ୍ତି ।



ମୁରିବାହାଲ (ଭାସ୍କର ନ୍ୟୁଜ) ମୁରିବାହାଲ ବ୍ଲକ ଗୁଡିଘାଟ ପଞ୍ଚାୟତ ବାବେକୁରୀ ହରଗୌରୀ ମନ୍ଦିରରେ ଅନୁଷ୍ଠିତ ହେବାକୁ ଥିବା ମହାଶିବରାତ୍ରି ମେଳାର ଷୋହଳ ପ୍ରହରୀ ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା ଓ ଅଧିବାସ ପର୍ବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଜୁନା ବନ୍ଧରୁ ୧୦୧ ଜଣ ଶ୍ରଦ୍ଧାଳୁ ମହିଳା ଭଜନ ସଂକୀର୍ତ୍ତନ ସହ ଜଳପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ।ଏହି ଷୋହଳ ପ୍ରହରୀ ନାମଯଜ୍ଞରେ କର୍ତ୍ତା ରୂପେ ଦେବ ଧରୁଆ ଓ ତାଙ୍କ ଧର୍ମପତ୍ନୀ ସୁବିତା ଧରୁଆ,ପୂଜକ ରୂପେ ପ୍ରଦ୍ୟୁମ୍ନ ଖମାରୀଓ ଜପକ ରୂପେ ପ୍ରସନ୍ନ ଖମାରୀ ଦାୟିତ୍ୱ ନିର୍ବାହ କରୁଛନ୍ତି। ବୁଧବାର ପୂର୍ବାହ୍ନରେ ଷୋହଳ ପ୍ରହରୀ ନାମଯଜ୍ଞ ପାଇଁ ନାମାରମ୍ଭ ହେବ ବୋଲି ଆୟୋଜକ କମିଟି ସୂଚନା ଦେଇଛନ୍ତି । ମହାଶିବରାତ୍ରି ମେଳା କମିଟି ପକ୍ଷରୁ ସଭାପତି କରୁଣା କର ମାଝୀ, କାର୍ଯ୍ୟକାରୀ ସଭାପତି ଗିରିଧାରୀ ସାହୁ,ଉପସଭାପତି ଭକ୍ତ ସାହୁ,ସମ୍ପାଦକ ଦିଲ୍ଲୀପ ମାଝୀ, ସହ ସମ୍ପାଦକ ଅଶୋକ ନାଗ,କୋଷାଧକ୍ଷ ଡାକ୍ତର ମାଝୀଙ୍କ ସହ ଉପଦେଷ୍ଟା ହରି ମାଝୀ, ଗିରିଧାରୀ ମହାନନ୍ଦ,କୁମର ଧରୁଆ, ଦୁର୍ବାସା ସାହୁ କମିଟି ସଦସ୍ୟ ବ୍ୟାସୁ ମାଝୀ,ପୁରନ୍ଦର ନାଗ,ସନ୍ୟାସି ମାଝୀ,କିଶୋର ମାଝୀ,ଆକାଶ ସାହୁ,ସେବା ସାହୁ, ଜଗନ୍ନାଥ ଧରୁଆ, ରାକେଶ ମାଝୀ, ଲଛମନ ମାଝୀ,ନୀଳାମ୍ବର ମାଝୀ, ନୀଳାମ୍ବର ନାଗ, ଗୋସିଂହ ମାଝୀ ,ରାଜିନ ଧରୁଆ, ଜଗନ୍ନାଥ ମାଝୀଙ୍କ ସହ ସମସ୍ତ ଶ୍ରଦ୍ଧାଳୁ ମହିଳା ଓ ଗ୍ରାମବାସୀ ସହଯୋଗ କରୁଛନ୍ତି।



# କେନ୍ଦ୍ରାପଡାରୁ ପ୍ରତ୍ୟହ ଯାତ୍ରୀବାହୀ ରେଳ ଚଳାଚଳ ପାଇଁ ରେଳମନ୍ତ୍ରୀଙ୍କୁ ଦାବିପତ୍ର



କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ): ପାରାଦୀପ-ହରିଦାସପୁର ରେଳପଥରେ କେନ୍ଦ୍ରାପଡା ରେଳ ଷ୍ଟେସନ୍‌ରୁ କଟକ ଓ ଭୁବନେଶ୍ୱରୁ ଦୈନିକ ଯାତ୍ରୀବାହୀ ରେଳ ଚଳାଚଳ ପାଇଁ ରେଳମନ୍ତ୍ରୀଙ୍କୁ କେନ୍ଦ୍ରାପଡାର ସମାଜସେବୀ ସମୀର କୁମାର ଚାନ୍ଦ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କେନ୍ଦ୍ରାପଡା ରେଳବାଇ ଷ୍ଟେସନ୍ ମାଷ୍ଟର୍ କାହ୍ନୁଚରଣ ସେଠୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିସହିତ ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀ, କେନ୍ଦ୍ରାପଡା ସାଂସଦ ଓ କେନ୍ଦ୍ରାପଡା ବିଧାୟକ ପ୍ରମୁଖଙ୍କୁ ମଧ ଦାବିପତ୍ର ପ୍ରଦାନ କରିଥିବା ଶ୍ରୀ ଚାନ୍ଦ ସୂଚନା ଦେଇଛନ୍ତି ।ଚକେନ୍ଦ୍ରାପଡାରୁ ପ୍ରତ୍ୟେକ ଦିନ କଟକ ଓ ଭୁବନେଶ୍ୱରକୁ ଯାତ୍ରୀବାହୀ ରେଳ ଚାଲିଲେ ସାଧାରଣ ଲୋକେ ଅନେକ ଉପକୃତ ହେବେ। ଏଠାରୁ ରେଳ ଯୋଗେ କଟକ ଓ ଭୁବନେଶ୍ୱରରେ ପହଞ୍ଚିଲେ ଦୂରଦୂରାନ୍ତକୁ ଯିବା ପାଇଁ ଅନେକ ସୁବିଧା ପାଇପାରିବେ। ରେଳ ଯୋଗେ ଯାତ୍ରା କରିଲେ ଟିକେଟ୍‌ର ମୂଲ୍ୟ କମ୍ ହୋଇଥିବାରୁ ଆର୍ଥିକ ଦୃଷ୍ଟିରୁ କେନ୍ଦ୍ରାପଡା ଲୋକମାନେ ଉପକୃତ ହୋଇପାରିବେ । ଏହି ଯାତ୍ରୀବାହୀ ରେଳ ଚଳାଚଳ ହେଲେ ଚାଷୀ ଓ ବ୍ୟବସାୟୀ ସଂଘ ଉଭୟ ଲାଭବାନ ହେବେ । ଚାଷ ଉପଯୋଗୀ ଉପକରଣ ଓ ଅନ୍ୟାନ୍ୟ ପ୍ରତ୍ୟେକ ଦ୍ରବ୍ୟ ଯାତାୟତରେ ସୁବିଧା ପାଇପାରିବା ସହ ଭିନ୍ନକ୍ଷମ ଲୋକମାନେ ମଧ ଯାତାୟତରେ ସୁବିଧା ପାଇବେ। ସେମାନେ ବସରେ ଯାତାୟତରେ ବହୁ ବାଧାର ସମ୍ମୁଖୀନ ହେଉଛନ୍ତି । କିନ୍ତୁ ଯାତ୍ରୀବାହୀ ରେଳ ଚଳାଚଳ ଦ୍ୱାରା ଭିନ୍ନକ୍ଷମ ଲୋକମାନଙ୍କୁ ବହୁସେବା ମିଳିପାରିବ । ଦୂର ଦୂରାନ୍ତରୁ ଆସୁଥିବା ବ୍ୟବସାୟୀ ଲୋକେ ବସ୍‌ରେ ଯିବା ଆସିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଯାତ୍ରୀବାହୀ ରେଳର ଚଳାଚଳ ହେଲେ ସେମାନେ ସୁବିଧାରେ ଯାତାୟତ କରିପାରିବେ। ଏଥିସହିତ କେନ୍ଦ୍ରାପଡା ଲୋକମାନେ ଆର୍ଥିକ କ୍ଷେତ୍ରରେ ଉନ୍ନତି କରିପାରିବେ ।

# ଛେଦାଭୂମି - ହନୁମାନ ଓ ମାଁ ଅନ୍ନପୂର୍ଣ୍ଣାଙ୍କ ମନ୍ଦିରରୁ ଚୋରି

ଭଞ୍ଜନଗର(ଭାସ୍କର ନ୍ୟୁଜ): ଭଞ୍ଜନଗର ନିକଟ ଲାଲସିଂ ପଞ୍ଚାୟତର ଛେଦାଭୂମି ଗ୍ରାମରେ ଥିବା ହନୁମାନ ଓ ମାଁ ଅନ୍ନପୂର୍ଣ୍ଣାଙ୍କ ମନ୍ଦିରରୁ ଚୋରି । ମଙ୍ଗଳବାର ବିଳମ୍ବିତ ରାତିରେ ଘଟିଥିଲା ଏଭଳି ଘଟଣା । ଏଥିରେ ସଂପୃକ୍ତ ଜଣକୁ ଧରି, ପୁଲିସରେ ହସ୍ତାନ୍ତର କରିଥିବା ଗ୍ରାମବାସୀ । ଖବର ନେବାରେ ଜଣାପଡିଛି, ଛେଦାଭୂମି ଗ୍ରାମରେ ଥିବା ହନୁମାନ ଓ ମାଁ ଅନ୍ନପୂର୍ଣ୍ଣାଙ୍କ ମନ୍ଦିରରେ ମଙ୍ଗଳବାର ମଧ୍ୟରାତ୍ରରେ ଦୁଇ ଜଣ ଚୋର ମନ୍ଦିରର କବାଟ ଭାଙ୍ଗି ମନ୍ଦିର ଭିତରେ ପଶିଥିଲେ । ସମସ୍ତ ପୂଜା ସାମଗ୍ରୀ ସହ ମା'ଙ୍କ କିଛି ମୂଲ୍ୟବାନ ସମଗ୍ରୀ ଲୁଟି ନେଇଥିଲେ । ପରବର୍ତ୍ତୀ ସମୟରେ ଗାଁ ନିକଟରେ ଥିବା ଏକ ବୁଦା ନିକଟରୁ ଚୋରି ସାମଗ୍ରୀ ଉଧାର କରିବା ସହ ଜଣେ ଚୋରକୁ ଧରି ପୋଲିସରେ ଜିମା ଦେଇଥିଲେ । ଅନ୍ୟ ଜଣେ ଚୋର ମାନସିକ ବିକୃତ କହି ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା ବୋଲି ଗ୍ରାମବାସୀ କହିଛନ୍ତି । ଏନେଇ ତଦନ୍ତ ଜାରି ରଖିଛି ଭଂଜନଗର ଥାନା ପୋଲିସ ।

# ୨୧ କିଲୋ ଗଞ୍ଜେଇ ଜବତ ସହ ଜଣକୁ ଗିରଫ କଲା ଓର୍କେଲ ପୋଲିସ



ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଓରକେଲ ପୋଲିସ ୨୧ କିଲୋ ଗଞ୍ଜେଇ ଜବତ କରିବା ସହ ଜଣେ ଅଭିଯୁକ୍ତ ଙ୍କୁ ଆଜି କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନାନୁଯାୟୀ ମଙ୍ଗଳବାର ସୋରଲୁକୋଣ୍ଡା -ଭେଜାଙ୍ଗିୱାଡ଼ା ମୁଖ୍ୟ ରାସ୍ତାର ବାଣ୍ଡିଗୁଡା ଛକ ନିକଟରେ ଜଣେ ବ୍ୟକ୍ତି ଏକ ବସ୍ତା ଧରି ବସ କୁ ଅନୁସନ୍ଧାନ ଅପେକ୍ଷା କରି ରହିଥିଲା। ସେହି ସମୟରେ ଓରକେଲ ପୋଲିସ ର ଏକ ଟିମ ଉକ୍ତ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ବ୍ୟକ୍ତି ଜଣଙ୍କୁ ବସ୍ତାରେ କଣ ଅଛି ବୋଲି ପଚାରିଥିଲେ। ଏହାପରେ ବ୍ୟକ୍ତି ଜଣକ ସନ୍ତୋଷ ଜନକ ଉତ୍ତର ଦେଇ ନପାରିବାରୁ ପୋଲିସ ବସ୍ତାଟିକୁ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ତନ୍ମଧରେ ଗଞ୍ଜେଇ ଥିବା ଦେଖିଥିଲେ। ଏହାପରେ ଅଭିଯୁକ୍ତ କୁ ଗିରଫ କରି ଓରକେଲ ଥାନା କୁ ଅଣାଯାଇଥିଲା। ତେବେ ଅଭିଯୁକ୍ତ ଙ୍କ ନାମ ଶୁକ୍ରା ହନ୍ତାଳ ହୋଇଥିବା ବେଳେ ସେ ବଙ୍ଗଳାମୁଣ୍ଡା ଗ୍ରାମର ବୋଲି ଜଣାପଡିଛି। ତେବେ ସେ ଏହି ଗଞ୍ଜେଇ କୁ ଆନ୍ଧ୍ରପ୍ରଦେଶ କୁ ଚାଲାଣ କରୁଥିବା ସ୍ୱୀକାର କରିଛି। ଜବତ ଗଞ୍ଜେଇ ର ଆନୁମାନିକ ମୂଲ୍ୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ହେବା ସହ ଆଜି ତାକୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଧୀରେନ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ମହାଶିବରାତ୍ରି ପାଇଁ ବହୁ ପୁରାତନ ଆମାକୁଣ୍ଡରେ ଭକ୍ତଙ୍କ ସମାଗମ



ଖଇରପୁଟ (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ନିକଟସ୍ଥ ବହୁ ପୁରାତନ ଆମାକୁଣ୍ଡ ଶୈବପୀଠ ରେ ବହୁ ଭକ୍ତ ଙ୍କ ସମାଗମ ହୋଇଛି। ପୌରାଣିକ କିମ୍ବଦନ୍ତୀ ଅନୁସାରରେ ପ୍ରଭୁ ରାମ ଙ୍କ ବନବାସ ସମୟରେ ମାତା ସୀତା ଏଠାରେ ଥିବା ଜଳାଶୟରେ ସ୍ନାନ କରି ଏହି ଶିବ ଲିଙ୍ଗ ନିକଟରେ ପୂଜାର୍ଚ୍ଚନା କରୁଥିଲେ ସେହି ଦିନଠାରୁ ଏହି ସ୍ଥାନ କୁ ଆମାକୁଣ୍ଡ ନାମରେ ନାମିତ କରାଯାଇଛି। ପ୍ରତିଦିନ ଏହି ଶିବ ଲିଙ୍ଗ କୁ ଆଦିମ ବଣ୍ଡା ଜନଜାତିଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥାଏ। ଶିବରାତ୍ରି ପାଇଁ ବହୁ ଭକ୍ତଙ୍କ ସମାଗମ କୁ ଆଖି ଆଗରେ ରଖି ଖଇରପୁଟ ର ଯୁବ ଗୋଷ୍ଠୀ ଜାଗାଟିକୁ ସଫା ସୁତୁରା କରି ଲିଙ୍ଗ ନିକଟକୁ ଯିବାକୁ ଏକ ଅସ୍ଥାୟୀ ରାସ୍ତା ତିଆରି କରିଥିଲେ। ଶିବ ରାତ୍ରିପାଇଁ ଏହି ପୀଠକୁ ଆନ୍ଧ୍ର, ଛତିଶଗଡ, ଓଡିଶା ର ପ୍ରାୟ ୫୦୦୦ ଲୋକଙ୍କ ସମାଗମ ହୋଇଥିଲା। ଏହି ଶୈବ ପୀଠରେ ରାକ୍ଷଣବେକ୍ଷଣ ସାଙ୍ଗକୁ ସୌନ୍ଦର୍ଯ୍ୟକରଣ କରାଗଲେ ଆହୁରି ବହୁ ଭକ୍ତଙ୍କ ସମାଗମ ହୋଇପାରିବ ବୋଲି ଜନ ସାଧାରଣ ରେ ଆଲୋଚନା ହେଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବୁଡ଼ ପକାଇଲେ...

ଗତ ଜାନୁଆରୀ ୧୩ ତାରିଖରେ ପ୍ରୟାଗରାଜରେ ଏହି ମେଳା ଆରମ୍ଭ ହୋଇଥିଲା। ବିଗତ ୧୦ଦିନ ମଧ୍ୟରେ ପ୍ରତିଦିନ ୧.୨୫ କୋଟିରୁ ଅଧିକ ଲୋକ ମହାକୁମ୍ଭରେ ବୁଡ଼ ପକାଇଥିଲେ। କେବଳ ସଙ୍ଗମରେ ସ୍ନାନ କରିଥିଲେ ୧୭ କୋଟି ଶ୍ରଦ୍ଧାଳୁ। ସେମାନଙ୍କ ମଧ୍ୟରେ ଅନେକ ବିଦେଶୀ ମଧ୍ୟ ସାମିଲ ହୋଇଥିଲେ। ସେହିପରି ପ୍ରତ୍ୟେକ ଅମୃତ ସ୍ନାନ ଦିନରେ ସାଧାରଣ ଶ୍ରଦ୍ଧାଳୁଙ୍କଠାରୁ ଆରମ୍ଭ କରି ରାଜନେତା, କ୍ରୀଡ଼ାବିତ, ଫିଲ୍ମଷ୍ଟାର ସମସ୍ତେ ମହାକୁମ୍ଭରେ ସ୍ନାନ କରିଥିଲେ। ତେବେ ମୋଟାମୋଟି ଭାବେ କାଁ ଭାଁ କେତେକ ଅଘଟଣକୁ ଛାଡ଼ିଦେଲେ ଏହି ମେଳା ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି।

### ଲୁ' ପାଇଁ...

ବୃଦ୍ଧି ପାଇବାର ସମ୍ଭାବନା ଥିବାବେଳେ ମହାରାଷ୍ଟ୍ରର କିଛି ଜିଲ୍ଲା ପାଇଁ ହିଟ୍‌ୱେଭ ନେଇ ୟେଲୋ ଆଲର୍ଟ ଜାରି କରାଯାଇଛି। କର୍ଣ୍ଣାଟକର କେତେକ ଜିଲ୍ଲାରେ ତାପମାତ୍ରା ୩୬ରୁ ୪୦ ଡିଗ୍ରୀ ରହୁଥିବାବେଳେ କେରଳର କନୌରରେ ୪୦ ଡିଗ୍ରୀ ରେକର୍ଡ କରାଯାଇଥିଲା। ସେହିପରି ମୁମ୍ବାଇରେ ତାପମାତ୍ରା ୩୮ ଡିଗ୍ରୀ ରହିଥିବା ସୂଚନା ଦିଆଯାଇଛି। ବାରମ୍ବାର ପାଗରେ ପରିବର୍ତ୍ତନ ଘଟୁଥିବା ତାପମାତ୍ରା ବୃଦ୍ଧି ପାଇବା ଆରମ୍ଭ କରିଛି। ଆଗକୁ ପାରଦ ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବ ବୋଲି ଆଇଏମ୍‌ଡି ପକ୍ଷରୁ ସୂଚନା ଦିଆଯାଇଛି।

### ଶପଥ ନେଲେ...

ମଧ୍ୟ ବିଜେପି ନେତାଙ୍କୁ ସାକ୍ଷାତ କରିନଥିଲେ କି ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ସମାରୋହରେ ସାମିଲ ହୋଇନଥିଲା। ତେବେ ପରିବର୍ତ୍ତିତ ପରିସ୍ଥିତିରେ ଚର୍ଚ୍ଚା ଚାଲିଛି ଯେ ନୀତିଶ ଏବେ ଏନଡିଏର ହାତ ଛାଡ଼ିବାର ନାହିଁ । ନୀତିଶଙ୍କ କ୍ୟାବିନେଟରେ ୨୯ଜଣ ମନ୍ତ୍ରୀ ରହିଥିବାବେଳେ ୭ଟି ମନ୍ତ୍ରୀପଦ ଖାଲି ପଡ଼ିଥିଲା। ତେବେ ବିଜେପିର ୭ ବିଧାୟକ ମନ୍ତ୍ରୀଭାବେ ଶପଥ ନେବାପରେ ନୀତିଶଙ୍କ କ୍ୟାବିନେଟ୍ ପୂର୍ଣ୍ଣାଙ୍ଗ ରୂପ ପାଇଛି।

### ଏଣିକି ଛୋଟ ପିଲାଙ୍କ...

ବ୍ୟକ୍ତିକୁ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ୭ ବର୍ଷ ଝିଅର ସାକ୍ଷ୍ୟକୁ ଗ୍ରହଣ କରି ସୁପ୍ରିମକୋର୍ଟ ବାପାକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

### ଜାଗର ପାଇଁ...

କମିଶନରେଟ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସୁରକ୍ଷା ଦାୟିତ୍ୱର ତଦାରଖ କରିଥିଲେ ଦୁଇ ଡିସିପି ଜଗମୋହନ ମୀନା ଓ ପିନାକ ମିଶ୍ର। ବ୍ୟାରିକେଡ୍ ମାଧ୍ୟମରେ ଭକ୍ତଙ୍କୁ ଦର୍ଶନ କରିବାକୁ ଭିତରକୁ ଛଡ଼ାଯାଉଛି। ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା କହିଛନ୍ତି ଯେ ଆକଳନଠାରୁ ଅଧିକ ଭକ୍ତଙ୍କ ଭିଡ଼ ଲାଗି ରହିଥିବାରୁ ଏହାକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇଛି। ତଥାପି ପୋଲିସ ପ୍ରଶାସନ ଓ ଅଧିକାରୀ ଶୃଙ୍ଖଳିତ ଦର୍ଶନ କରାଇବା ପାଇଁ ବ୍ୟବସ୍ଥା କରିଛନ୍ତି। ସୁରକ୍ଷା ଦାୟିତ୍ୱରେ ୪୮ ପ୍ଲାଟୁନ ଫୋର୍ସ, ୪ ଡିସିପି ପାହ୍ୟା ଅଧିକାରୀ, ୫ ଅତିରିକ୍ତ ଡିସିପି ପାହ୍ୟା ଅଧିକାରୀ, ୧୫ ଏସିପି, ୨୮ ଇନ୍‌ସପେକ୍ଟର ଏବଂ ୧୨୨ଜଣ ଏସଆଇ, ଏଏସ୍ଆଇ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ରହିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସନ୍ଧ୍ୟାରେ ଲିଙ୍ଗରାଜ ମନ୍ଦିର ଯାଇ ପ୍ରଭୁଙ୍କୁ ଦର୍ଶନ କରିଥିଲେ। ତାଙ୍କ ସହ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ। ଦର୍ଶନ ପରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟବାସୀଙ୍କ ମଙ୍ଗଳ କାମନା କରି ମହାପ୍ରଭୁଙ୍କୁ ପ୍ରାର୍ଥନା କରିଛି।

## ମହାଶିବରାତ୍ରିରେ ସବୁଜ ସଂକଳ୍ପ

# ବେଲପତ୍ରରେ ସତ୍ୟଂ-ଶିବଂ-ସୁନ୍ଦରଂ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପବିତ୍ର ମହାଶିବରାତ୍ରିରେ ଏକାମ୍ର କ୍ଷେତ୍ର ଉତ୍ସବ ମୁଖର ଓ ଚଳଚଞ୍ଚଳ ହୋଇପଡିଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ରଙ୍ଗ ତୂଳୀରେ ସତ୍ୟଂ-ଶିବଂ-ସୁନ୍ଦରଂଙ୍କୁ ସ୍ଥାପନ କରି ନିଜେ ଆରାଧନା କରିବା ସହ ଜନସଚେତନତା ଉଦ୍ଦେଶ୍ୟରେ ଏକ ସବୁଜ ସଂକଳ୍ପର ବଳିଷ୍ଠ ବାର୍ତ୍ତା ଦେଇଛନ୍ତି । ମହାପ୍ରଭୁ ଶିବଙ୍କ ପ୍ରିୟ ହେଉଛି ବେଲପତ୍ର । ସଂପ୍ରତି ଏହି ଔଷଧୀୟ ଗୁଣକାରୀ ବୃକ୍ଷର ଅଭାବ ଯୋଗୁଁ ପୂଜା ପାଇଁ ବହୁ କଷ୍ଟରେ ପତ୍ରଟିଏ ମିଳୁଛି । ଦିନକୁ ଦିନ ଏହି ବୃକ୍ଷଟି ଶୂନ୍ୟ ହେବାରେ ଲାଗିଛି । ଆଜିର ଏହି ପବିତ୍ର ଦିବସରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଉଦ୍ଦେଶ୍ୟରେ ପ୍ରତିଟି ଭକ୍ତ ଓ ଶ୍ରଦ୍ଧାଳୁ ନିଜ ବାଡ଼ି, ବଗିଚା ହେଉ କି ସର୍ବସାଧାରଣ ସ୍ଥାନ ହେଉ, ଗୋଟିଏ ଲେଖାଏଁ ବେଲଗଛ ଲଗାଇବା ପାଇଁ ସଂକଳ୍ପ ନିଅନ୍ତୁ ଏବଂ ପ୍ରକୃତିକୁ ଭଲ ପାଇବାରେ ଭାବନା ପ୍ରଦର୍ଶିତ କରନ୍ତୁ ବୋଲି ଶାନ୍ତନୁ ନିବେଦନ କରିଛନ୍ତି ।

# ଡାକ୍ତର ବିଷ୍ଣୁପ୍ରିୟା ସମ୍ବର୍ଦ୍ଧିତ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): କଟକ ଜିଲ୍ଲା ମୁଖ୍ୟ ହୋମିଓପାଥିକ ଚିକିତ୍ସା ଅଧିକାରୀ ଡ଼ାଃ ବିଷ୍ଣୁପ୍ରିୟାଙ୍କୁ ସାପ୍ତାହିକ ସମ୍ବାଦପତ୍ର 'ପ୍ରବାହ' ୧୮ ତମ ସ୍ୱନକ୍ଷତ୍ର ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି। ନିଜର ନିଷ୍ଠାପର ସେବା ମନୋବୃ□ ଯୋଗୁଁ ହୋମିଓପାଥିକ ଚିକିତ୍ସା ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଦୀର୍ଘଦିନ ଧରି ଅଚଳ ପଡ଼ିଥିବା ଅଭିନ୍ନ ଚନ୍ଦ୍ର ହୋମିଓପାଥିକ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ର ମିନି ଫାର୍ମାସି କୁ କାର୍ଯ୍ୟକ୍ଷମ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପରବ□ୀ ସମୟରେ କଟକ ଜିଲ୍ଲା ମୁଖ୍ୟ ହୋମିଓପାଥିକ ଚିକିତ୍ସା ଅଧିକାରୀ ଭାବରେ ଯୋଗ ଦେଇ ନିଜ ଅଧିନରେ ଥିବା ସରକାରୀ ହୋମିଓପାଥିକ ଚିକିତ୍ସାଳୟର ସେବା କିପରି ତୃଣମୂଳ ସ୍ତରରେ ପହ□ିବ ସେ ପ୍ରତି ସେ ନିଷ୍ଠାପର ଭାବେ କାର୍ଯ୍ୟରତ।



# ଅମରନାଥ ମନ୍ଦିରରେ ମହାଶିବରାତ୍ରି ପାଳିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଇନ୍‌ଫୋସିଟି ଗ୍ରୀନ୍ ସମ୍ମୁଖ ବଜରଙ୍ଗ ନଗର ସ୍ଥିତ ଅମରନାଥ ମନ୍ଦିରରେ ମହାଶିବରାତ୍ରୀ ମହାସମାରୋହରେ ପାଳିତ ହୋଇଯାଇଛି। ସକାଳ ୬ ଘଟିକା ସମୟରେ ମଙ୍ଗଳ ଆଳତୀ ପରେ ରୁଦ୍ରାଭିଷେକ, ଷୋଡଶ ଉପଚାର ପୂଜା, ଯଜ୍ଞ, ପୂର୍ଣ୍ଣାହୂତି, ହରିହର ଭେଟ ଅନୁଷ୍ଠିତ ହୋଇ ରାତ୍ର ସାଢେ ୧୦ଟା ସମୟରେ ମହାଦୀପ ଉଠିଥିଲା। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ହଜାର ହଜାର ସଂଖ୍ୟାରେ ଭକ୍ତ ପ୍ରଭୁଙ୍କ ଦର୍ଶନ କରିଥିଲେ। ମନ୍ଦିର କମିଟି ପକ୍ଷରୁ ନିର୍ମିତ ରାମଲାଲାଙ୍କ ମୂର୍ତ୍ତି ଓ ଭାସମାନ ଲିଙ୍ଗ ନିର୍ମାଣ କରାଯାଇଥିଲା। ଏହାକୁ ଦେଖିବାକୁ ସ୍ଥାନୀୟ ଅଞ୍ଚଳର ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ସନ୍ଧ୍ୟାରେ ଭଜନ ସମାରୋହ ସହିତ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର, କର୍ପୋରେଟର ଯଶୋଧାରା ପ୍ରଧାନ, ଚନ୍ଦ୍ରଶେଖରପୁର ମଣ୍ଡଳ ସଭାପତି ନଗେନ ବିଶୋଇ, ଯୁବନେତା ଦିଲ୍ଲିପ ମନାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# କଟକରେ ଭକ୍ତମୟ ଶୈବପୀଠ





କଟକ(ଭାସ୍କର ନ୍ୟୁଜ୍): ପବିତ୍ର ମହାଶିବରାତ୍ରୀ ଅବସରରେ ବୁଧବାର ଦିନ କଟକ ସହରର ସମସ୍ତ ଶୈବପୀଠ ଭକ୍ତିମୟ ହୋଇ ଉଠିଥିଲା । ସକାଳୁ ସହରର ସମସ୍ତ ଶିବ ମନ୍ଦିର ଓ ଦେବୀ ମନ୍ଦିରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁମାନେ ଉପବାସ କରି ଧୂପ, ଦୀପ ଓ ନେବୈଦ୍ୟରେ ଶିବ ପାର୍ବତୀଙ୍କୁ ପୂଜା କରିଥିଲେ । କଟକ ସହରର ବକ୍ସି ବଜାରର ଅମରେଶ୍ୱର ମନ୍ଦିର, ତେଲେଙ୍ଗାବଜାରର ଚନ୍ଦ୍ରଶେଖର ମନ୍ଦିର, ଲକ୍ଷେଶ୍ୱର ମନ୍ଦିର, ବେଲେଶ୍ୱର ମନ୍ଦିର, ଗଡଗଡେଶ୍ୱର ମନ୍ଦିର, ଚହଟେଶ୍ୱର ମନ୍ଦିର, ହରିପୁରର ହଟକେଶ୍ୱର, ରାମ ନିଗମେଶ୍ୱର ମନ୍ଦିର, ନିକଣ୍ଠେଶ୍ୱର ମନ୍ଦିର, ବିଶ୍ୱେଶ୍ୱରାୟ ମନ୍ଦିର, ଆଳଖଣ୍ଡଳମଣୀ ମନ୍ଦିର, ଅଷ୍ଟଶମ୍ଭୁ ମନ୍ଦିର, ଦୁର୍ଗେଶ୍ୱରାୟ ମନ୍ଦିର, ବୈଦ୍ୟନାଥ, ମନ୍ଦିର ଓ କାମେଶ୍ୱର ମନ୍ଦିର, କଦମ୍ବେଶ୍ୱର ମନ୍ଦିରରେ ଭକ୍ତମାନଙ୍କର ଭିଡ ଦେଖିବାକୁ ମିଳିଥିଲା । ଏତଦ୍ ବ୍ୟତିତ ସହରର ସମସ୍ତ ଶୈବ ପୀଠରେ ଶିବରାତ୍ରୀ ମହାସମାରୋହରେ ପାଳିତ ହୋଇଛି।। ବକ୍ସିବଜାର ସ୍ଥିତ ଅମରେଶ୍ୱର ମନ୍ଦିର ସମେତ ଅନ୍ୟାନ୍ୟ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ କମିଶନରେଟ୍ ପୁଲିସ୍ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ପୋଲିସ୍ ପକ୍ଷରୁ ହଜାର ହଜାର ଭକ୍ତଙ୍କ ପାଇଁ ଶାନ୍ତି ଶୃଙ୍ଖଳାର ସହ ଦର୍ଶନ ବ୍ୟବସ୍ଥା କରାଯାଇଥିଲା । ପୂଜାର୍ଚ୍ଚନା ପରେ ରାତି ସାଢେ ଦଶଟା ପରେ ମହାଦୀପ ଉଠିଥିଲା ।

# 'ତ୍ୱଚା ଯତ୍ନ ଚିକିତ୍ସା ପାଇଁ ଶୀର୍ଷ ଗନ୍ତବ୍ୟସ୍ଥଳ ସୁଦୃଢ ହେବ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର-ଭାରତର ଅଗ୍ରଣୀ ବିଳାସପୂର୍ଣ୍ଣ ସୌନ୍ଦର୍ଯ୍ୟକରଣ ବ୍ରାଣ୍ଡ ଲୁକ୍ସ ସାଲୁନ ପଟିଆରେ ଏହାର ତୃତୀୟ ଶାଖା ବିସ୍ତାର କରିଛି।ଏହି ନୂତନ ସାଲୁନ୍ ଭୁବନେଶ୍ୱର ଗ୍ରାହକଙ୍କୁ ବିଶ୍ୱସ୍ତରୀୟ ସୌନ୍ଦର୍ଯ୍ୟ ଏବଂ ଗ୍ରୁମିଙ୍ଗ ଅଭିଜ୍ଞତା ପ୍ରଦାନ କରିବା ପାଇ ପ୍ରସ୍ତୁତ । ଭୁବନେଶ୍ୱରେ ଏହାର ସାଲୁନର ପ୍ରଥମ ଦୁଇଟି ସଫଳତା ମିଳିବା ପରେ ଏବେ ସହରରେ ଆହୁରି ଅଧିକ ବିଳାସପୂର୍ଣ୍ଣ ସେବା ଆଣିବାକୁ ଯାଉଛି । ଏହି ଶାଖାରେ ବିଶେଷଜ୍ଞ ଷ୍ଟାଇଲିଂ, ଉଚ୍ଚ ଗୁଣବତ୍ତା ସୌନ୍ଦର୍ଯ୍ୟ ଉତ୍ପାଦ ଏବଂ ବ୍ୟକ୍ତିଗତ ସେବା ପ୍ରଦାନ କରିବ। କେଶ, ସୌନ୍ଦର୍ଯ୍ୟ ଏବଂ ତ୍ୱଚା ଯତ୍ନ ଚିକିତ୍ସା ପାଇ ଶୀର୍ଷ ଗନ୍ତବ୍ୟ ସ୍ଥଳ ଭାବରେ ଲୁକ୍ସ ସାଲୁନ୍ ସୁଦୃଢ କରିବ। ସାଲୁନ୍‌ରେ ଉଚ୍ଚ କେଶ ଚିକିତ୍ସା, ବୃତ୍ତିଗତ ମେକ୍‌ଅପ୍, ତ୍ୱଚା ସମାଧାନ ଏବଂ ୱେଲନେସ୍ ଚିକିତ୍ସା ସମେତ ପ୍ରିମିୟମ୍ ସେବାର ଏକ ବିସ୍ତୃତ ପରିସର ପ୍ରଦାନ କରିବ। ଲୁକ୍ସ ସାଲୁନ ଓଡିଶା କଫି ସହ ସହଭାଗି ହୋଇଛି। ପ୍ରୀତି ପଲ୍ଲବୀ ପଟ୍ଟନାୟକ ଏବଂ ଅଂଶୁମାନ ରଥଙ୍କ ଦ୍ୱାରା ପ୍ରତିଷ୍ଠିତ କଫି ବ୍ରାଣ୍ଡ ଯାହା ଓଡିଶା ବେଶ କ୍ଷତି ଅର୍ଜନ କରି ପାରିଛି । ଏହି କାର୍ଯ୍ୟକ୍ରମରେ ବିଧାୟିକା ସୋଫିଆ ଫିରଦୋଶ, ଅଭିନେତ୍ରୀ ପ୍ରକୃତି ମିଶ୍ର ଓ ଲୁକ୍ସ ସାଲୁନର ଦେଶ ମୁଖ୍ୟ ମନି ବରେଜା ଯୋଗଦେଇଥିଲେ। ଲୁକ୍ସ ସାଲୁନର ଅଧକ୍ଷ ସଞ୍ଜୟ ଦତ୍ତ କହିଛନ୍ତି 'ଆମେ ଭୁବନେଶ୍ୱରରୁ ଏକ ଅବିଶ୍ୱନୀୟ ପ୍ରତିକ୍ରୀୟା ପାଇଛୁ। ଏଠାରେ ଆମର ପ୍ରଥମ ଦୁଇଟି ସାଲୁନର ସଫଳତା ଦର୍ଶାଉଛି ଯେ ଆମର ଗ୍ରାହକ ମାନେ ଉଚ୍ଚ ଗୁଣବତ୍ତା ବ୍ୟକ୍ତିଗତ ସେବାକୁ କେତେ ଗୁରୁତ୍ୱ ଦିଅନ୍ତି।

**AFFIDAVIT**

By virtue of an affidavit before The Executive Magistrate on 20.02.2025, Balaram Majhi@Bhatra, S/o- Judhisti Bhatra@Majhi, resident of village- Bharamajhiguda, Post- Patrapur, PS- Tentulikhunti, Dist- Nabarangpur, declares that my actual name is Balaram Majhi which is mentioned in Aadhar Card. But in Bank Account my name has been recorded as Balaram Bhatra, S/o- Judhisti Bhatra. Balaram Majhi & Balaram Bhatra is same and one person myself. This affidavit is to be produced before concerned authority of Bank for necessary action.

Sd/- Balaram Majhi
(Balaram Bhatra)

**ଦ.ପୂ. ରେଳପଥ-ଟେଣ୍ଡର**

ଇ-ଟେଣ୍ଡର ନୋଟିସ୍ ନଂ.ସିଇ-କନ୍-ଆରଏସପି-ଏସଇଆର-ଏଲସି-୧୨୨। ମୁଖ୍ୟ ଯନ୍ତ୍ରୀ/ଏସଡି ଏବଂ ଆରଏସପି, ଏସଇ ରେଳବାଇ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ନିମ୍ନଲିଖିତ ଟେଣ୍ଡର www.ireps.gov.in ୱେବସାଇଟ୍‌ରେ ଅପଲୋଡ୍ କରାଯାଇଛି ଏବଂ ଟେଣ୍ଡର ୨୪.୦୩.୨୦୨୫ରେ ୧୨.୦୦ ଘଣ୍ଟା (ଆଇଏସଟି)ରେ ବନ୍ଦ ହେବ। କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା: କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା: ସଡକ ସୁରକ୍ଷା ପ୍ରକଳ୍ପ ୟୁନିଟ୍, ଦକ୍ଷିଣ ପୂର୍ବ ରେଳବାଇର ଅଧିକାର କ୍ଷେତ୍ରରେ ଖଡ଼ଗପୁର ଡିଭିଜନର ଗାଲୁଡିହ-ଘଟଶିଳା ଷ୍ଟେସନ ମଧ୍ୟରେ ଏଲସି ୧୨୨ ପରିବର୍ତ୍ତେ କିମି ୨୧୪/୧୩-୧୫ ରେ ବିଦ୍ୟମାନ ଆରଓବିରୁ ଏଲସି ୧୨୧ ପରିବର୍ତ୍ତେ କିମି ୨୧୩/୨୧-୨୩ରେ ସଂଯୋଜକ ରାସ୍ତା ଏବଂ ରାମ୍ପ ନିର୍ମାଣ (ସ୍ପାନ-୧୮.୦ ମିଟରର କମ୍ପୋଜିଟ୍ ଗାର୍ଡର ଏବଂ ଆପ୍ରୋଚ୍ ଅଂଶ ସହିତ ପ୍ରୋପର ଆରଓବି)। ଆନୁମାନିକ ମୂଲ୍ୟ: ୧୬.୨୬ କୋଟି। ବିଡ୍ ସୁରକ୍ଷା: ୯.୬୩ ଲକ୍ଷ। ସମାପ୍ତି ଅବଧି: ଏଲଓଏ ଜାରି କରିବା ତାରିଖରୁ ୧୨ ମାସ। ଆଗ୍ରହୀ ଟେଣ୍ଡରମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ନିର୍ଦ୍ଦିଷ୍ଟକରଣ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି ଜିନିଷଗୁଡ଼ିକ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର: ସମ୍ଭାବ୍ୟ ବିଡ଼ରମାନେ ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବରେ www.ireps.gov.in ପରିଦର୍ଶନ କରିପାରିବେ।

(PR-1180)

**छत्तीसगढ़ शासन,**
**जल संसाधन विभाग कार्यालय अधीक्षण अभियंता,**
**जल संसाधन एवं भू-जल सर्वेक्षण मंडल, रायपुर (छ.ग.)**

**ई-प्रोक्यूरमेंट निविदा सूचना**
eProcurement Portal: https://eproc.cgstate.gov.in
**निविदा निरस्तीकरण सूचना**

इस कार्यालय द्वारा आमंत्रित "रायपुर जिले के वि.खं. - धरसींवा की गुमा एनीकट जीर्णोद्धार कार्य" की ऑनलाईन सिस्टम निविदा क्रमांक 146655/ निविदा सूचना क्रमांक 15/वलेलि/2023-24, रायपुर दिनांक 06.09.2023 द्वारा प्रथम आमंत्रण किया गया था। उक्त निविदा में कार्यालय प्रमुख अभियंता, जल संसाधन विभाग, अटल नगर, नवा रायपुर के पृ.क्र. 4262851/ निविदा प्रकोष्ठ/2023/13151 (TC) नवा रायपुर, दिनांक 11.11.2024 के द्वारा प्रमुख अभियंता, लोक निर्माण विभाग, निर्माण भवन, सेक्टर-19, नवा रायपुर (छ.ग.) को निविदाकार मेसर्स अभिषेक अग्रवाल, ब- श्रेणी ठेकेदार, रायगढ़ द्वारा मूल ई.एम.डी. जमा नहीं किये जाने के कारण विभागीय निविदा अभिलेख की कंडिका 2.1.6 (vii) के तहत निविदाकार के विरूद्ध अपंजीकृत (Deregistration) का प्रस्ताव प्रेषित किया गया है।

छ.ग. शासन, लोक निर्माण विभाग के आदेश पृ.क्र. एफ-5-8/19/2013/ निविदा दिनांक 29.10.2014 द्वारा जारी दिशा-निर्देश की कंडिका 7.2 (i) में निहित प्रावधानानुसार निविदाकार को पदावनत करने की अनुशंसा के फलस्वरूप निविदा निरस्त किया जाता है।

**विज्ञापन क्र. 05114 दिनांक 08.09.2023**

कार्यपालन अभियंता,
जल संसाधन सम्भाग, रायपुर (छ.ग.)
कृते, अधीक्षण अभियंता,
जल संसाधन एवं भू-जल सर्वेक्षण मंडल, रायपुर (छ.ग.)

G-242505557/ 7



ମୁମ୍ବାଇ : ମହାକୁମ୍ଭରେ ଭାଇରାଲ ହୋଇଥିବା ସୁନ୍ଦରୀ ସାଧ୍ୱୀ ହର୍ଷା ରିଚାରିଆ। ହର୍ଷା ଆତ୍ମହତ୍ୟା କରିବାକୁ ଧମକ ଦେଇଛନ୍ତି। ସେ ଇନଷ୍ଟାଗ୍ରାମରେ ଏକ ଭିଡିଓ ପୋଷ୍ଟ କରି ଏହା ପଛର କାରଣ କହିବା ସହ କାନ୍ଦି କାନ୍ଦି ନିଜର ଯନ୍ତ୍ରଣା ପ୍ରକାଶ କରୁଛନ୍ତି। ହର୍ଷା ରିଚାରିଆ ସୋସିଆଲ ମିଡିଆରେ ଏକ ଭିଡିଓ ସେୟାର କରି କହିଛନ୍ତି- ମୋ ଚିହ୍ନାଜଣା ଲୋକମାନେ ମୋର ନକଲି ଭିଡିଓ ସେୟାର କରୁଛନ୍ତି। ଏହି ନକଲି ଭିଡିଓ ଗୁଡ଼ିକ ଦ୍ୱାରା ମୁଁ ବଦନାମ ହେଉଛି। ଏହି ଭିଡିଓ ଭାଇରାଲ କରୁଥିବା ଲୋକଙ୍କ ନାମ ମୋ ପାଖରେ ମଧ ଅଛି। ସାଧ୍ୱୀ ହର୍ଷା ରିଚାରିଆ ଭିଡିଓରେ ଆହୁରି କହିଛନ୍ତି- ମୁଁ ଏତେ ବିରକ୍ତ ହୋଇଯାଇଛି ଯେ ଆତ୍ମହତ୍ୟା କରିବାକୁ ଇଚ୍ଛା କରୁଛି। ଯଦି ମୁଁ ଆତ୍ମହତ୍ୟା କରେ, ତେବେ ମୁଁ ସୁଇସାଇଡ ନୋଟରେ ସେମାନଙ୍କ ସମସ୍ତଙ୍କ ନାମ ଲେଖିବି। ମୁଁ ତୁମକୁ କହିବି କିଏ ମୋ ସହ କଣ କରିଛି। ଭିଡିଓର ଆରମ୍ଭରେ ହର୍ଷ କହିଥିଲେ- ମୁଁ ମହାକୁମ୍ଭରେ ଏକ ପ୍ରତିଜ୍ଞା ନେଇଥିଲି। ମୁଁ ହିନ୍ଦୁତ୍ୱ ସନାତନ ପାଇଁ କାମ କରିବି। ଯୁବପିଢ଼ିଙ୍କୁ ଧାର୍ମିକ ସଂସ୍କୃତି ବିଷୟରେ ସଚେତନ କରିବା। କିନ୍ତୁ କିଛି ଧର୍ମ ବିରୋଧୀ ଲୋକ ମୋତେ ଆଗକୁ ବଢ଼ିବାକୁ ଦେଉ ନାହାନ୍ତି।

# ରାଜ୍ୟସଭା ଯିବେ କେଜରିୱାଲ !



ନୂଆଦିଲ୍ଲୀ : ପଞ୍ଜାବର ରାଜ୍ୟସଭା ସାଂସଦ ସଞ୍ଜୀବ ଆରୋରାଙ୍କୁ ଉପନିର୍ବାଚନରେ ଆପ୍ ପ୍ରାର୍ଥୀ କରିବା ପରେ ଚର୍ଚ୍ଚା ଆରମ୍ଭ ହୋଇଛି। ସଞ୍ଜୀବ ଆରୋରାଙ୍କ ସ୍ଥାନରେ କ୍ରେଜ୍ରିୱାଲ ସଂସଦର ଉଚ୍ଚ ସଦନକୁ ଯାଇପାରନ୍ତି ବୋଲି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ଆରମ୍ଭ ହୋଇଛି । କହିବାକୁ ଗଲେ ପଞ୍ଜାବରେ ଏବେ ଆପ ସରକାର ରହିଛି। ସଂଖ୍ୟା ଦୃଷ୍ଟିରୁ ପଞ୍ଜାବରୁ ହିଁ ରାଜ୍ୟସଭା ସାଂସଦ ପଠାଇପାରିବ ଆପ୍ । ଜାତୀୟ ରାଜନୀତିରେ ନିଜର ଅସ୍ତିତ୍ୱ ବଞ୍ଚାଇବାକୁ କ୍ରେଜ୍ରିୱାଲ ରାଜ୍ୟସଭାକୁ ସାଂସଦ ଭାବେ ଯିବାକୁ ଚାହୁଁଥିବା ଚର୍ଚ୍ଚା ହେଉଛି। କାରଣ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆପ୍ କେବଳ ଶାସନ କ୍ଷମତାରୁ ଯାଇନି ବରଂ ଦଳର ସଂଯୋଜକ କେଜ୍ରିୱାଲଙ୍କୁ ମଧ ପରାଜୟର ସାମ୍ନା କରିବାକୁ ପଡିଛି। ଏଭଳି ସ୍ଥିତିରେ ଆଗକୁ ଆପର ଭବିଷ୍ୟତ କଣ ହେବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ପଞ୍ଜାବରେ ଆପ୍ ସରକାର ଭାଙ୍ଗିଯିବା ଚର୍ଚ୍ଚା ଭିତରେ କେଜ୍ରିୱାଲ ନିଜ ରାଜନୀତି ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ରାଜ୍ୟସଭା ରାସ୍ତାକୁ ଆପଣାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏଥିପାଇଁ ପଶ୍ଚିମ ଲୁଧିଆନାରେ ହେବାକୁ ଥିବା ଉପ-ନିର୍ବାଚନ କେଜ୍ରିୱାଲଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ପଶ୍ଚିମ ଲୁଧିଆନା ଆସନ ପାଇଁ ଦଳର ରାଜ୍ୟସଭା ସାଂସଦ ସଞ୍ଜୀବ ଆରୋରାଙ୍କୁ ପ୍ରାର୍ଥୀ କରାଯାଇଛି । ତେଣୁ ସଞ୍ଜୀବଙ୍କ ସ୍ଥାନରେ କେଜ୍ରିୱାଲ ସଂସଦକୁ ବ୍ୟାକଡୋର ଏଣ୍ଟ୍ରି ମାରି ପାରନ୍ତି ବୋଲି କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ଏହାଛଡା ୨୦୨୭ରେ ପଞ୍ଜାବରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ତେଣୁ ପଞ୍ଜାବ ନିର୍ବାଚନ ପୂର୍ବରୁ ନିଜ ପାଇଁ କ୍ରେଜ୍ରିୱାଲ ସ୍ଥାନ ସୁରକ୍ଷିତ କରୁଥାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

# ସମସ୍ତ ସ୍କୁଲ୍-କଲେଜରେ ପଞ୍ଜାବୀ ବାଧ୍ୟତାମୂଳକ

## ନିର୍ଦ୍ଦେଶନାମା ଜାରି



ନୂଆଦିଲ୍ଲୀ: ପଞ୍ଜାବର ସମସ୍ତ ସ୍କୁଲ୍‌ରେ ଏଣିକି ପଞ୍ଜାବୀ ଭାଷା ବାଧ୍ୟତାମୂଳକ ହେବ। ସ୍କୁଲ ଯେକୌଣସି ବୋର୍ଡର ହୋଇଥାଉ ନା କାହିଁକି ପଞ୍ଜାବୀକୁ ମୁଖ୍ୟ ବିଷୟ ଓ ବାଧ୍ୟତାମୂଳକ କରାଯିବ। ଏନେଇ ନେଇ ପଞ୍ଜାବ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜାରି ହୋଇଥିବା ନୂଆ ନିର୍ଦ୍ଦେଶନାମା ଅନୁଯାୟୀ, ପଞ୍ଜାବ ସ୍କୁଲ ଶିକ୍ଷା ବୋର୍ଡ, କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ କିମ୍ବା ଭାରତୀୟ ସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ପରିଷଦ ସହିତ ଅନୁବନ୍ଧିତ ସମସ୍ତ ସ୍କୁଲ୍ ସେମାନଙ୍କର ପାଠ୍ୟକ୍ରମରେ ପଞ୍ଜାବୀକୁ ଅନ୍ତର୍ଭୁକ୍ତ କରିବାକୁ ବାଧ୍ୟ। ସିବିଏସ୍‌ଇ ବୋର୍ଡ ନିଜ ପାଠ୍ୟ ବିଷୟରୁ ପଞ୍ଜାବୀ ଭାଷା ହଟାଇ ଦେବା ପରେ ରାଜ୍ୟ ସରକାର ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ବର୍ଷକୁ ଦୁଇଥର ବୋର୍ଡ ପରୀକ୍ଷା ଫର୍ମାଟ୍ ପାଇଁ ସିବିଏସ୍‌ଇର ଡ୍ରାଫ୍ଟ ସ୍କିମ୍‌ରୁ ପଞ୍ଜାବୀକୁ ହଟାଇ ଦିଆଯିବା ନେଇ ରାଜନୈତିକ ଝଡ଼ ସୃଷ୍ଟି ହୋଇଥିଲା। ଏକାଧିକ ନେତା ଏହାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଏହାପରେ ବୁଧବାର ବୋର୍ଡ ପକ୍ଷରୁ ଏକ ସ୍ପଷ୍ଟୀକରଣ ଦିଆଯାଇଛି। ସିବିଏସ୍‌ଇ କହିଛି ଯେ ଆସନ୍ତା ବର୍ଷ ଯୋଜନାର ସଂଶୋଧିତ ଡ୍ରାଫ୍ଟରେ ପଞ୍ଜାବୀକୁ ସାମିଲ କରାଯିବ। ଏହି ଯୋଜନାର ଲକ୍ଷ୍ୟ ହେଉଛି ବର୍ଷକୁ ଦୁଇଥର ବୋର୍ଡ ପରୀକ୍ଷା ପ୍ରଚଳନ କରିବା। ଏଥିରେ ଗୋଟିଏ ଆଞ୍ଚଳିକ ଏବଂ ବିଦେଶୀ ଭାଷା ମୂଳରେ ରହିବ ବୋଲି ବୋର୍ଡ କହିଛି। ପୂର୍ବରୁ, ପଞ୍ଜାବ ଶିକ୍ଷା ମନ୍ତ୍ରୀ ହରଜୋତ ସିଂହ ବେନ୍ସ ନୂଆ ଶିକ୍ଷା ନୀତି ଅନୁଯାୟୀ ନୂଆ ବୋର୍ଡ ପରୀକ୍ଷା ଫର୍ମାଟ୍ ପାଇଁ ସିବିଏସଇର ଡ୍ରାଫ୍ଟ ସ୍କିମ୍‌ରୁ ପଞ୍ଜାବୀକୁ ବାଦ ଦେବା ନେଇ କଡ଼ା ସମାଲୋଚନା କରିଥିଲେ। ବେନ୍ସ ଅଭିଯୋଗ କରିଥିଲେ ଯେ ସିବିଏସଇ ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ବୋର୍ଡ ପରୀକ୍ଷାରେ ଦ୍ୱିତୀୟ ଭାଷା ବିକଳ୍ପ ଭାବରେ ପଞ୍ଜାବୀକୁ ହଟାଇବାକୁ ଯୋଜନା କରୁଛି। ସେହିପରି ଅକାଳୀ ଦଳ ନେତା ପରମ୍ବାନ୍ସ ରୋମାନା ମଧ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରି ପଞ୍ଜାବୀ ଭାଷାକୁ ଲିଭାଇ ଦେବାର ଷଡ଼ଯନ୍ତ୍ର ହେଉଛି ବୋଲି ଅଭିଯୋଗ କରିଥିଲେ। ସିବିଏସ୍‌ଇ ବିଜ୍ଞପ୍ତିରେ ରାୟ, ଉରୁଙ୍ଗ, ତମାଙ୍ଗ, ଶେର୍ପା, ସଂସ୍କୃତ, ଉର୍ଦ୍ଦୁ, ମରାଠୀ, ଗୁଜୁରାଟୀ, ମଣିପୁରୀ, ତିବ୍ବତୀୟ, ବୋଡୋ, ଟାଙ୍ଗଖୁଲ, ଭୁଟିଆ, କାଶ୍ମୀରୀ, ମିଜୋ, ଏବଂ ଥାଇ ଭଳି ଭାଷା ଅନ୍ତର୍ଭୁକ୍ତ ଥିଲା, କିନ୍ତୁ ପଞ୍ଜାବୀକୁ ଆଞ୍ଚଳିକ ଭାଷା ତାଲିକାରୁ ବାଦ ଦେଇଥିଲା। ସୂଚନା ମୁତାବକ ମଙ୍ଗଳବାର ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷା ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ଘୋଷଣା କରିଛି। ଏହା ଅନୁସାରେ ୨୦୨୫-୨୬ ଶିକ୍ଷାବର୍ଷରୁ ଦୁଇଟି ବୋର୍ଡ ପରୀକ୍ଷା ଆରମ୍ଭ ହେବ। ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁସାରେ ଏହି ପରିବର୍ତ୍ତନ କରାଯାଇଛି।

# ସେନା ଗାଡ଼ିକୁ ଆତଙ୍କୀ ହମ୍‌ଲା

ଶ୍ରୀନଗର: ଜମ୍ମୁ କଶ୍ମୀରର ରାଜୌରୀରେ ଏକ ବଡ଼ ଆତଙ୍କବାଦୀ ଆକ୍ରମଣ ହୋଇଛି। ଏଠାରେ ସେନା ଗାଡ଼ି ଉପରେ ଅନେକ ରାଉଣ୍ଡ ଗୁଳିଚାଳନା କରାଯାଇଛି। ସୂଚନା ଅନୁଯାୟୀ, ଜମ୍ମୁର ରାଜୌରୀର ସୁନ୍ଦରବନୀ ସେକ୍ଟରରେ ବୁଧବାର ଅପରାହ୍ନ ପ୍ରାୟ ୧୨.୪୫ ସମୟରେ ଏକ ସେନା ଗାଡ଼ି ଉପରେ ୪ ରୁ ୫ ରାଉଣ୍ଡ ଗୁଳିଚାଳନା କରାଯାଇଥିଲା। ଏହି ଘଟଣା ଘଟାଇବା ପରେ ଆତଙ୍କବାଦୀମାନେ ତୁରନ୍ତ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଏହି ଘଟଣାରେ କେହି ମୃତ କିମ୍ବା ଆହତ ହୋଇଥିବାର କୌଣସି ଖବର ମିଳିପାରିନାହିଁ। ଅଞ୍ଚଳରେ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଛି ଏବଂ ଆତଙ୍କବାଦୀମାନଙ୍କୁ ଖୋଜା ଚାଲିଛି। ଜମ୍ମୁର ସୁନ୍ଦରବନୀ ଅଞ୍ଚଳ, ଯେଉଁଠାରେ ଏହି ଆକ୍ରମଣ ଘଟିଛି, ତାହା ଏଲଓସି ସଂଲଗ୍ନ। ଏହି ଅଞ୍ଚଳ ପାକିସ୍ତାନ ସୀମା ସଂଲଗ୍ନ, ତେଣୁ ପୋଲିସକୁ ବର୍ତ୍ତମାନ ସେଠାକୁ ଯିବାକୁ ଅନୁମତି ଦିଆଯାଉନାହିଁ। ସେନା ନିଜେ ସେଠାରେ ସର୍ଚ୍ଚ ଅପରେଶନ କରୁଛି।

# ବସ୍‌ରେ ଯୁବତୀଙ୍କୁ ବଳାତ୍କାର

ପୁଣେ: ପୁଣେରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ବସ୍‌ଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷା କରିଥିବା ଯୁବତୀ ଜଣଙ୍କୁ ଜଣେ ଯୁବକ ତାଙ୍କୁ ବସ୍ ସେଠାରେ ଅଟକିବ ନାହିଁ କହି ପାର୍କିଂରେ ଥିବା ଅନ୍ୟ ଏକ ବସ୍ ନିକଟକୁ ନେଇ ଯାଇଥିଲେ। ପରେ ସୁଯୋଗ ନେଇ ତାଙ୍କୁ ଜୋରଜବରଦସ୍ତ ବଳାତ୍କାର କରିଥିଲେ। ପୁଣେର ସ୍ୱର୍ଗଟେ ଥାନାରେ ଏନେଇ ପୀଡ଼ିତା ଅଭିଯୋଗ କରିବା ପରେ ତନାଘନା ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ, ପୀଡିତା ଜଣକ ସ୍ୱର୍ଗଟେ ବସଷ୍ଟାଣ୍ଡରେ ବସ ପାଇଁ ଅପେକ୍ଷା କରିଥିଲେ। ସେହି ସମୟରେ ଅଭିଯୁକ୍ତ ଯୁବକ ସେଠାକୁ ଆସିଥିଲେ। ସେ ମିଠା ମିଠା କଥା କହି ନିଜର ପରିଚୟ ଦେଇଥିଲେ। ପରେ ସେ ପୀଡ଼ିତାଙ୍କୁ କେଉଁଠିକୁ ଯାଉଛନ୍ତି ବୋଲି ପଚାରିଥିଲେ। ବସ୍ ଫାଲଟନ୍ ଯିବ ବୋଲି ଜାଣିବା ପରେ ବସ୍ ସେଠାରେ ଅଟକିବ ନାହିଁ ବୋଲି ସେ କହିଥିଲେ। ପରେ ବସ୍ କେଉଁଠାରୁ ମିଳିବ ତାହା ଜଣାଇବା ଲାଗି ସେ ପୀଡ଼ିତାଙ୍କୁ ସାଙ୍ଗରେ ନେଇ ଯାଇଥିଲେ। ସିସିଟିଭି ଫୁଟେଜରେ ଝିଅଟି ଅଭିଯୁକ୍ତଙ୍କ ସହ ବସ ଆଡକୁ ଯାଉଥିବାର ଦେଖାଯାଉଛି। ଯେତେବେଳେ ଯୁବତୀ ବସ ପାଖରେ ପହଞ୍ଚୁଛନ୍ତି ଅନ୍ଧାର ହୋଇଥିବା ଦେଖିବାକୁ ପାଉଛନ୍ତି। ହେଲେ ଅଭିଯୁକ୍ତ ତାଙ୍କୁ ଏକ ବିଳମ୍ବିତ ରାତିର ବସ ବୋଲି କହିଛନ୍ତି। ପରେ ଯୁବତୀଜଣଙ୍କ ବସ୍‌ରେ ଚଢ଼ିବା ମାତ୍ରେ ସେ ପଛ ପଟରୁ ଦ୍ୱାର ବନ୍ଦ କରି ତାଙ୍କୁ ବଳାତ୍କାର କରିଥିଲେ। ଏହା ପରେ ଅଭିଯୁକ୍ତ ଜଣକ ପ୍ରଥମେ ବସରୁ ଓହ୍ଲାଇ ପଡ଼ିଥିଲେ। ଦୁଇ ମିନିଟ ପରେ ଯୁବତୀଜଣଙ୍କ ତଳକୁ ଓହ୍ଲାଇଥିଲେ। ସେ ଫଲଟନ ଯାଉଥିବା ବସରେ ଚଢ଼ିଥିଲେ। ସେଠାରୁ ସେ ତାଙ୍କର ଜଣେ ବନ୍ଧୁଙ୍କୁ ଫୋନ କରିଥିଲେ। ତାଙ୍କ ବନ୍ଧୁଙ୍କ ପରାମର୍ଶ କ୍ରମେ ସେ ତୁରନ୍ତ ସ୍ୱର୍ଗଟେ ପୋଲିସ ଷ୍ଟେଶନରେ ପହଞ୍ଚି ସମ୍ପୂର୍ଣ୍ଣ ଘଟଣା ବିଷୟରେ ପୋଲିସକୁ ଜଣାଇଥିଲେ। ପୋଲିସ କହିଛି ଯେ ଅଭିଯୁକ୍ତ ଜଣଙ୍କ ଶିରୁର ଗାଁର ବାସିନ୍ଦା। ଆମେ ସିସିଟିଭି ଫୁଟେଜ ନେଇଛୁ। ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି। ତାଙ୍କ ବିରୁଦ୍ଧରେ ଧାରା ୩୯୨ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ଖୋଜା ଚାଲିଛି। ଗତକାଲିଠାରୁ ୮ ଟିମ୍ ଏହି ଘଟଣାରେ କାମ କରୁଛନ୍ତି।

# ଭଗବାନ ଶ୍ରୀ ରାଜୀବଲୋଚନଙ୍କୁ ପୂଜାର୍ଚ୍ଚନା କଲେ ବିଷ୍ଣୁଦେବ





ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ବୁଧବାର ଭଗବାନ ଶ୍ରୀ ରାଜୀବଲୋଚନଙ୍କ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ସହ ରାଜ୍ୟବାସୀଙ୍କ ସୁଖ, ସମୃଦ୍ଧି କାମନା କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ତ୍ରିବେଣୀ ସଙ୍ଗମସ୍ଥିତ ଶ୍ରୀ କୁଳେଶ୍ୱରନାଥ ମହାଦେବଙ୍କୁ ଜଳାଭିଷେକ କରିବା ସହ ଛତିଶଗଡ ବିକାଶ କାମନା କରିଛନ୍ତି। ଏହି ଅବସରରେ ସେ କହିଥିଲେ ଯେ, ରାଜୀମ କୁମ୍ଭ କଳ୍ପ କେବଳ ଏକ ଧାର୍ମିକ ଆୟୋଜନ ନୁହେଁ ପରନ୍ତୁ ଛତିଶଗଡର ସଂସ୍କୃତି, ପରମ୍ପରା ଏବଂ ଆଧ୍ୟାତ୍ମିକ ଚେତନର ଏକ ଅପୂର୍ବ ସଂଯୋଗ। ଏହି ଅବସରରେ ରାଜୀବ କୁମ୍ଭ କଳ୍ପ ପକ୍ଷରୁ ଆୟୋଜିତ ମହାନଦୀ କୂଳରେ ଭବ୍ୟ ମହାଆରତୀ କରାଯାଇଥିଲା। ଏଥିରେ ମନ୍ତ୍ର ଉଚ୍ଚାରଣ ସହ ସମସ୍ତ ବିଧିବିଧାନ ପାଳନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ସେଠାରେ ପହଞ୍ଚି ରାଜ୍ୟବାସୀଙ୍କ ସମୃଦ୍ଧି କାମନା କରିଥିଲେ। ଏହି ଅବସରରେ ଛତିଶଗଡର ଖାଦ୍ୟ ଯୋଗାଣ ମନ୍ତ୍ରୀ ଦୟାଲଦାସ ବାଘେଲ, ଜଙ୍ଗଲ ଏବଂ ଜଳସଂପଦ ମନ୍ତ୍ରୀ କେଦାର କାଶ୍ୟପ, ରାଜୀମ ବିଧାୟକ ରୋହିତ ସାହୁ,ବିଧାୟକ ସଂପଦ ଅଗ୍ରୱାଲଙ୍କ ସମେତ ବରିଷ୍ଠ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ବିମାନ ଦୁର୍ଘଟଣାଗ୍ରସ୍ତ: ୧୯ ମୃତ

ନୂଆଦିଲ୍ଲୀ : ସୁଡାନର ସାମରିକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ପାଖାପାଖି ୧୯ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସୁଡାନର ଓମଡୁରମାନ ସହରରେ ଘଟିଛି ଏଭଳି ଦୁର୍ଘଟଣା। ମୃତ୍ୟୁ ସଂଖ୍ୟା ବଢ଼ିପାରେ ବୋଲି ଆଶା କରାଯାଉଛି। ଏନେଇ ବୁଧବାର ସୂଚନା ଦେଇଛନ୍ତି ସାମରିକ ଏବଂ ସ୍ୱାସ୍ଥ୍ୟ ଅଧିକାରୀମାନେ। ଏପି ରିପୋର୍ଟ ଅନୁଯାୟୀ, ସେନା ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ ଦୁର୍ଘଟଣାରେ ସାମରିକ କର୍ମଚାରୀ ଏବଂ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି। ଏହା ବ୍ୟତୀତ ଦୁର୍ଘଟଣାର ମୁଖ୍ୟ କାରଣ କ'ଣ ତାହା ମଧ କୁହାଯାଇ ନାହିଁ। ସୁଡାନିଜ୍ ସେନା ରିପୋର୍ଟ ଅନୁଯାୟୀ, ମଙ୍ଗଳବାର ଦିନ ଓମଡୁରମାନର ଉତ୍ତରରେ ଥିବା ୱାଡି ସୟେଦନା ଏୟାରବେସ୍‌ରୁ ଉଡ଼ାଣ ଭରିଥିଲା ସେନା ବିମାନ ଆଣ୍ଟୋନୋଭ୍। ତେବେ ଟେକ୍ ଅଫ୍ କରିବା ସମୟରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

# ବାଣିଜ୍ୟ



ବେଜିଂ: ବିଶ୍ୱର ସବୁଠାରୁ ଦ୍ରୁତଗାମୀ ଟ୍ରେନ ତିଆରି କରୁଛି ଚୀନ। ଯାହାର ଘଣ୍ଟାପ୍ରତି ବେଗ ହେବ ୪୫୦ କିଲୋମିଟର ବା ୨୮୦ ମାଇଲ। ଏହି ଟ୍ରେନ୍‌ର ଏକ ପ୍ରୋଟୋଟାଇପ୍ ଉନ୍ମୋଚନ କରିଛି ଚାଇନା। ଚୀନ ତିଆରି କରିଥିବା ସିଆର୍‌୪୫୦ ପ୍ରୋଟୋଟାଇପ୍ ବିଶ୍ୱର ସବୁଠାରୁ ଦ୍ରୁତଗାମୀ କମର୍ସିଆଲ ଟ୍ରେନ୍ ହେବ। ଏହା ପୂର୍ବରୁ ୨୯ ଡିସେମ୍ବର ୨୦୨୪ରେ ସିଆର୍‌୪୫୦ ବେଜିଂରେ ପ୍ରଦର୍ଶିତ କରାଯାଇଥିଲା। ପରୀକ୍ଷଣ ସମୟରେ, ଡିଜାଇନ ଅନୁସାରେ ସିଆର୍‌୪୫୦ ସର୍ବାଧିକ ଗତି ଘଣ୍ଟାପ୍ରତି ୪୫୦ କିଲୋମିଟର ଥିଲା। ତେବେ ଟ୍ରେନ ଜନସେବା ପାଇଁ ଆରମ୍ଭ ହେଲେ ଏହା ଘଣ୍ଟାପ୍ରତି ୪୦୦ କିମି ଯିବ ବୋଲି ଯୋଜନା କରାଯାଉଛି। ସିଆର୍‌୪୫୦ରେ ଅନେକ କଟିଂ ଏଜ୍ ଟେକ୍ନୋଲୋଜୀର ବ୍ୟବହାର କରାଯାଇଛି। ଯାହା ଏହାକୁ ବିଶ୍ୱର ସବୁଠାରୁ ଫାଷ୍ଟ ଟ୍ରେନ୍ କରାଇବ। ଏହି ଟେକ୍ନୋଲୋଜୀ ସହିତ ଚୀନ୍ ହାଇ-ସ୍ପିଡ୍ ରେଳ ତିଆରି କରିବାରେ ସମସ୍ତଙ୍କୁ ଟପି ଆଗକୁ ଯାଉଛି। ରେଳ ଉଦ୍ଭାବନରେ ବିଶ୍ୱସ୍ତରରେ ନିଜର ସ୍ଥିତିକୁ ସୁଦୃଢ଼ କରୁଛି।

# କ୍ଲିକ୍ ୨ ଆଚିଭ ପାର ଆଡ୍‌ଭାଣ୍ଟେଜର ଶୁଭାରମ୍ଭ କଲା ଏଚ୍‌ଡିଏଫ୍‌ସି



ନୂଆଦିଲ୍ଲୀ: ଭାରତର ଅଗ୍ରଣୀ ଜୀବନ ବୀମା କମ୍ପାନୀ ଏଚ୍‌ଡିଏଫ୍‌ସି ଲାଇଫ ପକ୍ଷରୁ ଏହାର ନୂଆ ଉତ୍ପାଦ ଏଚ୍‌ଡିଏଫ୍‌ସି ଲାଇଫ୍ କ୍ଲିକ ୨ ଆଚିଭ ପାର୍ ଆଡ୍‌ଭାଣ୍ଟେଜର ଶୁଭାରମ୍ଭ କରିଛି। ଏହି ଉତ୍ପାଦକୁ ଜଣେ ବ୍ୟକ୍ତିଙ୍କ ଜୀବନର ଭିନ୍ନ ଭିନ୍ନ ପର୍ଯ୍ୟାୟ ସହ ଜଡିତ ସଫଳତାଗୁଡିକୁ ଦୃଷ୍ଟିରେ ରଖି ଡିଜାଇନ କରାଯାଇଛି। ଏଚ୍‌ଡିଏଫ୍‌ସି ଲାଇଫ୍ କ୍ଲିକ ୨ ଆଚିଭ ପାର୍ ଆଡ୍‌ଭାଂଟେଜ ଅନେକ ପ୍ରମୁଖ ଫିଚରଗୁଡିକ ସହ ଆସୁଛି ଯଥା ପଲିସି କଂଟିନୁଆନ୍ସ ବେନିଫିଟ (ପିସିବି) - ଏହି ବିକଳ୍ପ ସହିତ ଜୀବନ ବୀମା କରିଥିବା ବ୍ୟକ୍ତିଙ୍କ ମୃତ୍ୟୁ ଘଟିବା ସ୍ଥିତିରେ ଭବିଷ୍ୟତର ପ୍ରିମିୟମଗୁଡିକୁ ଛାଡ କରାଯାଇଥାଏ। ଏହି ମୃତ୍ୟୁ ଲାଭକୁ ତତ୍କାଳ ଏକ ଲମ୍ପ୍ ସମ୍ ଆକାରରେ ପଇଠ କରାଯାଇଥାଏ ଏବଂ ନୋମିନି କିମ୍ବା ଜୀବିତ ବ୍ୟକ୍ତିଙ୍କ ପାଇଁ ପ୍ଲାନ ଅଧିନରେ ଥିବା ଭବିଷ୍ୟତର ଲାଭଗୁଡିକୁ ଜାରି ରଖାଯାଇଥାଏ। ଚଏସ ଅଫ୍ ଡେଥ୍ ବେନିଫିଟ ମଲ୍ଟିପୁଲ ବିକଳ୍ପ ଜଣେ ବ୍ୟକ୍ତିଙ୍କୁ ନିଜ ଆବଶ୍ୟକତା ଅନୁଯାୟୀ ଏକ କଷ୍ଟମାଇଜ୍‌ଡ ଡେଥ୍ ବେନିଫିଟ ମଲ୍ଟିପୁଲ- ୫ ଗୁଣ, ୭ଗୁଣ କିମ୍ବା ୧୧ ଗୁଣକୁ ଚୟନ କରିବା ପାଇଁ ସକ୍ଷମ କରିଥାଏ। ଏହି ଉତ୍ପାଦର ଶୁଭାରମ୍ଭ ଅବସରରେ ଏଚ୍‌ଡିଏଫ୍‌ସି ଲାଇଫ୍‌ର ପ୍ରଡକ୍ଟ୍ସ ଆଣ୍ଡ ସେଗ୍‌ମେଂଟସ୍ ବିଭାଗର ମୁଖ୍ୟ ଅନିସ ଖାନ୍ନା କହିଛନ୍ତି, 'ଏଚ୍‌ଡିଏଫ୍‌ସି ଲାଇଫ୍ କ୍ଲିକ ୨ ଆଚିଭ ପାର ଆଡ୍‌ଭାଂଟେଜକୁ ଏକ ଉତ୍ତମ ଭବିଷ୍ୟତ ଗଠନ କରିବା ଏବଂ ଆର୍ଥିକ ସୁରକ୍ଷା ଢାଲ ସହ ଅନିଶ୍ଚିତତା ବିରୋଧରେ ନିଜର ସ୍ୱପ୍ନଗୁଡିକୁ ସୁରକ୍ଷିତ ରଖିବାକୁ ପ୍ରୟାସ କରୁଥିବା ବ୍ୟକ୍ତିଙ୍କ ପାଇଁ ଏକ ସମାଧାନ ପ୍ରଦାନ କରିବାକୁ ଡିଜାଇନ କରାଯାଇଛି।' ପରିବାରର ଆର୍ଥିକ ସୁରକ୍ଷା ପାଇଁ ଜୀବନ ବୀମା କଭର ସହିତ ଏହି ପ୍ଲାନ କିଛି ସୁବିଧାଗୁଡିକୁ ପ୍ରଦାନ କରୁଛି । ଅତିରିକ୍ତ ଲାଇଫ୍ କଭରେଜରେ ଜଣେ ବ୍ୟକ୍ତି ନିଜ ଜୀବନସାଥୀଙ୍କୁ ବୀମା କଭର୍ ପାଇଁ ଚୟନ କରିପାରିବେ। ପ୍ରଚଳିତ ଟିକସ ଆଇନ ଉପରେ ଆଧାର କରି ଜଣେ ବ୍ୟକ୍ତିଙ୍କ ପାଇଁ ପ୍ରଯୁଜ୍ୟ ଅଟେ। ଆର୍ଥିକ ଦାୟିତ୍ୱ ଥିବା ପ୍ରତ୍ୟେକ କାର୍ଯ୍ୟରତ ବ୍ୟକ୍ତିଙ୍କ ପାଇଁ ଜୀବନ ବୀମା ଏକ ଆବଶ୍ୟକତା ଅଟେ। ଏଚ୍‌ଡିଏଫ୍‌ସି ଲାଇଫ୍, ଜୀବନ ବୀମା କ୍ଷେତ୍ରରେ ଏକ ଉଦ୍ଭାବନକାରୀ ରହିଆସିଛି ଯାହା ଭାରତୀୟ ଉପଭୋକ୍ତାଙ୍କ ବିକଶିତ ଆବଶ୍ୟକତାକୁ ପୂରଣ କରୁଥିବା କଷ୍ଟମାଇଜ ପ୍ରଡକ୍ଟ ପ୍ରଦାନ କରୁଛି। କମ୍ପାନୀ ଏକ ଉନ୍ନତ ଡିଜିଟାଲ ପ୍ଲାଟଫର୍ମ ପ୍ରଦାନ କରୁଛି ଯାହା ଗ୍ରାହକଙ୍କୁ ସେମାନଙ୍କ ସୁବିଧା ଅନୁଯାୟୀ ଏକାଧିକ ସେବା ବିକଳ୍ପ ଦେଇଥାଏ। ଗ୍ରାହକଙ୍କ ପ୍ରତି ଏଚ୍‌ଡିଏଫ୍‌ସି ଲାଇଫ୍‌ର ପ୍ରତିବଦ୍ଧତା ଏହାର ନିର'ର ଉଚ୍ଚ ଦାବି ସମାଧାନ ଅନୁପାତରେ ପ୍ରତିଫଳିତ ହେଉଛି, ଯାହା ୨୦୨୪ ଆର୍ଥିକ ବର୍ଷ ପାଇଁ ୯୯.୫୦% ଥିଲା।

# ରିଲାଏନ୍ସ ଆସାମରେ ନିବେଶକୁ ୫୦ ହଜାର କୋଟି ଟଙ୍କାକୁ ବୃଦ୍ଧି କରିବ: ମୁକେଶ ଅମ୍ବାନୀ



ଗୁଆହାଟୀ : ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ଆସାମରେ କମ୍ପାନୀର ନିବେଶକୁ ଚାରି ଗୁଣ ବୃଦ୍ଧି କରି ୫୦୦୦୦ କୋଟି ଟଙ୍କା କରିବାକୁ ଘୋଷଣା କରିଛନ୍ତି। ଅମ୍ବାନୀ କହିଛନ୍ତି ଯେ ରିଲାଏନ୍ସ ଆସାମରେ ୧୨ ହଜାର କୋଟିରୁ ଅଧିକ ଟଙ୍କା ବିନିଯୋଗ କରିସାରିଛି। ଗୁଆହାଟୀରେ ଚାଲିଥିବା 'ଆଡଭାନଟେଜ୍ ଆସାମ ୨.୦ ସମ୍ମିଳନୀ'ରେ ମୁକେଶ ଅମ୍ବାନୀ ଏହି ଘୋଷଣା କରିଛନ୍ତି। ଆସାମକୁ ଏଆଇ ସକ୍ଷମ କରିବା ରିଲାଏନ୍ସର ପ୍ରାଥମିକତା ରହିଥିବା ଅମ୍ବାନୀ କହିଛନ୍ତି। ଆସାମରେ ବିଶ୍ୱସ୍ତରୀୟ ଡିଜିଟାଲ ସଂଯୋଗ ଭିତ୍ତିଭୂମି ସୃଷ୍ଟି କରିବା ପରେ ରିଲାଏନ୍ସ ବର୍ତ୍ତମାନ ଏଠାରେ କମ୍ପ୍ୟୁଟିଙ୍ଗ ଭିତ୍ତିଭୂମି ସ୍ଥାପନ କରିବ। ଆସାମରେ ରିଲାଏନ୍ସ ଏକ ଏଆଇ ଆଧାରିତ ଏଜ୍ ଡାଟା ସେଣ୍ଟର ନିର୍ମାଣ କରିବ ବୋଲି ସେ ଘୋଷଣା କରିଛନ୍ତି। ରିଲାଏନ୍ସ ରିଟେଲ ମଧ ରାଜ୍ୟରେ ଏହାର ଷ୍ଟୋର ସଂଖ୍ୟାକୁ ୪୦୦ ରୁ ୮୦୦ କୁ ବୃଦ୍ଧି କରିବାକୁ ଯାଉଛି। ଏହାଦ୍ୱାରା ଯୁବପିଢ଼ି ପାଇଁ ହଜାର ହଜାର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଆସାମକୁ ସ୍ୱଚ୍ଛ ଏବଂ ସବୁଜ ଶକ୍ତିର କେନ୍ଦ୍ର କରିବାକୁ ପ୍ରତିବଦ୍ଧତା ଜାହିର କରି ଆଣବିକ ଶକ୍ତି ସହିତ ଆସାମର ଟାଙ୍ଗରା ଭୂମିରେ ଦୁଇଟି ବାୟୋଗ୍ୟାସ୍ ପ୍ଲାଣ୍ଟ ମଧ ସ୍ଥାପନ କରାଯିବ ବୋଲି ସେ କହିଛନ୍ତି। ଏଥିରୁ ବାର୍ଷିକ ୮ ଲକ୍ଷ ଟନ୍ ସ୍ୱଚ୍ଛ ବାୟୋଗ୍ୟାସ୍ ଉତ୍ପାଦନ ହେବ, ଯାହା ପ୍ରତିଦିନ ୨ ଲକ୍ଷ ଯାତ୍ରୀବାହୀ ଯାନକୁ ଇନ୍ଧନ ଦେବ। ରିଲାଏନ୍ସ ଆସାମରେ ଏକ ମେଗା ଫୁଡ୍ ପାର୍କ ସ୍ଥାପନ କରିବାକୁ ଘୋଷଣା କରିଛି, ଯାହା ଆସାମକୁ ଦେଶ ତଥା ବିଦେଶରେ ଖାଦ୍ୟ ଏବଂ ଅଣ-ଖାଦ୍ୟ ଉପଭୋକ୍ତା ସାମଗ୍ରୀ ଯୋଗାଣକାରୀ ହେବାରେ ସହାୟକ ହେବ। ନିକଟରେ ଆସାମରେ ନିର୍ମିତ ହୋଇଥିବା କାମ୍ପା ବଟଲିଂ ପ୍ଲାଣ୍ଟ ବିଷୟରେ ସେ ମଧ ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ।

# ଓଡ଼ିଶାରେ ଆଉ ଏକ ସୋ'ରୁମ୍ ଖୋଲିଲା ମାଲାବାର



MALABAR GOLD & DIAMONDS

ଅନୁଗୁଳ (ଭାସ୍କର ନ୍ୟୁଜ୍): ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଓଡ଼ିଶାର ଅନଗୁଳଠାରେ ତାହାର ନୂଆ ସୋ'ରୁମ୍ ଖୋଲିବା ନେଇ ଘୋଷଣା କରିଛି। ଏହି ଷ୍ଟୋର୍ ମାଲାବାର୍‌ର ଓଡ଼ିଶାରେ ୫ମ ସୋ'ରୁମ୍ ହୋଇଛି, ଯାହା ୩୫୦୦ ବର୍ଗଫୁଟର ପ୍ରଶସ୍ତ ଅଞ୍ଚଳରେ ସ୍ଥାପିତ ହୋଇଛି। ଏହି ସୋ'ରୁମ୍ ଗ୍ରାହକଙ୍କୁ ଅତୁଳନୀୟ ଗହଣା କିଣାକିଣି ଅନୁଭୂତି ପ୍ରଦାନ କରିବା ଲକ୍ଷ୍ୟ ରଖିଛି, ଯାହା ପ୍ରଶସ୍ତ ଇଣ୍ଟେରିୟର ଏବଂ ପର୍ଯ୍ୟାପ୍ତ ପାର୍କିଂ ସୁବିଧାରେ ସମ୍ପୂର୍ଣ୍ଣ ରହିଛି। ସୋ'ରୁମ୍ ବ୍ୟାପକ ବର୍ଗର ଡିଜାଇନ ଓ ସମ୍ଭାର ସହିତ ଏକ ପ୍ରିମିୟମ ଅନୁଭୂତି ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଉଛି। ଅନୁଗୁଳରେ ଏହି ସୋ'ରୁମ୍ ପୂର୍ବାଞ୍ଚଳରେ ବ୍ରାଣ୍ଡର ୮ମ ଆଉଟ୍‌ଲେଟ ହୋଇଛି, ଯାହା ଦେଶରେ ଏହାର ନେତୃତ୍ୱ ସ୍ଥାନକୁ ସୁଦୃଢ଼ କରୁଛି। ଏହି ସୋ'ରୁମ୍ ଅନଗୁଳର ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ଓଡ଼ିଆ ଅଭିନେତା ସବ୍ୟସାଚୀ ମିଶ୍ର, ପରିଚାଳନାମଣ୍ଡଳୀ ସଦସ୍ୟ, ଗ୍ରାହକ ଏବଂ ଶୁଭେଚ୍ଛୁଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ଭାରତ, ମଧ୍ୟପ୍ରାଚ୍ୟ, ଆମେରିକା, ବ୍ରିଟେନ, କାନାଡା ଓ ଅଷ୍ଟ୍ରେଲିଆ ସମେତ ୧୩ଟି ରାଷ୍ଟ୍ରରେ ୩୭୫ରୁ ଅଧିକ ସୋ'ରୁମ୍ ସହିତ ବୈଶ୍ୱିକ ଉପସ୍ଥିତି ଥିବା ମାଲାବାର୍ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ତାହାର ବହୁବିଧ କଲେକ୍ସନ, ଅତୁଳନୀୟ ଗୁଣବତ୍ତା ଏବଂ ଗ୍ରାହକ-କେନ୍ଦ୍ରିକ ଆଭିମୁଖ୍ୟ ନିମନ୍ତେ ସୁଖ୍ୟାତି ଅର୍ଜନ କରିଛି। ୨୬ଟି ରାଷ୍ଟ୍ରରେ ୨୨,୦୦୦ ବହୁଭାଷୀ କର୍ମଚାରୀଙ୍କର ଏକ ଉତ୍ସର୍ଗୀକୃତ ଟିମ୍ ବଳରେ ଏହି ବ୍ରାଣ୍ଡ ବିଶ୍ୱବ୍ୟାପୀ ୧୫ ନିୟୁତରୁ ଅଧିକ ସନ୍ତୁଷ୍ଟ ଗ୍ରାହକଙ୍କୁ ସେବା ଯୋଗାଇଦେଇଛି। ଏହି ଷ୍ଟୋର୍ ବହୁବିଧ ବର୍ଗର ସୁନା, ହୀରା, ପ୍ଲାଟିନମ୍ ଏବଂ ଜେମ୍‌ଷ୍ଟୋନ ଗହଣା ଉପଲବ୍ଧ କରାଉଛି ଯାହା ବିଭିନ୍ନ ପସନ୍ଦ ଏବଂ କାର୍ଯ୍ୟକ୍ରମଗୁଡିକ ପାଇଁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ କରାଯାଇଛି। ଏହି ଷ୍ଟୋର ଉଦ୍‌ଘାଟନର ଆନନ୍ଦଦାୟକ ମୁହୂର୍ତ୍ତ ସମ୍ପର୍କରେ ପ୍ରକାଶ କରି ଏମ୍‌ପି ଅହମ୍ମଦ, ଚେୟାରମ୍ୟାନ, ମାଲାବାର ଗ୍ରୁପ୍ କହିଥିଲେ, 'ଜୀବନର ସର୍ବାଧିକ ମୂଲ୍ୟବାନ ମୁହୂର୍ତ୍ତଗୁଡିକୁ ସମ୍ମାନ ପ୍ରଦର୍ଶନ କରୁଥିବା ଗହଣା ପ୍ରସ୍ତୁତିକୁ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ରେ ଅତ୍ୟନ୍ତ ଆନନ୍ଦର ସହିତ କରୁଛୁ। ଏହାର ଆଭିଜାତ୍ୟପୂର୍ଣ୍ଣ ଡିସ୍‌ପ୍ଲେ ଏବଂ ଉପଯୁକ୍ତ ଗହଣା ବାଛିବାରେ ଗ୍ରାହକଙ୍କୁ ସହାୟତା କରିବାକୁ ଉତ୍ତମ ତାଲିମପ୍ରାପ୍ତ କର୍ମଚାରୀଙ୍କ ସହିତ ଏହି ଷ୍ଟୋର୍ ପ୍ରଥମ ଶ୍ରେଣୀର କିଣାକିଣି ଅନୁଭୂତି ଯୋଗାଇଦେବାର ଆଗ୍ରହ ରଖୁଛି। ଚିରନ୍ତନ ମାଷ୍ଟରପିସ୍‌ଗୁଡିକ ପ୍ରସ୍ତୁତ କରିବାକୁ ସର୍ବାଧୁନିକ ନବସୃଜନ ସହିତ ଯାଦୁକରୀ କାରିଗରୀର ସମ୍ମିଶ୍ରଣ ଦ୍ୱାରା ବିଶ୍ୱରେ ସର୍ବାଧିକ ପସନ୍ଦଯୋଗ୍ୟ ଜୁଏଲର ହେବା ନିମନ୍ତେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ଲକ୍ଷ୍ୟକୁ ପ୍ରଦର୍ଶିତ କରୁଛି।

# ମହାକୁମ୍ଭରେ ୩ଲକ୍ଷ କୋଟି ରାଜସ୍ୱ ଆୟ

ନୂଆଦିଲ୍ଲୀ: ଐତିହାସିକ ମହାକୁମ୍ଭ ୨୦୨୫ ବୁଧବାର ଶେଷ ହୋଇଛି। ଜାନୁଆରୀ ୧୩ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୪୫ ଦିନ ଧରି ଚାଲିଥିଲା। ଯେଉଁଥିରେ ୬୫ କୋଟିରୁ ଅଧିକ ଶ୍ରଦ୍ଧାଳୁ ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଗଙ୍ଗା ନଦୀରେ ପବିତ୍ର ବୁଡ଼ ପକାଇଥିଲେ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସରକାରଙ୍କ ପାଇଁ, ଏହି ମେଗା ଇଭେଣ୍ଟରୁ ରାଜ୍ୟକୁ ୧ ଟ୍ରିଲିୟନ ଡଲାର ଅର୍ଥନୀତି ପଥରେ ଆଣିବାର ଏକ ବଡ଼ ସୁଯୋଗ ଥିଲା। ମହାକୁମ୍ଭର ପରିମାଣ ଏବଂ ରାଜ୍ୟ ଅର୍ଥନୀତି ଉପରେ ଏହାର ପ୍ରଭାବ ବିଷୟରେ କହିବାକୁ ଯାଇ ଯୋଗୀ କହିଛନ୍ତି, "ଆଜି ବିଶ୍ୱ ଉତ୍ତର ପ୍ରଦେଶର ଯେଉଁ ସମ୍ଭାବନା ଦେଖୁଛି, ତାହାକୁ ମହାକୁମ୍ଭ ମେଳା ସହିତ ଯୋଡା ଯାଇପାରିବ। କେବଳ ମହାକୁମ୍ଭ ହିଁ ଯୁପିର ଅର୍ଥନୀତିକୁ ୩ ଲକ୍ଷ କୋଟି ଟଙ୍କାରୁ ଅଧିକ ବୃଦ୍ଧି କରିବାରେ ସାହାଯ୍ୟ କରିଛି।" ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆକଳନ କରିଛନ୍ତି ଯେ ମହାକୁମ୍ଭ ୨୦୨୫ ରାଜ୍ୟର ଅର୍ଥନୀତିରେ ୩ ଲକ୍ଷ କୋଟି ଟଙ୍କାରୁ ଅଧିକ ଯୋଗଦାନ ଦେବ। ଶିଳ୍ପ ସଂଗଠନ କନଫେଡେରେସନ ଅଫ ଅଲ ଇଣ୍ଡିଆ ଟ୍ରେଡର୍ସଅନୁଯାୟୀ, ବିଭିନ୍ନ କ୍ଷେତ୍ରର ଉଦ୍ୟୋଗୀମାନେ ଏହି ମହାନ ଆଧ୍ୟାତ୍ମିକ ସମାବେଶରେ ସାମିଲ ହୋଇଛନ୍ତି, ସେମାନେ ୨ ଲକ୍ଷ କୋଟି ଟଙ୍କାର ବ୍ୟବସାୟ ସୁଯୋଗକୁ ଆଖି ଆଗରେ ରଖିଛନ୍ତି। ଋଗଉଏ, ଟେକ ଷ୍ଟାର୍ଟ-ଅପ ଏବଂ ଫିନଟେକ କ୍ଷେତ୍ରର ପ୍ରମୁଖ ଖେଳାଳିମାନେ ସେମାନଙ୍କର ବଜାର ଉପସ୍ଥିତିକୁ ବିସ୍ତାର କରିବା ପାଇଁ ଏହି ସୁଯୋଗର ସଦୁପଯୋଗ କରୁଛନ୍ତି। ରିପୋର୍ଟ ଅନୁସାରେ ଚଳିତ କୁମ୍ଭମେଳାରେ ରାଜସ୍ୱରେ ବିପୁଳ ଅଭିବୃଦ୍ଧି ଦେଖିବାକୁ ମିଳିଛି।

# ଭାରତର ବିଶ୍ୱ ନେତୃତ୍ୱକୁ ସୁଦୃଢ଼ କରିବା ପାଇଁ ପୀୟୂଷ ଗୋୟଲଙ୍କ ଆହ୍ୱାନ

ନୂଆଦିଲ୍ଲୀ : ଇଲେକ୍ରାମା ୨୦୨୫ ର ତୃତୀୟ ଦିନରେ ଭାରତ ସରକାରଙ୍କ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଗୁରୁତ୍ୱପୂର୍ଣ୍ଣ ମୁଖ୍ୟ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଲିଡର ସୁନୀଲ ସିଂଘଭି, ପ୍ରେସିଡେଂଟ, ଆଇଇଇଏମଏ, ବିକ୍ରମ ଗାଣ୍ଡୋତ୍ରା, ପ୍ରେସିଡେଂଟ(ଇଲେକ୍ଟ)ଓ ଚେୟାରମ୍ୟାନ ଓ ସିଦ୍ଧାର୍ଥ ଭୁଟୋରିଆ, ଭାଇସପ୍ରେସିଡେଂଟ, ଆଇଇଇଏମଏଓ ଭାଇସ ଚେୟାରମ୍ୟାନ, ଇଲେକ୍ରାମା ୨୦୨୫ ଙ୍କ ଉପସ୍ଥିତିରେ, ପୀୟୂଷ ଗୋୟଲ ଘରୋଇ ଉତ୍ପାଦନକୁ ସୁଦୃଢ଼ କରିବା, ସ୍ୱଚ୍ଛ ଶକ୍ତି ଗ୍ରହଣକୁ ପ୍ରୋତ୍ସାହିତ କରିବା ଏବଂ ଉଦ୍ଭାବନ ତଥା ସହଯୋଗ ମାଧ୍ୟମରେ ଭବିଷ୍ୟତରେ ପ୍ରସ୍ତୁତ ଶକ୍ତି କ୍ଷେତ୍ର ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ତାଙ୍କ ଅଭିଭାଷଣ ସ୍ଥାୟୀ ଶକ୍ତି ସମାଧାନ କ୍ଷେତ୍ରରେ ଭାରତର ବିଶ୍ୱସ୍ତରୀୟ ନେତୃତ୍ୱ ନେବାର ଲକ୍ଷ୍ୟକୁ ସୁଦୃଢ଼ କରିଥିଲା ଏବଂ ନୀତି ସମର୍ଥନ, ରଣନୈତିକ ଶିଳ୍ପ ସହଭାଗୀତା ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳରେ ପୁଁଜିନିବେଶର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲା। କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋଏଲ ଭାରତର ବୈଦ୍ୟୁତିକ ଉଦ୍ୟୋଗକୁ ଏକ ସମନ୍ୱିତ ବିଶ୍ୱସ୍ତରୀୟ ପ୍ରଦର୍ଶନୀ ପ୍ଲାଟଫର୍ମ ନିର୍ମାଣ କରିବାକୁ ଅନୁରୋଧ କରିଛନ୍ତି, ଯାହା ଭାରତକୁ ବୈଦ୍ୟୁତିକ ଏବଂ ଶକ୍ତି ସମାଧାନ ପାଇଁ ବିଶ୍ୱସ୍ତରୀୟ ଗନ୍ତବ୍ୟସ୍ଥଳ ଭାବରେ ସ୍ଥାନିତ କରିଛି । ଇଲେକ୍ରାମାଠାରେ ଉଦବୋଧନ ଦେଇ ସେ ଇଲେକ୍ରାମା ଏବଂ ଅନ୍ୟ ଶିଳ୍ପ ଭିତିକ ପ୍ରଦର୍ଶନୀ ସମେତ ପ୍ରମୁଖ ପ୍ରଦର୍ଶନୀଗୁଡ଼ିକୁ ଗୋଟିଏ ପ୍ରଦର୍ଶନୀରେ ମିଶ୍ରଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ଭାରତକୁ ବିଶ୍ୱସ୍ତରୀୟ ପ୍ଲେୟାରମାନଙ୍କ ପାଇଁ ୱାନ-ଷ୍ଟପ୍ ସପ୍ ରେ ପରିଣତ କରିବ । ଏହି ଦୃଷ୍ଟିକୋଣକୁ ବାସ୍ତବ ରୂପ ଦେବା ଦିଗରେ ଶିଳ୍ପ ସଂଘଗୁଡ଼ିକ ନେତୃତ୍ୱ ନେବାର ଆବଶ୍ୟକତା ଉପରେ ସେ ପୁନଶ୍ଚ ଗୁରୁତ୍ୱାରୋପ କରିବା ସହ ଭାରତର ଘରୋଇ କ୍ଷେତ୍ରକୁ ସୁଦୃଢ଼ କରିବା ସହିତ ରପ୍ତାନି ଏବଂ ବୈଶ୍ୱିକ ସହଭାଗୀତାକୁ ବିସ୍ତାର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ଦିନରେ ଭାରତ ବିଦ୍ୟୁତ୍ ଓ ଶକ୍ତି କ୍ଷେତ୍ରରେ ଦ୍ରୁତ ଗତିରେ ଉତ୍ପାଦନ କ୍ଷମତା ବୃଦ୍ଧି କରିବା ସହ କୋଟି କୋଟି ଡଲାର ରପ୍ତାନି ବଜାର ଦଖଲ କରିବାକୁ ଲକ୍ଷ୍ୟ ରଖିଛି। ଅକ୍ଷୟ ଶକ୍ତି ସମ୍ପ୍ରସାରଣ, ସ୍ମାର୍ଟ ଗ୍ରିଡରେ ଅଗ୍ରଗତି ଏବଂ ଡିଜିଟାଲ ଅଟୋମେସନ୍ ବ୍ୟବସାୟପାଇଁ ସହଯୋଗ, ସହ-ସୃଷ୍ଟି ଏବଂ ଭାରତକୁ ବୈଦ୍ୟୁତିକ ସମାଧାନ ପାଇଁ ବିଶ୍ୱସ୍ତରୀୟ ପାୱାରହାଉସ୍ ଭାବରେ ପ୍ରତିଷ୍ଠା କରିବା ପାଇଁ ନୂତନ ସୁଯୋଗ ସୃଷ୍ଟି କରୁଛି ବୋଲି ଶ୍ରୀ ଗୋୟଲ ଆଲୋକପାତ କରିଥିଲେ । ରିଭର୍ସ ବାୟରସେଲରମିଟ୍ (ଆରବିଏସ୍‌ଏମ୍)ରେ ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟର ଜଏଂଟ ସେକ୍ରେଟାରି ବିମଳ ଆନନ୍ଦଙ୍କ ଦ୍ୱାରା ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ସହିତ ଏହି ଦିବସ ଏକ ମାଇଲଖୁଂଟ ଥିଲା, ଯାହା ଶିଳ୍ପ ସହଯୋଗ ଏବଂ ଅନ୍ତର୍ଜାତୀୟ ଭାଗିଦାରୀକୁ ସୁଦୃଢ଼ କରିବା ପାଇଁ ମାର୍ଗ ପ୍ରଶସ୍ତ କରିଥିଲା । ଏହି ବୁଝାମଣା ବିଶ୍ୱ ବଜାର ସୁଯୋଗର ସମ୍ପ୍ରସାରଣ, ପୁଁଜିନିବେଶକୁ ପ୍ରୋତ୍ସାହିତ କରିବା ଏବଂ ଭାରତର ଶକ୍ତି କ୍ଷେତ୍ରରେ ପ୍ରଯୁକ୍ତି ଭିତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ଅବସରରେ ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟର ଜଏଂଟ ସେକ୍ରେଟାରି ବିମଳ ଆନନ୍ଦ କହିଛନ୍ତି ଯେ 'ଖୁବ୍ ଶୀଘ୍ର, ଆମେ ଚିନ୍ତା କରୁଥିଲୁ ଯେ ୨୦୩୦ ସୁଦ୍ଧା ଆମେ ଜିଡିପି ଦୃଷ୍ଟିରୁ ତୃତୀୟ ବୃହତମ ଅର୍ଥନୀତି ରେ ପରିଣତ ହେବୁ, କିନ୍ତୁ ଆସନ୍ତା ବର୍ଷ ସୁଦ୍ଧା, ଆମେ ବାସ୍ତବରେ ସେହି ସଫଳତାକୁ ଆଗୁଆ ହାସଲ କରିବାକୁ ଯାଉଛୁ ଏବଂ ଆମେ ସମ୍ଭବତଃ ପରବର୍ତୀ ବର୍ଷରେ ତୃତୀୟ ବୃହତମ ଅର୍ଥନୀତି ରେ ପରିଣତ ହେବାକୁ ଯାଉଛୁ।' ସ୍ୱଚ୍ଛ ଶକ୍ତି, କାର୍ବନ ବଜାର, ଶକ୍ତି ସଂରକ୍ଷଣ ଏବଂ ବିଦ୍ୟୁତ୍ ଉତ୍ପାଦନରେ ଡିଜିଟାଲ ପରିବର୍ତନ ବିଷୟରେ ଆଲୋଚନା କରିବା ପାଇଁ ବିଶେଷଜ୍ଞମାନଙ୍କୁ ଏକାଠି କରି ଇଟେକନେକ୍ସଟକନଫରେନ୍ସର ପଂଚମ ସଂସ୍କରଣ ଉଦଘାଟିତ ହୋଇଥିଲା। ଏହି ଅବସରରେ ଜର୍ମାନୀ ଦୂତାବାସ, ଭାରତ ରାଷ୍ଟ୍ରଦୂତ ମହାମହିମ ଡ. ଫିଲିପ୍ ଆକରମାନ୍‌ଙ୍କ ନେତୃତ୍ୱରେ 'ଭାରତ, ବିଶ୍ୱମିତ୍ର' ଶୀର୍ଷକ ଏକ ଗୋଲଟେବୁଲ ବୈଠକ ଅନୁଷ୍ଠିତ ହୋଇଥିଲା।



ବେଙ୍ଗାଲୁରୁ: ବୟସ ଜାଲିଆତି ମାମଲାରେ କର୍ଣ୍ଣାଟକ ପୋଲିସ ବ୍ୟାଡ଼ମିଣ୍ଟନ୍ ତାରକା ଲକ୍ଷ୍ୟ ସେନ୍, ତାଙ୍କ ପରିବାର ଓ ପ୍ରଶିକ୍ଷକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ସୁପ୍ରିମକୋର୍ଟ ମଙ୍ଗଳବାର ରହିତାଦେଶ ଜାରି କରିଛନ୍ତି। ଜଷ୍ଟିସ୍ ସୁଧାଂଶୁ ଧୁଲିଆ ଓ କେ ବିନୋଦ ଚନ୍ଦ୍ରନ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାରେ କର୍ଣ୍ଣାଟକ ସରକାର ଏବଂ ଅଭିଯୋଗକାରୀ ଏମ୍ ?ଜି ନାଗରାଜଙ୍କୁ ନୋଟିସ୍ ଜାରି କରିଛନ୍ତି। ନାଗରାଜ ଅଭିଯୋଗ କରିଥିଲେ ଯେ ବିଭିନ୍ନ ବୟସବର୍ଗ ପ୍ରତିଯୋଗିତା ଖେଳିବା ଲାଗି ଲକ୍ଷ୍ୟ, ତାଙ୍କ ଭାଇ ଚିରାଗ, ମାତା-ପିତା ଓ ପ୍ରଶିକ୍ଷକଙ୍କ ସହ ଯୋଜନାବଦ୍ଧ ଭାବେ ନିଜନିଜ ବୟସକୁ ଅଢ଼େଇ ବର୍ଷ ପର୍ଯ୍ୟନ୍ତ କମାଇ ଦେଇଥିଲେ। ଜାଲ ଜନ୍ମଗତ ପ୍ରମାଣପତ୍ର ପ୍ରସ୍ତୁତ କରି ଏଭଳି କାରନାମା କରିଥିଲେ। ଲକ୍ଷ୍ୟ କିନ୍ତୁ ଏହି ଅଭିଯୋଗକୁ ଖଣ୍ଡନ କରିଥିଲେ। ନାଗରାଜଙ୍କ ଅଭିଯୋଗ ଆଧାରରେ କର୍ଣ୍ଣାଟକ ପୁଲିସ ଲକ୍ଷ୍ୟ ଏବଂ ଅନ୍ୟମାନଙ୍କ ବିରୋଧରେ ଫୌଜଦାରି ମାମଲା ଦାୟର କରିଥିଲା। କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟ ମଧ ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଲକ୍ଷ୍ୟ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଆଇଆଇସି ଦିନିକିଆ ମାନ୍ୟତା: ଟପ୍-୫ରେ କୋହଲି



ନୂଆଦିଲ୍ଲୀ: ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ(ଆଇସିସି) ବୁଧବାର ସଦ୍ୟତମ ଦିନିକିଆ ମାନ୍ୟତା ଜାରି କରିଛି। ଭାରତର ତାରକା ବ୍ୟାଟର ବିରାଟ କୋହଲି, ଦ୍ରୁତ ବୋଲର ମହମ୍ମଦ ଶାମି ଓ ସ୍ପିନର କୁଲଦୀପ ଯାଦବ ଗୋଟିଏ ଲେଖାଏଁ ସ୍ଥାନ ଉପରକୁ ଉଠିଛନ୍ତି। କୋହଲି ୭୪୩ ରେଟିଂ ପଏଣ୍ଟ ସହ ପୁଣି ଥରେ ଟପ୍-୫ରେ ପ୍ରବେଶ କରିଛନ୍ତି। ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ କୋହଲି ପାକିସ୍ତାନ ବିପକ୍ଷରେ ୧୧୧ ବଲ୍‌ରୁ ୧୦୦ ରନର ଅପରାଜିତ ଇନିଂସ ଖେଳିଥିଲେ। କୋହଲିଙ୍କ ଦିନିକିଆରେ ୫୧ତମ ଓ ମୋଟ୍ ଉପରେ ୮୨ ଅନ୍ତର୍ଜାତୀୟ ଶତକ ହାସଲ କରିଥିଲେ। ଦିନିକିଆ ଟପ୍-୧୦ ବ୍ୟାଟର ତାଲିକାରେ ଭାରତୀୟ ଖେଳାଳିଙ୍କ ଦବଦବା ଦେଖିବାକୁ ମିଳିଛି। ଯୁବ ଓପନର ଶୁଭମନ ଗିଲ୍ ୮୧୭ ରେଟିଂ ସହ ଶୀର୍ଷରେ ଅଛନ୍ତି। ଅଧିନାୟକ ରୋହିତ ଶର୍ମା(୭୫୭) ତୃତୀୟ, ବିରାଟ କୋହଲି(୭୪୩) ପଞ୍ଚମ ଓ ଶ୍ରେୟସ ଆୟର(୬୭୯) ନବମ ସ୍ଥାନକୁ ଉଠିଛନ୍ତି। ପାକିସ୍ତାନର ତାରକା ବ୍ୟାଟର ବାବର ଆଜମ(୭୭୦) ଦ୍ୱିତୀୟରେ ରହିଛନ୍ତି। ଭାରତର ୱିକେଟ୍ କିପର ବ୍ୟାଟର କେଏଲ ରାହୁଲ ଦୁଇଟି ସ୍ଥାନ ଉପରକୁ ଉଠି ୧୫ତମ ସ୍ଥାନରେ ପହଞ୍ଚିଛନ୍ତି। ବୋଲିଂ ମାନ୍ୟତାରେ ମହମ୍ମଦ ଶାମି(୫୯୯) ୧୪ତମ ସ୍ଥାନରେ ପହଞ୍ଚିଛନ୍ତି। ବାଂଲାଦେଶ ବିପକ୍ଷରେ ୫୩ ରନ ଦେଇ ୫ ୱିକେଟ୍ ନେଇଥିଲେ ଶାମି। କିନ୍ତୁ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ କୌଣସି ୱିକେଟ୍ ମିଳି ନ ଥିଲେ ହେଁ ମାନ୍ୟତାରେ ଗୋଟିଏ ସ୍ଥାନ ଉନ୍ନତି ଘଟାଇଛନ୍ତି। କୁଲଦୀପ ଯାଦବ ୬୫୬ ପଏଣ୍ଟ ସହ ତୃତୀୟରେ ରହିଛନ୍ତି। ସେ ହିଁ ଏକମାତ୍ର ଭାରତୀୟ ବୋଲର ଭାବେ ଟପ୍-୧୦ରେ ରହିଛନ୍ତି। ଶ୍ରୀଲଙ୍କାର ସ୍ପିନର ମହେଶ ତୀକ୍ଷଣା(୬୮୯) ଶୀର୍ଷରେ ରହିଛନ୍ତି। ଆଫଗାନିସ୍ତାନର ସ୍ପିନର ରଶିଦ ଖାନ(୬୫୮) ଦ୍ୱିତୀୟ ଓ ଦକ୍ଷିଣ ଆଫ୍ରିକାର କେଶବ ମହାରାଜ (୬୪୧) ଚତୁର୍ଥ ସ୍ଥାନରେ ରହିଛନ୍ତି। ନ୍ୟୁଜିଲାଣ୍ଡର ଦ୍ରୁତ ବୋଲର ମ୍ୟାଟ ହେନରୀ ଦୁଇଟି ସ୍ଥାନ ଉପରକୁ ଚଢ଼ି ଷଷ୍ଠ ସ୍ଥାନକୁ ଉଠିଛନ୍ତି। ଅଷ୍ଟ୍ରେଲିଆର ସ୍ପିନର ଆଡମ ଜାମ୍ପା ଦୁଇଟି ସ୍ଥାନ ଉନ୍ନତି ଘଟାଇ ଟପ୍-୧୦ରେ ପ୍ରବେଶ କରିଛନ୍ତି।

## ବିପର୍ଯ୍ୟୟ ଘଟାଇଲା ଆଫଗାନିସ୍ତାନ, ଟୁର୍ଣ୍ଣାମେଣ୍ଟରୁ ଇଂଲଣ୍ଡ ବିଦା

# ୮ ରନ୍‌ରେ ଜିତିଲା ଆଫ୍‌ଗାନିସ୍ତାନ



ଲାହୋର: ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ବଡ଼ ବିପର୍ଯ୍ୟୟ ଘଟାଇଛି ଆଫଗାନିସ୍ତାନ। ଆଜି ଗଦ୍ଦାଫି ଷ୍ଟାଡିୟମରେ ଖେଳାଯାଇଥିବା ଟୁର୍ଣ୍ଣାମେଣ୍ଟର ଅଷ୍ଟମ ମୁକାବିଲାରେ ଆଫଗାନିସ୍ତାନ ଇଂଲଣ୍ଡକୁ ୮ ରନରେ ହରାଇଛି। ରୋମାଞ୍ଚକର ବିଜୟ ସହ ଆଫଗାନିସ୍ତାନର ସେମି ଫାଇନାଲ୍‌ର ଆଶା ଉଜ୍ଜୀବିତ ରହିଥିବା ବେଳେ ପରାଜୟ ସହ ଇଂଲଣ୍ଡ ଚାମ୍ପିଅନ୍ସ ଟ୍ରଫିରୁ ବିଦା ହୋଇଛି। ଜୋ ରୁଟ୍‌ଙ୍କ ଶତକ ଉପରେ ଇବ୍ରାହିମ ଜଦ୍ରାନଙ୍କ ୧୭୭ ରନର ଇନିଂସ ଭାରି ପଡ଼ିଛି। ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ଜଦ୍ରାନଙ୍କ ୧୭୭ ରନ ଇନିଂସ ବଳରେ ୭ ୱିକେଟ୍ ହରାଇ ୩୨୫ ରନ କରିଥିଲା। ଜବାବରେ ଇଂଲଣ୍ଡ ଜୋ ରୁଟ୍‌ଙ୍କ ୧୨୦ ରନ ଇନିଂସ ସତ୍ତ୍ୱେ ୩୧୭ ରନରେ ଅଲଆଉଟ୍ ହୋଇଛି। ବିଶେଷ କରି ଶେଷ ୩ ଓଭରରେ ଆଫଗାନିସ୍ତାନ ମ୍ୟାଚ୍‌ର ଗତିପଥ ବଦଳାଇ ଇଂଲଣ୍ଡ ହାତରୁ ବିଜୟ ଛଡ଼ାଇ ଆଣିଛି। ଅଜମତୁଲ୍ଲା ଉମରଜାଇ ୫ ୱିକେଟ୍ ନେଇ ଦଳ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଅନ୍ୟପଟେ ଆଫଗାନିସ୍ତାନ ଏବେ ବି ସେମିଫାଇନାଲ ଦୌଡ଼ରେ ରହିଛି। ଏବେ ଏହାର ପରବର୍ତ୍ତୀ ମ୍ୟାଚ୍ ଅଷ୍ଟ୍ରେଲିଆ ବିପକ୍ଷରେ ରହିଛି। ଯଦି ଆଫଗାନିସ୍ତାନ ଦଳକୁ ସେମିଫାଇନାଲରେ ପ୍ରବେଶ କରିବାକୁ ପଡ଼େ, ତେବେ ତାକୁ ଯେକୌଣସି ମୂଲ୍ୟରେ କଙ୍ଗାରୁ ଦଳକୁ ପରାସ୍ତ କରିବାକୁ ପଡ଼ିବ। ଆଫଗାନିସ୍ତାନ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ମ୍ୟାଚ୍ ୨୮ ଫେବୃଆରୀରେ ଲାହୋରରେ ଅନୁଷ୍ଠିତ ହେବ।

# ରାଜ୍ୟସ୍ତରୀୟ ପୂର୍ବକୋଟ ପ୍ରିମିଅର ଲିଗ୍: ଏମ୍‌ଏଚ୍‌ସିସି ତେନ୍ତୁଲିଖୁଣ୍ଟା ଚାମ୍ପିଅନ୍



ରଗଡି (ଭାସ୍କର ନ୍ୟୁଜ): କୋରେଇ ବ୍ଲକ କନ୍ତୋରପଞ୍ଚାୟତ ପୂର୍ବକୋଟ ଚାଣକ୍ୟ ଫାଉଣ୍ଡେସନ ପ୍ରାୟୋଜିତ ରୟାଲ ବ୍ରଦର୍ସ ଆୟୋଜିତ ସ୍ଥାନୀୟ ତାରିଣୀ ଖେଳ ପଡିଆରେ ତିନିଦିନ ଧରି ଚାଲିଥିବା ଚତୁର୍ଥ ବାର୍ଷିକ ପୂର୍ବକୋଟ ପ୍ରିମିଅର ଲିଗ ରାତ୍ରି କାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଭଦ୍ରକକୁ ହରାଇ ତେନ୍ତୁଲି ଖୁଣ୍ଟା ଚାମ୍ପିଅନ ହୋଇଛି। ପ୍ରଥମ ସେମିଫାଇନ ଅଘୋରୀ ୧୧ କଟକ ଓ ଏମ୍‌ଏଚ୍‌ସିସି ତେନ୍ତୁଲି ଖୁଣ୍ଟା ମଧ୍ୟରେ ହୋଇଥିଲା। ଅଘୋରୀ ୧୧ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ଓଭରରେ ୬ୱିକେଟ ହରାଇ ୫୫ରନ ସଂଗ୍ରହ କରିଥିଲା। ତେନ୍ତୁଲିଖୁଣ୍ଟା ୨.୧ଓଭରରେ ୧ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ସେମିଫାଇନଲ ମ୍ୟାଚ୍ ଇଲେଭେନ ଭଦ୍ରକ ଓ ଲକି ଇଲେଭେନ ଚଣ୍ଡିଖୋଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭଦ୍ରକ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ଓଭରରେ ୫ୱିକେଟ ହରାଇ ୯୭ରନ କରିଥିଲା। ଜବାବରେ ଚଣ୍ଡିଖୋଲ ସମସ୍ତ ଓଭର ଖେଳି ୬ୱିକେଟରେ ୬୧ରନ କରିବାକୁ ସକ୍ଷମ ହୋଇଥିଲା। ଫାଇନାଲ ମ୍ୟାଚରେ ତେନ୍ତୁଲିଖୁଣ୍ଟା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ଓଭରରେ ୨ୱିକେଟ ହରାଇ ୧୨୫ରନ କରିଥିବା ବେଳେ ଭଦ୍ରକ ନିର୍ଦ୍ଧାରିତ ଓଭରରେ ୮ୱିକେଟ ହରାଇ ୬୦ରନ କରି ପରାଜିତ ହୋଇଥିଲା। ଖେଳକୁ ସୁରେଶ କୁମାର ବିଶ୍ୱାଳ, ପ୍ରାଣନାଥ ଜେନା, ଦେବେନ୍ଦ୍ର ଚକ୍ର, ରାଜେନ୍ଦ୍ର କୁମାର ଦାସ, ଅନୀଲ ସେଠୀ ଓ ସନ୍ତୋଷ କୁମାର ବଳ ପରିଚାଳନା କରିଥିଲେ। ଭାଷ୍ୟକାର ଶିବଶକ୍ତି ମହାପାତ୍ରଙ୍କ ସଂଚାଳନାରେ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି କୋରେଇ ବିଧାୟକ ଆକାଶ ଦାସ ନାୟକ ଯୋଗଦେଇ ପ୍ରତିଦ୍ୱନ୍ଦୀ ନହୋଇ ପ୍ରତିଯୋଗୀ ହେବାକୁ ପରାମର୍ଶ ଦେବା ସହ ଖେଳ ଭାଇଚାରା ବୃଦ୍ଧି ଓ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ଶିକ୍ଷା ଦେଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଆଇନଜୀବୀ ଧନେଶ୍ୱର ବାରିକ, ଚାଣକ୍ୟ ଫାଉଣ୍ଡେସନ ଅଧ୍ୟକ୍ଷସୁଶାନ୍ତ କୁମାର ବାହାଲିଆ, ପୂର୍ବତନ ସରପଞ୍ଚ ରୁନୁ ଭୂୟାଁ ଓ ଦିପ୍ତିମୟୀ କୁଅଁର, ସରପଞ୍ଚ ସାରଙ୍ଗଧର ପ୍ରଧାନ, ବିଷ୍ଣୁ ରଥ ଓ ସତ୍ୟାନନ୍ଦ ମହାପାତ୍ର, ଉଦୟ ପରିଡା, ନିରଞ୍ଜନ ଘଡେଇ, ପୂର୍ବତନ ସମିତି ସଭ୍ୟ ଅଶୋକ ବାରିକ, ବିଜେପି ନେତ୍ରୀ ଶ୍ରୀମୟୀ ନାୟକ ଓ ଜୟନ୍ତୀ ସାହୁ ତଥା ବରିଷ୍ଠ ସାମ୍ବାଦିକ ପବିତ୍ର ମୋହନ ରାଉତ ରାୟ ପ୍ରମୁଖ ଯୋଗ ଦେଇଥିଲେ। ବିଜେତା ଦଳକୁ ୫୫ହଜାର ଓ ଉପ ବିଜେତାକୁ ୩୩ ହଜାର ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଏଥିରେ ୮ଟି ଦଳ ଭାଗ ନେଇଥିଲେ। ସମସ୍ତ ଅତିଥି ଓ ସହଯୋଗୀଙ୍କୁ ତାରିଣୀଙ୍କ ଫଟୋ ଚିତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ : ବାଘା ଚାମ୍ପିଅନ୍



ଛତ୍ରପୁର (ଭାସ୍କର ନ୍ୟୁଜ୍) : ଛତ୍ରପୁର ଷ୍ଟେସନ ରୋଡ଼ ଖାନ କମ୍ପ୍ଲେକ୍ସ ଠାରେ ଲକ୍ଷୟନ୍ସ ସିକ୍ସ ପକ୍ଷରୁ ୭ ଦିନ ଧରି ଚାଲିଥିବା ଭଲିବଲ ଟର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଛତ୍ରପୁର ଏନଏସି ଉପାଧକ୍ଷ ଜି. ପାପା ରାଓ ଗତ ୧୮ ତାରିଖରେ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୮ ଟି ଦଳ ଭାଗନେଇଥିଲେ। ବୁଧିବାର ଫାଇନାଲ ଦିବସରେ ଗଞ୍ଜାମ ସହରର ବାଘା ସିକ୍ସ ସହିତ ଛତ୍ରପୁରର ମା' ଶ୍ୟାମକାଳୀ ସିକ୍ସ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଘା ସିକ୍ସ ୩-୨ ସେଟରେ ବିଜୟ ଲାଭ କରି ଚମ୍ପିୟାନ ହୋଇଥିଲା। ଉଦଯାପନି ଦିବସରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଏନ୍ ଦୁର୍ଯ୍ୟୋଧନ ରେଡି, ସୀମାଞ୍ଚଳ ପଣ୍ଡା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ବିଜୟୀ ଓ ପରାଜୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଲକ୍ଷୟନ୍ସ ସିକ୍ସ ସଭାପତି ସୂର୍ଯ୍ୟ ନାରାୟଣ ନାୟକଙ୍କ ତତ୍ତ୍ୱାବଧାନରେ ଏହି ଟୁର୍ଣ୍ଣାମେଣ୍ଟକୁ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଚାମ୍ପିଅନ୍ ଟ୍ରଫି ସୁରକ୍ଷାକୁ ନେଇ ବିବାଦ



ନୂଆଦିଲ୍ଲୀ: ପାକିସ୍ତାନ ଏଥର ଚାମ୍ପିଅନ୍ସ ଟ୍ରଫିର ଆୟୋଜନ କରୁଛି। ପ୍ରାୟ ୨୯ ବର୍ଷ ପରେ କୌଣସି ଟୁର୍ନାମେଣ୍ଟର ଆୟୋଜକ ଦାୟିତ୍ୱ ପାକିସ୍ତାନକୁ ମିଳିଛି, ହେଲେ ଏହାର ଟିମ୍ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛି। ଏସବୁ ମଧ୍ୟରେ ଚାମ୍ପିଅନ୍ସ ଟ୍ରଫିକୁ ନେଇ ନୂଆ ବିବାଦ ସାମ୍ନାକୁ ଆସିଛି। ଏଠାରେ ୧୦୦ରୁ ଅଧିକ ପୋଲିସ କର୍ମଚାରୀ ଟୁର୍ନାମେଣ୍ଟରେ ଡ୍ୟୁଟି କରିବାକୁ ମନା କରିଦେଇଛନ୍ତି। ଜାତୀୟ ଗଣମାଧ୍ୟମ ରିପୋର୍ଟ ମୁତାବକ, ପାକିସ୍ତାର ପଞ୍ଜାବ ଅଞ୍ଚଳର ୧୦୦ରୁ ଅଧିକ ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି। କାରଣ ସେମାନେ ଚାମ୍ପିଅନ୍ସ ଟ୍ରଫି ସମୟରେ ଡ୍ୟୁଟି କରିବାକୁ ମନା କରିଦେଇଥିଲେ। ଏହି ପୋଲିସ କର୍ମଚାରୀମାନେ ଲାହୋରର ଗଦ୍ଦାଫି ଷ୍ଟାଡିୟମରୁ ହୋଟେଲ୍ ଯାଏ ଦଳର ସୁରକ୍ଷା ଲାଗି ନିୟୋଜିତ ହୋଇଥିଲେ। ତେବେ ସେ ଅଧିକ ସମୟ ଡ୍ୟୁଟି କରିବା ଯୋଗୁ ଅତ୍ୟଧିକ ବୋଝ ଅନୁଭବ କରୁଥିଲେ। ପଞ୍ଜାବ ପୋଲିସର ଜଣେ ଅଧିକାରୀ କହିଛନ୍ତି, ପୋଲିସ କର୍ମଚାରୀମାନେ ଷ୍ଟାଡିୟମରୁ ହୋଟେଲ୍‌ଗୁଡ଼ିକ ମଧ୍ୟରେ ଖେଳାଳିମାନେ ଯାତ୍ରା କରିବା ସମୟରେ ସୁରକ୍ଷା ପ୍ରଦାନ କରିବାକୁ ନିୟୋଜିତ ହୋଇଥିଲେ। ହେଲେ ସେ ଅନୁପସ୍ଥିତ ରହିବା ସହ ନିଜ ଦାୟିତ୍ୱ ସମ୍ପାଦନ କରିବାକୁ ମନା କରିଥିଲେ। ଏନେଇ ଆଇଜିପି ପଞ୍ଜାବ ଉସମାନ ଅନୱର ଙ୍କ ନିକଟରେ ଅଭିଯୋଗ ପହଞ୍ଚିବା ପରେ ସେ ପୋଲିସ କର୍ମଚାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନର ଆଦେଶ ଦେଇଛନ୍ତି। ଯେତେବେଳେ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ସୁରକ୍ଷା ପ୍ରସଙ୍ଗ ଉଠେ, ସେତେବେଳେ ଅବହେଳାର ପ୍ରଶ୍ନ ନଥାଏ ବୋଲି ସେ କହିଛନ୍ତି।

## କୋହଲିଙ୍କୁ ପ୍ରଶଂସା କଲେ ପଣ୍ଟିଂ

ଦୁବାଇ: ବିରାଟ କୋହଲିଙ୍କୁ ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଂ ପ୍ରଶଂସା କରି କହିଛନ୍ତି ଯେ, ମୁଁ ବିରାଟ କୋହଲିଙ୍କଠାରୁ ଭଲ ଦିନିକିଆ ବ୍ୟାଟର ଦେଖି ନାହିଁ। ଏଥିସହିତ କୋହଲି ୫୦ ଓଭର ଫର୍ମାଟରେ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ନାମରେ ଥିବା ସର୍ବାଧିକ ରନ କରିବାର ରେକର୍ଡକୁ ପଛରେ ପକାଇପାରନ୍ତି ବୋଲି ସେ ଆଶା ବ୍ୟକ୍ତି କରିଛନ୍ତି। ଗତ ରବିବାର ପାକିସ୍ତାନ ବିପକ୍ଷରେ ଖେଳାଯାଇଥିବା ଚାମ୍ପିୟନ୍ସ ଟ୍ରଫି ମ୍ୟାଚରେ କୋହଲି ଅପରାଜିତ ୧୦୦ ରନ କରିଥିଲେ, ଯାହାକି ତାଙ୍କ କ୍ୟାରିୟରର ୫୧ତମ ଦିନିକିଆ ଶତକ ଥିଲା। ଦିନିକିଆରେ ସର୍ବାଧିକ ରନ କରିଥିବା ବ୍ୟାଟରଙ୍କ ତାଲିକାରେ କୋହଲି ମୋତେ ଅତିକ୍ରମ କରିଛନ୍ତି। ଏହି ତାଲିକାରେ ବର୍ତ୍ତମାନ ଦୁଇ ଜଣ ତାଙ୍କଠାରୁ ଆଗରେ ଅଛନ୍ତି। ମୁଁ ନିଶ୍ଚିତ ଯେ, ଦିନିକିଆରେ ସର୍ବାଧିକ ରନ ସ୍କୋରର ହେବା ପାଇଁ ସେ ନିଜକୁ ଶ୍ରେଷ୍ଠ ସୁଯୋଗ ଦେବେ। ସେ ଶାରୀରିକ ଭାବେ ପୂର୍ବ ଭଳି ପୂରା ଫିଟ ଅଛନ୍ତି ଏବଂ ସେ ଖୁବ୍ ଅଭ୍ୟାସ ମଧ କରୁଛନ୍ତି। ସେ ଏବେ ବି ସଚିନଙ୍କଠାରୁ ୪ ହଜାର ରନ ପଛରେ ଅଛନ୍ତି। କିନ୍ତୁ କୋହଲିଙ୍କୁ କଦାପି ଅଣଦେଖା କରାଯାଇ ପାରିବ ନାହିଁ ବୋଲି ପଣ୍ଟିଂ ଆଇସିସି ରିଭ୍ୟୁରେ କହିଛନ୍ତି।

# ପାକିସ୍ତାନରେ ଶେଷ ହୋଇଯିବ କ୍ରିକେଟ୍: ଇମ୍ରାନ୍

ଇସଲାମାବାଦ: ବିଶ୍ୱକପ ବିଜେତା ପୂର୍ବତନ ଅଧିନାୟକ ଇମ୍ରାନ୍ ଖାନ ଭାରତଠାରୁ ପାକିସ୍ତାନର ପରାଜୟ ଏବଂ ଚାମ୍ପିଅନ୍ସ ଟ୍ରଫିରୁ ବିଦାୟ ଉପରେ ନିରାଶା ପ୍ରକାଶ କରିଛନ୍ତି। ତାଙ୍କ ଭଉଣୀ ଆଲିମା ଖାନ ଏହି ସୂଚନା ଦେଇଛନ୍ତି। ରାୱଲପିଣ୍ଡିର ଆଦିଆଲା ଜେଲରେ ପୂର୍ବତନ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପରେ, ଆଲିମା ପ୍ରକାଶ କରିଛନ୍ତି ଯେ ୨୩ ଫେବୃଆରୀ ରବିବାର ଦୁବାଇରେ ପାକିସ୍ତାନର ଚିରପ୍ରତିଦ୍ୱନ୍ଦ୍ୱୀ ବିପକ୍ଷରେ ଖରାପ ପ୍ରଦର୍ଶନରେ ଇମ୍ରାନ ବିରକ୍ତ ଭାବ ପ୍ରକାଶ କରିଛନ୍ତି। ଭାରତ ବିପକ୍ଷରେ ଖେଳାଯାଇଥିବା ମ୍ୟାଚରେ ପାକିସ୍ତାନକୁ ୬ ଉଇକେଟ୍‌ରେ ପରାଜୟର ସାମ୍ନା କରିବାକୁ ପଡିଥିଲା। ଏହି ମ୍ୟାଚରେ ବିରାଟ କୋହଲି ଟିମ ଇଣ୍ଡିଆ ପାଇଁ ଏକ ଚମତ୍କାର ସଟ ମାରିଥିଲେ। ସୂଚନା ଅନୁଯାୟୀ, ଆଲିମା କହିଛନ୍ତି, ପିଟିଆଇ (ପାକିସ୍ତାନ ତେହେରିକ-ଏ-ଇନସାଫ) ପ୍ରତିଷ୍ଠାତା ଭାରତ ବିପକ୍ଷରେ ମ୍ୟାଚ ହାରିବା ପାଇଁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଇମ୍ରାନ ଖାନ ଜେଲରେ ଥିବା ସମୟରେ ମ୍ୟାଚ ଦେଖିଥିଲେ। ଇମ୍ରାନ୍ ଖାନ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମୁଖ୍ୟ ମୋହସିନ ନକଭିଙ୍କ ଦକ୍ଷତା ଉପରେ ମଧ ପ୍ରଶ୍ନ ଉଠାଇଛନ୍ତି ଏବଂ କ୍ରିକେଟ ପ୍ରଶାସନର ଶୀର୍ଷ ପଦବୀରେ ବର୍ତ୍ତମାନର ସରକାରଙ୍କ ନିଯୁକ୍ତି ଉପରେ ନିରାଶା ପ୍ରକାଶ କରିଛନ୍ତି। ଆଲିମା କହିଛନ୍ତି, ଇମ୍ରାନ୍ କହିଛନ୍ତି, ଯେତେବେଳେ ପ୍ରିୟ ଖେଳାଳିମାନଙ୍କୁ ନିଷ୍ପତ୍ତି ନେବାର ପଦବୀରେ ରଖାଯାଏ, ସେତେବେଳେ କ୍ରିକେଟ ଶେଷରେ ନଷ୍ଟ ହୋଇଯାଏ।

## ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍

# ରୋମାଞ୍ଚକର ମ୍ୟାଚ୍‌ରେ ରାଇରଙ୍ଗପୁର ଚାମ୍ପିଅନ୍



ବାରିପଦା (ଭାସ୍କର ନ୍ୟୁଜ) : ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଏସୋସିଏସନ ଓ ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ମୟୁରଭଞ୍ଜ ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଡି ଆର କେ (ବି ) କୁ ୫ ୱିକେଟରେ ପରାସ୍ତ କରି ରାଇରଙ୍ଗପୁର ଚାମ୍ପିଅନ ହୋଇଛି। ପ୍ରଥମେ ବ୍ୟାଟିଂ କରି ଡି ଆର କେ (ବି ) ୩୫ ଓଭରରେ ୪ ୱିକେଟ ହରାଇ ୨୪୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରୀତପାଲ ସିଂହ ୧୫୦ ଓ ଚନ୍ଦ୍ରଭାନୁ ସେଠି ୩୯ ରନ କରିଥିବା ବେଳେ ବିପକ୍ଷ ଦଳର ଅଭିଷେକ ପରିଡା, ଅଜୁ ମହାନ୍ତ ଓ ନିର୍ମାଲ୍ୟ ନାୟକ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଅପର ପକ୍ଷରେ ରାଇରଙ୍ଗପୁର ୩୫ ଓଭରରେ ୫ ୱିକେଟ ହରାଇ ୨୪୫ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲେ। ଦଳ ପକ୍ଷରୁ ଜୟ କୁମାର ଅପରାଜିତ ୧୪୯ ଓ ଶୁଭମ ସାହୁ ୫୨ ରନ କରିଥିବା ବେଳେ ବିପକ୍ଷ ଦଳର ମନୋରଞ୍ଜନ ମାଝୀ, ଅମିତାଭ ଦାସ ଓ ପ୍ରୀତପାଲ ସିଂହ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ଜୟ କୁମାର ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମିତାଭ ପଟ୍ଟନାୟକ ଓ ଦିଲ୍ଲୀପ କୁମାର ଦାସ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଂରେ ସହାୟତା ପ୍ରଦାନ କରିଥିଲେ। ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ବରିଷ୍ଠ କୋଚ କୁମାର ରଞ୍ଜନ ପଣ୍ଡା ଓ ଅବସର ପ୍ରାପ୍ତ ଜିଲ୍ଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା ଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ, କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଓ ପ୍ରସନ୍ନଜିତ ମହାନ୍ତି, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅମର କୁମାର ସେଠି, ରବୀନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଚାମ୍ପିଅନ୍ସ ଟ୍ରଫି ପରାଜୟକୁ ନେଇ ପିସିବିରେ ଝଡ଼



ଇସଲାମାବାଦ: ଏଥର ଚାମ୍ପିଅନ୍ସ ଟ୍ରଫି ପାକିସ୍ତାନ ଆୟୋଜ କରୁଥିବା ବେଳେ ନିଜେ ଚାମ୍ପିଅନ୍ସ ଟ୍ରଫିରୁ ବାଦ ପଡିଛି। ଯାହାଫଳରେ ପାକିସ୍ତାନ କ୍ରିକେଟ ଦଳରେ ଅଶାନ୍ତି ଆରମ୍ଭ ହୋଇଛି। ନ୍ୟୁଜିଲ୍ୟାଣ୍ଡ ଏବଂ ଭାରତଠାରୁ ପରାଜୟ ପରେ ଏବେ ପାକିସ୍ତାନ କ୍ରିକେଟ ଦଳର ଜଣେ ବଡ଼ ଖେଳାଳି ଅବସର ନେବାକୁ ନିଷ୍ପତ୍ତି ନେଇଛନ୍ତି। ପାକିସ୍ତାନୀ ଗଣମାଧ୍ୟମରୁ ଆସୁଥିବା ରିପୋର୍ଟ ଅନୁସାରେ, ଦଳର ଅଭିଜ୍ଞ ବ୍ୟାଟ୍ସମ୍ୟାନ ଏବଂ ଚାମ୍ପିଅନ୍ସ ଟ୍ରଫି ୨୦୧୭ ଫାଇନାଲ ହିରୋ ଫଖର ଜମାନ ସନ୍ନ୍ୟାସ ନେବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ବାମହାତୀ ଷ୍ଟାର ବ୍ୟାଟ୍ସମ୍ୟାନ୍ ଖୁବ୍ ଶୀଘ୍ର ଏହାକୁ ନେଇ ଆନୁଷ୍ଠାନିକ ଭାବରେ ଘୋଷଣା କରିବେ। ୨୯ ବର୍ଷ ପରେ ପ୍ରଥମ ଥର ପାଇଁ ଆଇସିସି ଟୁର୍ଣ୍ଣମେଣ୍ଟ ଆୟୋଜନ କରୁଥିବା ପାକିସ୍ତାନକୁ ଦୃଢ଼ ପ୍ରଦର୍ଶନ ଆଶା କରାଯାଉଥିଲା, କିନ୍ତୁ ମହମ୍ମଦ ରିଜୱାନଙ୍କ ନେତୃତ୍ୱାଧୀନ ଦଳ ପ୍ରଶଂସକମାନଙ୍କୁ ବହୁତ ନିରାଶ କରିଛି। ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ବିପକ୍ଷରେ ପରାଜୟ ସହିତ ଦଳ ପ୍ରଥମ ରାଉଣ୍ଡରୁ ବାଦ ପଡ଼ିଛି। ସେବେଠାରୁ ସମସ୍ତେ ଦଳର ଖେଳାଳିଙ୍କୁ ଟ୍ରୋଲ୍ କରୁଛନ୍ତି। ପୂର୍ବତନ କ୍ରିକେଟର ଏବଂ ଗଣମାଧ୍ୟମ ବ୍ୟତୀତ ପ୍ରଶଂସକମାନେ ମଧ ଦଳରେ ପରିବର୍ତ୍ତନ ଦାବି କରୁଛନ୍ତି। ପ୍ରଶଂସକଙ୍କ ଦାବି ମଧ୍ୟରେ ପାକିସ୍ତାନର କିମ୍ବଦନ୍ତୀ ଓପନର ଫଖର ଜମାନ ଅବସର ନେବାକୁ ନିଷ୍ପତ୍ତି ନେଇଛନ୍ତି। ପାକିସ୍ତାନୀ ଗଣମାଧ୍ୟମ ସାମା ଟିଭିର ରିପୋର୍ଟ ଅନୁଯାୟୀ, ୩୪ ବର୍ଷୀୟ ଫଖର ଜମାନ ଏ ବିଷୟରେ ତାଙ୍କର ନିକଟତମ ଲୋକଙ୍କ ସହ କଥା ହୋଇଛନ୍ତି ଏବଂ ସେମାନଙ୍କୁ କହିଛନ୍ତି ଯେ ସେ ଅବସର ନେବାକୁ ଯାଉଛନ୍ତି। ଖବ୍‌ଶୀଘ୍ର ସେ ଏହାକୁ ଆନୁଷ୍ଠାନିକ ଭାବରେ ଘୋଷଣା ମଧ କରିବେ। କେବଳ ଏତିକି ନୁହେଁ, ରିପୋର୍ଟରେ ଏହା ମଧ ଦାବି କରାଯାଇଛି ଯେ ଫଖର ଖୁବ ଶୀଘ୍ର ପାକିସ୍ତାନ ଛାଡି ତାଙ୍କ ପରିବାର ସହିତ ଅନ୍ୟ ଦେଶରେ ରହିବାକୁ ଯୋଜନା କରୁଛନ୍ତି। ଫଖରଙ୍କ ଦିନିକିଆ କ୍ୟାରିଅର ମଧ ୨୦୧୭ ଚାମ୍ପିଅନ୍ସ ଟ୍ରଫି ସହିତ ଆରମ୍ଭ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ସେ ଭାରତ ବିପକ୍ଷରେ ଏକ ଚମତ୍କାର ଶତକ ହାସଲ କରି ତାଙ୍କ ଦଳକୁ ଚାମ୍ପିଅନ କରିଥିଲେ। ଏବେ ୮ ବର୍ଷ ପରେ ଚାମ୍ପିଅନ୍ସ ଟ୍ରଫିର ପ୍ରଥମ ମ୍ୟାଚ୍‌ରେ ବିଦାୟ ନେବା ସହିତ ତାଙ୍କ କ୍ୟାରିଅରର ଅନ୍ତ ହେବାକୁ ଯାଉଛି। ଫଖର ୮୬ଟି ଦିନିକିଆ ମ୍ୟାଚ୍‌ରେ ୪୬ ହାରରେ ୩୬୫୧ ରନ କରିଛନ୍ତି, ଯେଉଁଥିରେ ୧୧ ଶତକ ଏବଂ ୧୭ ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ। ସେ ପାକିସ୍ତାନ ପାଇଁ ଦିନିକିଆରେ ଦ୍ୱିଶତକ ହାସଲ କରିଥିବା ଏକମାତ୍ର ବ୍ୟାଟସମ୍ୟାନ।

## ଧନଶ୍ରୀଙ୍କୁ ନେଇ ମୁହଁ ଖୋଲିଲେ ଚହଲ

ମୁମ୍ବାଇ: ଭାରତୀୟ କ୍ରିକେଟର ଯୁଜଭେନ୍ଦ୍ର ଚହଲ ଏବଂ ଧନଶ୍ରୀ ବର୍ମାଙ୍କ ଛାଡପତ୍ର ଖବର ଏବେ ଚର୍ଚ୍ଚାରେ। ଯୁଜଭେନ୍ଦ୍ର ଏବଂ ଧନଶ୍ରୀ ଛାଡପତ୍ର ପାଇଁ ଆବେଦନ କରିଛନ୍ତି ଏବଂ ମାମଲା କୋର୍ଟରେ ଅଛି। ଏହି ସବୁ ଖବର ମଧ୍ୟରେ, ଦୁହିଁଙ୍କର ଏକ ପୁରୁଣା ଭିଡିଓ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଛି ଯେଉଁଥିରେ କ୍ରିକେଟର ଜଣଙ୍କ କହୁଥିବାର ଦେଖାଯାଉଛି ଯେ ତାଙ୍କ ପତ୍ନୀ ପ୍ରତ୍ୟେକ ଝଗଡ଼ା ପରେ ହୀରା ମାଗନ୍ତି। ଏହି ଭିଡିଓଟି ଝଲକ ଦିଖଲା ଜା ସିଜନ ୧୧'ର। ଧନଶ୍ରୀ ବର୍ମା ଏହି ନୃତ୍ୟ ରିଆଲିଟି ଶୋ'ରେ ଅଂଶଗ୍ରହଣ କରିଥିଲେ ଏବଂ ତାଙ୍କ ସ୍ୱାମୀ-କ୍ରିକେଟର ଯୁଜଭେନ୍ଦ୍ର ଚହଲ ତାଙ୍କୁ ଉତ୍ସାହିତ କରିବା ପାଇଁ ଶୋ'କୁ ଆସିଥିଲେ। ଶୋ'ର ଏକ ଖେଳ ସମୟରେ, ଋତ୍ୱିକ ଧନଜାନି ଏବଂ ଗୌହର ଖାନ ଦମ୍ପତିଙ୍କୁ ଏକ ଖେଳରେ ଅଂଶଗ୍ରହଣ କରିବାକୁ ମଞ୍ଚକୁ ଡାକିଥିଲେ, ଯେଉଁଥିରେ ସେମାନଙ୍କୁ ପାଳି କରି ଏକ ପ୍ଲାକାର୍ଡ ଉଠାଇ ୧୦ ସେକେଣ୍ଡ ମଧ୍ୟରେ ସେଥିରେ ଲେଖାଯାଇଥିବା ରହସ୍ୟମୟ ଶବ୍ଦକୁ ଚିହ୍ନଟ କରିବାକୁ କୁହାଯାଇଥିଲା। ଯେତେବେଳେ ଧନଶ୍ରୀଙ୍କ ପାଳି ଆସିଲା, ତାଙ୍କ ପ୍ଲାକାର୍ଡରେ'ହୀରା' ଲେଖାଯାଇଥିଲା। ଖେଳ ସମୟରେ, ଯେତେବେଳେ ଧନଶ୍ରୀ ଚହଲଙ୍କୁ ଏକ ଶବ୍ଦ ପାଇଁ ସଙ୍କେତ ମାଗିଲେ, ସେ କହିଲେ, ତୁମେ ସବୁବେଳେ ଯାହା ମାଗୁଛ। ଧନଶ୍ରୀ ପଚାରିଲେ, କଣ। ଏହାର ଉତ୍ତରରେ, ଯୁଜଭେନ୍ଦ୍ର କହିଥିଲେ ପ୍ରତ୍ୟେକ ଲଢ଼େଇ ପରେ ତୁମେ ଏହା ମାଗ ବୋଲି ପ୍ଲାକାର୍ଡ ଦେଖାଇ କହିଲେ। କ୍ରିକେଟରଙ୍କ କଥା ଶୁଣି ଧନଶ୍ରୀ ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ସେ ସ୍ପଷ୍ଟୀକରଣ ଦେଇ କହିଲେ ଯେ ସେ କେବେ ହୀରା ମାଗନ୍ତି ନାହିଁ।

# ବିବିଧବର୍ଣ୍ଣା



**ଖା**ଦ୍ୟ ଓ ପାନୀୟରେ ଅନେକ ଜିନିଷ ମିଶ୍ରଣ ହେଉଥିବା ଘଟଣା ବାରମ୍ବାର ସାମ୍ନାକୁ ଆସିଛି। ଆଜିକାଲି ନକଲି ଚାଉଳ, ଅଣ୍ଡା ଓ କେମିକାଲ ମିଶ୍ରିତ ପନିପରିବା ବିଷୟରେ ନିଶ୍ଚୟ ଶୁଣିଥିବେ। ଏସବୁ ଖାଦ୍ୟ ବିଷୟରେ ତ ଜାଣିଥିବେ ମାତ୍ର ବଜାରରେ ଏବେ ନକଲି ଅଟା ମିଳୁଛି, ଏହା ଜାଣି ନିଶ୍ଚୟ ଆଶ୍ଚର୍ଯ୍ୟ ହେବେ। ଏକପ୍ରକାର ପଥରକୁ ଗୁଣ୍ଡ କରି ପ୍ରସ୍ତୁତ କରାଯାଉଛି ନକଲି ଅଟା। କିଛି ଲୋକେ ଲାଭ ପାଇବା ପାଇଁ ନକଲି ଖାଦ୍ୟ, ପାନୀୟ ପ୍ରସ୍ତୁତ କରୁଛନ୍ତି। ଏହାକୁ ବଜାରରେ ବିକ୍ରି କରିବା ଫଳରେ ଲୋକେ ଏହାକୁ ସେବନ କରି ରୋଗଗ୍ରସ୍ତ ହେଉଛନ୍ତି। ନିକଟରେ ଅଲୀଗଡରୁ ଏକ ମାମଲା ସାମ୍ନାକୁ ଆସିଛି। ଯେଉଁଥିଲେ ଦେଖାଯାଇଛି, ଏକ ଅଟା ଫ୍ୟାକ୍ଟ୍ରିରେ ଅଟାରେ ଚକଖଡି ମିଶା ଯାଉଛି। ଚକଖଡି ଏକ ପ୍ରକାର ପଥରରୁ ତିଆରି । ଯାହାକୁ ପେଷି ଅଟାରେ ମିଶା ଯାଉଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ସଭିଁଙ୍କୁ ଚିନ୍ତିତ କରି ଦେଇଛି । ଏହା ଏପରି ଭାବେ ମିଶ୍ରଣ କରାଯାଉଛି ଯେ ଖାଇବା ପରେ କିଛି ମଧ ଜଣାପଡୁ ନାହିଁ। ତେବେ ଆପଣ ଖାଉଥିବା ଅଟା କି ନକଲି କିଭଳି ଜାଣିବେ ? ଚକଖଡି ମିଶ୍ରିତ ଅଟା ଖାଇବା ଦ୍ୱାରା ଅନ୍ତନଳୀ, ବୃକକ ଓ ଯକୃତ ଉପରେ କୁପ୍ରଭାବ ପଡିଥାଏ। ମାରାତ୍ମକ ରୋଗର କାରଣ ପାଲଟିଥାଏ। ପେଟରେ ଷ୍ଟୋନ୍ ଜନିତ ସମସ୍ୟା ମଧ ହୋଇଥାଏ। ଏମିତି ଚିହ୍ନନ୍ତୁ ନକଲି ଅଟା.. ଶୁଦ୍ଧ ଅଟା ପାଣିରେ ପଡିବା ପରେ ଏଥିରେ ଅଟାର ଅତିରିକ୍ତସ୍ତର ପଡିବ ନାହିଁ। ମାତ୍ର ମିଶ୍ରିତ ଅଟାରେ ଅନେକ ସ୍ତର ଦେଖାଯିବ।







## ଜନ୍ମଦିନରେ ହୀରାର ଡ୍ରେସ୍ ପିନ୍ଧିଲେ ଉର୍ବଶୀ ରାଉତେଲା

ଅଭିନେତ୍ରୀ ଉର୍ବଶୀ ରାଉତେଲା ଅନେକ ସମୟରେ ନିଜର ବୟାନ ପାଇଁ ବିବାଦରେ ରହିଥାନ୍ତି। କିଛିଦିନ ତଳେ ସୁପରଷ୍ଟାର ନନ୍ଦମୁରୀ ବାଲକ୍ରିଷ୍ଣା ଓ ଅଭିନେତ୍ରୀ ଉର୍ବଶୀ ରାଉତେଲା ଫିଲ୍ମ 'ଡାକୁ ମହାରାଜ'ରେ ଏକାଠି ନଜର ଆସିଥିଲେ। ପୁଣିଥରେ ତାଙ୍କର ଗୋଟିଏ ପୋଷାକ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ଅଭିନେତ୍ରୀ ଜଣକ ତାଙ୍କ ଜନ୍ମଦିନ ପାର୍ଟିର ଏକ ଭିଡିଓ ସେୟାର କରିଛନ୍ତି। ଏଥିରେ ସେ ସୋସିଆଲ ମିଡିଆ ସେଲିବ୍ରିଟି ଓରିଙ୍କ ସହ ନାଚୁଥିବାର ଦେଖିବାକୁ ମିଳିଥିଲା। ଅଭିନେତ୍ରୀ ଜଣକ ପୋଷ୍ଟରେ କହିଛନ୍ତି ଯେ ସେ ଏକ ଅସଲି ହୀରା ଖଚିତ ପୋଷାକ ପିନ୍ଧିଛନ୍ତି। ସେ ଇନଷ୍ଟାଗ୍ରାମରେ ଏକ ଭିଡିଓ ସେୟାର କରିଛନ୍ତି। ଏଥିରେ ସେ ମିଡିଆ ସେଲିବ୍ରିଟି ଓରିଙ୍କ ସହ ତାଙ୍କର ୩୧ତମ ଜନ୍ମଦିନ ପାଳନ କରୁଥିବାର ଦେଖାଯାଇଥିଲା। ଉର୍ବଶୀ ତାଙ୍କ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ର 'ଡାକୁ ମହାରାଜ'ର 'ଦାବିଡି ଦାବିଡି' ଗୀତରେ ନାଚୁଥିବା ବେଳେ କ୍ୟାମେରାରେ କଏଦ ହୋଇଥିଲେ। ଇନଷ୍ଟାଗ୍ରାମରେ ଭିଡିଓଟି ସେୟାର କରି ଅଭିନେତ୍ରୀ କ୍ୟାପସନରେ ଲେଖିଛନ୍ତି, 'ଜନ୍ମଦିନର ପୋଷାକ – ପ୍ରକୃତ ହୀରା ଖଚିତ।' ପୂର୍ବରୁ ଉର୍ବଶୀ ଦୁବାଇରେ ଭାରତ ବନାମ ପାକିସ୍ତାନ ଚାମ୍ପିଅନ୍ସ ଟ୍ରଫିର ହାଇ-ଭୋଲଟେଜ୍ ମ୍ୟାଚ୍ ମଧ ଦେଖିଥିଲେ। ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମର ଷ୍ଟାଣ୍ଡରେ ଅଭିନେତ୍ରୀଙ୍କୁ ଜନ୍ମଦିନ ପୂର୍ବରୁ ଏକ ସରପ୍ରାଇଜ ମଧ ମିଳିଥିଲା। ଅଭିନେତ୍ରୀ ତାଙ୍କ ଇନଷ୍ଟାଗ୍ରାମରେ କେକ୍ ସହିତ ପୋଜ୍ ଦେଇ ଏକ ଭିଡିଓ ପୋଷ୍ଟ କରିଛନ୍ତି। ସେ କ୍ୟାପସନରେ ଲେଖିଛନ୍ତି, 'ଜନ୍ମଦିନର ସରପ୍ରାଇଜ ପାଇଁ ଧନ୍ୟବାଦ।' ଏହି ସମୟରେ, ଓରି ଇନଷ୍ଟାଗ୍ରାମରେ ଏକ ଭିଡିଓ ମଧ ସେୟାର କରିଛନ୍ତି। ଏଥିରେ ସେ ଭାରତ-ପାକିସ୍ତାନ ମ୍ୟାଚ୍ ସମୟରେ 'ଦାବିଡି ଦାବିଡି' ଗୀତରେ ଷ୍ଟାଣ୍ଡରେ ଉର୍ବଶୀଙ୍କ ସହିତ ନାଚୁଥିବାର ଦେଖାଯାଇଥିଲା।

## ପରଦାକୁ ଆସିବ ସୌରଭଙ୍କ ବାୟୋପିକ୍ ଅଭିନୟ କରିବେ ରାଜକୁମାର ରାଓ

ବଲିଉଡ୍‌ରେ ଅନେକ କ୍ରୀଡ଼ାବିତ୍‌ଙ୍କ ଉପରେ ଫିଲ୍ମ ନିର୍ମାଣ କରାଯାଇଛି। ଏବେ କ୍ରିକେଟର ସୌରଭ ଗାଙ୍ଗୁଲିଙ୍କ ବାୟୋପିକ୍ ତିଆରି କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ତେବେ ପୂର୍ବରୁ ସୌରଭଙ୍କ ଭୂମିକାରେ ରଣବୀର କପୁର ନଜର ଆସିବେ ବୋଲି କୁହାଯାଉଥିଲା। କିନ୍ତୁ ଏବେ ରାଜକୁମାର ରାଓଙ୍କୁ ଫାଇନାଲ କରାଯାଇଥିବା ଜଣାପଡ଼ିଛି। ଏ ନେଇ ନିଜେ ସୌରଭ ନିକଟରେ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ଏହା କହିଛନ୍ତି। ଏହି ଫିଲ୍ମଟିକୁ ପରଦା ଉପରକୁ ଆସିବାକୁ ବର୍ଷେରୁ ଆହୁରି ଅଧିକ ସମୟ ଲାଗିଯିବ ବୋଲି ସେ କହିଛନ୍ତି। ଲଭ୍ ରଞ୍ଜନ ଓ ଅଙ୍କୁର ଗର୍ଗ ଏହି ଫିଲ୍ମଟିର ନିର୍ମାଣ କରୁଛନ୍ତି। ବିକ୍ରମାଦିତ୍ୟ ମୋଟୱାନେ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିବେ। ଏଥିରେ ସୌରଭଙ୍କ କ୍ରିକେଟ କ୍ୟାରିୟର ଆରମ୍ଭରୁ ବିସିସିଆଇ ଅଧ୍ୟକ୍ଷ ହେବା ଯାତ୍ରାକୁ ଦେଖାଯିବ। ଏହା ଏକ ହାଇ ବଜେଟ୍‌ର ଫିଲ୍ମ ହେବ। ଖୁବ୍‌ଶୀଘ୍ର ଏହାକୁ ନେଇ ଫିଲ୍ମ ନିର୍ମାତା ବିଧିବଦ୍ଧ ଭାବେ କିଛି ଘୋଷଣା କରିପାରନ୍ତି। ସେହିଭଳି ରାଜକୁମାରଙ୍କ କାମ କଥା କହିବାକୁ ଗଲେ ସେ ଖୁବ୍‌ଶୀଘ୍ର 'ଭୁଲ୍ ଚୁକ୍ ମାଫ୍'ରେ ନଜର ଆସିବେ। ଏଥିରେ ତାଙ୍କ ସହ ବାମିକା ଗବ୍‌ବି ଦେଖାଯିବେ। କିଛିଦିନ ପୂର୍ବରୁ ଏହାର ଟିଜର୍ ଜାରି କରାଯାଇଥିଲା। ଦର୍ଶକେ ଏହାକୁ ଖୁବ୍ ପ୍ରଶଂସା କରିଛନ୍ତି।





## ଗୋବିନ୍ଦାଙ୍କ ପାରିବାରିକ ଜୀବନରେ ଝଡ଼



ବଲିଉଡ ସୁପରଷ୍ଟାର ଅଭିନେତା ଗୋବିନ୍ଦା। ତାଙ୍କ ଆକ୍‌ଟିଙ୍ଗ, ଡ୍ୟାନ୍ସ ଏବଂ ଆକ୍ସନ୍‌କୁ ଦର୍ଶକ ଖୁବ୍ ପ୍ରଶଂସା କରନ୍ତି। ଏବେ ସେ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ଅଛନ୍ତି। ଖବର ମିଳିଛି ଗୋବିନ୍ଦାଙ୍କ ପତ୍ନୀ ସୁନୀତା ଆହୁଜା ତାଙ୍କୁ ଛାଡ଼ପତ୍ର ନୋଟିସ୍ ପଠାଇଛନ୍ତି। ଏହି ଦମ୍ପତି ଗତ ୩୭ବର୍ଷ ଧରି ଏକାଠି ରହିଥିବା ବେଳେ ଛାଡ଼ପତ୍ର ଖବର ସମସ୍ତଙ୍କୁ ଚକିତ କରିଛି। ଅଭିନେତା ଗୋବିନ୍ଦା ୧୯୮୭ରେ ସୁନୀତା ଆହୁଜାଙ୍କୁ ବିବାହ କରିଥିଲେ। ଉଭୟଙ୍କ ପ୍ରେମ ଜୀବନ ବହୁତ ଫିଲ୍ମୀ। ପ୍ରଶଂସକମାନେ ଏହି ଯୋଡ଼ିକୁ ବହୁତ ପସନ୍ଦ କରନ୍ତି। ସେମାନଙ୍କର ସମ୍ପର୍କ ଏବେ ବି ଆଲୋଚନାରେ ରହିଛି। ହେଲେ, ଏବେ ଖବର ଆସୁଛି ଯେ ଉଭୟଙ୍କ ବିବାହ ଭଲ ଚାଲିନାହିଁ। ଦୁହେଁ ଖୁବ ଶୀଘ୍ର ଛାଡପତ୍ର ନେବାକୁ ଯାଉଛନ୍ତି। ଏହିସବୁ ଖବର ମଧ୍ୟରେ, ଗୋବିନ୍ଦାଙ୍କ ପରିବାର ପକ୍ଷରୁ ଏକ ପ୍ରତିକ୍ରିୟା ଆସିଛି। ଗୋବିନ୍ଦାଙ୍କ ପରିବାରର ଏକ ନିକଟତର ସୂତ୍ରକୁ ଉଦ୍ଧୃତ କରି କହିଛନ୍ତି ଯେ, ସୁନୀତା କିଛି ମାସ ପୂର୍ବରୁ ଏକ ସେପାରେଶନ ନୋଟିସ ପଠାଇଥିଲେ। ଯେତେବେଳେ ଗୋବିନ୍ଦାଙ୍କ ସହିତ ଏ ବିଷୟରେ କଥାବାର୍ତ୍ତା କରାଯାଇଥିଲା, ସେ କହିଥିଲେ ବର୍ତ୍ତମାନ କେବଳ ବ୍ୟବସାୟ ବିଷୟରେ ଆଲୋଚନା ଚାଲିଛି... ମୁଁ ମୋର ଫିଲ୍ମ ଆରମ୍ଭ କରିବାକୁ ଯାଉଛି। ଅନ୍ୟପକ୍ଷରେ, ସୁନୀତା ଏପର୍ଯ୍ୟନ୍ତ ଏହି ଖବର ଉପରେ କୌଣସି ପ୍ରତିକ୍ରିୟା ଦେଇନାହାଁନ୍ତି। ଏହା ବ୍ୟତୀତ, ଗୋବିନ୍ଦାଙ୍କ ମ୍ୟାନେଜର ଶଶି ସିହ୍ନା କହିଛନ୍ତି, କିଛି ପରିବାର ସଦସ୍ୟ କିଛି ବୟାନ ଦେଇଥିଲେ ଯାହା ଯୋଗୁ ଗୋବିନ୍ଦା ଏବଂ ସୁନୀତାଙ୍କ ମଧ୍ୟରେ ମତଭେଦ ଦେଖାଦେଇଛି। ଏହାଠାରୁ ଅଧିକ କିଛି ନାହିଁ। ଗୋବିନ୍ଦା ଏକ ଫିଲ୍ମ ଆରମ୍ଭ କରିବାକୁ ଯାଉଛନ୍ତି, ଯାହା ପାଇଁ କଳାକାରମାନେ ଆମ କାର୍ଯ୍ୟାଳୟକୁ ଆସୁଛନ୍ତି। ଆମେ ଏହାକୁ ସମାଧାନ କରିବାକୁ ଚେଷ୍ଟା କରୁଛୁ।

## ପିଲାଙ୍କ ହୋମ୍‌ୱାର୍କ ହୃଦ୍‌ଘାତ ଆଶଙ୍କା ବଢ଼ାଉଛି



ସାଧାରଣତଃ ପିଲାଙ୍କୁ ହୋମୱାର୍କରେ ବାପା-ମା' ସାହାଯ୍ୟ କରନ୍ତି। କିନ୍ତୁ, ଚୀନରେ ପିଲାଙ୍କର ଏହି ହୋମୱାର୍କ ଏବେ ପିତାମାତାଙ୍କ ପାଇଁ କାଳ ସାଜିଛି। ପିଲାଙ୍କୁ ହୋମୱାର୍କ ତଥା ଖାସ କରି ଗଣିତ ପାଠରେ ସାହାଯ୍ୟ କରିବାକୁ ଯାଇ ପିତାମାତାମାନେ ହୃଦ୍‌ଘାତର ଶିକାର ହେଉଥିବା ଜଣାପଡ଼ିଛି। ଯାହା ସଭିଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ତେବେ ନିକଟରେ ହଙ୍ଗୌଜୋରେ ବାସ କରୁଥିବା ଡଙ୍ଗ୍ ନାମ୍ନୀ ଜଣେ ୪୦ ବର୍ଷିୟ ମହିଳା ସନ୍ଧ୍ୟା ସମୟରେ ନିଜ ପୁଅକୁ ଗଣିତ ହୋମୱାର୍କ କରିବାରେ ସାହାଯ୍ୟ କରୁଥିଲେ। ପିଲାଟିକୁ ଗଣିତ ବୁଝାଇଥିଲେ, ସେ ବୁଝିବାରେ ବିଫଳ ହେବାରୁ ମହିଳା ଜଣଙ୍କ ସେହି ସମୟରେ ନିଜ ଧୈର୍ଯ୍ୟ ହରାଇ ବସିଲେ। ସେ ଅଧିକ ରାଗିଯିବାରୁ ତାଙ୍କର ମୁଣ୍ଡ ବିନ୍ଧା ଆରମ୍ଭ ହୋଇଥିଲା। ଏପରିକି ବାନ୍ତି ମଧ କରିଥିଲେ। ଦେହ ଅଧିକ ଖରାପ ହେବାରୁ ସେ ଡାକ୍ତରଖାନାକୁ ଯାଇଥିଲେ। ଚିକିତ୍ସା ପରେ ତାଙ୍କୁ 'ସ୍ପୋଣ୍ଟାନିଓସ୍ ସୁବାର୍କନୋଏଡ୍ ହେମୋରେଜ୍' ନାମକ ମାମୁଲି ଷ୍ଟ୍ରୋକ୍ ହୋଇଥିଲା ବୋଲି ଜଣାପଡ଼ିଥିଲା। ଅତ୍ୟଧିକ ଚାପ ଯୋଗୁଁ ଏହି ଷ୍ଟ୍ରୋକ୍ ହୋଇଥିଲା। ସେ ପୁଅଙ୍କୁ ପଢ଼ାଉଥିବା ସମୟରେ ଅତ୍ୟଧିକ ରାଗି ଯାଇଥିଲେ। ତେଣୁ ଏହି ସମସ୍ୟା ଦେଖାଯାଇଥିଲା। ବର୍ତ୍ତମାନ ସମୟରେ ଏହି ପରିସ୍ଥିତି ଚୀନରେ ଚିନ୍ତାଜନକ ହୋଇପଡ଼ିଛି। ତେବେ ଚୀନରେ ଏହି ଘଟଣା ପ୍ରଥମ ନୁହେଁ, ପୂର୍ବରୁ ଅର୍ଥାତ୍ ୨୦୧୯ ମସିହାରେ ଜଣେ ୩୬ ବର୍ଷିୟ ମହିଳା, ଗତ ବର୍ଷ ଜଣେ ୪୫ ବର୍ଷିୟ ମହିଳା ପିଲାଙ୍କୁ ହୋମୱାର୍କ କରୁଥିବା ସମୟରେ ଏହି ଷ୍ଟ୍ରୋକର ଶିକାର ହୋଇଥିଲେ। ସେହିପରି ଗତ ଜାନୁଆରୀ ମାସରେ ମଧ ଚୀନର ଜିୟାଙ୍ଗସୁ ଅଞ୍ଚଳର ଜଣେ ୩୭ ବର୍ଷିୟ ମହିଳା ନିଜ ପୁଅକୁ ଗଣିତ ପଢ଼ାଉଥିବା ସମୟରେ ଏହି ଷ୍ଟ୍ରୋକର ସମ୍ମୁଖୀନ ହୋଇଥିଲେ। ତେବେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବାନୁଯାୟୀ ବିଶେଷ କରି ମହିଳାମାନେ ଏହି ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ବହୁ ସମ୍ଭାବନା ରହିଛି, କାରଣ ସେମାନେ ଘର କାମ ସହ ଅଫିସ୍ କାର୍ଯ୍ୟ ଓ ଅନ୍ୟାନ୍ୟ ଚାପ ଓ ଚିନ୍ତାରେ ରହିଥାନ୍ତି। ତେଣୁ ଚାପ ତାଲିକାରେ ପିଲାଙ୍କ ହୋମୱାର୍କ ମଧ ଯୋଡ଼ି ହୋଇଛି।

## ସାକ୍ଷାତକାରକୁ ଯିବା ପୂର୍ବରୁ ନିଜକୁ ପ୍ରସ୍ତୁତ କରନ୍ତୁ

- ସାକ୍ଷାତକାରକୁ ଯିବା ପୂର୍ବରୁ କିଭଳି ସମସ୍ତଙ୍କ ସାମ୍ନାରେ କଥା କହିବେ ପ୍ରଥମେ ସେବିଷୟରେ ଚିନ୍ତା କରି ନିଜକୁ ପ୍ରସ୍ତୁତ କରାନ୍ତୁ। ସଫଳ ନହେବା ପର୍ଯ୍ୟନ୍ତ ବାରମ୍ବାର ବିଷୟବସ୍ତୁ ପଢ଼ନ୍ତୁ। ଏହା ସହ ନିଜ ବ୍ୟକ୍ତିତ୍ୱ ବଢ଼ାଇବାକୁ ପ୍ରୟାସ କରନ୍ତୁ।
- ସାକ୍ଷାତକାରକୁ ଯିବା ସମୟରେ ପରିଧାନର ଏକ ବିଶେଷ ଗୁରୁତ୍ୱ ରହିଥାଏ। ସେଥିପ୍ରତି ଧ୍ୟାନ ଦେବାକୁ ଭୁଲନ୍ତୁ ନାହିଁ।
- ଏହି ସମୟରେ ଆତ୍ମବିଶ୍ୱାସ ହରାନ୍ତୁ ନାହିଁ। କୌଣସି ବିଷୟରେ ଯଦି ଆପଣ ଜାଣିନାହାନ୍ତି ତେବେ ଆଦୌ ନର୍ଭସ ହୁଅନ୍ତୁ ନାହିଁ। ବରଂ ଆତ୍ମବିଶ୍ୱାସ ଥିବା ଅନୁଭବ କଲେ ଆପଣ ସଫଳ ହୋଇପାରିବେ।
- ଯେଉଁ କ୍ଷେତ୍ରରେ ଆପଣ ଶିକ୍ଷାଗତ ଯୋଗ୍ୟତା ହାସଲ କରିଛନ୍ତି ସେହି କ୍ଷେତ୍ରର କର୍ମସଂସ୍ଥାନକୁ ଆପଣ ଯାଆନ୍ତୁ। ଯାହାଫଳରେ ଆପଣ ନିଜକୁ ସାକ୍ଷାତକାରରେ ଯୋଗ୍ୟ ପ୍ରମାଣିତ କରିପାରିବେ।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଡେରାବିଶ, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଅଞ୍ଚଳର ପ୍ରସିଦ୍ଧ ଏବଂ ଦୀର୍ଘଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ବାଲିଆ ମେଳଣର ପ୍ରସ୍ତୁତି ବୈଠକ ଗୋପାଳଜୀଉ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଦୋଳ କମିଟିର ସ୍ଥାୟୀ ସଭାପତି ଡକ୍ଟର ବିଶ୍ୱପ୍ରକାଶ କାନୁନ୍‌ଗୋ ଅଧକ୍ଷତା କରିଥିଲେ । ପ୍ରଥମେ ସଭାପତି ଡକ୍ଟର କାନୁନ୍‌ଗୋ ଗୋପାଳଜୀଉଙ୍କୁ ପୁଷ୍ପାର୍ଘ୍ୟ ଅର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ । ପରେ ସମ୍ପାଦକ ଶାରଦା ପ୍ରସନ୍ନ ମିଶ୍ର ପୂର୍ବବର୍ଷର ବିବରଣୀ ପାଠ କରିଥିଲେ । ବୈଠକରେ ପୂର୍ବ ବର୍ଷମାନଙ୍କ ପରି ମେଳଣ ପଡ଼ିଆକୁ ବିମାନମାନ ଆସିବାକୁ ନିର୍ଦ୍ଧାରିତ ସମୟକୁ ମାନିବା ସହ ପାରମ୍ପରିକ ବାଦ୍ୟ ମାଧ୍ୟମରେ ରୋଷଣୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଉକ୍ତ ସଭାରେ ମେଳଣରେ ଭାଗ ନେଉଥିବା ବିଭିନ୍ନ ମଠର ମଠାଧୀଶ ଏବଂ ବିମାନ ପରିଚାଳକ ମାନେ ଉପସ୍ଥିତ ରହିଥିଲେ । ଉକ୍ତ ସଭାରେ ତାରାପ୍ରସନ୍ନ କାନୁନ୍‌ଗୋଙ୍କ ସମେତ କାର୍ଯ୍ୟକାରୀ ସଭାପତି ହଳଧର ଦାଶ ଓ ସୁପ୍ରଭାତ କାନୁନ୍‌ଗୋ, ସମ୍ପାଦକ ଦେବକୀନନ୍ଦନ ମିଶ୍ର, ଆବାହକ କସ୍ତୁରୀ ଚରଣ ପାତ୍ର, ପୋଟଳୀ ମଠ ମାତା ଆନନ୍ଦମୟୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ଅଧ୍ୟାପକ ଡକ୍ଟର ନବକିଶୋର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



# ଶିବ ପଞ୍ଚାକ୍ଷରୀରେ କମ୍ପିଲା ଶୈବପୀଠ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ବିଭିନ୍ନ ଶୈବପୀଠଗୁଡ଼ିକ ମହାଶିବରାତ୍ରିରେ ଶିବ ପଞ୍ଚାକ୍ଷରୀ ମନ୍ତ୍ରରେ କମ୍ପିଉଠିଥିଲା । ମନ୍ଦିର ବେଢ଼ାରେ ଓ ବାହାରେ ଶତାଧିକ ଶ୍ରଦ୍ଧାଳୁ ଉଜାଗର ରହି ଜାଗର ଜାଳିଛନ୍ତି । ଓଁ ନମଃ ଶିବାୟ..., ହରହର ମହାଦେବ..., ଜୟ ଶିବ ଶମ୍ଭୁ ଉଚ୍ଚାରଣ କରି ମହାଦୀପ ଉଠିବାକୁ ଏକ ଲୟରେ ଅନେଇ ରହିଥିଲେ । ଘଣ୍ଟ, ଘଣ୍ଟା, ହରିବୋଲ, ହୁଳହୁଳି ସାଙ୍ଗକୁ ହରହର ମହାଦେବ ଡାକରେ ମନ୍ଦିର ପରିବେଶ ପ୍ରକମ୍ପିତ ହୋଇ ଉଠୁଥିଲା । ଶେଷରେ ବହୁ ପ୍ରତୀକ୍ଷାର ଅନ୍ତ ଘଟି ମନ୍ଦିର ପରିଚାଳନା କମିଟି ନିଷ୍ପତ୍ତି ଅନୁସାରେ ନୀତିନିର୍ଘଣ୍ଟ ଅନୁଯାୟୀ ବିଭିନ୍ନ ଶୈବପୀଠରେ ମହାଦୀପ ଉଠିଥିଲା । ଶତାଧିକ ଶ୍ରଦ୍ଧାଳୁ ମହାଦୀପ ଦର୍ଶନ କରିଛନ୍ତି । ଏଥିସହିତ ବ୍ରତଧାରୀ ମାନେ ଜାଗର ବ୍ରତ ଭାଙ୍ଗିଛନ୍ତି । ସେହିପରି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର



୧୫ଗୋଟି ପଞ୍ଚାୟତରେ ଥିବା ସମସ୍ତ ଶୈବ ପୀଠ ପବିତ୍ର ମହାଶିବରାତ୍ରି ଅବସରରେ ଚଳଚଞ୍ଚଳ ହୋଇଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ମନ୍ଦିର ସହିତ ବେଢ଼ା ଚର୍ତୁପାର୍ଶ୍ୱକୁ ମହାଶିବରାତ୍ରି ପାଇଁ ରଙ୍ଗବେରଙ୍ଗର ଆଲୋକ ମାଳାରେ ସଜା ଯାଇଥିଲା । ଶୈବପୀଠ ଗୁଡ଼ିକରେ ଜାଗର ଅମାବାସ୍ୟା ପାଇଁ ବୁଧବାର ପ୍ରାତଃ ୩ଘଟିକାରୁ ମହାଦେବଙ୍କ ଦ୍ୱାରଫିଟା, ପହୁଡ଼ ଭାଜି, ଅବକାଶ, ମଇଲମ୍, ଉପଚାର ପୂଜା, ନବବସ୍ତ୍ର ପରିଧାନ, ବାଳଭୋଗ, ସାହାଣ ମେଲା ହୋଇ ସର୍ବସାଧାରଣଙ୍କ ଦର୍ଶନ ହୋଇଥିଲା । ଦିନ ୧୧ଘଟିକାରେ ନୀତିଭୋଗ ଓ ଖେଚୁଡ଼ି ଲାଗି ହୋଇଥିଲା । ସନ୍ଧ୍ୟା ସମୟରେ ମହାଶିବରାତ୍ରି ଅବସରରେ ସନ୍ଧ୍ୟା ଆଳତୀ, ବିଭିନ୍ନ ଶୈବପୀଠରେ ପ୍ରସିଦ୍ଧ ଚୁଡାଘଷା ଭୋଗ ଲାଗି ପରେ ଶ୍ରଦ୍ଧାଳୁଙ୍କ ଦର୍ଶନ ଲାଗି ରହିଥିଲା । ରାତ୍ରରେ ଶୈବପୀଠ ଗୁଡିକରେ ରୁଦ୍ରାଭିଷେକ, ମହାଦୀପ ପୂଜନ, ବେଢାପରିକ୍ରମା କରାଯାଇ ବିଳମ୍ବିତ ରାତ୍ରରେ ମହାଦୀପ ଉଠିଥିଲା । ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଅସ୍ତରଙ୍ଗ ଅଞ୍ଚଳର ନଗର ଗ୍ରାମର ପଶ୍ଚିମେଶ୍ୱର, ଓଳିହା ଗ୍ରାମର ଐଶାନେଶ୍ୱର ସମେତ ଗ୍ରାମେଶ୍ୱର, ଶୀଧେଶ୍ୱର ସହ ଅନ୍ୟ ଶୈବପୀଠମାନଙ୍କରେ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ଧାଡ଼ି ଦର୍ଶନ ବ୍ୟବସ୍ଥା କରାଯାଇଥିଲା ।

# ଜିଲ୍ଲା ସଭାପତି ଓ କର୍ମକର୍ତ୍ତାଙ୍କ ଜିଲ୍ଲା ପ୍ରଶାସନ ସହ ସୌଜନ୍ୟମୂଳକ ସାକ୍ଷାତ

ବଲାଙ୍ଗୀର /ମୁରିବାହାଲ, (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ଭାରତୀୟ ଜନତା ପାର୍ଟି ନବ ନିର୍ବାଚିତ ଜିଲ୍ଲା ସଭାପତି ଶ୍ରୀବସ୍ତ ବେହେରାଙ୍କ ନେତୃତ୍ୱରେ ବିଜେପିର ଏକ ପ୍ରତିନିଧି ଦଳ ମଙ୍ଗଳବାର ଦିନ ବଲାଙ୍ଗୀର ଜିଲ୍ଲା ପ୍ରଶାସନ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଭାରତୀୟ ଜନତା ପାର୍ଟି ବଲାଙ୍ଗୀର ଜିଲ୍ଲା ସଭାପତି ଭାବରେ ବେହେରା ନିର୍ବାଚିତ ହେବା ପରେ ମଙ୍ଗଳବାର ଦିନ ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶିବାଜି ଇସଲୱାର ଓ ଜିଲ୍ଲା ଆରକ୍ଷୀ ଅଧିକାରୀ ହୃଷିକେଶ ଖିଲାରୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନାକୁ କରିବା ସହ ଜନସାଧାରଣଙ୍କ ସହ ସୁସମ୍ପର୍କ ସ୍ଥାପନ କରିବା ଉପରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ବିଜେପି ନେତା ତଥା ବଲାଙ୍ଗୀର ବିଧାୟକ ପ୍ରାର୍ଥୀ ଗୋପାଳ ଜି



ପାଣିଗ୍ରାହୀ, ସାଂସଦ ଜିଲ୍ଲା ପ୍ରତିନିଧି ଦିନେଶ ଶର୍ମା, ଅମିତ ସିଂ ନିନା, ଅମର ଜିତ ପଟେଲ, ଦେବବ୍ରତ ନିନା, ବଲାଙ୍ଗୀର ବ୍ଲକ ସାଂସଦ ପ୍ରତିନିଧି ପୁରୁଷୋତ୍ତମ ସାହୁ, ବଲାଙ୍ଗୀର ନଗର ସଭାପତି ପାର୍ଥ କର୍ଣ୍ଣ, ଲଳିତ ଶର୍ମା, ଦେଓଗାଁ ବ୍ଲକ ସାଂସଦ ପ୍ରତିନିଧି ଶଶୀ ଭୂଷଣ ପାଣିଗ୍ରାହୀ, ପ୍ରଶାନ୍ତ ନାଏକ, ପରମେଶ୍ୱର ପଧାନ, ପ୍ରମୁଖ ଉପସ୍ଥିତ ଥିଲେ ।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ପ୍ରେସ କ୍ଲବ୍ ଓ ଅଞ୍ଚଳବାସୀଙ୍କ ଧାରଣା

ନିଆଳି, (ଭାସ୍କର ନ୍ୟୁଜ୍): ଦିନ ଯେତିକି ଗଡୁଛି ଅଭିଯୁକ୍ତ ଶଶୀକାନ୍ତ ଲେଙ୍କା ଓରଫ ଆଲୋକଙ୍କ ପାଇଁ ଅଡୁଆ ବଢୁଛି । ଗତ ୧୮ ତାରିଖ ରାତିରେ ନିଆଳି ମହୋତ୍ସବ ଆୟୋଜକ, ଅଞ୍ଚଳବାସୀ, ସାମ୍ବାଦିକ,ଦଳିତ ସମ୍ପ୍ରଦାୟର ବ୍ୟକ୍ତି ଏବଂ ପୋଲିସ ଅଧିକାରୀଙ୍କୁ ଅସଭ୍ୟଭାଷାରେ ଗାଳିଗୁଲଜ କରିବା ଏବଂ ଆକ୍ରମଣ କରିବା ତଥା ନିଚ୍ଚ ଓ ଛୋଟ କହି ନିଆଳିବାସୀଙ୍କୁ ଆଘାତ ଦେଇଥିଲେ ଆଲୋକ ଓ ତାଙ୍କ ସମର୍ଥକ । ଏନେଇ ତାଙ୍କ ନାଁରେ ନିଆଳିଥାନାରେ ଆଠଟି ମାମଲା ରୁଜୁ ହୋଇଛି । ପୂର୍ବରୁ ତାଙ୍କ ନାଁରେ ରହିଛି ସାତଟି ମାମଲା । ଗିରଫ ଭୟରେ ଅଭିଯୁକ୍ତ ରାଜ୍ୟ ବାହାରକୁ ଫେରାର ହୋଇଯାଇଥିବା ନେଇ ସୂଚନାମିଳିଛି । ଅନ୍ୟପଟେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ନିଆଳି ପ୍ରେସ କ୍ଲବ୍ ଓ ଅଞ୍ଚଳବାସୀଙ୍କ ପକ୍ଷରୁ ଶୁକ୍ରବାର ଦିନଠାରୁ ଥାନା ସମ୍ମୁଖରେ ଧାରଣା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି କଟକ ଜିଲ୍ଲା ପ୍ରଶାସନଙ୍କୁ ଲିଖିତ ଭାବରେ ଜଣାଇଥିବା ନେଇ ସୂଚନା ମିଳିଛି । ମିଳିଥିବା ସୂଚନା ଅନୁସାରେ କଟକ ଜିଲ୍ଲାର ନିଆଳି ଅଞ୍ଚଳରେ କଂଗ୍ରେସ ଦଳର ଜଣାଶୁଣା ନେତା ଶଶୀକାନ୍ତ ଲେଙ୍କା ଓରଫ ଆଲୋକ ବିଜେପି ଦଳରେ ସାଧାରଣ ନିର୍ବାଚନର ଗୋଟିଏ ଦିନ ପୂର୍ବରୁ ସାମିଲ ହୋଇ ନଜକୁ ବଡ଼ନେତା ଭାବରେ ନିଆଳିରେ ପ୍ରତିଷ୍ଠା କରିବା ସହିତ ନିଆଳି ବିଧାୟକ ଛବି ମଲ୍ଲିକଙ୍କ ବିଭିନ୍ନ ସଭାସମିତିରେ ଯୋଗଦେଇ ଅଞ୍ଚଳର ପ୍ରଗତି ଓ ଶାନ୍ତି ପ୍ରତିଷ୍ଠା ଦିଗରେ ଭାଷଣ ଦେଉଥିଲେ । କିନ୍ତୁ ନିଜେ ଜଣେ ହିଂସ୍ର ପ୍ରକୃତିର ଯୁବକ ଥିଲେ ବୋଲି ନିଜେ ନିଜକୁ ପରିଚିତ କରିଥିବା ନେଇ ସୂଚନା ମିଳିଛି । ଗତ ୧୮ ତାରିଖ ରାତିରେ ନିଆଳି ମହୋତ୍ସବ ଆୟୋଜକ, ସାମ୍ବାଦିକ, ସାଧାରଣ ଜନତା, ଦଳିତ ସମ୍ପ୍ରଦାୟର ବ୍ୟକ୍ତି ଏବଂ ପୋଲିସ ଅଧିକାରୀଙ୍କୁ ଅସଭ୍ୟ ଭାଷାର ଗାଳିଗୁଲଜ କରିବା ଏବଂ ଆକ୍ରମଣ କରିଥିଲେ । ସେ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଯୁବକମାନଙ୍କୁ ଡାକି ରାତିରେ ନିଆଳିରେ ରାତି ଅଧରେ ଅଶାନ୍ତି ସୃଷ୍ଟି କରିବା ନେଇ ଅଭିଯୋଗ ରହିଛି । ଯିଏ ଦିନେ ନିଆଳିରେ ଶାନ୍ତି ପ୍ରତିଷ୍ଠା ପାଇଁ ଭାଷଣ ମାରୁଥିଲେ ସେ ପୁଣି କେମିତି ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ଭୂଲିଯାଇ ନିଆଳିକୁ ଅଶାନ୍ତି କରିବା ପାଇଁ ଉଦ୍ୟମ କରୁଥିଲେ ଏବଂ କେଉଁ ରାଜନୈତିକ ଫାଇଦା ହାସଲ ପାଇଁ କାଣ୍ଡ ଭିଆଉଥିଲେ ଏବେ ବି ଅଞ୍ଚଳବାସୀ ସନ୍ଦେହ ଘେରରେ ରହିଛନ୍ତି । ଗତ ୧୮ ତାରିଖ ରାତିରେ ଗଣ୍ଡଗୋଳର ମୂଖ୍ୟ ସୂତ୍ରଧର ଥିଲେ ଅଭିଯୁକ୍ତ ଆଲୋକ । ତାଙ୍କ ନାଁରେ ଆଠ ମାମଲା ରୁଜୁହୋଇଛି । ଗିରଫ ଭୟରେ ରାଜ୍ୟ ବାହାରକୁ ଚାଲିଯାଇଥିବା ନେଇ ସୂଚନା ମିଳିଛି । ଅଭିଯୁକ୍ତ ଆଲୋକଙ୍କୁ ଗିରଫ ଦାବିରେ ଆସନ୍ତା ଶୁକ୍ରବାର ଠାରୁ ନିଆଳି ପ୍ରେସକ୍ଲବ୍, ସାଧାରଣ ଜନତାଙ୍କ ପକ୍ଷରୁ ଥାନା ସମ୍ମୁଖରେ ଧାରଣା ଦିଆଯିବ ବୋଲି ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି କଟକ ଜିଲ୍ଲା ପ୍ରଶାସନଙ୍କୁ ଇମେଲ ମାଧ୍ୟମରେ ଜଣାଇଥିବା ନେଇ ସୂଚନା ମିଳିଛି । ଦୋଷୀଙ୍କୁ ଯିଏ ଘଣ୍ଟ ଘୋଡ଼ାଇବ ତାକୁ ନିଆଳି ମାଟିରେ ବିରୋଧ କରାଯିବ ବୋଲି ଅଞ୍ଚଳବାସୀ ଧମକ ଦେଇଛନ୍ତି । ସେପଟେ ଗତ ସାଧାରଣ ନିର୍ବାଚନରେ ଗୋଟିଏ ଦିନ ପୂର୍ବରୁ କଂଗ୍ରେସ ଦଳରେ ଥିବା ଆଲୋକ ବିଜେପି ଦଳରେ ସାମିଲ ହୋଇଥିଲେ । ନିର୍ବାଚନ ପରଠାରୁ ସ୍ଥାନୀୟ ବିଧାୟକଙ୍କୁ ଛାଇ ଭଳି ଜଗି ଆସୁଥିଲେ । ପୁରୁଣା ବିଜେପି କର୍ମୀମାନଙ୍କୁ ଅଣଦେଖା ଯୋଗୁଁ ଦଳରେ ଫାଟ ସୃଷ୍ଟି ହୋଇଥିବା ନେଇ ନିଆଳି ଓ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆଲୋଡ଼ନ ସୃଷ୍ଟି ହୋଇଛି ।

# ବ୍ଲକ୍‌ସ୍ତରୀୟ ନିପୁଣ ମେଳା ଅନୁଷ୍ଠିତ

ମୁରିବାହାଲ, (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ମୁରିବାହାଲରେ ବ୍ଲକ୍ ସ୍ତରୀୟ ନିପୁଣ ଓଡ଼ିଶା ମେଳା-୨୦୨୫ କାର୍ଯ୍ୟକ୍ରମ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବଡ଼ଉଡ଼ାର ଠାରେ ପ୍ରଦର୍ଶିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଅଧିନସ୍ଥ ସମସ୍ତ ୧୨ ଗୋଟି କ୍ଲଷ୍ଟରରୁ ଚୟନିତ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ କାର୍ଯ୍ୟକ୍ରମ (ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର) ମୌଳିକ ସାକ୍ଷରତା ଏବଂ ସଂଖ୍ୟା ଜ୍ଞାନ ଆଧାରିତ ଶିକ୍ଷକ ସାମଗ୍ରୀ ଗୁଡ଼ିକ ତିଆରି କରି ବିଭିନ୍ନ ଷ୍ଟଲ୍ ମଧ୍ୟରେ ସଜାଇ ପ୍ରଦର୍ଶନ କରାଯାଇଥିଲା । ଏହି କାର୍ଯ୍ୟକ୍ରମଟି ମୁରିବାହାଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ପଡ଼ିହାରୀଙ୍କ ସଭାପତିତ୍ୱରେ ଉଦ୍‌ଘାଟିତ ହୋଇ ସୁନ୍ଦର ଭାବେ ପରିଚାଳିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ବଲାଙ୍ଗୀର ଜିଲ୍ଲା ଶିକ୍ଷକ ଶିକ୍ଷା ତାଲିମ କେନ୍ଦ୍ରର ବରିଷ୍ଠ ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ନିଖଣ୍ଡିଆ, ସମ୍ମାନୀୟ ଅତିଥି ଭାବେ ସ୍ଥାନୀୟ ଜିଲ୍ଲା ପରିଷଦ



ସଦସ୍ୟା ନିରୁପମା ଗହୀର ଯୋଗଦାନ କରିଥିଲେ । ଉକ୍ତ ଗ୍ରାମର ବରିଷ୍ଠ ଶିକ୍ଷାବିତ ତଥା ପୂର୍ବତନ ପ୍ରଧାନ ଶିକ୍ଷକ ନାରାୟଣ ଲୁହା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାଶ ଚନ୍ଦ୍ର ଭୋଇ ଏବଂ କାନ୍ତାରାମ ଧାରୁଆ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଲେଖ ଭୋଇ, ବଡଉଡ଼ାର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନିଲ କୁମାର ବେହେରା, ଲେବଡା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପଦ୍ମଲୋଚନ ତାଣ୍ଡି ମଞ୍ଚାସୀନ ହୋଇ ବିଭିନ୍ନ ଶିକ୍ଷା ମାର୍ଗଦର୍ଶୀ ବାର୍ତ୍ତା ଦେଇଥିଲେ । ଚୂଡ଼ାମଣି ନାୟକ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଶପଥପାଠ କରାଇଥିଲେ । ଏହା ପରେ ଷ୍ଟଲଗୁଡିକ ଉଦ୍‌ଘାଟନ କରି ଶିକ୍ଷଣ ସାମଗ୍ରୀ ମେଳା ପରିଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଅଧିନସ୍ଥ ୧୨ଗୋଟି ଆଞ୍ଚଳିକ ସାଧନ କେନ୍ଦ୍ରର ସମସ୍ତ ସଂଯୋଜକ ଏବଂ ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷକ,ଶିକ୍ଷୟିତ୍ରୀ ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଗାଇଡ଼ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ, ଅଭିଭାବିକାମାନେ ମଧ୍ୟ ଯୋଗ ଦେଇଥିଲେ । ଏହି ମେଳାଟିକୁ ଛାତ୍ରଛାତ୍ରୀ ବେସ୍ ଉପଭୋଗ କରିଥିଲେ । କାର୍ଯ୍ୟକ୍ରମର ସହଯୋଗ ନିମନ୍ତେ ଉକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ଏଥିରେ ଅଂଶଗ୍ରହଣ କରିଥିବା ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ କୁମୁଦ ବିହାରି ବେଦବାକ ସଂଯୋଜନା କରିଥିଲେ । ପରିଶେଷରେ ସିରୋଲ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁଧୀର କୁମାର ନାଗ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଭଞ୍ଜନଗର ଝିଅ ମଣିପୁର ଏସପି

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବାଇପାସ ରୋଡ଼ ବାସିନ୍ଦା କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ଝିଅ ବବିତା ରାଣୀ ସ୍ୱାଇଁ ମଣିପୁରର ଚାଣ୍ଡେଲ ଏସପି ଭାବେ ମଙ୍ଗଳବାର କାର୍ଯ୍ୟରେ ଯୋଗ ଦେଇଛନ୍ତି । ଏହି ଖବର ଜଣାପଡ଼ିବା ପରେ ଭଞ୍ଜନଗର ବାସିନ୍ଦା ଖୁସିବ୍ୟକ୍ତ କରିଛନ୍ତି । ବବିତା ହେଉଛନ୍ତି ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ପୂର୍ବତନ ଛାତ୍ରୀ । ତାଙ୍କ ପିତା ବନ ବିଭାଗର ଜଣେ ଅଧିକାରୀ ଥିଲେ । ୨୦୨୦ ମସିହାରେ ବବିତା ୟୁପିଏସସି ପରୀକ୍ଷାରେ କୃତକାର୍ଯ୍ୟ ହେବାପରେ ଆଇପିଏସ୍ ଅଫିସର ଭାବେ ଡେରାଡୁନରେ ତାଲିମ ନେଇଥିଲେ । ଏହାପରେ ସେ ମଣିପୁରର ଇମ୍ଫାଲ ଇଷ୍ଟରେ ଏସଡିପିଓ ଭାବେ କାର୍ଯ୍ୟରତ ଥିଲେ । ଏହାପରେ ପୋରମପେଟ ଏସଡିପିଓ ଭାବେ କାର୍ଯ୍ୟରତ ଥିଲେ । ଗତ ୨୮ ତାରିଖରେ ବବିତାଙ୍କୁ ରାଜ୍ୟପାଳ ଟାମେନଗୋଲଙ୍ଗ ଏସପି ଭାବେ ବଦଳି କରିଥିଲେ । ସେଠାରେ ଅଳ୍ପ ଦିନ କାର୍ଯ୍ୟ କରିବା ପରେ ପୁଣି ତାଙ୍କୁ ଚାଣ୍ଡେଲ ଏସପି ଭାବେ ବଦଳି ହୋଇଥିଲା । ତେଣୁ ବବିତା ଆଜି ତାଙ୍କର ନୂତନ କାର୍ଯ୍ୟରେ ଯୋଗ ଦେଇଥିବା ଜଣାପଡିଛି ।

# ଆଇନ ଶିକ୍ଷା ଉପରେ ଆଲୋଚନାଚକ୍ର




ବାରିପଦା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ମହାରାଜପୁର ସ୍ଥିତ ମୟୁରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନସି ଆଣ୍ଡ ମ୍ୟାନେଜେମଣ୍ଟ ମହାବିଦ୍ୟାଳୟରେ ନୂତନ ଭାବେ ଖୋଲିଥିବା ୫ ବର୍ଷୀୟା ସମନ୍ୱିତ ବିଏଏଲଏଲବି ବିଭାଗ ଦ୍ୱାରା 'ଓଡ଼ିଶାରେ ଆଇନ ଶିକ୍ଷ୍ୟା :ଏହାର ଆହ୍ୱାନ ଓ ସମ୍ଭାବନା' ଶୀର୍ଷକ ଆଲୋଚନାଚକ୍ର ଉକ୍ତ ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶା ଲୟର୍ସ ଆସୋସିଏସନର କୋ ଚେୟାରମ୍ୟାନ ଜୀବନ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଆଇନ ଶିକ୍ଷାର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ବାରିପଦା ଓକିଲ ସଂଘର ବରିଷ୍ଠ ଆଡ଼ଭୋକେଟ ନରୋତ୍ତମ ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବେ ଅନ୍ୟତମ ବରିଷ୍ଠ ଆଡ଼ଭୋକେଟ ଲିଙ୍ଗରାଜ ମିଶ୍ର ଯୋଗଦେଇ ଆଇନ ଶିକ୍ଷାର ସମସ୍ୟା ଓ ଭବିଷ୍ୟତ ଉପରେ ନିଜର ମନ୍ତବ୍ୟ ରଖିଥିଲେ । ଆଇନ ବିଭାଗର ସଂଯୋଜକ ଡ. ଜିତେନ୍ଦ୍ର କୁମର ଦାସ ଅତିଥି ପରିଚୟ ପ୍ରଦାନ କରିଥବା ବେଳେ ଏହି ମହାବିଦ୍ୟାଳୟର ଉପାଧକ୍ଷା ସଂଘମିତ୍ରା ରାଉତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଅଭିପ୍ସା ନାୟକ, ରୀନାରାଣୀ ମହାନ୍ତ, ମୀରା ସେନାପତି, ସଞ୍ଜୁକ୍ତା ମହାନ୍ତ, ପୂଜା ଶତପଥି, ପ୍ରତିଭା ଦାସ ଭାଗ ନେଇ ନିଜର ମତାମତ ଉପସ୍ଥାପନ କରିଥିଲ । ମୁଖ୍ୟଅତିଥି ସାହୁ ନୂତନ ଭାବେ ଅଲ୍ ଓଡ଼ିଶା ଲୟର୍ସ ଆସୋସିଏସନର କୋ ଚେୟାରମ୍ୟାନ ଭାବେ ନିର୍ବାଚିତ ହୋଇଥିବାରୁ ତାଙ୍କୁ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା । ସେହିଭଳି ଆଇନ ସଚେତନତା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ଆଇନଜୀବୀ ନରୋତ୍ତମ ପାଣିଗ୍ରାହୀ ଓ ଲିଙ୍ଗରାଜ ମିଶ୍ରଙ୍କୁ ମଧ୍ୟ ମହାବିଦ୍ୟାଳୟ ତରଫରୁ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା । ଆଇନ ବିଭାଗର ଅନ୍ୟତମ ଅଧ୍ୟାପକ ଜ୍ଞାନରଞ୍ଜନ ପଣ୍ଡା ସେମିନାର ବିଷୟ ବସ୍ତୁର ଯଥାର୍ଥତା ଉପରେ ଆଲୋକପାତ କରିଥିଲେ ।

# ଜୟଦେବ ସଂସ୍କୃତ ମହାବିଦ୍ୟାଳୟ ତରଫରୁ ସଫେଇ କାର୍ଯ୍ୟକ୍ରମ

ବୋଲଗଡ଼, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକର ବକ୍ରେଶ୍ୱର ମହାଦେବ ମନ୍ଦିର ଗଡଗୁଡୁମ ପରିସରରେ ଜୟଦେବ ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ ଆଜି ମହା ଶିବରାତ୍ରିରେ ସକାଳ ଆଠ ଘଟିକା ସମୟରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅବସରରେ ସମଗ୍ର ମନ୍ଦିର ପରିସରରେ ଜମି ରହିଥିବା ବିଭିନ୍ନପ୍ରକାରର ଅଳିଆ ଆବର୍ଜନାକୁ ସଫେଇ କରାଯିବା ସହିତ ସେଠାରୁ ନିର୍ଗତ ଅଳିଆ ଆବର୍ଜନାକୁ ବର୍ଗ ଅନୁଯାୟୀ ପୃଥକ ଭାବେ ନିର୍ଦ୍ଦିଷ୍ଟ ଡଷ୍ଟବିନରେ ରଖିବା ପାଇଁ ଉପସ୍ଥିତ ଲୋକ ଓ ସମସ୍ତ କର୍ମଚାରୀଙ୍କୁ ସଚେତନ କରାଯାଇଛି । ଜୟଦେବ ସଂସ୍କୃତ ମହାବିଦ୍ୟାଳୟର ସମ୍ପାଦକ ବିଶ୍ୱନାଥଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭିଏସଅଫ ମିଡିଆ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ପ୍ରଭାତ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶକୁ ସର୍ବଦା ସ୍ୱଚ୍ଛ ରଖିବା ପାଇଁ ମତ ରଖିଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ବିଶିଷ୍ଟ ସମାଜ ସେବୀ ସୁଜିତ୍ ମିଶ୍ର ଯୋଗ ଦେଇ ମହାତ୍ମା ଗାନ୍ଧୀ




ଓ ଗୋପବନ୍ଧୁଙ୍କ ନୀତିଆଦର୍ଶକୁ ଅନୁସରଣ କରି ଚାଲିଲେ ଛାତ୍ରଛାତ୍ରୀଙ୍କ ଜୀବନ ସରସ ସୁନ୍ଦର ହେବା ସହିତ ଜୀବନରେ ଜଣେ ଭଲ ମଣିଷ ହୋଇପାରିବ ବୋଲି ମତ ରଖିଥିଲେ । ସମ୍ମାନିତ ଅତିଥି ଭାବେ ପରିବେଶବିତ୍ ଧନେଶ୍ୱର ବିଧାର ଯୋଗଦେଇ ଗୀତ ମାଧ୍ୟମରେ ସ୍ୱଚ୍ଛ ଭାରତ ବିଷୟରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନିଜ ଘରକୁ ଓ ଘରର ଚାରିପାଖକୁ ସ୍ୱଚ୍ଛ ରଖିବା ପାଇଁ ମତ ରଖିଥିଲେ । ସାମ୍ବାଦିକ ସମିର ସୁନ୍ଦରାୟ ଛାତ୍ର ଛାତ୍ରୀଙ୍କୁ ଅନେକ ଶିକ୍ଷଣୀୟ କଥା ଉପଦେଶ ଦେଇଥିଲେ । ଏହି ଅବସରରେ ଅନ୍ୟତମ ଅତିଥି ସାମ୍ବାଦିକ ପ୍ରଦୀପ ମହାନ୍ତି ପିଲାଙ୍କୁ କହିଥିଲେ, ଦେଶକୁ ସରସ ସୁନ୍ଦର କରିବାକୁ ହେଲେ ନିଜକୁ ଓ ନିଜ ପରିବାରକୁ ସ୍ୱଚ୍ଛ ରଖିବା ଦରକାର । ଉପ ଅଧ୍ୟାପକ ବିମଳ ପୃଷ୍ଟି ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପିକା ନମିତା ଦାଶ ଧନ୍ୟବାଦ୍ ଦେଇଥିଲେ ।

## ବଟେଶ୍ୱର ସମୁଦ୍ର କୂଳରେ ଲାଗିଲା ବିରାଟ ଲୌହ ପିଣ୍ଡ

ଛତ୍ରପୁର, (ଭାସ୍କର ନ୍ୟୁଜ୍): ଗଞ୍ଜାମ ବ୍ଲକ୍ କଣ୍ଟିଆ ଗଡ ଅନ୍ତର୍ଗତ ବଟେଶ୍ୱର ସମୁଦ୍ର କୂଳରେ ଏକ ଲୌହପିଣ୍ଡ ପଡ଼ିଥିବା ଦେଖିବାକୁ ମିଳିଛି । ଏହାକୁ ନେଇ ଭିନ୍ନ ମତ ପ୍ରକାଶ ପାଇଛି । ଖବରପାଇ ନୌସେନା ପଦାଧିକାରୀ ପହଞ୍ଚି ଏହା ସମୁଦ୍ର ମଧ୍ୟରେ ବିଭିନ୍ନ ଦେଶର ଜଳସୀମା ନିର୍ଦ୍ଧାରିତ କରିଥାଏ ବୋଲି କହିଛନ୍ତି । କୌଣସି କାରଣବଶତଃ ଏହା ବିଛିନ୍ନ ହୋଇ ଭାସି ଆସି କୂଳରେ ଲାଗିଥିବା କୁହାଯାଇଛି । ଅନ୍ୟପଟେ ଏହା ଯାହାଜରେ ଲାଗୁଥିବା ଏକ



ଯନ୍ତ୍ରାସ ଲୌହପିଣ୍ଡ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି । ସମୁଦ୍ରରୁ ଭାସି ଭାସି କୂଳରେ ଲାଗିବା ପରେ ଏହାକୁ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା । ସେଠାରେ ବନ ବିଭାଗ ପକ୍ଷରୁ କୋଷ୍ଟ ଗାର୍ଡ ନିୟୋଜିତ କରାଯାଇଛି ।

## ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ କୁବେରା ପଞ୍ଚାୟତ ଅଧୀନ ରହଣିଆ ସାହି ଗ୍ରାମର ତୃତୀୟ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ କଳସ ଶୋଭାଯାତ୍ରାରେ ଯଜ୍ଞସ୍ଥଳରୁ ବାହାରି ସାଳନ୍ଦୀ ନଦୀରେ କଳସ ବୁଡ଼ାଇଥିଲେ । କଳସ ବୁଡ଼ାଯିବା ପରେ ଯଜ୍ଞମଣ୍ଡପକୁ ଅଣାଯାଇ କଳସ ସ୍ଥାପନ କରାଯାଇଥିଲା । ପରେ ଯଜ୍ଞର ଅଗ୍ନିସ୍ଥାପନ ଓ ଶିଖର ସ୍ନାନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ପୂଜକ ଅକ୍ଷୟ କୁମାର ତ୍ରିପାଠୀ ପୂଜା କାର୍ଯ୍ୟ ସମାପନ କରିଥିବା ବେଳେ କର୍ତ୍ତା ଭାବେ ଅଲେଖ ବେହେରା, ମଦନ ମୋହନ ନାୟକ, ମନୋଜ କୁମାର ନାୟକ କାର୍ଯ୍ୟ ତୁଲାଇଥିଲେ । ରାତିରେ ଯଜ୍ଞର ପୂର୍ଣ୍ଣାହୂତି କାର୍ଯ୍ୟ ହୋଇଥିଲା । ଗ୍ରାମର ଟୁକୁନା ମଲ୍ଲିକ, ଧନେଶ୍ୱର ନାୟକ, ଜଳଧର ବେହେରା, ଚକ୍ରଧର ନାୟକ, ହିମାଂଶୁ ମଲ୍ଲିକ, ବିଷ୍ଣୁ ଚରଣ ନାୟକ, ଶରତ ଖଟୁଆ, ପ୍ରଭାସ ନାୟକ, ନିର୍ମଳ ମଲ୍ଲିକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ଭଣ୍ଡାରିପୋଖରୀରେ ମହାଶିବରାତ୍ରି

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ୍‌ର ପୁରପଲ୍ଲୀରେ ପବିତ୍ର ମହାଶିବରାତ୍ରି ଓ ଜାଗରଯାତ୍ରା ବୁଧବାର ପାଳିତ ହୋଇଛି । 'ଓଁ ନମଃ ଶିବାୟ' ମନ୍ତ୍ର ଜପ କରି ଶ୍ରଦ୍ଧାଳୁମାନେ ମନ୍ଦିର ଉପରେ ପ୍ରଜ୍ଜ୍ୱଳିତ ମହାଦୀପକୁ ଦର୍ଶନ କରିବା ନିମନ୍ତେ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଉଜାଗର ରହିଥିଲେ । ଏହି ଉପଲକ୍ଷେ ବିଭିନ୍ନ ଶିବ ମନ୍ଦିରକୁ ଆକର୍ଷଣୀୟ ଭାବେ ସଜ୍ଜିତ କରାଯାଇଥିଲା । ମୁଦ୍ରାପଦାର ପ୍ରସିଦ୍ଧ ବାବା ବୈଦ୍ୟନାଥ ମନ୍ଦିରଓ ଦାଣ୍ଡକୂଳର ବାବା ଝାଡେଶ୍ୱର ମନ୍ଦିରରେ ଭଦ୍ରକ ଓ ଯାଜପୁରର ଜିଲ୍ଲାର ବହୁଭକ୍ତଙ୍କ ସମାଗମ ହୋଇଥିଲା । ସେହିପରି ରଣଜିତ ପଞ୍ଚାୟତର ନୂଆନଈ ନିକଟ ଅପୂଜା ମହାଦେବପୀଠରେ ବିପୁଳ ସଂଖ୍ୟକ ଭକ୍ତମାନେ ବାବାଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ । ଭଣ୍ଡାରିପୋଖରୀ ଥାନା ପରିସରରେ ଥିବା ବାବାଶିତିକଣ୍ଠେଶ୍ୱର, ମେଡିକାଲ ପରିସରରେ ରାମେଶ୍ୱର, ଭଣ୍ଡାରିପୋଖରୀ ବଜାରରେ ଦର୍ପେଶ୍ୱର, ଅଗେଇବେହେରାର ଆଖଣ୍ଡଳେଶ୍ୱର, ଥଇଳାର ଥାନେଶ୍ୱର ଓ ଦୁଃଖେଶ୍ୱର, ରହଣିଆର କଚେରୀଶ୍ୱର ଓ ଉଡରେଶ୍ୱର, ରାଢୋର ବିଶ୍ୱେଶ୍ୱର, ମାଳଦାର ଛୋଟେଶ୍ୱର ଓ



ନୂଆମହାଦେବ, ନଗୁଆଁର ନାଗେଶ୍ୱର ଓ ଭଗେଶ୍ୱର, ଝୁଟଣାର ଅଷ୍ଟଶମ୍ଭୁ ଓ ସ୍ୱପ୍ନେଶ୍ୱର, ଦେଓପଦାର ଶୈବପୀଠ, ସାତଶୋଳାର ଅଖିଳେଶ୍ୱର, ବାରିକପୁର ମେଡିକାଲ ପରିସର ଶିବମନ୍ଦିର, ପନଖାର ନୀଳକଣ୍ଠେଶ୍ୱର ଆଦି ବହୁ ପ୍ରସିଦ୍ଧ ଶିବମନ୍ଦିର ସହ ଗାଁ ଗହଳିରେ ଥିବା ସମସ୍ତ ଶିବମନ୍ଦିରରେ ବିପୁଳ ସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିଥିଲା । ବାବଲପୁର ମହାଦେବ ମନ୍ଦିରରେ ଶ୍ରୀରାମଚରିତ ଓ ସୁନ୍ଦରାକାଣ୍ଡ ପାରାୟଣ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା ।

# ବରିଷ୍ଠ ସାମ୍ବାଦିକ ତ୍ରିବିକ୍ରମ ରାମକୃଷ୍ଣଙ୍କ ପରଲୋକ

କୋଣାର୍କ, (ଭାସ୍କର ନ୍ୟୁଜ୍): କୋଣାର୍କ ଅଞ୍ଚଳର ବରିଷ୍ଠ ତଥା ନିର୍ଭିକ ସାମ୍ବାଦିକ, ଦୃଢ଼ ସଂଗଠକ ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ୬୬ବର୍ଷ ବୟସରେ ପରଲୋକ ହୋଇଛି । ଗତ କିଛିଦିନ ହେଲା ଅସୁସ୍ଥ ଥିବାରୁ ଭୁବନେଶ୍ୱର ସମ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ବୁଧବାର ପୂର୍ବାହ୍ନରେ ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ କୋଣାର୍କ ଓ ଏହାର ଆଗପାଖ ଅଞ୍ଚଳରେ ଶୋକରେ ଛାୟା ଖେଳିଯାଇଥିଲା । ସେ ଦୀର୍ଘ ୪୦ବର୍ଷ ଧରି ସାମ୍ବାଦିକତା କ୍ଷେତ୍ରରେ ପୁରୀ ଜିଲ୍ଲାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ନିମାପଡ଼ା କଲେଜ ଛାତ୍ର ସଂସଦର ପ୍ରାକ୍ତନ ସଭାପତି, ପୁରୀ ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘ,କୋଣାର୍କ ସାହିତ୍ୟ ସଂସଦ,ବସନ୍ତ ମଞ୍ଜରୀ ପାଠାଗାର ସଭାପତି,କୋଣାର୍କ ପ୍ରେସ କ୍ଲବ ଉପଦେଷ୍ଟା ଭାବେ ନିଷ୍ଠାର ସହିତ ଦାୟିତ୍ୱ ତୁଲାଇଥିଲେ । ସାମ୍ବାଦିକ ତ୍ରିବିକ୍ରମଙ୍କ ପରଲୋକରେ ନିମାପଡ଼ା ପୂର୍ବତନ ବିଧାୟକ ସମୀର ରଞ୍ଜନ ଦାଶ, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା,ବିଜୁଜନତା ଦଳର ପୂର୍ବତନ ସାଧାରଣ ସଂପାଦକ ସତ୍ୟବ୍ରତ ପାତ୍ର, ପୁରିଜିଲ୍ଲା ପରିଷଦ ଉପାଦକ୍ଷ ସ୍ୱାଧୀନ କୁମାର ନାୟମ,କାକଟପୁର ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୁଷଣ କର, କୋଣାର୍କ ଏନଏସି ଅଧକ୍ଷା ସଂଯୁକ୍ତା ତ୍ରିପାଠୀ, କୋଣାର୍କ ନଗର ବିଜେଡି ସଭାପତି ଗୋପାଳ ଚନ୍ଦ୍ର ବେହେରା, ପୁରୀ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଅକ୍ଷୟ କୁମାର ନାୟକ, କୋଣାର୍କ ପ୍ରେସ କ୍ଲବ, କୋଣାର୍କ ସାମ୍ବାଦିକ ସଂଘ, ଗୋପ ସାମ୍ବାଦିକ ସଂଘ,



ନିମାପଡ଼ା ପ୍ରେସ କ୍ଲବ, ଚାରିଛକ ସାମ୍ବାଦିକ ସଂଘ, କାକଟପୁର ପ୍ରେସ କ୍ଲବ, ଅସ୍ତରଙ୍ଗ ସାମ୍ବାଦିକ ସଂଘ ସମେତ ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ଓ ବ୍ୟକ୍ତି ବିଶେଷ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି । ତାଙ୍କ ମରଶରୀର ଭୁବନେଶ୍ୱରରୁ ଏଠାରେ ପହଂଚିବା ପରେ ଶୋଭାଯାତ୍ରାରେ କୋଣାର୍କ ବଜାର ପରିକ୍ରମା କରାଯାଇ କୁରୁଜଙ୍ଗ ଓ ରାଉଳପାଟଣା ନିକଟସ୍ଥ ବାସଭବନକୁ ନିଆଯାଇଥିଲା । ପରେ ପୁରୀ ସ୍ୱର୍ଗଦ୍ୱାର ଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । କନିଷ୍ଠ ପୁତ୍ର ସମ୍ପଦ ମହାପାତ୍ର ମୁଖାଗ୍ନି ଦେଇଥିଲେ ।

# ଘଡ଼ଘଡ଼ି ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ବୁଧବାର ଦିନ ମହାଶିବରାତ୍ରୀ ଉପଲକ୍ଷେ କେନ୍ଦୁଝର ନିକଟସ୍ଥ ନରଣପୁର ଠାରେ ଅବସ୍ଥିତ ଶ୍ରୀ ଶ୍ରୀ କପିଳେଶ୍ୱର ଶିବ ମନ୍ଦିର ଘଡ଼ଘଡ଼ି ଠାରେ ଭକ୍ତ ମାନଙ୍କର ପ୍ରବଳ ସମାଗମ ହୋଇଥିଲା । ମହାଦେବଙ୍କର ଏହି ବିଶେଷ ଦର୍ଶନ ଓ ଅପାର କରୁଣା ଲାଭ ପ୍ରାପ୍ତ ପାଇଁ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ଅନେକ ଭକ୍ତଙ୍କର ସୁଅ ଛୁଟିଥିଲା । ସକାଳୁ ସମସ୍ତ ନୀତିକାନ୍ତି ଅନୁଯାୟୀ ପୂଜା ଆରମ୍ଭ



ହୋଇ ମହାଦୀପ ଉଠିଥିଲା । ଏକ ଲକ୍ଷ ଲୋକଙ୍କ ପାଇଁ ପ୍ରସାଦ ବଣ୍ଟନର ବ୍ୟବସ୍ଥା କରାଯାଇଥିଲା । ଭକ୍ତମାନଙ୍କ ପାଇଁ ଲେମ୍ବୁ ପାଣି ଓ ଦହି ପାଣିର ବ୍ୟବସ୍ଥା କରାଯାଇଥିଲା । ଖରାକୁ ଆଖି ଆଗରେ ରଖି ଭକ୍ତମାନଙ୍କ ସୁବିଧା ପାଇଁ ପ୍ରାଥମିକ ଚିକିତ୍ସାର ମଧ୍ୟ ବ୍ୟବସ୍ଥା କରାଯାଇଥିଲା । ଶୃଙ୍ଖଳିତ ଏବଂ ନିୟମ ଅନୁଯାଇ କିପରି ସମସ୍ତ କାର୍ଯ୍ୟ ହେଇପାରିବ ତାହା ନେଇ କମିଟି ତିନିଦିନ ଆଗରୁ ଯୋଜନା ପ୍ରସ୍ତୁତ କରିଥିଲା ବୋଲି କପିଳେଶ୍ୱର ମନ୍ଦିର ପରିଚାଳନା କମିଟିର ସଭାପତି ବିଜୟ କୁମାର ମହାନ୍ତି ସୂଚନା ଦେଇଛନ୍ତି ।

## ମହାଶିବରାତ୍ରିରେ ଶ୍ରଦ୍ଧାଳୁଙ୍କ ଭିଡ଼

ନନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ୍): ପବିତ୍ର ମହାଶିବରାତ୍ରି ତଥା ଜାଗର ପାଳନ ଅବସରରେ ସକାଳୁ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା । ନନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ପଥରଲସା, ମେଣ୍ଟ୍ରି, ଧଣ୍ଡରା, ଡଙ୍ଗରଭେଜା, ଦହଣା, ସାଗରମୁଣ୍ଡା, ମାଳୀଗୁଡା, ସିନ୍ଧିଗୁଡା, ରଙ୍ଗମାଟିଗୁଡା, ପଲ୍ଲୁଗୁଡା, ଜଗନ୍ନାଥପୁର ଓ ଜବା ଗୁଡା ଶିବ ମନ୍ଦିର ଗୁଡ଼ିକରେ ଭକ୍ତଙ୍କ ସମାଗମ ସକାଳୁ ରାତି ଯାଏଁ ଲାଗି ରହିଥିଲା । ଅଧିକାଂଶ ଶୈବ ପୀଠରେ ଉଜାଗର ନିମନ୍ତେ ଆଞ୍ଚଳିକ ନାଟକମାନ ପରିବେଷଣ କରାଯାଇଥିଲା । ନନ୍ଦାହାଣ୍ଡି କଲୋନୀ ଛକ ଠାରେ ନୂତନ ଭାବେ ନିର୍ମିତ ଶିବ ମନ୍ଦିରକୁ ପ୍ରତିଷ୍ଠା କରିବା ସହ ଅଷ୍ଟପ୍ରହରୀ ନାମ ଯଜ୍ଞ ଆୟୋଜନ କରାଯାଇଥିଲା । ପଥରଲସା ଓ ମେଣ୍ଟ୍ରୀ ଗ୍ରାମର ଶିବ ମନ୍ଦିର ପରିସରରେ ଅଷ୍ଟ ପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ କରାଯାଇଥିଲା । ଯାହାକି ବୁଧବାର ସକାଳୁ ମହାମନ୍ତ୍ର ନାମ ପ୍ରାରମ୍ଭ କରି ଗୁରୁବାର ସକାଳେ ସମାପ୍ତ କରାଯିବ ବୋଲି ଆୟୋଜକ ମଣ୍ଡଳୀ ସୂଚନା ଦେଇଥିଲେ । ଜନଗହଳିକୁ ଦୃଷ୍ଟିରେ ରଖି ପୁଲିସ ବିଭାଗ ତରଫରୁ ସମସ୍ତ ଶୈବ ପୀଠରେ ଶାନ୍ତି ଶୃଙ୍ଖଳ ରକ୍ଷା ପାଇଁ ପୁଲିସ ମୁତୟନ କରାଯାଇଥିଲା । ସାଧାରଣ ଭକ୍ତ ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମଧ୍ୟ ବିଭିନ୍ନ ଶୈବ ପୀଠରେ ମହାଦେବଙ୍କୁ ଦର୍ଶନ କରିବା ସହ ନାମ ଯଜ୍ଞରେ ସାମିଲ ହୋଇଥିଲେ ।



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକର କୁମ୍ଭାରିଆ ଓ ପାଟୁଳି ଗ୍ରାମର ବିରି, ମୁଗ ଚାଷ କ୍ଷେତ୍ରାରତ ସରକାରଙ୍କ କୃଷି ବୈଜ୍ଞାନିକମାନେ ପରିଦର୍ଶନ କରିଛନ୍ତି। ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଅନ୍ତର୍ଗତ ଧାନ ପରବର୍ତ୍ତି ପତିତ ଜମିରେ କୃଷି ବିଭାଗ ଆନୁକୂଲ୍ୟରେ ହୋଇଥିବା ଡାଲି ଜାତୀୟ ଫସଲ ଚାଷ ସମ୍ପର୍କରେ ଅନୁଧ୍ୟାନ ସହ କୃଷକମାନଙ୍କୁ କେନ୍ଦ୍ର କୃଷି ବୈଜ୍ଞାନିକ ଡଃ ପି. ରମଣ ଓ ଡଃ ଆର.ଆର. ବିଜୟ କୃଷି ପରାମର୍ଶ ଦେଇଥିଲେ। ବ୍ଲକ୍ କୃଷି ଅଧିକାରିଣୀ ସୁଦିପ୍ତା ପଣ୍ଡା, ସହକାରୀ ବ୍ଲକ କୃଷି ଅଧିକାରୀ ସଞ୍ଜିବ ମଲ୍ଲିକ, ଗ୍ରାମ୍ୟ କୃଷି କର୍ମଚାରୀ ପ୍ରମୋଦ କୁମାର ନାୟକ, ସମ୍ବଳ ବ୍ୟକ୍ତି ଧର୍ମେନ୍ଦ୍ର ନାୟକ, ଏ.ଡି.ଆଇ. ସଂସ୍ଥା ସ୍ଥାନୀୟ ବ୍ଲକ ସଂଯୋଜକ ଦିବାକର ସାହୁ ପ୍ରମୁଖ ଯୋଗଦେଇ ବିରି, ମୁଗ ଭଳି ଡାଲି ଜାତୀୟ ଚାଷ ନିମନ୍ତେ ଜମି ପ୍ରସ୍ତୁତି, ରୋଗ, ପୋକ ପରିଚାଳନା ଓ ଏଥିପାଇଁ ଉପଲବ୍ଧ ସରକାରୀ ସୁବିଧା ଓ ପ୍ରୋତ୍ସାହନ ଆଦି ସମ୍ପର୍କରେ ଉପସ୍ଥିତ ଚାଷୀମାନଙ୍କୁ ସଚେତନ କରାଇଥିଲେ। କୃଷକମାନେ ଡାଲି ଜାତୀୟ ଚାଷକୁ ଅଧିକ ଗୁରୁତ୍ୱ ଦେବାକୁ ବୈଜ୍ଞାନିକମାନେ ପ୍ରବର୍ତ୍ତାଇଥିଲେ।

## ବନବିଭାଗ ଦ୍ୱାରା ଶାଳକାଠ ଜବତ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ମଲ୍ଲିପଶି ବିଟ ଦଉଳି ଭିଜା ଗାଁ ନିକଟ ଜଙ୍ଗଲରୁ ବୁଧବାର ସକାଳୁ ଚୋରା ଶାଳକାଠ ଜବତ ହୋଇଛି। କାଠ ଚୋରାଚାଲାଣ ସମୟରେ ବନବିଭାଗ ଚଢ଼ାଉ କରି ଶାଳକାଠ ବୋଝେଇ ମିନି ପିକଅପ୍ ଭ୍ୟାନକୁ ଜବତ କରିବା ସହ ଭ୍ୟାନରୁ



୧୨ଖଣ୍ଡ ଶାଳ ଗଣ୍ଡି ଜବତ କରିଛି। ଚଢ଼ାଉ ଦେଖି ଘଟଣାସ୍ଥଳରୁ କାଠମାଫିଆ ଫେରାର ହୋଇ ଯାଇଛନ୍ତି। ଜବତ କାଠର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଚଢ଼ାଉରେ ବନରକ୍ଷୀ ଦେବଯାନୀ ମହାନ୍ତ, ପାରା ଷ୍ଟାଫ ଏମଡି ୱାସିମ ସଞ୍ଜୟ ମହାନ୍ତ, ରମାକାନ୍ତ ମହାନ୍ତ, ଭାସ୍କର ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ।

# ବାହ୍ୟ ମଳମୁକ୍ତ ପଞ୍ଚାୟତ ଭେଳିକି, ବଦଳୁନି ଲୋକଙ୍କ ମାନସିକତା

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଜଳ ଓ ପରିମଳ ବିଭାଗ ପକ୍ଷରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଞ୍ଚାୟତରେ ବିଭିନ୍ନ ଗାଁ'କୁ ସାଇନିବୋର୍ଡ ମାଧ୍ୟମରେ ବାହ୍ୟ ମଳମୁକ୍ତ ଅଞ୍ଚଳ ବୋଲି ଘୋଷଣା କରାଯାଇଛି। ଏ ନେଇ ସମ୍ପୃକ୍ତ ଗ୍ରାମରେ ଫଳକ ବି ଲାଗିଛି। ହେଲେ ଏହି ଘୋଷଣା କେବଳ ପ୍ରହସନ ପାଲଟିଥିବା ବେଳେ ବ୍ଲକର ୭୦ଭାଗ ଲୋକ ଏବେ ବି ଶୌଚ ପାଇଁ ପଦାକୁ ଯାଉଥିବା ଦେଖିବାକୁ ମିଳୁଛି। ସ୍ୱଚ୍ଛ ଭାରତ ଅଭିଯାନରେ ପ୍ରତ୍ୟେକ ପରିବାରକୁ ଶୌଚାଳୟ ନିର୍ମାଣ ପାଇଁ ୧୨ହଜାର ଟଙ୍କା ମିଳିଥିଲା। ହେଲେ ଠିକାସଂସ୍ଥା ଓ ଦଲାଲଙ୍କ ଦ୍ୱାରା ଏହି ପାଇଖାନା ନିର୍ମାଣରେ ବ୍ୟାପକ ଦୁର୍ନୀତି ହୋଇଥିଲା। ଫଳରେ ନିମ୍ନମାନର କାମ ଯୋଗୁଁ ଅଧିକାଂଶ ପାଇଖାନା ଏବେ ବ୍ୟବହାର ଉପଯୋଗୀ ଅବସ୍ଥାରେ ନାହିଁ। ଫଳରେ କେଉଁଠି ପାଇଖାନା କାନ୍ଥ ଫାଟି ଆଁ



କରିଛି ତ'କେଉଁଠି କବାଟ ଉଭାନ ହୋଇଯାଇଛି। ସେହିପରି ପାଇଖାନା ବ୍ୟବହାର ପାଇଁ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ରହୁଛି। ତେଣୁ ଅନେକ ଲୋକ ପାଇଖାନାରେ ଜାଳେଣି କାଠ ରଖୁଛନ୍ତି ନଚେତ ଘର ଭଙ୍ଗାରୁଜା ସାମଗ୍ରୀ ରଖୁଛନ୍ତି। ଅସ୍ତରଙ୍ଗ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଜଳ ଓ ପରିମଳ ବିଭାଗ ତରଫରୁ ଶତାଧିକ ଶୌଚାଳୟ ନିର୍ମାଣ ହୋଇଥିଲା। ହେଲେ ଏବେ ଖୋଜିଲେ ଅର୍ଦ୍ଧାଧିକ ଭଲ ଶୌଚାଳୟ ମିଳିବା କଷ୍ଟକର ହେବ। ନିମ୍ନମାନର କାର୍ଯ୍ୟ ଯୋଗୁଁ ଏମିତି ଅବସ୍ଥା ହୋଇଥିବା ଅଧିକାଂଶ ହିତାଧିକାରୀ ଅଭିଯୋଗ କରିଛନ୍ତି। ତେଣୁ ବାଧ୍ୟ ହୋଇ ପୂର୍ବ ପରି ଗାଁ' ରାସ୍ତାକଡ଼,ଖେଳ ପଡିଆ ଓ ପାଖ ଜଙ୍ଗଲ କିମ୍ବା ନଦୀ ପାର୍ଶ୍ୱକୁ ଶୌଚ ହେବାକୁ ଯାଉଛନ୍ତି ଲୋକ। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ କହିଛନ୍ତି ଲୋକେ ନିଜେ ସଚେତନ ନ ହେଲେ କିଛି ହେବନି। ସେମାନେ ନିଜେ ନିଜେ ପାଇଖାନା ମରାମତି କରିବା ସହ ଏହାର ବ୍ୟବହାର କରିବା ଉଚିତ। ଅନ୍ତତଃ ଏ କ୍ଷେତ୍ରରେ ସରକାରଙ୍କ ଉପରେ ନିର୍ଭର ନ କରିବା ଭଲ।

# ମହାଦେବଙ୍କ ମୂର୍ତ୍ତି ଲୋକାର୍ପିତ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଭଞ୍ଜନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ଥାନୀୟ ଶଙ୍ଖସାହି ଠାକୁରାଣୀ ମନ୍ଦିର ନିକଟରେ ମହାଦେବଙ୍କ ମୂର୍ତ୍ତୀ ଉନ୍ମୋଚନ ହୋଇଯାଇଛି। ଖୋଲା ସ୍ଥାନ ସୌନ୍ଦର୍ଯ୍ୟ କରଣ ଯୋଜନାରେ ପବିତ୍ର ମହାଶିବରାତ୍ରି ଉତ୍ସବ ଅବସରରେ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗଦେଇ ମହାଦେବଙ୍କ ମୂର୍ତ୍ତୀକୁ ଲୋକାର୍ପିତ କରିଥିଲେ। ଏହାସହ ଶିବଲିଙ୍ଗଙ୍କୁ ମଧ୍ୟ ସର୍ବସାଧାରଣ ପୂଜା ନିମନ୍ତେ ଉନ୍ମୋଚନ କରାଯାଇଥିଲା। ଏଥିରେ ନଗରପାଳ ଗୋପବନ୍ଧୁ ମହାପାତ୍ର ମଧ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍.ଏ.ସି କାର୍ଯ୍ୟନିର୍ବାହୀ ଅଧିକାରୀ ମୁରଲୀକୃଷ୍ଣ ପଣ୍ଡା, ୧୫ ନମ୍ବର ୱାର୍ଡର କାଉନସିଲ ସମେତ ସମସ୍ତ କାଉସିଲର ଏବଂ ସ୍ଥାନୀୟ ବହୁ ସଂଖ୍ୟକ ମାନ୍ୟଗଣ୍ୟ



ବ୍ୟକ୍ତି ମଧ୍ୟ ଉପସ୍ଥିତ ରହିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ। ନାୟକ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଠାକୁରାଣୀ ଯାତ୍ରା ସମୟରେ ଏହି ମା ଠାକୁରାଣୀ ମନ୍ଦିରରୁ ମାଙ୍କୁ ପାଛୋଟି ନେବା ସମୟରେ ବହୁତ ଅସୁବିଧାର ସମ୍ମୁଖରେ ପଡିବାକୁ ପଡୁଛି। ଏହାକୁ ନଜରରେ ରଖି ଠାକୁରାଣୀ ମନ୍ଦିରକୁ ଲାଗିରହିଥିବା ଲୋହରାଖଣ୍ଡି ନଦୀ ଉପରେ ଆଉଏକ ସ୍ଥାୟୀ ପୋଲ ନିର୍ମାଣ କରିବା ପାଇଁ ପ୍ରସ୍ତାବ ରଖାଯାଇଥିବା କହିଥିଲେ। ଏଥିପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ସହ ଆଲୋଚନା ହୋଇଛି ଏବଂ ଠାକୁରାଣୀ ମନ୍ଦିର ନିକଟରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଯୋଜନା ରହିଛି ବୋଲି ବିଧାୟକ ଶ୍ରୀ ନାୟକ କହିଥିଲେ। ସେହିଭଳି ଭଞ୍ଜନଗର ସହରକୁ ସରସ-ସୁନ୍ଦର କରାଯିବା ସହ ସହରବାସୀଙ୍କ ମୌଳିକ ଆବଶ୍ୟକତା କୁ ଗୁରୁତ୍ୱ ଦେଇ, ଆସନ୍ତା ଦିନରେ ଏକ ଆଦର୍ଶ ସହର ଭାବରେ ପରିଣତ କରାଯିବ ବୋଲି, ନଗରପାଳ ଶ୍ରୀ ମହାପାତ୍ର କହିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବହୁସଂଖ୍ୟକ ପୁରୁଷ ଓ ମହିଳା ମାନେ ଯୋଗ ଦେଇଥିଲେ।

# ବିଭିନ୍ନ ଶୈବପୀଠରେ ଜାଗରଯାତ୍ରା

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲାର ଅନେକ ପୁରାତନ ଶୈବପୀଠ ରହିଛି। ଆରଡ଼ିର ବାବା ଆଖଣ୍ଡଳମଣି ହୁଅନ୍ତୁ କି ତିହିଡିର ନୂଆଶାସନ ଗାଁର କୁମାରେଶ୍ୱର ମହାଦେବ, ଶଙ୍ଖଡାର ଶଙ୍ଖେଶ୍ୱର ମହାଦେବ ହୁଅନ୍ତୁ କି ସୟାର ବୁଢ଼ା ମହାଦେବ କିମ୍ବା ଲିଙ୍ଗାଡି ଗାଁର ଲିଙ୍ଗେଶ୍ୱର ମହାଦେବ ଅବା ମହାଦେବଡିହର ପିମ୍ପଳେଶ୍ୱର ସବୁ ପୀଠଗୁଡିକ ଶହଶହ ବର୍ଷ ଐତିହ୍ୟ ଓ ପରମ୍ପରାରେ ସମୃଦ୍ଧ। ତେଣୁ ଭଦ୍ରକ ଜିଲ୍ଲାରେ ରହିଛନ୍ତି ଏକାଧିକ ଶୈବ ପୀଠ ଓ ଅସଂଖ୍ୟ ଶୈବ ଭକ୍ତ। ପ୍ରାଚୀନ ଐତିହ୍ୟରେ ସମୃଦ୍ଧ ଶୈବ ପୀଠ ହେଉଛି ତିହିଡି ବ୍ଲକ ଅନ୍ତର୍ଗତ ସୟା ପଞ୍ଚାୟତର ବାଂଶବାଗ ଗାଁର ବୁଢା ମହାଦେବ ବା ମୁକ୍ତେଶ୍ୱର ମହାଦେବ। ଜନଶୃତି ଅନୁସାରେ ଏଠାରେ ଦେବ ଦେବ ମହାଦେବଙ୍କ ଆବିର୍ଭାବ ହୋଇଥିଲା ଆଜକୁ ପ୍ରାୟ ୫ ଶହ ବର୍ଷ ତଳେ। ବର୍ତ୍ତମାନର ଶୈବ ପୀଠ ଥିବା ସ୍ଥାନରେ ସେତେବେଳେ ଏକ ରାଢ଼ୀ ପରିବାର ବସବାସ କରୁଥିଲେ। ସେମାନଙ୍କ ଘରେ ଥିବା ଢିଙ୍କି ଶାଳରେ ମାଳିଆଣୀ ନାମ୍ନୀ ଜଣେ ବୃଦ୍ଧା ଚୂଡ଼ା କୁଟୁଥିଲେ। ବର୍ତ୍ତମାନ ଶିବ ଲିଙ୍ଗ ଥିବା ସ୍ଥାନଟିକୁ ବୃଦ୍ଧା ଢିଙ୍କି ଖୋଳଭାବେ ବ୍ୟବହାର କରୁଥିଲେ। ଶୁଣାଯାଏ ବୃଦ୍ଧା ଯେତିକି ଧାନ ପଣୁଥିଲେ



ତାହାର ଦୁଇ ଗୁଣା ଚୂଡା ଉକ୍ତ ଖୋଳରୁ ବାହାରୁଥିଲା। ପରେ ବାଂଶବାଗ ଗାଁର ମଲ୍ଲିକ ପରିବାରକୁ ମହାଦେବ ସ୍ୱପ୍ନାଦେଶ ଦେଇ ନିଜର ଅସ୍ତିତ୍ୱ ସମ୍ପର୍କରେ କହିବା ସହ ପୂଜାର୍ଚ୍ଚନା କରିବାକୁ କହିଥିଲେ। ସୟା ପାଢୀସାହିର ମୁକ୍ତେଶ୍ୱର ପାଢୀ ନାମକ ଜଣେ ବ୍ରାହ୍ମଣଙ୍କ ସହାୟତାରେ ପୂଜା କରିବା ସହ ତାଙ୍କ ନାମ ଅନୁସାରେ ତାଙ୍କୁ ମୁକ୍ତେଶ୍ୱର ମହାଦେବ ନାମରେ ନାମିତ କରିବାକୁ ମଧ୍ୟ ସ୍ୱପ୍ନରେ ଆଦେଶ ହୋଇଥିଲା। ପ୍ରଥମେ ଏକ ଚାଳଛପର ଘରେ ମହାଦେବଙ୍କ ପୂଜାର୍ଚ୍ଚନା କରାଯାଉଥିଲା। ପରେ ଗ୍ରାମବାସୀଙ୍କ ସହାୟତାରେ ଏଠାରେ ଏକ ପୂର୍ଣ୍ଣାଙ୍ଗ ମନ୍ଦିର ନିର୍ମାଣ କରାଯାଇଥିଲା। ସେହିଦିନ ଠାରୁ ସେଠାରେ ପୂଜା ପାଇ ଆସୁଛନ୍ତି ମୁକ୍ତେଶ୍ୱର ମହାଦେବ। ଏବେ ପାଢୀ ବଂଶର ଦାୟାଦ କ୍ଷୀରସିନ୍ଧୁ ପାଢ଼ୀ ସ୍ଥାୟୀ ପୂଜକ ଦାୟିତ୍ୱରେ ଅଛନ୍ତି। ବାଂଶବାଗ ଗ୍ରାମ ମଙ୍ଗଳ ସେବା ସମିତି ସଭାପତି ନବଘନ ପାତ୍ର, ସମ୍ପାଦକ ମନୋଜ ନାୟକ, କୋଷାଧ୍ୟକ୍ଷ ଶୁକଦେବ ବେହୁରିଆ, ଶୁଭେନ୍ଦୁ ମଲ୍ଲିକ, ଅଜୟ ନାୟକ, ସୁରେନ୍ଦ୍ର ନାୟକ, କୈଳାସ ମହାଳିକ, ଅଜିତ୍ ସେଠୀ, ବିଜୟ ଭୋଇ, ରାଜୁ ମହାନ୍ତି, ରବିନ୍ଦ୍ରମହନ୍ତି ପ୍ରମୁଖ ଯୁବଗୋଷ୍ଠୀ ଓ ଗ୍ରାମବାସୀମାନେ ପରିଚାଳନା କରିଥିଲେ। ତେବେ ଚଳିତ ବର୍ଷ ମହାଆଡ଼ମ୍ବର ଭାବେ ବିଭିନ୍ନ ଶୈବ ପୀଠରେ ଜାଗର ଯାତ୍ରା ପାଳିତ ହେଉଥିବା ବେଳେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ପୀଠରେ ତିହିଡ଼ି ସତ୍ୟସାଇ ସେବା ସମିତି ପକ୍ଷରୁ ଦିବସବ୍ୟାପୀ ଯାତ୍ରୀମାନଙ୍କ ଶୃଙ୍ଖଳା, ସଫେଇ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ସେହିପରି ଉତ୍କଳମଣି ସେବା ସଂଘ ଯାତ୍ରୀମାନଙ୍କୁ ପଣା ଦାନ କରାଯାଇଥିଲା। ସେହିପରି ଷାଟିବାଟିରେ ଗଙ୍ଗେଶ୍ୱର ମହାଦେବ, ମହାଦେବସାହିର ମହେଶ୍ୱର, ମହରମପୁରରେ ମହାଲିଙ୍ଗେଶ୍ୱର, ତିହିଡିରେ ସ୍ୱପ୍ନେଶ୍ୱର ଓ ବଟେଶ୍ୱର, ହରିପୁରରେ ଷେଣ୍ଡେଶ୍ୱର, ତିହିଡ଼ି ଥାନା ସମ୍ମୁଖ ଓ ଡାକ୍ତରଖାନା ପରିସରରେ ଥିବା ଶୈବପୀଠ, ସିନ୍ଦୋଳ ଶାସନରେ କୃଷ୍ଣେଶ୍ୱର, ବଡଗାଲୋରେ ବକ୍ରେଶ୍ୱର, ଗଳଗଣ୍ଡପୁରରେ ଗଜନ୍ଦ୍ରେଶ୍ୱର, ଝିଙ୍କିରିଆରେ ଅମରେଶ୍ୱର, କାଳିମେଘାରେ ନିଳକଣ୍ଠେଶ୍ୱର ଓ ଅଲ୍ଲୀନଗରରେ ମହାଦେବ, ଦୋଳସାହି, ଗୁଆମାଳର କୁଶଳେଶ୍ୱର, ବାରୋରେ ଚନ୍ଦ୍ରଶେଖର ଓ ନୂଆସାହି ଆଦି ବିଭିନ୍ନ ସ୍ଥାନରେ ମହାସମାରୋହରେ ମହାଶିବରାତ୍ରୀ ପାଳନ କରାଯାଇଛି।

# ଗଜସାଥିଙ୍କୁ ଦନ୍ତା ଦଳିଦେବା ଘଟଣାରେ ରାସ୍ତାରୋକ୍

ମୁରିବାହାଲ, (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକରେ ଗତକାଲି ମୁରିବାହାଲ ବନବିଭାଗ ତରଫରୁ ଗଜସାଥୀମାନେ ହାତୀଙ୍କୁ ଘୋଉଡ଼ାଇବା ସମୟରେ ହାତୀମାନଙ୍କ ପାଲଟା ଆକ୍ରମଣରେ ଘୁଷୁରାମୁଣ୍ଡା ଗ୍ରାମର ଗଜସାଥୀ ଓଁକାର ବାଗ ଅତ୍ୟନ୍ତ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ପାଟଣାଗଡ଼ ଡାକ୍ତରଖାନାକୁ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ବାବଦରେ ଗଜସାଥୀ ଓଁକାରୀ ବାଗଙ୍କ ଶବ ବ୍ୟବଛେଦ ପରେ ଗାଁ'କୁ ଅଣାଯାଇଥିଲା ଓ ଶବ ରଖି ୨୦ଲକ୍ଷ ଟଙ୍କା କ୍ଷତିପୁରଣ ସହ ତାଙ୍କ ସ୍ତ୍ରୀ'କୁ ସ୍ଥାୟୀ ଚାକିରୀ ଦେବା ଓ ତାଙ୍କ ଦୁଇ ପୁଅଙ୍କୁ ମୁରିବାହାଲ ଆଦର୍ଶ ସ୍କୁଲରେ ସରକାରଙ୍କ ତରଫରୁ ପାଠ ପଢ଼ାଇବା ଭଳି ଦାବି ନେଇ ମୁରିବାହାଲ ଟିକିରାପଡା ରାସ୍ତାରୋକ କରାଯାଇଥିଲା। ଏହି ରାସ୍ତାରୋକରେ ଘୁଷୁରାମୁଣ୍ଡା ଗ୍ରାମବାସୀ, ମୁରିବାହାଲ ବିକାଶମଞ୍ଚର ସଦସ୍ୟମାନେ ଓ ମୃତ ଓଁକାର ବାଗଙ୍କ ପରିବାର ଲୋକେ ଉପସ୍ଥିତ ଥିଲେ। ପରେ ରାସ୍ତାରୋକ ସ୍ଥାନକୁ ମୁରିବାହାଲ ତହସିଲଦାର ଜଗଦୀଶ କର୍ତ୍ତାମୀ, କଣ୍ଟାବାଞ୍ଜି ଏସଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି, ମୁରିବାହାଲ ରେଞ୍ଜର ଶିବପ୍ରସାଦ ନାଏକ, ଟିଟିଲାଗଡ଼ ରେଞ୍ଜର ଏସ. ସୁବୁଦ୍ଧି,ବଲାଙ୍ଗୀର ଜିଲ୍ଲା ବିଜେପି ସଭାପତି ଶ୍ରୀବତ୍ସ ବେହେରା, ଗୁଡିଘାଟ ସରପଞ୍ଚଙ୍କ ପ୍ରତିନିଧି ଗିରିଧାରୀ ମହାନନ୍ଦ, ମୁରିବାହାଲ ଥାନାଧିକାରୀ ସିପରା ସାରୟ ଲୁଗୁନ ପହଞ୍ଚିଥିଲେ। ସମସ୍ତଙ୍କ ଉପସ୍ଥିତିରେ ମୃତ ଓଁକାର ବାଗଙ୍କ ପରିବାରକୁ ସରକାରଙ୍କ ତରଫରୁ ୬ଲକ୍ଷ ଟଙ୍କା ସହାୟତା ରାଶି, ମୁରିବାହାଲ ରେଞ୍ଜରଙ୍କ ତରଫରୁ ୨୦ହଜାର ଟଙ୍କା ସହାୟତା ରାଶି, ଗୁଡ଼ିଘାଟ ସରପଞ୍ଚଙ୍କ ତରଫରୁ ୨ହଜାର ଟଙ୍କା ସହାୟତା ରାଶି ଓ ହରିଶ୍ଚନ୍ଦ୍ର ଯୋଜନାରୁ ୩ ହଜାର ଟଙ୍କା ସହାୟତା ରାଶି ଦେବା ସହ ତାଙ୍କ ଦୁଇ ପୁଅଙ୍କୁ ପାଠ ପଢାଇବାର ପ୍ରତିଶୃତି ଦେବାପରେ ରାସ୍ତାରୋକ ହଟିଥିଲା ଓ ଯାତାୟତ ସାମାନ୍ୟ ହୋଇଥିଲା।

# ମାଲକାନଗିରିରେ ମହା ଶିବରାତ୍ରି ପାଳିତ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ସମଗ୍ର ମାଲକାନଗିରି ଜିଲ୍ଲାରେ ପବିତ୍ର ମହାଶିବରାତ୍ରି ବିଭିନ୍ନ ଶୈବପୀଠ ଗୁଡ଼ିକରେ ମହା ଆଡମ୍ବର ସହକାରେ ପାଳିତ ହୋଇ ଯାଇଛି। ବିଶେଷକରି ମାଲକାନଗିରି ଜିଲ୍ଲା ସଦର ମହକୁମାଠାରୁ ଦୁଇ କି.ମି. ଦୂରରେ ଥିବା ମାଲ୍ୟବର ପର୍ବତ ଶିଖର ମହୁଲ କଟା ପାହଡ ରେ ରହିଛି ୫ଫୁଟ ଉଚ୍ଚତା ବିଶିଷ୍ଟ ପଥରର ଶିବଲିଙ୍ଗ କେଉଁ ଆବାହନ କାଳରୁ ପୂଜାପାଇ ଆସୁଛନ୍ତି ମଲ୍ଲିକେଶ୍ୱର ଦେବଙ୍କ ନାମରେ। ପ୍ରତି ବର୍ଷ ଶିବଲିଙ୍ଗ ବୃଦ୍ଧି ପାଉଥିବା କଥା ଲୋକମାନେ କୁହନ୍ତି। ଏହାକୁ ଓଡିଶା ର ଦ୍ୱିତୀୟ କପିଳାସ ନାମରେ ମଧ୍ୟ ଆଖ୍ୟା ଦିଆଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହିପିଠରେ ଉନ୍ନତିର କାର୍ଯ୍ୟ କରା ଯାଇଛି। ସମୁଦ୍ର ପତନ ଠାରୁ ୯୦୦ମିଟର ଉଚ୍ଚରେ



ଅବସ୍ଥିତ ତିଖ ପାହାଡ଼ର ଠାକୁରଙ୍କ ପିଠକୁ ଗମନାଗମନ ପାଇଁ ପାହାଡ ଉପରେ ପାହାଚ ନିର୍ମଣ ସହ ଶୈବପିଠର ଅନ୍ୟାନ ଉନ୍ନତି ମୁଳକ କାର୍ଯ୍ୟ କରାଯାଇଛି। ଏହି ମଲ୍ଲିକେଶ୍ୱର ପିଠରେ ଆଜି ଭୋର ୪ଟାରୁ ପୂଜା ଅରମ୍ଭ ହୋଇଯାଇଛି। ପ୍ରଥମେ ଗାଁ ପୂଜାରୀ ଜଳାଭିଷେକ କରିବା ପରେ ଭକ୍ତମାନଙ୍କ ଭିଡ ଲାଗି ଯାଇଥିଲା। ପର୍ବତାରୋହଣ କରି ଏହିପିଠକୁ ଜିଲ୍ଲାସ୍ତରୀୟ ଅଧିକରୀ ମାନଙ୍କ ସହିତ ଶହସ୍ରାଧିକ ଭକ୍ତ ଯାଇ ଠାକୁର ଦର୍ଶନକରି ଜଳାଭିଷେକ କରିଥିଲେ। ମଲ୍ଲିକେଶ୍ୱର ଶୈବପିଠ ରେ ପ୍ରାୟ ୩୦ ହଜାରରୁ ଉର୍ଦ୍ଧ ଭକ୍ତଙ୍କ ସମାଗମ ହେଇଥିବା ଜଣା ପଡ଼ିଛି, ଜାଗର ଭିଡକୁ ଲକ୍ଷ୍ୟକରି ପ୍ରଶାସନ ଓ ସ୍ଥାନିୟ ଦୁର୍ଗାଗୁଡି ସାହିର ଯୁବକସଂଘ ପକ୍ଷରୁ ବ୍ୟାପକ ବ୍ୟବସ୍ଥାକରା ଯାଇଥିଲା। ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳାର ବ୍ୟବସ୍ଥା ହୋଇଥିଲା। ମଲ୍ଲିକେଶ୍ୱର ପିଠରେ ଭୋର ୪ଟା ଠାରୁ ପୂଜା ଆରମ୍ଭ ହୋଇ ଦିନ ଗୋଟାଏରେ ମହାଦେଶ ଓ ରାତ୍ର ୧୨ଟାରେ ମହାଦୀପ ଉଠାଯାଇ ଥିଲା। ଚଳସାହି, ଦିର୍ଗାଗୁଡିସାହି, ଫ୍ରେନ୍ଡସ୍ କ୍ଲବ, ରାଷ୍ଟ୍ରୀୟ ସଂଯସହାୟକ ସଂସ୍ଥା, ବ୍ରହ୍ମକୁମାରି ସଂସ୍ଥା, ପୁଜାକମିଟି ପକ୍ଷରୁ ଭକ୍ତମାନଙ୍କ ପାଇଁ ପାନିୟ ଜଳ, ଦହିପଣା ସାଙ୍ଗକୁ ଅର୍ଣ୍ଣ ପ୍ରସାଦର ବ୍ୟବସ୍ଥା କରିଥିଲେ। ଏଠାରେ ଦୁଇଦିନଧରି ଜାଗର ଯାତ୍ରା ପାଳିତ ହେଉଛି। ପ୍ରତ୍ୟେକ ରାତ୍ରରେ ଦେଶିଆ ନାଟକ ପରିବେଷଣ କରା ଯାଇଥିଲା। ଠିକ ସେହିପରି ଛତିଶଗଡ ସିମାନ୍ତ ପଦ୍ମଗିରି ପଞ୍ଚାୟତର ଜଦୁଗୁଡାରେ ଥିବା ପୁରାଣ ପ୍ରସିଦ୍ଧ ଯଦୁପାହଡ ଗୁମ୍ଫା ମଧ୍ୟରେ ଥିବା ଶୈବପୀଠରେ ଆଦିବାସି ସଂସ୍କୃତି ଅନୁଯାଇ ଜାଗର ଯାତ୍ରା ପୂଜାପାଠ କରାଯାଇଛି। ଏହି ପିଠକୁ ବନବିଭାଗ ପକ୍ଷରୁ ପ୍ରାକୃତିକ ସବୁଜଉଦ୍ୟାନର ମାନ୍ୟତା ଦିଆ ଯାଇଛି, ଛତିଶଗଡ ରାଜ୍ୟ ତଥା ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ପ୍ରାୟ ୨୦ ହାଜରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଛି। ସୁଉଚ୍ଚପଡ଼ା ଜଉପାହାଡ ନିକଟରେ କୁଳୁକୁଳୁ ନାଦରେ ବୋହି ଯାଇଥିବା ଚିରସ୍ରୋତା ଝରଣା ବନାନିର ମନୋରମ ଦୃଶ୍ୟ ଭକ୍ତମାନଙ୍କ ମନ ମୋହିଥିଲା। ଏଠାରେ ତିନିଦିନଧରି ଶିବରାତ୍ର ଯାତ୍ରା ପାଳନ ହୁଏ, ରାତ୍ର ତମାମ ଦେଶିଆନାଟ ସାଙ୍ଗକୁ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରା ଯାଇଥାଏ। ସତିଗୁଡା ଜଳଭଣ୍ଡାର ନିକଟ ପାହାଡ ଗୁମ୍ଫାରେ ଥିବା ଶୈବ ପିଠ, ଶିବାନନ୍ଦ ଅଶ୍ରମର କାଶୀବିଶ୍ୱନାଥ, ୧୧୯କଲୋନି ଓ ହାଟପଦା ର ଆଖଣ୍ଡଳମଣୀ, ଚିଲ୍ଲାମେଶନ କଲୋନୀର ଶୈବପିଠ, ତଳସାହି ଶିବମନ୍ଦିର, ଦୁର୍ଗାଗୁଡିସାହି ଶୈବପିଠ ସହିତ କାଲିମେଳା, ବଲିମେଳା ସହରର ଆଖଣ୍ଡଳ ମଣି ମନ୍ଦିର, ମୋଟୁ, ପଡିଆ, ପୋଟେରୁ, ଏମଭି ୭୯, କୋରକୁଣ୍ଡା, ବାଲିମେଳା, ଚିତ୍ରକୋଣ୍ଡା, ଗୁମ୍ଫା , ନିଳାକାମ୍ବେରୁ, ଖଇରପୁଟ, ଗୋବିନ୍ଦପାଲି, ମାଥିଲି, ପାଣ୍ଡିପାଣି, କତାମେଟା, ପଦ୍ମଗିରି ବିଭିନ୍ନ ସ୍ଥାନରେ ଥିବା ଶୈବପିଠମାନଙ୍କରେ ପବିତ୍ର ମହାଶିବରାତ୍ରୀ ଜାକଜମକ ମହାଆଡ଼ମ୍ବର ସହାକାରେ ପାଳିତ ହୋଇଯାଇଛି।

## ତ୍ରିମୂର୍ତ୍ତୀ ଶିବ ଜୟନ୍ତୀ ପାଳିତ

ଆସିକା, (ଭାସ୍କର ନ୍ୟୁଜ୍): ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନରେ ୮୯ତମ ତ୍ରିମୂର୍ତ୍ତୀ ଶିବ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଆଜି ପ୍ରାତଃ



ସମୟରୁ ପାଞ୍ଚଶହ ଭଉଣୀ ଭାଇ ସେବା କେନ୍ଦ୍ରରେ ଉପସ୍ଥିତ ହୋଇ ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ସଙ୍ଗଠିତ ଯୋଗ ତପସ୍ୟାରେ ସମଗ୍ର ବିଶ୍ୱକୁ ଶାନ୍ତିର ଦାନ କରିଥିଲେ। ପୂର୍ବାହ୍ନରେ ଏହି ପରିପ୍ରେକ୍ଷୀରେ ଏକ ଆଧାତ୍ମିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚନା ଚକ୍ରରେ ଆସିକା ସୁଗାର ଇଣ୍ଡଷ୍ଟ୍ରୀର ପରିଚାଳନା ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ, ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ ଆସ୍କା ବାର ଆସୋସିଏସନର ସଭାପତି ସୁଧାଂଶୁ ପଣ୍ଡା, ବାର ଆସୋସିଏସନର ପ୍ରାକ୍ତନ ସଭାପତି ସୁରେନ୍ଦ୍ର ପଣ୍ଡା, ଅବସର ପ୍ରାପ୍ତ ସଂସ୍କୃତ ପଣ୍ଡିତ ଦୁର୍ଗାପ୍ରସାଦ ପଣ୍ଡା। ଶାନ୍ତି ଶକ୍ତି ଭବନ ସଞ୍ଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ଏହି ଅବସରରେ ସହର ବାସୀଙ୍କ ସ୍ୱାସ୍ଥ୍ୟ ଓ ସମୃଦ୍ଧି କାମନା କରିବା ସହିତ ପ୍ରକାଶ କରିଥିଲେ ଯେ ପରମାତ୍ମା ପିତାଙ୍କ ସ୍ମୃତିରେ ହିଁ ଆତ୍ମ ଦୀପକ ଜାଗ୍ରତ ହୁଏ ଏବଂ ଶିବ ଜୟନ୍ତୀ ପରମାତ୍ମା ପିତାଙ୍କ ସହିତ ଆମର ଏହି ଅବିନାଶୀ ସମ୍ବନ୍ଧର ମନେ ରଖିଲା ଭଳି ପର୍ବ। ପରମାତ୍ମା ପିତାଙ୍କୁ ସ୍ମୃତିରେ ରଖି କାର୍ଯ୍ୟକଲେ ସଂକଳ୍ପ ଶକ୍ତି ସୁଦୃଢ଼ ହେବା ସହ ସଫଳତା ହାସଲ କରିବା ସହଜ ହୁଏ ଏବଂ ଏଥିପାଇଁ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ଶିକ୍ଷା ଦିଆଯାଉଥିବା ରାଜଯୋଗ ଆଜି ସାରା ବିଶ୍ୱରେ ଲକ୍ଷଲକ୍ଷ ଆତ୍ମାଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ସହାୟତା କରୁଥିବା ପ୍ରକାଶ କରିଥିଲେ ସମସ୍ତ ଅତିଥି। କାର୍ଯ୍ୟକ୍ରମ ଶେଷରେ ସମସ୍ତ ଅତିଥିଙ୍କ ଗହଣରେ ଶିବ ଧ୍ୱଜା ଉତ୍ତୋଳନ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି ଅବସରରେ ସମସ୍ତଙ୍କୁ ପରମାତ୍ମା ପିତାଙ୍କ ଅବିନାଶୀ ସୁଖରେ ଭରପୁର ରହି ନିଜେ ସନ୍ତୁଷ୍ଟ ରହିବା ସହିତ ସମସ୍ତଙ୍କୁ ସନ୍ତୁଷ୍ଟ କରିବା ପାଇଁ ପ୍ରତିଜ୍ଞା କରାଇଥିଲେ ଶାନ୍ତି ଶକ୍ତି ଭବନର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ।

# ତୀର୍ଥଯାତ୍ରାରେ ଗଲେ ୧୪୦ଜଣ ବରିଷ୍ଠ ନାଗରିକ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ୨୦୨୪-୨୫ରେ ଜିଲାର ୧୪୦ଜଣ ନାଶିକ ଓ ଶିରିଡି ସାଇ ଅଭିମୁଖେ ଯାତ୍ରାରମ୍ଭ କରିଛନ୍ତି। ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକାନୁସାରେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲାପାଳ ବିଶାଲ ସିଂହ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଓ ରବୀନ୍ଦ୍ର କୁମାର ପ୍ରଧାନ, ସହନିର୍ଦ୍ଦେଶକ ପର୍ଯ୍ୟଟନ କେନ୍ଦୁଝର ରମେଶ ଚନ୍ଦ୍ର ନାୟକ ପତାକା ଦେଖାଇ ତୀର୍ଥ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ତୀର୍ଥଯାତ୍ରାରେ ସାମିଲ ଜିଲାର ୧୪୦ଜଣ ବରିଷ୍ଠ ନାଗରିକଙ୍କ ଯାତ୍ରା ଆନନ୍ଦଦାୟକ ଓ ଶୁଭମୟ ହେଉ ବୋଲି ଅତିଥିଗଣ କାମନା କରିଥିଲେ। ଆର୍ଥିକ ଦୁର୍ବଳ ଶ୍ରେଣୀର ବରିଷ୍ଠ ନାଗରିକମାନଙ୍କ ତୀର୍ଥଯାତ୍ରା ସ୍ୱପ୍ନକୁ ସାକାର କରିବା ପାଇଁ ରାଜ୍ୟ ସରକାରଙ୍କ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ତୀର୍ଥ ଯାତ୍ରାରେ ସାମିଲ ବରିଷ୍ଠ ନାଗରିକଗଣ ଏହି ଅବସରରେ ଖୁସି ବ୍ୟକ୍ତ କରି କହିଛନ୍ତି। ବୁଧବାର ଅପରାହ୍ନରେ ୩ଟି ବସ୍ ଯୋଗେ ଏହି ବରିଷ୍ଠ ନାଗରିକ ସେମାନଙ୍କ



ତୀର୍ଥଯାତ୍ରା ଆରମ୍ଭ କରି ବାଲେଶ୍ୱରରେ ପହଞ୍ଚି ରାତ୍ରୀକାଳିନ ବିଶ୍ରାମ କରିବେ। ଗୁରୁବାର ପୂର୍ବାହ୍ନ ୧୧ଟା ୩୦ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭାସୀ ମାଧ୍ୟମରେ ତୀର୍ଥ ଯାତ୍ରାକୁ ଶୁଭାରମ୍ଭ କରିବାପରେ ଏକ ସ୍ୱତନ୍ତ୍ର ଟ୍ରେନରେ ଏହି ତୀର୍ଥଯାତ୍ରୀ ମାନେ ନାଶିକ ଓ ଶିରିଡି ସାଇ ଅଭିମୁଖେ ଯାତ୍ରା କରିବେ ଏବଂ ଯାତ୍ରା ସାରି ଆସନ୍ତା ୪ତାରିଖ ରାତିରେ କେନ୍ଦୁଝର ଠାରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି। ତୀର୍ଥ ଯାତ୍ରାରେ ସାମିଲ ବରିଷ୍ଠ ନାଗରିକଙ୍କ ସୁବ୍ୟବସ୍ଥା ପାଇଁ ସରକାରଙ୍କ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ୪ଜଣ ଏସକର୍ଟ ଅଫିସର ଏହି ତୀର୍ଥଯାତ୍ରାରେ ସାମିଲ ହୋଇ ବରିଷ୍ଠ ନାଗରିକଙ୍କୁ ସମସ୍ତ ପ୍ରକାର ସାହାର୍ଯ୍ୟ ଓ ସହଯୋଗ ଯୋଗାଇଦେବେ ବୋଲି କୁହାଯାଇଛି। ସରକାରଙ୍କ ଏହି ଯୋଜନାରେ ସାମିଲ ପାଇଁ ଜିଲ୍ଲାର ୬୫୬ ଜଣ ବରିଷ୍ଠ ନାଗରିକ ଆବେଦନ କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧୪୦ଜଣଙ୍କୁ ନାଶିକ ଓ ଶିରିଡି ସାଇ ଦର୍ଶନ ସୁବିଧା ଯୋଗାଇ ଦିଆଯାଇଥିବା ବେଳେ ଆସନ୍ତା ଅପ୍ରେଲ ୧୬ରେ ଦ୍ୱିତୀୟ ପର୍ଯ୍ୟାୟରେ ଅବଶିଷ୍ଟ ୧୪୦ଜଣଙ୍କୁ ଅଯୋଧ୍ୟା ଓ ବାରାଣସୀ ଦର୍ଶନ ସୁବିଧା ମିଳିବ ବୋଲି ସହନିର୍ଦ୍ଦେଶକ ପର୍ଯ୍ୟଟନ କେନ୍ଦୁଝର ନାୟକ କହିଛନ୍ତି।

# ବାର୍ଷିକ ଅଷ୍ଟପ୍ରହର ବ୍ୟାପୀ ନାମଯଜ୍ଞ

ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର ଗ୍ରାମର ଭାବକୁଣ୍ଡଳେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ମହାଶିବରାତ୍ରି ଉପଲକ୍ଷେ ଅଷ୍ଟ ପ୍ରହର ବ୍ୟାପୀ ନାମଯଜ୍ଞ ଉତ୍ସବ ଅନୁଷ୍ଠିତ ହୋଉଅଛି। ଏହି ଉପଲକ୍ଷେ ଆଜି ସକାଳେ ନିକଟସ୍ଥ ଲୁଣାନଦୀରୁ ପୂଜାର୍ଚ୍ଚନା ପୂର୍ବକ ପବିତ୍ର ଜଳ ସଂଗ୍ରହ କରାଯାଇ ଶୁଭକଳସକୁ ମନ୍ଦିର ଯାଏ ଶୋଭାଯାତ୍ରାରେ ଶତାଧିକ ଶ୍ରଦ୍ଧାଳୁ ଆଣିଥିଲେ। ସନ୍ଧ୍ୟାରେ ଯଜ୍ଞର ଶୁଭାଧିବାସ ଅନୁଷ୍ଠିତ ହୋଇଥିଲା। ବୁଧବାର ଅଷ୍ଟପ୍ରହର ବ୍ୟାପୀ ଅଖଣ୍ଡ ନାମଯଜ୍ଞ ଓ ଗୁରୁବାର ଦିନ ନଗର ଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ନାମଯଜ୍ଞରେ ଅଞ୍ଚଳର ବହୁ ସଂକୀର୍ତନ ମଣ୍ଡଳୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ନରସିଂହପୁର ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି।

# ପଦ୍ମଶ୍ରୀବାବା ବଳିଆଙ୍କ ପ୍ରବଚନ

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ମୟୁରଭଂଜ ଜିଲ୍ଲା ଶୁଳିଆପଦା ବ୍ଲକ ଅନ୍ତର୍ଗତ ଦେଉଳି ଗ୍ରାମରେ ପଦ୍ମଶ୍ରୀ ବାବା ବଳିଆଙ୍କ ଆଗମନ ସମସ୍ତ ଅଞ୍ଚଳବାସୀଙ୍କ ମନରେ ଖୁସିର ଲହରି ଖେଳ ଯାଇଛି। ସଂଧ୍ୟାରେ ଦେଉଳି ଠାରେ ପହଞ୍ଚି ଉପସ୍ଥିତ ଥିବା ସତସଙ୍ଗରେ ଶହ ଶହ ଭକ୍ତଙ୍କୁ ପ୍ରବଚନ ଦେଇଥିଲେ।



ପିତା, ମାତାଙ୍କ ସେବା କରିବା, ଗୁରଜନମାନଙ୍କୁ ସମ୍ମାନ ଦେବା, ହିଂସା ଓ କ୍ରୋଧକୁ ଛାଡି ଭଗବାନଙ୍କୁ ସ୍ମରଣ କରି ମଣିଷର ଅମୂଲ୍ୟ ଜୀବନକୁ ସତ୍ୟ ସୁନ୍ଦର ମାର୍ଗରେ ପରିଚାଳିତ କରିବା। ପ୍ରକୃତିରକ୍ଷା ନିମନ୍ତେ ବୃକ୍ଷରୋପଣ କରିବା ଅତ୍ୟନ୍ତ ଜରୁରୀ ବୋଲି ଆହ୍ୱାନ ଦେଇଥିଲେ। ଦେଉଳିର ସମସ୍ତ ଶିଷ୍ୟ ଓ ଭକ୍ତମାନଙ୍କ ଦ୍ୱାରା ଏହି ସତସଙ୍ଗ ଆୟୋଜନ କରାଯାଇଥିଲା।

# ଯୁବକଙ୍କୁ ପିଟି ପିଟି ହତ୍ୟା ଅଭିଯୋଗ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ପୀରହାଟ ଥାନା ନରେନ୍ଦ୍ରପୁର ପଞ୍ଚାୟତ ଅଧୀନ ଛତ୍ରପଦା ଗ୍ରାମର ଅବନୀ କୁମାର ନାୟକ (୪୫) ନାମକ ଜଣେ ଯୁବକ ଚୋରା କୋଇଲା ଟ୍ରକ୍‌କୁ ବିରୋଧ କରିବାରୁ ତାଙ୍କୁ ଚୋରା କୋଇଲା ମାଫିଆମାନେ ପିଟି ପିଟି ହତ୍ୟା କରିଥିବା ମୃତ ଅବନୀର ପତ୍ନୀ ସରୋଜିନୀ ନାୟକ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୁଲିସ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛନ୍ତି। ଘଟଣା ସମ୍ପର୍କରେ ଖବର ପାଇବା ପରେ ଭଦ୍ରକରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିବା ବେଳେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅପୂର୍ବ ଅଭିଷେକ ବେହେରା ଓ ବାଂଶଡ଼ା ଥାନା ଆଇଆଇସି ଏମଡି ହାପିଜ ତଦନ୍ତ କରି ଫେରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ଫେବୃଆରୀ ୨୫ ତାରିଖ ବିଳମ୍ବିତ ରାତିରେ ଏକ ଚୋରା କୋଇଲା ଟ୍ରକ ଯାଉଥିଲା। ଛତ୍ରପଦା ଗ୍ରାମର ଅବନୀ ନାୟକ ଚୋରା କୋଇଲା ଟ୍ରକକୁ ବିରୋଧ କରିଥିଲେ। ଯାହାଫଳରେ ଚୋରା କୋଇଲା ମାଫିଆମାନେ ଅବନୀକୁ ପିଟିପିଟି ହତ୍ୟା କରିବା ପରେ ଅବନୀର ଘର ଘଟତଳକୁ



ପକାଇ ଦେଇ ବାହାରୁ କବାଟ ବନ୍ଦ କରି ପଳାଇଥିଲେ। ସେହିଦିନ ରାତି ୩ଟା ବେଳେ ଅବନୀଙ୍କ ସ୍ତ୍ରୀ ତାଙ୍କ ସୟା ପଞ୍ଚାୟତ ଅଧୀନ ବାଂଶବାଗ ଗ୍ରାମରେ ଥିବା ସମୟରେ ଫୋନ୍ ପାଇଥିଲେ ଯେ ତାଙ୍କ ସ୍ୱାମୀଙ୍କୁ ସାନମଝିଆଁ ଶଶୁର ଦାଶରଥି ନାୟକଙ୍କ ଦୁଇ ପୁଅ ଅମୂଲ୍ୟ କୁମାର ନାୟକ, ରମାକାନ୍ତ ନାୟକ, ନାତି ଶ୍ରୀକାନ୍ତ ନାୟକ, ଚିଣ୍ଟୁ ନାୟକ ଓ ଜ୍ୱାଇଁ ଚନ୍ଦ୍ରକାନ୍ତ ମାଝୀ ମିଶି ପିଟିପିଟି ହତ୍ୟା କରିଥିଲେ। ପୂର୍ବରୁ ଜମିବାଡ଼ିକୁ ନେଇ ତାଙ୍କ ସ୍ୱାମୀଙ୍କୁ ବିଭିନ୍ନ ସମୟରେ ଜୀବନରୁ ମାରିଦେବାକୁ ଉଦ୍ୟମ କରିଆସୁଥିଲେ। ଯେଉଁଥି ପାଇଁ ଅବନୀ ନିଜ ୧୧ବର୍ଷର ଝିଅ ଓ ପତ୍ନୀର ସୁରକ୍ଷା ପାଇଁ ତାଙ୍କୁ ବାଶବାଗ ସ୍ଥିତ ଶଶୁରଘରେ ଛାଡ଼ି ଦେଇ ନିଜେ ଅବନୀ ଘର ନଛାଡ଼ି ଗାଁରେ ରହୁଥିଲେ। ମୃତ ଅବନୀଙ୍କ ପତ୍ନୀ ସରୋଜିନୀ ଏହି ଖବର ଗାଁ'ଲୋକଙ୍କ ଠାରୁ ପାଇବା ପରେ ଶଶୁରଘର ଛତ୍ରପଦାକୁ ଆସି ପହଞ୍ଚିବା ପରେ ଦେଖିଥିଲେ ଯେ ତାଙ୍କ ଘର ଦୁଆରେ ପୁଳାପୁଳା ରକ୍ତ ପଡ଼ିଥିବା ବେଳେ ଘର ଖଟତଳେ ତାଙ୍କ ସ୍ୱାମୀ ଅବନୀଙ୍କର ରକ୍ତଜୁଡୁବୁଡୁ ହୋଇ ପଡ଼ି ରହିଛି। ପରେ ସେ ଏ ନେଇ ପୀରହାଟ ଥାନାରେ ଅଭିଯୋଗ କରିଥିଲେ।

## ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ପ୍ରଶାସନ ପକ୍ଷରୁ ୯ଜଣ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀଙ୍କୁ ବୁଧବାର ବ୍ଲକ ପରିସରରୁ ଯାତ୍ରା ଆରମ୍ଭ କରାଯାଇଛି। ବରିଷ୍ଠ ନାଗରିକ ଗଙ୍ଗାଧର ବେହେରା, ରେଣୁବାଳା ବେହେରା, କାଶୀନାଥ ପରିଡା, ତିଳୋତ୍ତମା ପରିଡା, ସନାତନ ସାହୁ, ବଂଶୀଧର ସାମଲ, ରମାକାନ୍ତ ରାଉତ, ବିଦ୍ୟାଧର ସାହୁ ଓ ଦାଶରଥି ପରିଡା ଟାଟା ଏସି ଯୋଗେ ବାଲେଶ୍ୱର ରେଲଷ୍ଟେସନକୁ ଯାଇଥିଲେ। ସେଠାରୁ ତୀର୍ଥଯାତ୍ରୀମାନେ ରେଳ ଯୋଗେ ଶିରିଡି ସାଇ ଯାଇ ଦର୍ଶନ କରିବେ। ପ୍ରଶାସନ ପକ୍ଷରୁ ସେମାନଙ୍କ ଯାତାୟତ ଓ ରହଣି ଖାଦ୍ୟ ଆଦି ସମସ୍ତ ବ୍ୟବସ୍ଥା କରାଯାଇଛି। ବ୍ଲକରେ ବିଡିଓ ଦେବଦତ୍ତ ଦାଶ, ବିଧାୟକ ସଞ୍ଜିବ ମଲ୍ଲିକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ, ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସାନ୍ତ୍ୱନା ଦାସ ତୀର୍ଥଯାତ୍ରୀମାନଙ୍କୁ ଯାତ୍ରା ଶୁଭ ମନାସିଥିଲେ।



## ଏସ୍‌ଟି-ଏସ୍‌ସିଙ୍କୁ ନ୍ୟାୟ ଦେବା ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କିଛିଦିନ ତଳେ ବରିଷ୍ଠ ଆଇଏଏସ୍ ଅଫିସର ବିଷ୍ଣୁପଦ ସେଠୀଙ୍କୁ ବିନା ଏଫଆଇଆର୍‌ରେ ସିବିଆଇ ତଦନ୍ତ କରିବା, କଳାହାଣ୍ଡି ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଜନୈକା ଛାତ୍ରୀ ମୃତ୍ୟୁ ଘଟଣାକୁ ଆତ୍ମହତ୍ୟା ରୂପ ଦେଇ ପୋଲିସ ନୀରବ ରହିବା, ଲକ୍ଷ୍ମୀପୁରରେ ଜନୈକା ଆଦିବାସୀ ଝିଅ ଗଣ ବଳାତ୍କାରର ଶୀକାର ହେବା, ଯାଜପୁରରେ ଜାତିଆଣ ଭେଦଭାବ ଯୋଗୁଁ ଜନୈକ ନାବାଳକକୁ ପିଟି ପିଟି ହତ୍ୟା କରିବା, କଳିଙ୍ଗ ନଗରରେ ବିସ୍ଥାପିତ ଲୋକଙ୍କୁ ପୋଲିସ ପ୍ରଶାସନ ମାଡ ମାରିବା ଏହି ଭଳି ଅନେକ ଘଟଣାରେ ଏସ୍‌ଟି ଏସ୍‌ସି ଲୋକମାନେ ନ୍ୟାୟ ପାଇ ପାରୁନାହାନ୍ତି । ଏଣୁ ପ୍ରତ୍ୟେକ ଘଟଣାର ଉପଯୁକ୍ତ ତଦନ୍ତ ସହ ଦୋଷୀ ମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ହେଉ ଏବଂ ନିର୍ଦ୍ଦୋଷ ମାନଙ୍କୁ ନ୍ୟାୟ ଦିଆଯାଉ ବୋଲି ଅଲ୍ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡରେସନ୍ କଳାହାଣ୍ଡି ତରଫରୁ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ମହାମହିମ ରାଷ୍ଟ୍ରପତି, ଓଡ଼ିଶାର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଥିବା ଜଣା ପଡିଛି । ଏହି ଦାବିପତ୍ର ପ୍ରଦାନ ସମୟରେ କଳାହାଣ୍ଡି ଶାଖାର ସଭାପତି, କାର୍ଯ୍ୟକାରୀ ସଭାପତି, ସାଧାରଣ ସମ୍ପାଦକ, ଦିଲୀପ ସେଠୀ, ଚମାର ସେଠୀ, ରାହସ ସେଠୀ, ଜିତେନ୍ଦ୍ର ସେଠୀ, ଅଭିମନ୍ୟୁ ବିଶି, ଅର୍ଜୁନ ବିଶି ପ୍ରମୁଖ ଉପସ୍ଥିତ ଥିଲେ ।

## କବିତା ସଂକଳନ 'ତୁମେ ଗଲା ପରେ' ଉନ୍ମୋଚିତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ବ୍ରଜବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭାଗୃହ ଠାରେ କଳାହାଣ୍ଡି ଲେଖିକା ସଂଘ ପକ୍ଷରୁ ଆୟୋଜିତ ଏକ ବିଶେଷ ସମାରୋହରେ ପର୍ଣ୍ଣିମା ପବ୍ଲିକେଶନ୍ ପକ୍ଷରୁ ପ୍ରକାଶିତ ଯୁବ ଲେଖିକା ଐଶ୍ୱର୍ଯ୍ୟା ପ୍ରଧାନଙ୍କ କବିତା ସଂକଳନ 'ତୁମେ ଗଲା ପରେ' ଏକ ସାରସ୍ୱତ ପରିବେଶ ମଧ୍ୟରେ ଉନ୍ମୋଚିତ ହୋଇଯାଇଛି । ଲେଖିକାସଂଘ ପକ୍ଷରୁ ଆୟୋଜିତ ସମାରୋହରେ ଅତିଥି ଭାବେ ନାଟ୍ୟକାର ଡ. ଉମେଶ ଚନ୍ଦ୍ର ଶତପଥୀ, କବି ବଙ୍କିମ ଚନ୍ଦ୍ର ମୁଣ୍ଡ, କବି ସୁଧୀର ମେହେର, ବ୍ରଜବିହାର ପ୍ରଧାନ ଆଚାର୍ଯ୍ୟ ମନୋଜ ମୁଣ୍ଡ, ଲେଖିକା ସଂଘ ସଭାପତି ସୁଦେଷ୍ଣା ପଣ୍ଡା, ସମ୍ପାଦିକା କଳ୍ପନା ରଥ, ଶୁଭେନ୍ଦୁ ପ୍ରଧାନ ପ୍ରମୁଖ ଯୋଗ ଦେଇଥିବା ବେଳେ ସମୀକ୍ଷକ ଭାବେ ବିରଞ୍ଚି ନାରାୟଣ ମୁଣ୍ଡ ଓ ପ୍ରକାଶ ନିଶଙ୍କ ପୁସ୍ତକର ଆଲୋଚନା କରିଥିଲେ । ଅତିଥିମାନେ ଯୁବ ଲେଖିକାଙ୍କ ପ୍ରତିଭାର ଭୂୟସୀ ପ୍ରଶଂସା କରିବା ସହ ଆଗାମୀ ଦିନରେ ତାଙ୍କର ଏଭଳି ଲେଖନୀ ଚାଳନା ଅବ୍ୟାହତ ରହୁ ବୋଲି ପ୍ରକାଶ କରିଥିଲେ । କବି ପ୍ରତାପ ଚନ୍ଦ୍ର ପଣ୍ଡା ଓ ଲିପ୍ସାମୟୀ ଦୁବେ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଓ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ବିଶିଷ୍ଟ କଣ୍ଠଶିଳ୍ପୀ ଅନ୍ତରା ପଟ୍ଟନାୟକ । ଉନ୍ମୋଚିତ 'ତୁମେ ଗଲା ପରେ'ପୁସ୍ତକରୁ ସଂଘମିତ୍ରା କାନୁନଗୋ, ସ୍ୱର୍ଣ୍ଣକାନ୍ତି ବୈକାର, ପଲ୍ଲବୀ ଦାଶ, ଦୀପ୍ତି ମୁଣ୍ଡ, ବନଶ୍ରୀ ଦାଶ, ଅନିତା ମୁଣ୍ଡ, ତପସ୍ୱିନୀ ପଣ୍ଡା, ସୁମତି ମୁଣ୍ଡ, ମିନତି କୁମାରୀ ପ୍ରଧାନ, ସବିତା ଶତପଥୀ, ପଦ୍ମିନୀ ବେହେରା, ଅର୍ଚ୍ଚନା ମିଶ୍ର, କାଜଲ ମହାରଣା, ନବଘନ ସାହୁ ପ୍ରମୁଖ ଉନ୍ମୋଚିତ ପୁସ୍ତକରୁ କବିତା ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ ଲେଖକ ଲେଖିକାଙ୍କ ସହ ନିମନ୍ତ୍ରିତ ବିଶିଷ୍ଟ ଅତିଥି ଉପସ୍ଥିତ ଥିଲେ । କଳାହାଣ୍ଡିର ଅନ୍ୟତମ ଯୁବ ଲେଖିକା ଭାବେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଐଶ୍ୱର୍ଯ୍ୟାଙ୍କର 'ତୁମେ ଗଲା ପରେ' ହେଉଛି ପ୍ରଥମ କବିତା ସଙ୍କଳନ ଓ ଏଥିରେ ତାଙ୍କ ନିର୍ବାଚିତ ୪୯ ଟି ମନଛୁଆଁ କବିତା ସ୍ଥାନିତ ହୋଇଛି ।

## ୨ରୁ ଆରମ୍ଭ ହେବ ବହୁଚରା ମାତାଙ୍କ ଷୋହଳ ପୂଜା

ନର୍ଲା । (ଭାସ୍କର ନ୍ୟୁଜ): ଆସନ୍ତା ୨ତାରିଖରୁ ୫ତାରିଖ ପର୍ଯ୍ୟନ୍ତ ନର୍ଲା କିନ୍ନର ସଂଘର ବହୁଚରା ମାତାଙ୍କ ଷୋହଳ ପୂଜା ଅନୁଷ୍ଠିତ ହେବ ବୋଲି କିନ୍ନର ସଂଘର ସଭାନେତ୍ରୀ କାମିନୀ କିନ୍ନର ପ୍ରକାଶ କରିଛନ୍ତି । ନର୍ଲା ରୋଡ ସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବାକୁ ଥିବା ବହୁଚାରା ମାତାଙ୍କ ଷୋହଳ ପୂଜାରେ କଳାହାଣ୍ଡି, ବଲାଙ୍ଗିର, ସମ୍ବଲପୁର, ଝାରସୁଗୁଡ଼ା ତଥା ରାଜ୍ୟ ବାହାରୁ ଦିଲ୍ଲୀ, ସୁରଟ, ଜଗଦଲପୁର, ବମ୍ବେ ଠାରୁ ୧୦୦ରୁ ଉର୍ଦ୍ଧ୍ୱ କିନ୍ନର ଯୋଗ ଦେବା କାର୍ଯ୍ୟକ୍ରମ ରହିଛି । ୨ତାରିଖ ରବିବାର ଦିନ ଅଧିବାସ ହୋଇ ୩ତାରିଖ ଦିନ ପୂଜା ଆରମ୍ଭ ହେବ । ୪ତାରିଖ ଦିନ ଚଣ୍ଡି ପୂଜା ଓ ସଭାକାର୍ଯ୍ୟ ହେବ । ଅନ୍ତିମ ଦିବସରେ ଶୁଭ କଳସ ଯାତ୍ରା ଓ ନଗର ପରିକ୍ରମା କରାଯିବ ବୋଲି କିନ୍ନର ସଂଘ ପକ୍ଷରୁ ପ୍ରକାଶ କରିଛନ୍ତି ।

## ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗ

ଧର୍ମଗଡ଼, (ଭାସ୍କର ନ୍ୟୁଜ) : ଧର୍ମଗଡ଼ ଥାନା ଅନ୍ତର୍ଗତ ଜଣେ ନାବାଳିକାକୁ ଜଣେ ଯୁବକ ଅପହରଣ ଓ ଦୁଷ୍କର୍ମ କରି ପ୍ରତାରଣ କରିଥିବା ଅଭିଯୋଗ ହୋଇଛି । ପର୍ଲା ଗ୍ରାମର ଯୁବକ ଦେବାଶିଷ ବାଗ ଉକ୍ତ ନାବାଳିକା(୧୭)କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଜାନୁଆରୀ ୨୭ ତାରିଖ ଦିନ ଅପହରଣ କରି ନେଇଯାଇଥିଲେ । ପରିବାର ଲୋକ ବହୁ ଖୋଜାଖୋଜି କରିବା ପରେ ଦୀର୍ଘ ୧୪ଦିନ ପରେ ନା ବାଳିକାକୁ ଉକ୍ତ ଯୁବକ ଜଣକ ନେଇଥିବା ଖବର ପାଇଥିଲେ । ହେଲେ ଯୁବକ ଜଣକ ନାବାଳିକାକୁ ଦୀର୍ଘଦିନ ଧରି ନିଜ ପାଖରେ ରଖି ଦୁଷ୍କର୍ମ କରି ଶେଷରେ ଧର୍ମଗଡ଼ ପଞ୍ଚାୟତ କଲେଜ ପାଖରେ ଛାଡି ଫେରାର ହୋଇଯାଇଥିଲା । ପରେ ନାବାଳିକା ନିଜ ପରିବାରକୁ ଫୋନ ଯୋଗେ ଜଣାଇବା ପରେ ପରିବାର ଲୋକେ ସେଠାକୁ ଯାଇ ଉଦ୍ଧାର କରିଥିଲେ । ନାବାଳିକା ମୁହଁରୁ ଯୁବକ ଜଣକ ଦୀର୍ଘଦିନ ଧରି ଦୁଷ୍କର୍ମ କରିଥିବା ଓ ବର୍ତ୍ତମାନ ଫେରାର ହୋଇଯାଇଥିବା କଥା ପରିବାର ଲୋକ ଶୁଣିବାପରେ ନାବାଳିକାଙ୍କ ପିତା ଧର୍ମଗଡ଼ ଥାନାରେ ଅଭିଯୋଗ କରିଛନ୍ତି । ତେବେ ଦୁହିଁଙ୍କ ମଧ୍ୟରେ ଦୀର୍ଘ୪ବର୍ଷରୁ ପ୍ରେମ ସମ୍ପର୍କ ଥିବା କୁହାଯାଏ । ଏହି ଘଟଣା ଏକ ପ୍ରେମ ଓ ପ୍ରତାରଣ ହୋଇଥିବା ଆଲୋଚନା ହୁଏ । ତେବେ ଧର୍ମଗଡ଼ ପୋଲିସ ଘଟଣାକୁ କିଭଳି ଗୁରୁତ୍ୱ ନେଉଛି ତାହା ଦେଖିବାକୁ ବାକି ରହିଲା ।

## ଦାଦନ ସମସ୍ୟାର ଶେଷ କେବେ ?



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକରେ ଅଧିକାଂଶ ଗାଁ ମାନଙ୍କରେ କାମଧନ୍ଦା ଅଭାବ ଯୋଗୁଁ ଦାଦନ ଖଟିବାକୁ ଯାଉଥିବା ଦେଖିବାକୁ ମିଳୁଛି । ଗାଁ ମାନଙ୍କରେ ଧାନ କଟା ସାରିବା ପରେ ଲୋକମାନଙ୍କୁ ଆଉ ଗାଁରେ ମିଳୁନି କାମଧନ୍ଦା । ଯାହାଫଳରେ ବାଧ ହୋଇ ପରିବାର ପ୍ରତିପୋଷଣ ପାଇଁ ଯାଉଛି ବାହାର ରାଜ୍ୟକୁ ଦାଦନ । ସ୍ୱାଧୀନତା ପରେ ବର୍ତ୍ତମାନ ପର୍ଯ୍ୟନ୍ତ ଅନେକ ଶାସକ ଆସିଲେଣି ଗଲେଣି । କିନ୍ତୁ ଏହି ସମସ୍ୟାର ନିରାକରଣ ହୋଇପାରୁନାହିଁ । ନିଜେ ନିଜକୁ ଶାସନ କରିବାର ଆଜି ସାତ ଦଶନ୍ଧି ବିତିସାରିଛି ଏବଂ ଏପରିକି ସ୍ୱତନ୍ତ୍ର ଓଡ଼ିଶା ଗଠନର ଆଉ ଗୋଟାଏ ଦଶନ୍ଧି ପରେ ଶତବାର୍ଷିକୀ ପାଳନ କରିବାକୁ ଯାଉଛି । କିନ୍ତୁ ନିଜ ଅଞ୍ଚଳରେ ଆଶାନୁରୂପ ରୋଜଗାର ସୁଯୋଗ ସୃଷ୍ଟି କରିବାରେ ଶାସନ ବ୍ୟବସ୍ଥା ସଫଳ ହୋଇପାରିନାହିଁ । ଯାହାଫଳରେ ଜନସାଧାରଣ ରୋଜଗାର ଅନ୍ୱେଷଣରେ ଦେଶାନ୍ତରିତ ହେବାକୁ ବାଧ ହେଉଛନ୍ତି । ପ୍ରତ୍ୟେକ ଜିଲ୍ଲାର ଭୌଗୋଳିକ ଅବସ୍ଥିତିକୁ ଅନୁଧ୍ୟାନ କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ହେବ । କ'ଣ ସବୁ କରାଯାଇ ପାରିଲେ ଜନସାଧାରଣଙ୍କୁ ନିଜ ଅଞ୍ଚଳରେ ତଥା ନିଜ ଗାଁରେ, ଜିଲ୍ଲାରେ କର୍ମସଂସ୍ଥାନ ଯୋଗାଇ ଦିଆଯାଇପାରିବ ତାକୁ ବୁଝିବାକୁ ହେବ । କଳାହାଣ୍ଡି ଜିଲ୍ଲାରେ ଭରି ରହିଛି କୃଷି ସମ୍ପଦ, ଜଳ ସମ୍ପଦ ଖଣିଜ ସମ୍ପଦ ଓ ପର୍ଯ୍ୟଟନ ସମ୍ପଦ । କିନ୍ତୁ ଏ ଦିଗରେ ସରକାର ଯେତିକି ଧ୍ୟାନ ଦେବା କଥା ତାହା ହୋଇପାରିନାହିଁ । ଯଦ୍ୱାରା ଜନସାଧାରଣଙ୍କୁ ରୋଜଗାର ମିଳିପାରୁନାହିଁ । ଏବେ ସମୟ ଆସିଛି ଏଠାକାର ଜଳ ସମ୍ପଦ ଓ ପର୍ଯ୍ୟଟନ ସମ୍ପଦ ଉପରେ ଗୁରୁତ୍ୱ ପ୍ରଦାନ କରିବାର । ଜିଲ୍ଲାରେ ପ୍ରବାହିତ ନଦୀଗୁଡ଼ିକରେ ଛୋଟ ଛୋଟ ଆନିକଟ କରାଯାଇ ତଦନୁଯାୟୀ କୃଷିକୁ ପ୍ରୋତ୍ସାହନ ଦିଆଗଲେ କୃଷି ଓ କୃଷକ ଲାଭବାନ ହେବେ । ଏହାଦ୍ୱାରା ଛୋଟ ଛୋଟ କୁଟୀର ଶିଳ୍ପ ପ୍ରତିଷ୍ଠା ସମ୍ଭାବନା ମଧ୍ୟ ରହିବ । ବାହାର ଉଦ୍ୟୋଗପତିମାନେ ଜିଲ୍ଲାରେ ପୁଞ୍ଜିନିବେଶ ପାଇଁ ଆଗ୍ରହ ପ୍ରକାଶ କରିବେ । ଯଦ୍ୱାରା ଲୋକମାନଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ରୋଜଗାର ସକାଶେ ଅନୁକୂଳ ବାତାବରଣ ସୃଷ୍ଟି ହେବ । ଏହାଦ୍ୱାରା ଦାଦନ ସମସ୍ୟାର ଅନେକାଂଶରେ ସମାଧାନ ହୋଇପାରିବ ବୋଲି ଆଶା କରାଯାଇ ପାରେ ।

## ମନେ ପଡନ୍ତି ସୁଲୟା: ଗୁପ୍ତ ଶୈବପୀଠରେ ଥିଲେ ଏକମାତ୍ର ମୂକସାକ୍ଷୀ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ମହାଶିବରାତ୍ରି-ଚାରିଆଡେ ଆଧ୍ୟାତ୍ମିକ ପରିବେଶ । ଶୈବ ପୀଠ ମାନଙ୍କରେ ଭକ୍ତଙ୍କ ଭିଡ଼ । ଠିକ୍ ସେହିପରି ଧର୍ମଗଡ ବ୍ଲକ ମଧ୍ୟରେ ରହିଛି ଶତାଧିକ ଶୈବ ପୀଠ । ପାରିଦେଶ୍ୱର ମନ୍ଦିର ସମେତ ବିଭିନ୍ନ ଶୈବ ପୀଠ ମାନଙ୍କରେ ମହାଶିବରାତ୍ରି ଅବସରରେ ଉତ୍ସବ ମୁଖର । କିନ୍ତୁ ସମସ୍ତ ଶୈବ ପୀଠ ମାନଙ୍କର ଇତିହାସ ଭିନ୍ନ ଭିନ୍ନ । ସେଥିମଧ୍ୟରୁ ଧର୍ମଗଡ ବ୍ଲକ ଛଞ୍ଚାଣବାହେଲି ପଞ୍ଚାୟତ ପଲସପାଣି ଠାରେ ଅବସ୍ଥିତ ଶୈବ ପୀଠର ରହସ୍ୟ ସବୁଠୁ ନିଆରା । ଆଜି ମନେ ପଡେ ସେହି ଶୈବ ପୀଠର ଉତ୍ପନ୍ନ ମୂକସାକ୍ଷୀ ସାଜିଥିବା ମଣିଷ । ସେ ନାହାନ୍ତି ସତ ହେଲେ ଶୈବ ପୀଠ ରହସ୍ୟକୁ ଲୋକଲୋଚନ ଆଣିଥିବା ପରିଭାଷା ଏବେ ସ୍ୱର୍ଣ୍ଣାକ୍ଷରରେ ଲିପି ବଦ୍ଧ ହୋଇ ଚିର ସ୍ମରଣୀୟ ହୋଇ ରହିଯାଇଛି । ସୁଲୟା ଆଉ ନାହାନ୍ତି । ତେବେ ୯୦ବର୍ଷ ତଳେ ଉତ୍ପନ୍ନ ହୋଇଥିବା ରହସ୍ୟ ଶିବ ଲିଙ୍ଗର ମୁକସାକ୍ଷୀ ସୁଲୟାଙ୍କୁ ଆଜି ମନେ ପକାନ୍ତି ଅଞ୍ଚଳବାସୀ । କିଛି ଦିନ ତଳେ ତାଙ୍କର ସ୍ୱର୍ଗ ପ୍ରାପ୍ତି ହୋଇଛି । ଆଜକୁ ୯୦ବର୍ଷ ତଳର କଥା । ପଲସପାଣି ଗାଁ ରାମେଶ୍ୱର ଦୁରିଆ । ହରିଜନ ସମ୍ପ୍ରଦାୟର ଲୋକ । ଗାଁ ପାଖରେ ଥିବା ଏକ ଛୋଟ ପାହାଡ଼ ତଳେ ଦିନେ ନିଜ ଜମି ଉପରେ ଗାଈ ଚରାଉ ଥିଲେ । ଏହି ସମୟରେ ଛୋଟ ପାହାଡ଼ ଶୀର୍ଷରେ ଥିବା ଏକ ବର ଗଛରୁ ଏକ ଶଙ୍ଖ ଶବ୍ଦ ଶୁଣିବାକୁ ପାଇଥିଲେ । ପାହାଡ଼ ଉପରକୁ ଯାଇ ଦେଖିଲା ବେଳକୁ ଏକ ପଥର ଚଟାଣ ଉପରେ ଦୁଇଟି ନାଗ ସାପ ଥିବା ଦେଖିବାକୁ ପାଇଲେ । ସେ ଡରି ଯାଇ ଘରକୁ ଫେରିଥିଲେ । ରାତିରେ ଶୋଇଥିବା ଅବସ୍ଥାରେ ସ୍ୱପ୍ନରେ ନିଜେ ମହାଦେବ ଆସି ପାହାଡ଼ ଶିଖରେ ସେ ଥିବା କହିଥିଲେ ଏବଂ ସ୍ଥାନ ନିରୂପଣର ଇଶାରା ଦେଇଥିଲେ । ସକାଳ ପାହିଲା ପରେ ସେହି ଲୋକଟି ଠିକ୍ ସେହି ସ୍ଥାନକୁ ଯାଇ ଖୋଳିବା ପରେ ଗୋଟାଏ ବୃଷଭ ସହିତ ଏକ ଲିଙ୍ଗ ପାଇଥିଲେ । ସେବେଠାରୁ ସେହି ଲିଙ୍ଗକୁ ଅବସ୍ଥାପିତ କରି ପ୍ରତିଦିନ ସକାଳ ସମୟରେ ଲୋକ ଜଣକ ପୂଜାର୍ଚ୍ଚନା କରିବାକୁ ଯାଉଥିଲେ । ସକାଳୁ ସକାଳୁ ସ୍ୱାମୀ ଯିବା ଗତିବିଧି ଉପରେ ସ୍ତ୍ରୀ ସୁଲୟା ତୀକ୍ଷ୍ଣ ନଜର ରଖିଥିଲେ । ଦିନେ ସେ ସ୍ୱାମୀ ପଛରେ ଗୁପ୍ତ ଭାବେ ଯାଇ ଉକ୍ତ ସ୍ଥାନରେ ପୂଜାର୍ଚ୍ଚନା କରିବା ଦେଖିଥିଲେ । ଘରକୁ ସ୍ୱାମୀ ଫେରିବା ପରେ ତାର ରହସ୍ୟ ଶୁଣିବାକୁ ଅଡି ବସିଥିଲେ ଓ ସ୍ୱାମୀ ମଧ୍ୟ ସବୁ ସତ କଥା ପ୍ରକାଶ କରିଥିଲେ । ସ୍ୱାମୀର ମୃତ୍ୟୁ ପରେ ସ୍ତ୍ରୀ ସୁଲୟା ଶିବ ଲିଙ୍ଗ ଓ ବୃଷଭକୁ ଘରେ ଆଣି ରଖି ପୂଜାର୍ଚ୍ଚନା କଲେ । ଗାଁରେ କଥା ପ୍ରଘଟ ହେବା ପରେ ଲୋକଙ୍କ ମଧ୍ୟରେ ବୈଠକ କରାଯାଇ ପୁଣି ସେହି ସ୍ଥାନରେ ସ୍ଥାପନ କରାଗଲା । ଏବେ ଏକ ଝଟିମାଟି ଘର ଖଣ୍ଡକରେ ପୂଜା ପାଉଛନ୍ତି ଗୁପ୍ତ ଶିବ ଶଙ୍କର । ସବୁ ଶିବ ମନ୍ଦିର ପୀଠରେ ବ୍ରାହ୍ମଣ ପୂଜାର୍ଚ୍ଚନା କରିବା ବ୍ୟବସ୍ଥା ଥିଲେ ହେଁ ଏଠାରେ ଦଳିତ ସମ୍ପ୍ରଦାୟର ପୂଜାରୀ ପୂଜା କରିବା ପ୍ରାବଧାନ ରହି ଆସିଛି । ସୁଲୟା ଜୀବିତରେ ଥିବାବେଳେ ପ୍ରଥମେ ତାଙ୍କ ହାତର ମହାଦୀପ ଭଗବାନଙ୍କ ନିକଟରେ ଲାଗି ହେଉଥିଲା । ସୁଲୟାଙ୍କ ସ୍ୱର୍ଗ ପ୍ରାପ୍ତି ପରେ ଚଳିତବର୍ଷ ପୂଜାରୀଙ୍କ ହାତ ତିଆରି ମହାଦୀପ ଲାଗିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ଦୀର୍ଘ ବର୍ଷ ଧରି ଖଣ୍ଡେ ଦଦରା କୁଡ଼ିଆରେ ପୂଜା ପାଉଥିବା ମହାଦେବଙ୍କ ମନ୍ଦିର ନିର୍ମାଣ ପାଇଁ ଗ୍ରାମବାସୀ ନେତା ମନ୍ତ୍ରୀ ପ୍ରଶାସନ ନିକଟରେ ଗୁହାରି କରିଥିଲେ । ସରକାରୀ ସ୍ତରରେ ମନ୍ଦିର ନିର୍ମାଣ ପାଇଁ ଅର୍ଥ ଅନୁମୋଦନ ହୋଇ କାମ ହେଲା ସତ କିନ୍ତୁ ଅଧାରେ ଅଟକି ରହିଛି । ମନ୍ଦିର ନ ଥିବା ଯୋଗୁଁ ପବିତ୍ର ଜାଗରରେ ଭକ୍ତମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ତୁରନ୍ତ ଅର୍ଦ୍ଧନିର୍ମିତ ମନ୍ଦିରକୁ ସମ୍ପୂର୍ଣ୍ଣ କରିବାକୁ ସାଧାରଣରେ ଦାବି ହେଉଛି ।

## ପାଣିଟାଙ୍କି ଉପରେ ଚଢି ଆତ୍ମହତ୍ୟା ଉଦ୍ୟମ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକର ବୋରପଦର ଗ୍ରାମ ପଞ୍ଚାୟତ ଭଟାପଲା ଗାଁରେ ଥିବା ପାଣିଟାଙ୍କି ଉପରେ ଚଢି ଜଣେ ଯୁବକ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଛି । ତେବେ ଦୀର୍ଘ ସମୟ ପରେ ସ୍ଥାନୀୟ ଲୋକେ ଓ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଉଦ୍ୟମରେ ଯୁବକଙ୍କୁ ଉଦ୍ଧାର କରାଯାଇଥିଲା । ଯୁବକ ଜଣକ ଭଟାପଲା ଗାଁର ୨୨ ବର୍ଷୀୟ ରାହୁଲ କୁମାର । ମଙ୍ଗଳବାର ରାତିରେ ପାଣି ଟାଙ୍କି ଉପରେ ଚଢି ଯାଇ ଆଉ ତଳକୁ ଓହ୍ଲାଉ ନ ଥିବା ବେଳେ ଗ୍ରାମବାସୀମାନେ ସ୍ଥାନୀୟ କର୍ଲାମୁଣ୍ଡା ପୋଲିସ ଫାଣ୍ଡି ଓ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ । ଖବର ପାଇ ଫାଣ୍ଡି ଅଧିକାରୀ ଥବିର ବରିହା ଓ ଅଗ୍ନିଶମ ବିଭାଗ ଭାରପ୍ରାପ୍ତ ଅଫିସର ଇନଚାର୍ଜ କୃତିବାସ ଦାଶଙ୍କ ନେତୃତ୍ୱରେ ଟିମ ପହଞ୍ଚି ଯୁବକଙ୍କୁ ତଳକୁ ଆଣିବାକୁ ପ୍ରୟାସ କରିଥିଲେ ବି ଦୀର୍ଘ ସମୟ ପରେ ଯୁବକଙ୍କୁ ଉଦ୍ଧାର କରାଯାଇ କର୍ଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ବିଳମ୍ବିତ ରାତିରେ ଯୁବକ ଚିକିତ୍ସିତ ହୋଇ ଘରକୁ ଫେରିଥିବା ଫାର୍ମାସିଷ୍ଟ ପବିତ୍ର ରଣା ସୂଚନା ଦେଇଛନ୍ତି । ଅନ୍ୟପଟେ ଯୁବକ ଜଣକଙ୍କ ମାନସିକ ସ୍ଥିତି ଠିକ ନ ଥିବାରୁ ଏଭଳି ପରିସ୍ଥିତି ଘଟିଥିବା ଅନୁମାନ କରାଯାଉଛି ।

## ତଲାଗାଁ ସରକାରୀ ଉ.ପ୍ରା ବିଦ୍ୟାଳୟର ବାର୍ଷିକୋତ୍ସବ



କୋକସରା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ପଞ୍ଚାୟତର ତଲାଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି । ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ଲାଲସିଂ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଡ଼ପୋଡ଼ାଗୁଡ଼ା ଗ୍ରାମ ପଞ୍ଚାୟତ ସରପଞ୍ଚ ଜମୁନା ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । କାଉଡୋଲା କ୍ଲଷ୍ଟର ସିଆରସିସି ସୁମନ୍ତ କୁମାର ପାଢୀ ମୁଖ୍ୟବକ୍ତା, ଦେବୀ ସିଂ ନାଏକ, ବିଶ୍ୱମ୍ବର କାଣ୍ଡ, ସପୁର ସିଂ ନାଗ, ଧର୍ମାନନ୍ଦ ନାଏକ, ଗୀତାଞ୍ଜଳି କାଣ୍ଡ, ଲକ୍ଷ୍ମୀ ବିଶି ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ । ଏହି କ୍ରମରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ କୃତି ବିଦ୍ୟାର୍ଥୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିଳାମ୍ବର ଦାସ ବାର୍ଷିକ ବିବରଣୀ ପ୍ରଦାନ କରିବା ସହ ମଞ୍ଚ ସଂଯୋଜନା କରିଥିଲେ । ଶିକ୍ଷକ ମଞ୍ଜିତ କୁମାର ସାହୁ, ନକୁଳ ପୁଝାରୀ, ରୁଦ୍ର ପ୍ରସାଦ ନାଏକ ସମେତ ପୂରାତନ ଛାତ୍ରମାନେ ପରିଚାଳନାରେ ସହଯୋଗ କରିଥିଲେ ।

## କୋକସରା ପଞ୍ଚାୟତ ସମିତି ବୈଠକ

## ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ସ୍ୱତନ୍ତ୍ର ଦୃଷ୍ଟି



କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ମଙ୍ଗଳବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି । ବ୍ଲକ ଅଧ୍ୟକ୍ଷା ରୀତା ଅଗ୍ରଓ୍ୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡ଼ିଓ ଡ଼ଃ ହିମାଞ୍ଚଳ ମାଝୀ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରଓ୍ୱାଲ, କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ତତ୍ତ୍ୱଦର୍ଶୀ ଦାସ, ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା, ବ୍ଲକ ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ, ସାଂସଦଙ୍କ ପ୍ରତିନିଧି ଭାବରେ ଗୋଦାବରୀଶ ପାତ୍ର, ଧର୍ମଗଡ଼ ବିଧାୟକଙ୍କ ପ୍ରତିନିଧି ଭାବରେ ଦୁର୍ଗା ପ୍ରସାଦ ପ୍ରଧାନୀ, ଜିଲ୍ଲା ପରିଷଦ ସଭ୍ୟ ତ୍ରିନାଥ ବାଗ ପ୍ରମୁଖ ବୈଠକରେ ଯୋଗଦେଇଥିଲେ । ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରାଜେନ୍ଦ୍ର ପାତ୍ର ପୂର୍ବ ବୈଠକର ବିବରଣୀ ପଠନ କରି ସମୀକ୍ଷା ପ୍ରତି ସମସ୍ତଙ୍କ ମତାମତ ଲୋଡ଼ିଥିଲେ । ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ, ଗମନା ଗମନ, ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଆଦି ଉନ୍ନୟନ ମୂଳକ ପଦକ୍ଷେପ, ସରକାରୀ ଯୋଜନାର ସଫଳ ରୂପାୟନ ଓ ବିଭିନ୍ନ ସମସ୍ୟାର ସମସ୍ୟା ଦିଗରେ ସମସ୍ତ ଜନପ୍ରତିନିଧି ଓ ବ୍ଲକ ପ୍ରଶାସନ ସହଯୋଗୀତା ରହିବା ପାଇଁ ଆଲୋଚନା ହୋଇଥିଲା । ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ବିଭାଗ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, ଉଦ୍ୟାନ ବିଭାଗ, ପ୍ରାଣି ସମ୍ପଦ, ଗ୍ରାମ୍ୟ ଉନ୍ନୟନ ବିଭାଗ, ବିଦ୍ୟୁତ୍ ବିଭାଗ ଭଳି ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହିଥିଲେ । ତେବେ ପାନୀୟ ଜଳ ସମସ୍ୟା ଦିଗରେ ସମ୍ପୃକ୍ତ ବିଭାଗ ଠିକ୍ ଭାବରେ ପରିଚାଳନା କରୁ ନଥିବାରୁ ବିଭାଗୀୟ ଯନ୍ତ୍ରୀଙ୍କୁ ତାଗିଦ୍ କରାଯାଇଥିଲା । ବୈଠକରେ ଗୋଷ୍ଠୀ କୃଷି ଅଧିକାରୀ ରାକେଶ ରଞ୍ଜନ ମାଝୀ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଯନ୍ତ୍ରୀ ଯଶୋବନ୍ତି ଭୋଇ, କନିଷ୍ଠ ଯନ୍ତ୍ରୀ ଫର୍ଣ୍ଣିନ୍ଦ୍ର ଆର୍କା, ଭାରପ୍ରାପ୍ତ ବିଇଓ ତୋଫାନ ମାଝୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦିପକ କୁମାର ବେହେରା, ବ୍ଲକ ଯୋଗାଣ ନିରିକ୍ଷକ ଜଗାରାମ ମୁର୍ମୁ, ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ସୁରେଶ ବରିହା, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ମହିମା ସମିତି ସଭ୍ୟ ଘନଶ୍ୟାମ ନାଏକ, ଗମ୍ଭାରୀଗୁଡା ସରପଞ୍ଚ ଇଶରାମ ସୁନାନୀ, ମୁଷାପାଲି ସରପଞ୍ଚ ଅକ୍ଷୟ ନାଏକ, ବରାଡଙ୍ଗା ସରପଞ୍ଚ ନିରୁପମା ସେଠୀ, ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ, ଟେମରା ସରପଞ୍ଚ କ୍ଷିତିରାମ ପାତ୍ର ସମେତ ସ୍ୱାସ୍ଥ୍ୟ, ଜଳ ଓ ପରିମଳ ବିଭାଗ, କୃଷି, ଉଦ୍ୟାନ କୃଷି ବିଭାଗ, ସମସ୍ତ କନିଷ୍ଠ ଯନ୍ତ୍ରୀ ସମେତ ବ୍ଲକର ବିଭିନ୍ନ ପଞ୍ଚାୟତର ସମିତି ସଭ୍ୟ, ସଭ୍ୟା ଓ ସରପଞ୍ଚ ମାନେ ଉପସ୍ଥିତ ରହିଥିଲେ । ବୈଠକକୁ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶ୍ରୀପାତ୍ର ସଂଯୋଜନା କରିଥିଲେ ।

## ରାଶିଫଳ

ଗୁରୁବାର, ୨୭ ଫେବୃଆରୀ ୨୦୨୫



**ମେଷ:** ନୂତନ ବ୍ୟବସାୟ ସଂପ୍ରସାରଣ ଯୋଜନା ଗଠନ ହୋଇପାରେ । କଣ୍ଟିଜେନ୍ସି ଲାଭ ପ୍ରଦାନ କରାଯିବ, ଯାହା ଆର୍ଥିକ ସ୍ଥିତିକୁ ମଜବୁତ କରିବ । କୌଣସି କାରବାରରୁ ଦୂରେଇ ରୁହନ୍ତୁ । କଠିନ ପରିଶ୍ରମ ଏବଂ ପ୍ରୟାସ ଦ୍ୱାରା ସମସ୍ତ କାର୍ଯ୍ୟରେ ସଫଳତା ପାଇବେ । ପରିବାର ସଦସ୍ୟଙ୍କ ସମ୍ପୂର୍ଣ୍ଣ ସମର୍ଥନ ରହିବ ।



**ବୃଷ:** ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି । ସ୍ଥାନାନ୍ତର ସହିତ ଆୟ ମଧ୍ୟ ବୃଦ୍ଧି ପାଇପାରେ, ଯାହା ଆର୍ଥିକ ସ୍ଥିତିକୁ ମଜବୁତ କରିବ । କିଛି ନୂଆ କରିବାକୁ ଇଚ୍ଛା ମଧ୍ୟ ରହିବ । କୌଶଳ ହେତୁ ଜଣେ ଅଧିକାରୀଙ୍କଠାରୁ ସମ୍ମାନ ପାଇପାରିବେ । ପ୍ରେମ କାର୍ଯ୍ୟରେ ସଫଳତା ପାଇବେ ।



**ମିଥୁନ:** ପରିଶ୍ରମ କରିବା ଅପେକ୍ଷା କର୍ମ କ୍ଷେତ୍ରର ଯୋଜନା ଅଧିକ ପ୍ରଭାବଶାଳୀ ପ୍ରମାଣିତ ହୋଇପାରେ । ଅଧିକାରୀମାନଙ୍କର ସହାୟତା ପାଇବେ । ପୁରୁଣା ଋଣରୁ ମୁକ୍ତି ମିଳିପାରେ । ପରିବାର, ବନ୍ଧୁ ଏବଂ ସମ୍ପର୍କୀୟମାନେ ଆପଣଙ୍କୁ ସମ୍ପୂର୍ଣ୍ଣ ସମର୍ଥନ କରିବେ ।



**କର୍କଟ:** ଚାକିରି କ୍ଷେତ୍ରରେ ଅଧିକ ପରିଶ୍ରମ ହେବ । ଆପଣଙ୍କର ପ୍ରୟାସ କାର୍ଯ୍ୟରେ ସଫଳତା ଆଣିବ, ମାନସିକ ଏବଂ ଶାରୀରିକ ଥକ୍କା ଅନୁଭବ କରିବେ । କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ ଏବଂ ଆପଣଙ୍କର ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ, ନଚେତ୍ ଆପଣ ଏକ ବିବାଦରେ ପଡ଼ିପାରନ୍ତି । ପରିବାରର କାହା ସହିତ ମତଭେଦ ହେବାର ସମ୍ଭାବନା ରହିବ ।



**ସିଂହ:** ବ୍ୟବସାୟ ଭଲ ହେବ ଏବଂ ଆର୍ଥିକ ଲାଭ ପାଇବ । କଣ୍ଟିଜେନ୍ସି ସୁବିଧା ଏବଂ ଚାକିରି ପଦୋନ୍ନତି ଗଠନ ହେବ । ତଥାପି, ସେଠାରେ ଅଧିକ କାର୍ଯ୍ୟଭାର ରହିବ, ଯାହା ଥକ୍କାପଣର କାରଣ ହୋଇପାରେ । ଉଭୟ ପରିବାର ଏବଂ କାର୍ଯ୍ୟାଳୟର ପରିବେଶ ସୁଖଦ ହେବ ।



**କନ୍ୟା:** ବ୍ୟବସାୟ ଭଲ କରିବ । କାର୍ଯ୍ୟରେ ସଫଳତା ହେତୁ ମନ ଖୁସି ହେବ ଏବଂ ବାସ୍ତୁ ଭୋଗର ଧାରା ବଢିବ । ରିଅଲ୍ ଇଷ୍ଟେଟ୍ ଏବଂ ପୁଂଜି ବିନିଯୋଗ ପାଇଁ ଏକ ଯୋଜନା ହୋଇପାରେ । ଯେ କୌଣସି ପାରିବାରିକ କାର୍ଯ୍ୟକ୍ରମରେ ଯୋଗ ଦେଇ ପାରିନ୍ତି ।



**ତୁଳା:** ଆଜି ମିଶ୍ରିତ ଦିନ ହେବ । କାର୍ଯ୍ୟ କ୍ଷେତ୍ରରେ ଛୋଟ ସମସ୍ୟା ଆସିପାରେ, କିନ୍ତୁ କଠିନ ପରିଶ୍ରମ କାର୍ଯ୍ୟରେ ସଫଳତା ଆଣିବ । ପରିବାର ଏବଂ ସାଙ୍ଗମାନଙ୍କୁ ମଧ୍ୟ ସମର୍ଥନ କରାଯିବ । ସେଠାରେ ଅଧିକ କାର୍ଯ୍ୟ ଭାର ରହିବ । ବିପଦ ଗ୍ରହଣ କଲେ କ୍ଷତି ହୋଇପାରେ । ବେକାରମାନେ ରୋଜଗାରର ସୁଯୋଗ ପାଇବେ ।



**ବିଛା:** ବ୍ୟବସାୟ ଭଲ କରିବ ଏବଂ ଆର୍ଥିକ ପରିସ୍ଥିତି ଦୃଢ ହେବ । ହଠାତ୍ ଲାଭର ଯୋଗ ମଧ୍ୟ କରାଯାଉଛି । ଚାକିରିରେ ସ୍ଥାନାନ୍ତର କିମ୍ବା ପଦୋନ୍ନତି ହେବାର ସମ୍ଭାବନା ରହିବ । ବିବାହିତ ଜୀବନ ମଧ୍ୟ ସୁଖଦ ହେବ । ସାମାଜିକ ଏବଂ ଧାର୍ମିକ କାର୍ଯ୍ୟରେ ଅଂଶଗ୍ରହଣ କରିପାରିବେ । ଭ୍ରମଣରୁ ଦୂରେଇ ରୁହନ୍ତୁ ।



**ଧନୁ:** ବେକାରମାନଙ୍କ ପାଇଁ ଦିନଟି ଭଲ । ପରିଶ୍ରମ କର । କ୍ୟାରିଅରରେ ଆଗକୁ ବଢିବାର ସୁଯୋଗ ଆସିପାରେ । ଆତ୍ମବିଶ୍ୱାସ ବିପଦପୂର୍ଣ୍ଣ କାର୍ଯ୍ୟରେ ସଫଳତା ଆଣିପାରେ । ଟଙ୍କା ଏବଂ ବ୍ୟବସାୟିକ ବିଷୟଗୁଡ଼ିକର ଯତ୍ନ ନେବାକୁ ପଡ଼ିବ । ସାମାଜିକ କାର୍ଯ୍ୟର ଧାରା ବୃଦ୍ଧି ପାଇବ । ପାରିବାରିକ ସମ୍ପର୍କ ଉନ୍ନତି ହୋଇପାରେ ।



**ମକର:** କାର୍ଯ୍ୟଟି ଭଲରେ ଯିବ ଏବଂ ଲାଭର ରାଶି ମଧ୍ୟ ସେଠାରେ ରହିବ, କିନ୍ତୁ କିଛି ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ । ଅତ୍ୟଧିକ କାର୍ଯ୍ୟ ହେତୁ ଆପଣ ଥକ୍କା ଅନୁଭବ କରିବେ । କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ ଏବଂ ବକ୍ତବ୍ୟକୁ ମଧ୍ୟ ନିୟନ୍ତ୍ରଣ କରନ୍ତୁ, ନଚେତ୍ ବିବାଦ ହେବ । ସ୍ୱାସ୍ଥ୍ୟ ସ୍ୱାଭାବିକ ହେବ । ପରିବାରର ପରିବେଶ ଭଲ ରହିବ ଏବଂ ପରିବାରର ସମ୍ପୂର୍ଣ୍ଣ ସମର୍ଥନ ରହିବ ।



**କୁମ୍ଭ:** ବ୍ୟବସାୟରେ ଅର୍ଥନୈତିକ ଲାଭର ରାଶି ଦିଆଯାଉଛି । ପରିବାର ଏହି କ୍ଷେତ୍ରରେ ପୂର୍ଣ୍ଣ ସମର୍ଥନ ପାଇବେ । କର୍ମକ୍ଷେତ୍ରରେ ଚିନ୍ତିତ ହେବେ । ପ୍ରଗତିର ରାସ୍ତା ଖୋଲିବ । ପୁରୁଣା ସାଙ୍ଗମାନେ ମଧ୍ୟ ସମର୍ଥନ କରିବେ । ସ୍ୱାସ୍ଥ୍ୟ ଉପରେ ବିଶେଷ ଧ୍ୟାନ ଆବଶ୍ୟକ । ପରିବାରର ପରିବେଶ ସୁଖଦ ହେବ । ଏକ ଭ୍ରମଣରେ ଯାଇ ପାରିବେ ।



**ମୀନ:** ଆଜି ଏକ ସାଧାରଣ ଦିନ ହେବ । କାର୍ଯ୍ୟ କ୍ଷେତ୍ରରେ ଅଧିକ ପରିଶ୍ରମ ହେବ । ଛୋଟ ଅସୁବିଧା ଆସିପାରେ, କିନ୍ତୁ ତୁମର ଉଦ୍ୟମ ସହିତ, କାର୍ଯ୍ୟରେ ସଫଳତା ଆସିବ । ମାନସିକ ସ୍ତରରେ ବିଭ୍ରାନ୍ତି ଦୂର କରି ରୁହନ୍ତୁ । ପରିବାରର ପରିବେଶ ଭଲ ରହିବ, କିନ୍ତୁ ବକ୍ତବ୍ୟରେ କାହାକୁ ଆଘାତ କର ନାହିଁ, ଏହାର ଯତ୍ନ ନିଅ । ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି ।



ଜ୍ୟୋତିଷ ଗ୍ରହ


ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯